୫୯ତମ ବର୍ଷ    ୨୪ ନଭେମ୍ବର ୨୦୧୬    ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ    ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ନଭେମ୍ବର, ୨୦୧୬]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଚେତନା ଓ ଅମରତ୍ୱ | ... | ଶ୍ରୀଅରବିନ୍ଦ | ... | ୯ |
| ଦୁରୂହ ଏହି ପଥ | ... | ଶ୍ରୀମା | ... | ୧୦ |
| ମୃତ୍ୟୁର ଶକ୍ତିକୁ ହଟାଇ ଦେବା (ଶ୍ରୀଅରବିନ୍ଦଙ୍କର ଏକ ପତ୍ର) | ... | ... | ... | ୧୨ |
| ଶିକ୍ଷାର୍ଥୀମାନଙ୍କ ସହ ପ୍ରଶ୍ନୋତ୍ତର (ଆଶ୍ରମ ସ୍କୁଲରେ ମା'ଙ୍କ କାମର କିଛି ଦୃଷ୍ଟାନ୍ତ) | ... | ... | ... | ୧୩ |
| ମୃତ୍ୟୁ ଏକ ସମାପ୍ତି ନୁହେଁ | ... | ଶ୍ରୀଅରବିନ୍ଦ | ... | ୧୬ |
| ଚୈତ୍ୟସତ୍ତାର ଶରୀର ଗ୍ରହଣ | ... | ଶ୍ରୀମା | ... | ୨୦ |
| ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗ ସମୟରେ (ଶ୍ରୀମା'ଙ୍କ ଏକ ଅନୁଭୂତି) | ... | ... | ... | ୨୩ |
| ଦିବ୍ୟଜନନୀ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୪ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୬ |
| ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା... | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୩୦ |
| ସପ୍ତ ସୂର୍ଯ୍ୟ | ... | ଶ୍ରୀଅରବିନ୍ଦ | ... | ୩୩ |
| ନିର୍ଜନ ନିଶାର୍ଦ୍ଧର ମୃତ୍ୟୁଦୂତ (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର) | ... | ... | ... | ୩୬ |
| ମୃତ୍ୟୁ ପରବର୍ତ୍ତୀ ଜୀବନ | ... | ମମତା ଦାଶ | ... | ୪୨ |
| ମାନବସମାଜର ବିଭିନ୍ନ ଧର୍ମ ହିନ୍ଦୁ ଧର୍ମ (୫) | ... | ଶ୍ରୀପତି ଦାସ | ... | ୪୬ |
| ସ୍ୱାଧୀନତା ଓ ଶୃଙ୍ଖଳା | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୯ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଯୋଗବାଶିଷ୍ଠ ରାମାୟଣ (୧) | ... | ... | ... | ୫୨ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ମୃତ୍ୟୁ ପରେ ଅନ୍ତଃସତ୍ତାର ଅଗ୍ରଗତି | ... | ଶ୍ରୀମା | ... | ୫୬ |

**ଶେଷ ପୃଷ୍ଠା**

| | | | | |
|---|---|---|---|---|
| ଯେଉଁ ଅଭୀପ୍ସା ସ୍ୱୟଂ ପରମଙ୍କଠାରୁ | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୮ |


❖

Death is the question Nature puts continually to Life and her reminder to it that it has not yet found itself. If there were no siege of death, the creature would be bound for ever in the form of an imperfect living. Pursued by death he awakes to the idea of perfect life and seeks out its means and its possibility.

SABCL - 13, P. 205 – Sri Aurobindo

ମୃତ୍ୟୁ ହେଉଛି ସେହି ପ୍ରଶ୍ନ ଯାହା ବିଶ୍ୱ ପ୍ରକୃତି କ୍ରମାଗତ ଭାବରେ ଜୀବନକୁ ପଚାରି ଚାଲିଛି ଏବଂ ତାହାକୁ ସ୍ମରଣ କରାଇ ଦେଉଛି ଯେ ଏପର୍ଯ୍ୟନ୍ତ ସେ ନିଜକୁ ପାଇପାରି ନାହିଁ । ଯଦି ମୃତ୍ୟୁର ଅଧିକାର ବଳବତ୍ତର ନଥା'ନ୍ତା, ତା'ହେଲେ ଜୀବ ଚିରଦିନ ଲାଗି ଏକ ଅପୂର୍ଣ୍ଣ ଜୀବନ ଧାରଣ ଭିତରେ ବାନ୍ଧି ହୋଇ ରହିଥା'ନ୍ତା । ତାହାର ପଛେ ପଛେ ମୃତ୍ୟୁ ଅନୁସରଣ କରୁଥିବାରୁ ସେ ଜାଗ୍ରତ ହୁଏ ପୂର୍ଣ୍ଣଜୀବନର ଏକ ଧାରଣା ପ୍ରତି ଏବଂ ତାହାର ପ୍ରାପ୍ତି ପାଇଁ ଉପାୟ ଓ ସମ୍ଭାବନାର ସଂଧାନ କରେ ।

— ଶ୍ରୀଅରବିନ୍ଦ



But if the body followed the progressive movement of the inner being, if it had the same sense of progress and perfection as the psychic being, there would be no necessity for it to die.

MCW, Vol. 5, P. 111 – The Mother

କିନ୍ତୁ ଯଦି ଶରୀର ଅନ୍ତର୍ସତ୍ତାର ପ୍ରଗତିମୂଳକ ଗତିବୃତ୍ତିକୁ ଅନୁସରଣ କରୁଥାଆନ୍ତି, ଯଦି ଏହାର ଚୈତ୍ୟସତ୍ତା ସଙ୍ଗେ ସମାନ ଅଗ୍ରଗତି ଓ ପୂର୍ଣ୍ଣତାର ବୋଧ ଥାଆନ୍ତା ତା'ହେଲେ ମୃତ୍ୟୁ ପାଇଁ ଏହାର କୌଣସି ପ୍ରୟୋଜନ ନ ଥା'ନ୍ତା ।

– ଶ୍ରୀମା



# ଚେତନା ଓ ଅମରତ୍ୱ

## ଶ୍ରୀଅରବିନ୍ଦ

ଆମର ଅସ୍ତିତ୍ୱ ଏପରି କୌଣସି ନିଶ୍ଚେତନ ଯାନ୍ତ୍ରିକ ଶକ୍ତିର ଏକ ଉଦ୍ଭଟ ଖିଆଲ ନୁହେଁ ଯାହାକି ଅକସ୍ମାତ୍ ଝୁଣ୍ଟି ପଡ଼ିବା ପରି ଚେତନା ଭିତରକୁ ପ୍ରବେଶ କରିଛି ବା ଏହା ଏକ ଶୂନ୍ୟ ଅନସ୍ତି (କିଛି ନାହିଁ)ର କେବଳ ବାହ୍ୟ ଉପରିଭାଗରେ ହେଉଥିବା ବ୍ୟାଖ୍ୟାରହିତ କ୍ରିୟାକଳାପ ନୁହେଁ ବା ଏହା ଏକ ଅନୁଭୂତିହୀନ ନିଷ୍କ୍ରିୟ ଅନନ୍ତ ନୁହେଁ । ଆମ ଜୀବନର ଏକ ଅର୍ଥ ବା ଏକ ତାତ୍ପର୍ଯ୍ୟ ରହିଛି, ଏହା ଏକ ଆଧାତ୍ମିକ-ପରିଣତି ଦିଗରେ ଆଗେଇ ଚାଲିଛି, ଏକ ଶାଶ୍ୱତର ପ୍ରବେଗକୁ ପରିପୂରଣ କରି ଚାଲିଛି ।

ଅମରତ୍ୱହିଁ ହେଉଛି ଆମ ସତ୍ତାର ସ୍ୱଭାବ; ଜନ୍ମ ଓ ମୃତ୍ୟୁ ହେଉଛି ଆମର ସେହି ଅମରତ୍ୱର ଏକ ଗତିବୃତ୍ତି ଓ ଘଟଣା ମାତ୍ର । ଜନ୍ମ ହେଉଛି ଆତ୍ମାର ଏକ ଶରୀର ଗ୍ରହଣ, ମୃତ୍ୟୁ ହେଉଛି ସେହି ଶରୀରର ପରିତ୍ୟାଗ; ଏହି ଜନ୍ମଗ୍ରହଣରେ କୌଣସି ମୌଳିକତା ନାହିଁ ବା ଏହି ମୃତ୍ୟୁରେ କୌଣସି ଶେଷ ସମାପ୍ତି ନାହିଁ । ଜନ୍ମ ପୂର୍ବରୁ ଆମେ ରହିଥିଲୁ; ମୃତ୍ୟୁ ପରେ ଆମେ ରହିବୁ । ଆମ ଜନ୍ମ ଓ ମୃତ୍ୟୁ କୌଣସି ଧାରାବାହିକ ଅର୍ଥ ବା ପରିଣତି ନଥିବା କେବଳ ଗୋଟିଏ ମାତ୍ର ବୃତ୍ତାନ୍ତ ବା ଉପାଖ୍ୟାନ ନୁହେଁ, ବହୁ ଉପାଖ୍ୟାନମାନଙ୍କ ଭିତରୁ ଏହା ମାତ୍ର ଗୋଟିଏ ଉପାଖ୍ୟାନ, କାଳଗର୍ଭରେ କାହିଁ କେତେ ଦୂରରେ ଶେଷ ପରିଣତି ରହିଥିବା ଆମ ଅସ୍ତିତ୍ୱ ନାଟକର ବହୁ ଦୃଶ୍ୟମାନଙ୍କ ମଧ୍ୟରୁ ଏହା ମାତ୍ର ଗୋଟିଏ ଦୃଶ୍ୟ ।

*

ସବୁକିଛି ନିର୍ଭର କରେ ଚେତନା ଉପରେ । ସମଗ୍ର ବିଶ୍ୱ-ଅସ୍ତିତ୍ୱ ହେଉଛି ଏକ ରୂପ ବା ଗଢ଼ଣ ଯାହା ଚେତନା ଦ୍ୱାରା ସୃଷ୍ଟ ହୋଇଛି, ଚେତନା ଦ୍ୱାରା ଧାରଣ କରାହୋଇ ରହିଛି ଓ ଚେତନା ଦ୍ୱାରାହିଁ ନିର୍ଦ୍ଧାରିତ ହୋଇ ରହିଛି । ଯାହାକିଛି ରହିଛି ସବୁହିଁ କେବଳ ଚେତନା, ସେହି ଚେତନା କେଉଁଠି ଆବୃତ ବା କେଉଁଠି ଅନାବୃତ, କେଉଁଠି ନିଜର ଉପାଦାନ ସବୁକୁ ଅଭିବ୍ୟକ୍ତ କରୁଛି ବା କେଉଁଠି ଲୁକ୍କାୟିତ ଓ ଗୋପନ ରଖୁଛି । ସବୁକିଛି ଚେତନାର ଶକ୍ତି ଯାହାକି ମନ, ପ୍ରାଣ ଓ ଜଡ଼ର ନାନା ଗତିବୃତ୍ତିର ଆବରଣ ପିନ୍ଧିଥାଏ ଏବଂ ଏପରି ନାନା ରୂପ ଗ୍ରହଣ କରିଥାଏ ଯାହାକି କେବଳ ସେହି ଶକ୍ତିରହିଁ ବିଭିନ୍ନ ଗତି ମାତ୍ର ଓ ନାନାବିଧ ରୂପ ଓ ଆକୃତି ଭିତରେ ଆପାତ ଦୃଷ୍ଟି ପାଇଁ ତାହା ଏକ ସ୍ଥିର ରୂପ ଗ୍ରହଣ କରିଥିଲେ ମଧ୍ୟ ପ୍ରକୃତରେ ତାହା ସର୍ବଦା ଗତିଶୀଳ ହୋଇହିଁ ରହିଥାଏ । କାରଣ ଯେଉଁ ଚେତନା ଏହି ରୂପ ଓ ଆକୃତିସବୁକୁ ଗଠନ କରିଛି ତାହା ସବୁ ସମୟରେ ଏକ ସକ୍ରିୟଗତିଶୀଳତା ଭିତରେହିଁ ରହିଥାଏ । ନିଜକୁ ପୁନରାବର୍ତ୍ତିତ କରୁଥିବା ଓ ନିରବଚ୍ଛିନ୍ନ ଭାବେ ନିଜକୁ ବ୍ୟକ୍ତ କରୁଥିବା ଏହି ବିରାମହୀନ ଅବିଶ୍ରାନ୍ତ ଗତି ଓ କ୍ରିୟାଶୀଳତାର ଦୃଶ୍ୟମାନ ଛନ୍ଦ ଓ ଆତ୍ମ-ପରିଣତିକୁହିଁ ଆମେ ରୂପ ବା ଆକୃତି ବୋଲି କହୁ । ଏହାକୁ ଗଠନ କରୁଥିବା ଶକ୍ତିକୁ ଏଥିରୁ କାଢ଼ି ବିଚ୍ଛୁରିତ କରିଦିଅ, ତା'ହେଲେ ସେହି ରୂପ ବା ଆକୃତିଟି ଲୋପ ପାଇଯିବ । ସେହି ଚେତନାକୁ ପ୍ରତ୍ୟାହାର କରି ନିଅ ଯାହା ନିଜକୁ ଶକ୍ତି ଆକାରରେ ଏଥିରେ ପ୍ରକାଶ କରିଥିଲା, ତା'ହେଲେ ସେହି ଶକ୍ତି ଆଉ ଏଥିରେ ଏହାକୁ ଧରି ରଖିଥିବା ନିଜର ଛନ୍ଦକୁ ବଜାୟ ରଖିପାରିବ ନାହିଁ; ତେଣୁ ତାହା ବିକ୍ଷିପ୍ତ ଓ ବିଚ୍ଛୁରିତ ହୋଇଯିବ, ସେହି ରୂପ ବା ଆକୃତିଟିର ବିଲୋପ ଘଟିବ । ଆମେ ଯଦି ଆମ ଭିତରେ କ୍ରିୟାଶୀଳ ସେହି ଚେତନାର ଶକ୍ତିକୁ ଏପରି ଘନ ଓ ନିବିଡ଼ କରିପାରୁ, ଯାହାଫଳରେ ସେହି ଶକ୍ତି ନିଜର ଛନ୍ଦରେ ନିଜକୁ ନିରନ୍ତର ପୁନରାବୃତ୍ତ ଧାରାବାହିକ ବିଶାଳତର ତଥା ଅଗ୍ରଗତିଶୀଳ କରିପାରୁଥିବ, ତା'ହେଲେ ସେହି ରୂପ ବା ଗଢ଼ଣ ପରିବର୍ତ୍ତିତ ହୋଇପାରେ କିନ୍ତୁ ତାହାର ବିଲୋପ ଘଟିବାର କୌଣସି ଆବଶ୍ୟକତା ରହିବ ନାହିଁ, ଏପରିକି ଶାରୀରିକ ଭାବେ ଆମେ ଅମରତ୍ୱ ଲାଭ କରିବା ପାଇଁ ସମର୍ଥ ହୋଇପାରିବୁ ।

(Bulletin, Nov. 2004, p. 42) ❖

# ଦୁରୂହ ଏହି ପଥ

## ଶ୍ରୀମା

‘‘ଭାବ ନାହିଁ ଯେ ପଥଟି ସହଜ । ଦୀର୍ଘ, ଦୁଃସାଧ, ବିପତ୍‌ସଂକୁଳ ଏବଂ ଦୁରୂହ ହେଉଛି ଏହି ପଥ । ପ୍ରତ୍ୟେକ ପଦକ୍ଷେପରେ ଅତର୍କିତ ଆକ୍ରମଣ ସକାଶେ ଗୁପ୍ତ ସେନାଙ୍କର ସମାବେଶ ରହିଛି, ପ୍ରତ୍ୟେକ ମୋଡ଼-ବାଙ୍କରେ ରହିଛି ଲୁକ୍କାୟିତ ସଂକଟ । ଦୃଶ୍ୟମାନ ବା ଅଦୃଶ୍ୟ ସହସ୍ର ଶତ୍ରୁ ତୁମ ବିରୋଧରେ ହଠାତ୍ ଉଦ୍‌ଭବ ହୋଇଯିବେ, ତୁମ ଅଜ୍ଞତା ନିକଟରେ ସେମାନଙ୍କ ସୂକ୍ଷ୍ମତ୍ୱ ଭୟାନକ, ତୁମ ଦୁର୍ବଳତା ପାଖରେ ସେମାନଙ୍କ ଶକ୍ତି ଅଜେୟ । କଷ୍ଟଯନ୍ତ୍ରଣା ସହ ତୁମେ ଯେତେବେଳେ ସେମାନଙ୍କୁ ବିଲୋପ କରି ଦେଇଛ, ଆହୁରି ଅନ୍ୟାନ୍ୟ ସହସ୍ର ସହସ୍ର ଶତ୍ରୁ ପ୍ରବଳ ବେଗରେ ମାଡ଼ିଆସି ସେମାନଙ୍କର ସ୍ଥାନ ଅଧିକାର କରିବେ ।’’

(*The Way*, SABCL, Vol - 17, p. - 39 )

ଶ୍ରୀମା : ତୁମକୁ ସାହସ ଦେବା ପାଇଁ, କର୍ମରେ ସାହସୀ ହେବା ସକାଶେ ଏହା କୁହାଯାଇଛି । ତୁମେ ସଜାଗ ରହିବା ଉଚିତ ଏବଂ ଯାହା ଘଟୁନା କାହିଁକି ତୁମର ସଂକଳ୍ପକୁ ବଜାୟ ରଖିବା ଉଚିତ । ଦୁଇଟିଯାକ କଥାକୁ ତୁମେ ଯଦି ଏକ ସଙ୍ଗେ ଆଚରଣ କରିବ, ତେବେ ତୁମେ ପରିପୂର୍ଣ୍ଣ କଥାଟିକୁ ଲାଭକରି ପାରିବ ।...

ଶ୍ରୀଅରବିନ୍ଦ ଏଠାରେ ଲେଖିଛନ୍ତି : ‘‘...ଯେଉଁ ପ୍ରଦୀପ୍ତ ସତ୍ତାଗଣ ସାହାଯ୍ୟ କରିବା ନିମନ୍ତେ ଇଚ୍ଛୁକ ଓ ଅନୁମତି ପ୍ରାପ୍ତ, ସେମାନଙ୍କ ଆଗମନୀ ଖୁବ୍ କ୍ୱଚିତ୍ ଓ କ୍ଷଣସ୍ଥାୟୀ ହୋଇଥାଏ ।’’

(ibid - p. 40)

ପ୍ରଶ୍ନ : କାହିଁକି ?

ଶ୍ରୀମା : ଜଣେ ବ୍ୟକ୍ତି ଯାଇ ସେମାନଙ୍କୁ ତ ପଚାରିବା କଥା ! କିନ୍ତୁ ସେଠାରେ ରହିଛି ଏକ ଉପସଂହାର, ଏହାର ଶେଷ ବାକ୍ୟଗୁଡ଼ିକ ଖୁବ୍ ସ୍ପଷ୍ଟ ବ୍ୟାଖ୍ୟା ପ୍ରଦାନ କରିଥାଏ । କୁହାଯାଇଛି : ‘‘ନାଇଁ, ତା’ହେଲେ ଅମରତ୍ୱ କ’ଣ ଶିଶୁଟିକୁ ଉପରଠାଉରିଆ ଭାବେ ଦେବା ଭଳି ଏକ ଖେଳିବାର ଜିନିଷ ଅଥବା ଦିବ୍ୟ-ଜୀବନ କ’ଣ ବିନା ଉଦ୍ୟମରେ ପ୍ରାପ୍ତ ଏକ ପୁରସ୍କାର ନା ଏକ ଦୁର୍ବଳ ବ୍ୟକ୍ତି ପାଇଁ ରାଜ-ମୁକୁଟ ?’’ ବିରୋଧିଶକ୍ତିମାନଙ୍କୁ ହସ୍ତକ୍ଷେପ କରିବାକୁ ଓ ତୁମକୁ ହଇରାଣ କରିବାକୁ କାହିଁକି ଅଧିକାର ଦିଆଯାଇଛି ? କିନ୍ତୁ ନିଶ୍ଚିତରୂପେ ତୁମର ଆନ୍ତରିକତାକୁ ପରୀକ୍ଷା କରିବା ପାଇଁ ଏହା ଏକ ଆବଶ୍ୟକତା । ଯଦି ମାର୍ଗଟି ବହୁତ ସହଜ ହୋଇଥା’ନ୍ତା, ତେବେ ପ୍ରତ୍ୟେକେ ଏଇ ମାର୍ଗରେ ଆରମ୍ଭ କରନ୍ତେ ଏବଂ ଯଦି ଜଣେ ବିନା ବାଧାବିଘ୍ନରେ, ବିନା ପ୍ରଚେଷ୍ଟାରେ ଲକ୍ଷ୍ୟରେ ପହଞ୍ଚି ପାରନ୍ତା, ପ୍ରତ୍ୟେକେ ତା’ହେଲେ ଲକ୍ଷ୍ୟରେ ପହଞ୍ଚି ପାରନ୍ତେ ଏବଂ ଶେଷରେ ଯେତେବେଳେ ଜଣେ ଆସି ଲକ୍ଷ୍ୟରେ ପହଞ୍ଚେ, ପରିସ୍ଥିତିଟି ଆରମ୍ଭ କଲାବେଳେ ଯେମିତି ଥିଲା, ସେମିତି ରହନ୍ତା – କିଛି ବି ପରିବର୍ତ୍ତନ ହୁଅନ୍ତା ନାହିଁ । ଅର୍ଥାତ୍ ପୁରୁଣା ଜଗତଟି ଯେମିତି ଥିଲା, ନୂତନ ଜଗତ୍ ଅବିକଳ ସେମିତି ରହନ୍ତା । ଏହା ବାସ୍ତବରେ କଷ୍ଟସ୍ୱୀକାରର ଯୋଗ୍ୟ ନୁହେଁ ! ସ୍ପଷ୍ଟତଃ, ବହିଷ୍କରଣ ପ୍ରଣାଳୀଟିଏ ଆବଶ୍ୟକ, ତା’ହେଲେ ନୂତନ ଜୀବନକୁ ପରିପ୍ରକାଶ କରିବାକୁ ଯାହାହିଁ ସକ୍ଷମ, ତାହା କେବଳ ରହିବ । ଏଇ ଗୋଟିଏ ହେଉଛି କାରଣ ଏବଂ ଆଉ ଅନ୍ୟ କୌଣସି କାରଣ ନାହିଁ, ଏହାହିଁ ସବୁକାରଣ ମଧ୍ୟରେ ସର୍ବୋତ୍କୃଷ୍ଟ । ଏବଂ ତୁମେମାନେ ଦେଖ, ଏହା ହେଉଛି ଏକ ଆବଶ୍ୟକ ପରିମାଣରେ ତୁମକୁ ଦୃଢ଼ ତଥା ଶକ୍ତ କରିବାକୁ – ଏହା ହେଉଛି ଅଗ୍ନିପରୀକ୍ଷା । କେବଳ ଯାହାକିଛି ଏହାକୁ ସାମନା କରିପାରିବ, ପୂରାମାତ୍ରାରେ ଶୁଦ୍ଧପୂତ ହୋଇ ରହେ; ଯେତେବେଳେ ସବୁକିଛି ପୋଡ଼ିଜଳି ଯାଇଥାଏ, କେବଳ ବିଶୁଦ୍ଧ ସୁନାର ଛୋଟିଆ ଧାତୁପିଣ୍ଡଟିଏ ରହେ । ଏବଂ ଏହାହିଁ ସେହିପରି । ଯେଉଁ ସବୁଜିନିଷକୁ ପର୍ଯ୍ୟାପ୍ତ ପରିମାଣରେ ଏହା ବହିଷ୍କାର କରିବ, ତା’ହେଲା ସମସ୍ତଙ୍କ ଭିତରେ ଥିବା ଏହି ଦୋଷ-ପାପ-ମୁକ୍ତିର ଧାର୍ମିକ ଭାବ । କିନ୍ତୁ କୌଣସି ଗୋଟିଏ ହେଲେ ମନମୁଖି ସିଦ୍ଧାନ୍ତ ନାହିଁ ! ବିପରୀତ ପକ୍ଷେ, ପ୍ରତ୍ୟେକଙ୍କ ପାଇଁ ସବୁଠାରୁ ଉତ୍କୃଷ୍ଟ ଓ ଅନୁକୂଳ ଅବସ୍ଥାମାନ ଦିଆଯାଇଥାଏ । ସେଦିନ ଆମେମାନେ କହୁଥିଲେ ଯେ ଭଗବାନ୍ କେବଳ ତାଙ୍କ ବନ୍ଧୁମାନଙ୍କୁ କଠୋରଭାବେ ବ୍ୟବହାର ଦେଖାନ୍ତି; ତୁମେମାନେ ଭାବିଲ ଯେ ଏଇଟା ଗୋଟିଏ ଥଟ୍ଟା ପରିହାସର କଥା, କିନ୍ତୁ ଏହାହିଁ ସତ୍ୟ । କେବଳ ଯେଉଁମାନେ ଆଶାପୂର୍ଣ୍ଣ, ଯେଉଁମାନେ ଏଇ ବିଶୋଧନକାରୀ ଅଗ୍ନିଶିଖା ମଧ୍ୟଦେଇ ଯାଇପାରିବେ,

ସେମାନଙ୍କୁ ସର୍ବାଧିକ ଫଳପ୍ରାପ୍ତି ପାଇଁ ଏହି ଅବସ୍ଥାଗୁଡ଼ିକ ଦିଆଯାଇଥାଏ । ଏବଂ ମଣିଷ ମନ ଏମିତି ତିଆରି ହୋଇଛି ଯେ ତୁମେ ଏହାକୁ ପରୀକ୍ଷା ନିରୀକ୍ଷା କରିପାର; ଯେତେବେଳେ ସବୁଠାରୁ ବେଶୀ ଅପ୍ରୀତିକର ଘଟଣା ତୁମ ପାଇଁ ଘଟୁଛି, ତୁମେ ନିଜକୁ କହିପାର, ''ଆଚ୍ଛା, ଏହାହିଁ ପ୍ରମାଣ କରେ ଯେ ମୁଁ ଏହି ଅସୁବିଧାର ସମ୍ମୁଖୀନ ହେବାର ଯୋଗ୍ୟତା ହାସଲ କରିଛି, ଏହା ବି ପ୍ରମାଣ କରେ, ମୋ ଭିତରେ କିଛି ଅଛି ଯାହାକି ଏହି ଅସୁବିଧାକୁ ପ୍ରତିରୋଧ କରିପାରିବ ।'' ଏବଂ ତୁମେ ଦେଖିବ ଯେ ତୁମକୁ ଏହା ଦୁଃଖଦେବା ପରିବର୍ତ୍ତେ, ତୁମେ ନିଜେହିଁ ଉଲ୍ଲସିତ ହୋଇପଡ଼ିବ – ତୁମେ ଏତେ ଖୁସି ଓ ଏତେ ଶକ୍ତିମାନ୍ ହେବ ଯେ ଏମିତିକି ସବୁଠାରୁ ବେଶୀ ଅପ୍ରୀତିକର ଜିନିଷଗୁଡ଼ିକ ବି ତୁମକୁ ମନୋମୁଗ୍ଧକର ଲାଗିବ । ଅବସ୍ଥାଚକ୍ର ଯାହା ହେଉ ନା କାହିଁକି, ତୁମ ମନ ଯଦି ଏହାକୁ କିଛି ଅନୁକୂଳ ବୋଲି ଭାବିବାରେ ଅଭ୍ୟସ୍ତ ଥିବ, ଏହା ତୁମ ପାଇଁ ଆଉ ଅପ୍ରୀତିକର ହୋଇ ରହିବ ନାହିଁ । ଏହାହିଁ ପୂରାପୂରି ଜଣା କଥା; ଯେପର୍ଯ୍ୟନ୍ତ ମନ ଗୋଟିଏ ଜିନିଷକୁ ବାରଣ କରେ, ତା' ବିରୋଧରେ ଯୁଦ୍ଧ କରେ, ତାହାକୁ ବାଧା ଦିଏ, ସେତେବେଳେ ଯାତନା, ଦୁଃଖକଷ୍ଟ, ଝଡ଼ଝଞ୍ଜା, ଅନ୍ତର୍ଯୁଦ୍ଧ ଏବଂ ସକଳ କଷ୍ଟଯନ୍ତ୍ରଣା ସେଠାରେ ଥାଏ । କିନ୍ତୁ ଯେଉଁ ମୁହୂର୍ତ୍ତରେ ମନ କହେ, ''ବାସ୍ ଏହାହିଁ ଆସିବାର ଥିଲା, ଏହିପରିହିଁ ଏହା ଘଟିବା ପ୍ରୟୋଜନ,'' ଯାହା ଘଟୁ ନା କାହିଁକି, ତୁମେ ସନ୍ତୁଷ୍ଟ ହୋଇ ରୁହ । କେତେକ ଲୋକ ଅଛନ୍ତି ଯେଉଁମାନେ କି ସେମାନଙ୍କ ଶରୀର ଉପରେ ସେମାନଙ୍କ ମନର ନିୟନ୍ତ୍ରଣ ଏତେ ହାସଲ କରିଛନ୍ତି ଯେ ସେମାନେ କୌଣସିଥିରେ ବ୍ୟଥିତ ହୁଅନ୍ତି ନାହିଁ; ସେଦିନ ତୁମକୁ ମୁଁ କେତେକ ରହସ୍ୟବାଦୀ ଅର୍ଥାତ୍ ଯେଉଁମାନେ ଭଗବତ୍ ଚିନ୍ତା ଓ ଆତ୍ମ-ସମର୍ପଣ ଦ୍ୱାରା ପରମାତ୍ମାଙ୍କ ସହ ମିଳିତ ହୋଇ ଲୀନ ହେବାରେ ବ୍ରତୀ, ସେମାନଙ୍କ ବିଷୟରେ କହିଥିଲି : ଯଦି ସେମାନେ ଭାବନ୍ତି ଯେ ଯେଉଁ କଷ୍ଟଯନ୍ତ୍ରଣା ସେମାନଙ୍କ ଉପରେ ଲଦି ଦିଆଯାଇଛି, ତାହାହିଁ ସେମାନଙ୍କୁ ଗୋଟିଏ ମୁହୂର୍ତ୍ତରେ ଅନେକଗୁଡ଼ିଏ ପର୍ଯ୍ୟାୟ ଅତିକ୍ରମ କରି ଯିବା ପାଇଁ ସାହାଯ୍ୟ କରିବାକୁ ଆସିଛି ଏବଂ ସେମାନଙ୍କୁ ସିଦ୍ଧିଲାଭ କରିବାକୁ ଏକ ପ୍ରକାର ଉତ୍ତରଣ ପାବଚ୍ଛର ପଥରଟିଏ ଯୋଗାଇ ଦେବାକୁ ଆସିଛି, ତା'ହେଲେ ସେମାନେ ଆଉ କିଛି ବି କଷ୍ଟଯନ୍ତ୍ରଣା ଅନୁଭବ କରନ୍ତି ନାହିଁ । ସେମାନଙ୍କ ମାନସିକ ଧାରଣା ବଳରେ ସେମାନଙ୍କ ଶରୀରରେ ଯେମିତି ରାସାୟନିକ ତଡ଼ିତ୍ ସଞ୍ଚାର ହୋଇଛି । ଏହାହିଁ ଅଧିକାଂଶ ସମୟରେ ଘଟିଛି, ଯେଉଁମାନଙ୍କର ଯଥାର୍ଥ ଉଦ୍ଦୀପନା ଅଛି ଏଇଟା ହେଉଛି ସେମାନଙ୍କ ପାଖରେ ଗୋଟିଏ ସାର୍ବଜନୀନ ଅଭିଜ୍ଞତା । ଏବଂ ମୋଟ ଉପରେ, କୌଣସି କାରଣରୁ ଯଦି ଜଣେ ଶରୀର ତ୍ୟାଗ କରେ ଏବଂ ନୂଆ ଶରୀର ଗ୍ରହଣ କରେ, ତା'ହେଲେ ନିଜର ମୃତ୍ୟୁକୁ ଏକ ଘୃଣ୍ୟ ପରାଜୟ ପରିବର୍ତ୍ତେ ସୁନ୍ଦର, ଆନନ୍ଦମୟ, ଉଦ୍ଦୀପନାଯୁକ୍ତ କରିବା କ'ଣ ଅଧିକ ଉତ୍ତମ ହେବ ନାହିଁ ? ଯେଉଁମାନେ ଜାବୁଡ଼ି ଧରନ୍ତି, ନିଜର ମୃତ୍ୟୁକୁ ସକଳ ସମ୍ଭାବ୍ୟ ଉପାୟରେ ଗଡ଼େଇ ଦିଅନ୍ତି ଏମିତିକି ଏକ, ଦୁଇ ମିନିଟ୍ ପାଇଁ ହେଉ ପଛେ, ସେମାନେ ଏକ ଭୟଙ୍କର ମନସ୍ତାପର ଦୃଷ୍ଟାନ୍ତ ଦିଅନ୍ତି ଏବଂ ସେମାନଙ୍କ ଆତ୍ମା ବିଷୟରେ ସେମାନଙ୍କ ଅଜ୍ଞତାକୁହିଁ ପ୍ରଦର୍ଶନ କରନ୍ତି ।... ମୋଟ ଉପରେ, ଏଇଟା ବୋଧହୁଏ ଏକ ଅବଲମ୍ବନ, ଏହା ନୁହେଁ କି ? ଜଣେ ଏଇ ଦୁର୍ଯୋଗକୁ ଏକ ସୁଯୋଗରେ ପରିବର୍ତ୍ତନ କରିପାରିବ, ଜଣେ ଯଦି ସଚେତନ ହୁଏ, ତା'ହେଲେ ସବୁ ଜିନିଷକୁ ଯେପରି ସୁନ୍ଦର କଥାରେ ପରିଣତ କରି ଦେଇ ହୁଏ, ଏହାକୁ ମଧ୍ୟ ସେହିପରି ସୁନ୍ଦର ତଥା ଅତି ସୁନ୍ଦର କରିପାରିବ । ଏବଂ ଲକ୍ଷ୍ୟ କର, ଯେଉଁମାନେ ଏହାକୁ ଭୟ କରନ୍ତି ନାହିଁ, ଯେଉଁମାନେ ଏଥିପାଇଁ ବ୍ୟାକୁଳ ହୁଅନ୍ତି ନାହିଁ, ଯେଉଁମାନେ କୌଣସି ଘୃଣ୍ୟ-ହୀନତା ବିନା ମରିପାରିବେ ସେମାନେ କେବେହେଲେ ଏ (ମୃତ୍ୟୁ) ବିଷୟରେ ଭାବନ୍ତି ନାହିଁ, ସେମାନେ ସବୁବେଳେ ଏହି 'ଆତଙ୍କ' ନେଇ ବାସ କରନ୍ତି ନାହିଁ, ଯାହାର ସମ୍ମୁଖୀନ ହେଲେ ସେମାନେ ଖସି ପଳାଇବେ ବା ତାକୁ ଯେତେଦୂର ସମ୍ଭବ ଠେଲିପେଲି ତଡ଼ି ଦେବାକୁ ଚେଷ୍ଟା କରିବେ । ସେଇମାନେହିଁ ଯେତେବେଳେ ସୁବିଧା ସୁଯୋଗ ଆସେ, ସେମାନଙ୍କ ମୁଣ୍ଡ ଟେକି ହସିପାରିବେ ଓ କହିପାରିବେ, ''ମୁଁ ଏଇଠି ଅଛି ।''

ସେଇମାନେହିଁ ଆପଣା ଜୀବନର ସର୍ବୋତ୍ତମ ସମ୍ଭାବ୍ୟ ପ୍ରୟୋଗ କରିପାରିବେ, ସେମାନେହିଁ କହନ୍ତି, ''ଯେତେଦିନ ଦରକାର ମୁଁ ଏଇଠି ରହିବି, ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏବଂ ମୋର ଲକ୍ଷ୍ୟ ଉପଲବ୍ଧି କରିବାକୁ ଗୋଟିଏ ବି ମୁହୂର୍ତ୍ତ ନଷ୍ଟ କରିବି ନାହିଁ;'' ଯେତେବେଳେ ଆବଶ୍ୟକ ପଡ଼େ, ଏଇମାନେହିଁ ସର୍ବୋତ୍ତମ ଆଚରଣ ପ୍ରଦର୍ଶନ କରିଥା'ନ୍ତି । କାହିଁକି ?– ଏଇଟା ଭାରି ସରଳ, କାରଣ ସେମାନେ ତାଙ୍କ ଆଦର୍ଶରେ ବଞ୍ଚନ୍ତି, ବଞ୍ଚନ୍ତି ସେମାନଙ୍କ ଆଦର୍ଶର ସତ୍ୟରେ; କାରଣ ତାହାହିଁ ସେମାନଙ୍କ ପାଇଁ ଏକ ଯଥାର୍ଥ ବାସ୍ତବ କଥା, ସେମାନଙ୍କ

*(ଅବଶିଷ୍ଟାଂଶ ପୃଷ୍ଠା ୧୨ରେ ଦେଖନ୍ତୁ)*

# ମୃତ୍ୟୁର ଶକ୍ତିକୁ ହଟାଇ ଦେବା
## (ଶ୍ରୀଅରବିନ୍ଦଙ୍କର ଏକ ପତ୍ର)

ଅତିମାନସ ଶକ୍ତିର ପ୍ରୟୋଗ ନକରି ଦିବ୍ୟ-ଭାଗବତୀ ଶକ୍ତି ନିଶ୍ଚିତଭାବରେ ମୃତ୍ୟୁର ଶକ୍ତିକୁ ହଟାଇ ଫେରାଇ ଦେଇପାରେ ଏବଂ ତାହା ଅନେକ ବାର କରାଯାଇଛି । କିନ୍ତୁ ଏଠାରେ ଦିବ୍ୟଶକ୍ତି କ୍ରିୟା କରୁଛି ଭାଗବତ ସଂକଳ୍ପ ଓ ବିଧାନର କେତେକ ସର୍ତ୍ତର ଅଧୀନରେ । ଏହାକୁ ବିଶ୍ୱ-ପ୍ରକୃତିର ବିପୁଳ ନାନା ସଂଘର୍ଷରତ ଶକ୍ତି, ସର୍ତ୍ତ, ଅଭ୍ୟାସ ଓ ଗତିବୃତ୍ତି ଭିତରେ କ୍ରିୟା କରିବାକୁ ପଡୁଛି ଏବଂ ତାହାରି ଭିତରୁ ପୃଥିବୀ ଉପରେ ଏକ ଉଚ୍ଚତର ଚେତନା ଏବଂ ଉଚ୍ଚତର ଅବସ୍ଥାର ପରିଣତି ଆଣିଦେବା ପାଇଁ ଏହା କ୍ରିୟା କରୁଛି । ଯଦି ଅନ୍ୟ ଭାବରେ ଏହାକୁ କ୍ରିୟା କରିବାକୁ ପଡ଼େ ତା'ହେଲେ ସବୁକିଛିକୁ ଏକ ଅଲୌକିକ କ୍ରିୟା ବା ଯାଦୁ ଇନ୍ଦ୍ରଜାଲ ଦ୍ୱାରା ସମ୍ପନ୍ନ କରାଯା'ନ୍ତା । ତା'ହେଲେ ଆଉ କୌଣସି ସାଧନାର ପ୍ରୟୋଜନ ରହନ୍ତା ନାହିଁ ବା ଆଧ୍ୟାତ୍ମିକ ବିବର୍ତ୍ତନକୁ ଅନୁସରଣ କରିବା ପାଇଁ କୌଣସି ମାର୍ଗ ନିର୍ମାଣ ଆବଶ୍ୟକ ହୁଅନ୍ତା ନାହିଁ, ଚେତନାର କୌଣସି ବାସ୍ତବ ରୂପାନ୍ତର ହୁଅନ୍ତା ନାହିଁ, ଯାହା ହୁଅନ୍ତା ତାହା କେବଳ ଶକ୍ତିରାଜିର ଏକ କ୍ଷଣସ୍ଥାୟୀ ଖେଳା ଏବଂ ଏଠାକାର ସୃଷ୍ଟିର ଉପାଦାନ ଭିତରେ ତାହାର କୌଣସି ଭିତ୍ତିଭୂମି ନଥିବାରୁ ତାହା ଯେପରି ଆବିର୍ଭୂତ ହୋଇଥିଲା ସେହିପରି ଅନ୍ତର୍ଦ୍ଧାନ ହୋଇଯା'ନ୍ତା । ତେଣୁ ସମସ୍ତ ସର୍ତ୍ତଗୁଡ଼ିକୁ ପୂରଣ କରିବାକୁ ହେବ, ସୋପାନ ପରେ ସୋପାନ ଦେଇ କାର୍ଯ୍ୟଟିକୁ ସମ୍ପନ୍ନ କରିବାକୁ ହେବ । ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁ ଶକ୍ତିସବୁ ଏହି କ୍ଷେତ୍ର ଉପରେ ନିଜର ଆଧିପତ୍ୟ ବିସ୍ତାର କରି ରହିଛନ୍ତି, କାର୍ଯ୍ୟଟିର ବିରୋଧ କରିବା ପାଇଁ ସେମାନଙ୍କୁ ସମସ୍ତ ସୁଯୋଗ ଦିଆଯିବ, ଯାହାଫଳରେ ସମସ୍ୟାଟିର ପ୍ରକୃତ ସମାଧାନ ହୋଇପାରିବ; ଏବଂ ତାହାକୁ କେବଳ ଏଡ଼ାଇ ଦିଆଯିବ ନାହିଁ ବା ତାହା ଏକ କୃତ୍ରିମ ଯୁଦ୍ଧ ବା ଏକ ତାତ୍ପର୍ଯ୍ୟହୀନ ଅବାସ୍ତବ ଖେଳାରେ ପରିଣତ ହେବ ନାହିଁ । ତେଣୁ ସେଥିପାଇଁ ସାଧନା କରିବାକୁ ହେବ, ପ୍ରତିରୋଧକୁ ଅତିକ୍ରମ କରିବାକୁ ହେବ; ଉଚ୍ଚତର ଓ ନିମ୍ନତର ଅବସ୍ଥା ଭିତରୁ ଗୋଟିକୁ ବାଛି ନେବାକୁ ହେବ । ଦିବ୍ୟ-ଭଗବତ୍ ଶକ୍ତି କାର୍ଯ୍ୟଟି କରେ, ଏକ ସୁରକ୍ଷା ଏବଂ ପଥନିର୍ଦ୍ଦେଶ ଦିଏ କିନ୍ତୁ ଏଠାରେ ଏହା ଏକ ଅପ୍ରତିହତ ସାର୍ବଭୌମ ଶକ୍ତି ପ୍ରୟୋଗ କରିବା ପାଇଁ କ୍ରିୟା କରୁ ନାହିଁ; ଯଦିଓ କ୍ଷେତ୍ର ବିଶେଷରେ ଏହାର ବ୍ୟତିକ୍ରମ ହୁଏ ଯେଉଁଠି ସେହି ଧରଣର ଅପ୍ରତିହତ ଶକ୍ତି ପ୍ରୟୋଗ ପଛରେ ରହିଥାଏ ଭଗବତ୍ ବିଜ୍ଞତାର ଅନୁମୋଦନ ଏବଂ ସେହି ଦିବ୍ୟବିଜ୍ଞତାର ଆଲୋକରେ ତାହାର ଯାଥାର୍ଥ୍ୟ ପ୍ରତିପାଦିତ ହୁଏ । ସେପରି କ୍ଷେତ୍ରରେ ସ୍ୱୟଂ ଦିବ୍ୟଶକ୍ତି ନିଜ ତରଫରୁ ନିଷ୍ପତ୍ତିମୂଳକ ଶକ୍ତି ପ୍ରୟୋଗ କରେ ଏବଂ ଯାହା ସମ୍ପନ୍ନ କରିବା କଥା ତାହା ସମ୍ପନ୍ନ କରେ । ✣

---

*(ପୃଷ୍ଠା ୧୧ର ଅବଶିଷ୍ଟାଂଶ)*

ସତ୍ତାର ଯଥାର୍ଥ ସତ୍ୟ, ଏବଂ ସବୁଥିରେ ସେମାନେ ଏଇ ଆଦର୍ଶକୁ ଦେଖନ୍ତି ଯାହାକି ତାଙ୍କ ଅସ୍ତିତ୍ୱର କାରଣ ଏବଂ କେବେହେଲେ ସେମାନେ ବସ୍ତୁଗତ ଜୀବନର ଜଘନ୍ୟତାକୁ ଖସି ପଡ଼ନ୍ତି ନାହିଁ ।

ତେଣୁ ଉପସଂହାର ହେଲା :

କେବେହେଲେ ଜଣେ ମୃତ୍ୟୁ ବାଞ୍ଛା କରିବ ନାହିଁ ।

କେବେହେଲେ ଜଣେ ମରିବାକୁ ସଂକଳ୍ପ କରିବ ନାହିଁ ।

କେବେହେଲେ ଜଣେ ମରିବାକୁ ଡରିବ ନାହିଁ ।

ଏବଂ ସକଳ ପରିସ୍ଥିତିରେ ଜଣେ ନିଜକୁ ଅତିକ୍ରମ କରିଯିବାକୁ ସଂକଳ୍ପ କରିବ ।

(MCW - Vol. 4, page : 351 -356)

ସଂକଳିତ ଓ ଅନୂଦିତ : ଆଶାଲତା ଦାଶ ✣

# ଶିକ୍ଷାର୍ଥୀମାନଙ୍କ ସହ ପ୍ରଶ୍ନୋତ୍ତର

## (ଆଶ୍ରମ ସ୍କୁଲରେ ମା'ଙ୍କ କାମର କିଛି ଦୃଷ୍ଟାନ୍ତ)

[୧୯୬୮ରେ ଆଶ୍ରମ ସ୍କୁଲର ପୁନର୍ସଂଗଠନ ପାଇଁ କିଛି ଉଦ୍ୟମ ହେଲାବେଳେ ମା' କହିଥିଲେ ଯେ ଛାତ୍ରମାନେ ତାଙ୍କୁ ଆଗ୍ରହଜନକ ଯେକୌଣସି ପ୍ରଶ୍ନ ପଚାରିଲେ ସେ ତା'ର ଉତ୍ତର ଦେବେ । ମା' ଏଥିପାଇଁ ଏକ ବିଷୟବସ୍ତୁ ବାଛିଥିଲେ 'ମୃତ୍ୟୁ' । ବ୍ୟକ୍ତିଗତ ଭାବେ ଜଣେ ଜଣେ ଛାତ୍ର ଏ ସଂପର୍କରେ ପଚାରିଥିବା ପ୍ରଶ୍ନକୁ ଏକାଠି କରି ମା'ଙ୍କୁ ଦିଆଯାଉଥିଲା । ମା'ଙ୍କ ସଙ୍ଗରେ 'ମୃତ୍ୟୁ' ଉପରେ ଏକ ଅଧ୍ୟୟନରେ ଭାଗ ନେବା ପାଇଁ ଅନୁମତି ପ୍ରାର୍ଥନା କରି ଛାତ୍ରମାନେ ମା'ଙ୍କୁ ତାହା ଲେଖି ଜଣାଇଥିଲେ । ଜଣେ ଶିକ୍ଷକଙ୍କୁ ମୌଖିକ ଭାବରେ ମା' ଦେଇଥିବା ଉତ୍ତର ନିମ୍ନରେ ପ୍ରଦତ୍ତ ହେଲା ।]

ଶ୍ରୀମା : ବିଷୟ ବସ୍ତୁ ହେଉଛି : 'ମୃତ୍ୟୁ' କ'ଣ ?

କେଉଁ ଭାବରେ ଆରମ୍ଭ କରାଯିବ ? ତୁମେ ନିଜ ଭିତରକୁ ଦେଖ, ନିଜ ଭିତରେ ଏହାର ଉତ୍ତର ଖୋଜ; ବହି ପଢ଼ି ଏ ସଂପର୍କରେ ଜାଣିବାକୁ ବା ମନ ଓ ପ୍ରାଣରେ କ'ଣ ଘଟୁଛି ତା' ଜାଣିବାକୁ ଚେଷ୍ଟା କର ନାହିଁ : ମୃତ୍ୟୁ ସଂପର୍କରେ ତୁମେ ନିଜେ କ'ଣ ଭାବୁଛ, ନିଜେ କ'ଣ ଅନୁଭବ କରୁଛ, ତାହାହିଁ ପ୍ରଧାନ କଥା ।

ଏ ସଂପର୍କରେ ସମସ୍ତ ଗବେଷଣା ପୂରାପୂରି ଭୌତିକ ସ୍ତରରେହିଁ ହେବା ଉଚିତ : ଦୈହିକ ଦୃଷ୍ଟିକୋଣରୁ ମୃତ୍ୟୁ କ'ଣ ?

ତୁମକୁ ଏକାଗ୍ର ହେବାକୁ ହେବ ଏବଂ ନିଜ ଭିତରେହିଁ ତାହାର ଉତ୍ତର ପାଇବାକୁ ହେବ । ଏ ସମ୍ପର୍କରେ କୌଣସି ଭାଷଣ ଦିଅ ନାହିଁ, କେବଳ ଗୋଟିଏ ବାକ୍ୟ କୁହ । ତୁମେ ଯେତେ ଅଧିକ ବୁଦ୍ଧିମାନ୍ ହେବ, ନିଜକୁ ପ୍ରକାଶ କରିବା ପାଇଁ ତୁମର ସେତିକି କମ୍ ଶବ୍ଦର ଆବଶ୍ୟକତା ରହିବ ।

୨୭ ଅପ୍ରେଲ ୧୯୬୮

('ସ୍ଥୂଳ, ଦୈହିକ ଦୃଷ୍ଟିକୋଣରୁ ମୃତ୍ୟୁ କ'ଣ ?' ଏହି ପ୍ରଶ୍ନ ଉପରେ ଛାତ୍ରମାନେ ନିମ୍ନୋକ୍ତ ଉତ୍ତରଗୁଡ଼ିକ ଦେଇଥିଲେ) :

*''ମସ୍ତିଷ୍କର କୋଷାଣୁଗୁଡ଼ିକରେ ରକ୍ତ ସଂଚାଳନ ପୂରାପୂରି ବନ୍ଦ ହୋଇଯାଏ ।''*

*''ଯେତେବେଳେ ମସ୍ତିଷ୍କର କ୍ରିୟା ବନ୍ଦ ହୋଇଯାଏ ଏବଂ ଶରୀର ପଚିବାକୁ ଆରମ୍ଭ କରେ, ତାହାହିଁ ମୃତ୍ୟୁ ।''*

*''ଶକ୍ତିର ମୂଳ ଉତ୍ସ ବା ଅନ୍ତରାତ୍ମାର ଅନୁପସ୍ଥିତି ହେତୁ ଯେତେବେଳେ ଶରୀରର ସମସ୍ତ କ୍ରିୟା ବନ୍ଦ ହୋଇଯାଏ ।''*

*''ମୃତ୍ୟୁର ବାସ୍ତବ ଘଟଣା କଥା ଭାବିଲେ ମୋର ମନକୁ ଯେଉଁ ଅନୁଭୂତିର ବିଚାର ଆସେ ତା'ହେଉଛି ବୃଦ୍ଧି ପାଇଥିବା ଅଧିକ ଶକ୍ତି ସହ ବ୍ୟକ୍ତି ମହାଶୂନ୍ୟକୁ ପ୍ରକ୍ଷେପିତ ହୋଇଯାଏ ।''*

*(ମା' ଏହି ଶ୍ରେଣୀର ଛାତ୍ରମାନଙ୍କୁ ଲେଖିଲେ :)*

ମୁଁ ଆଗ୍ରହର ସହିତ ତୁମ ପଠାଇଥିବା ଉତ୍ତରଗୁଡ଼ିକ ପଢ଼ିଲି, ଏବଂ ମୋର ଉତ୍ତର ହେଉଛି :

''ସ୍ଥୂଳ ଦେହକୁ ଗଠନ କରିଥିବା କୋଷାଣୁଗୁଡ଼ିକର ବିକେନ୍ଦ୍ରୀକରଣ ଓ ଛିନ୍ନଭିନ୍ନ ହୋଇଯିବାହିଁ ମୃତ୍ୟୁ ।

ଚେତନା, ତା'ର ନିଜ ସ୍ୱଭାବରେ ହେଉଛି ଅମର, ଏବଂ ଭୌତିକ ଜଗତରେ ଅଭିବ୍ୟକ୍ତ ହେବା ପାଇଁ ଏହା ଊଣାଧିକେ ତିଷ୍ଠି ରହିବା ଭଳି ଏକ ଭୌତିକ ରୂପ ଧାରଣ କରିଥାଏ ।

ଭୌତିକ ଉପାଦାନ ରୂପାନ୍ତରର ମାର୍ଗରେହିଁ ରହିଥାଏ, ଯେପରିକି ଏହା ଏକ ବହୁ ରୂପ ସଂପନ୍ନ ତଥା ଅଧିକରୁ ଅଧିକ ପୂର୍ଣ୍ଣ ଏବଂ ସ୍ଥାୟୀ ଆକାର ଗ୍ରହଣ କରିପାରିବ ।

୧୮ ମେ ୧୯୬୮

*

*(ଏଥରକ ମା' ପ୍ରଶ୍ନଗୁଡ଼ିକର ଅଲଗା ଉତ୍ତର ଦେଇ ଶିକ୍ଷକଙ୍କ ପାଖକୁ ପଠାଇଥିଲେ ।)*

ଏହିଗୁଡ଼ିକହିଁ ତୁମ ଛାତ୍ରମାନଙ୍କ ପ୍ରଶ୍ନର ଉତ୍ତର । ମୁଁ ଆଶା କରୁଛି ସେମାନେ ଏହା ବୁଝି ପାରିବେ ।

*ପ୍ରଶ୍ନ : ଯଦି ଏକ କୋଷାଣୁ ନିଜର ବ୍ୟକ୍ତିତ୍ୱ ସଂପର୍କରେ ସଚେତ ହୁଏ, ତେବେ ସାମୂହିକ ହିତ ପ୍ରତି ଦୃଷ୍ଟି ନଦେଇ ଏହା କେବଳ ନିଜର ଆତ୍ମ-ସ୍ୱାର୍ଥ ପାଇଁ କାମ କରିବାର ଆଶଙ୍କା ନାହିଁ କି ?*

ଶ୍ରୀମା : ଏକ କୋଷାଣୁର ଆତ୍ମ-ସ୍ୱାର୍ଥ କ'ଣ !

*

*ପ୍ରଶ୍ନ : ବିକେନ୍ଦ୍ରୀକରଣ କ'ଣ ଗୋଟିଏ ଥରରେ ହୋଇଯାଏ ନା ଧାପ ଧାପ ମାତ୍ରାରେ ହୋଇଥାଏ ?*

ଶ୍ରୀମା : ସବୁକିଛି ହଠାତ୍ ଗୋଟିଏ ସମୟରେ ଛିନ୍ନଛତ୍ର ହୋଇଯାଏ ନାହିଁ, ଏଥିପାଇଁ ଦୀର୍ଘ ସମୟ ଲାଗେ ।

ଦୈହିକ ସତ୍ତାର କେନ୍ଦ୍ରୀୟ ସଂକଳ୍ପ ସବୁଗୁଡ଼ିକ କୋଷାଣୁକୁ ଏକତ୍ରିତ କରି ଧରିରଖିବା ପାଇଁ ନିଜର ଇଚ୍ଛାକୁ ପରିତ୍ୟାଗ କରିଦେଇଥାଏ । ତାହାହିଁ ପ୍ରଥମେ ଘଟେ । କୌଣସି ନା କୌଣସି କାରଣରୁ ଏହା ବିଲୁପ୍ତିଟିକୁ ଗ୍ରହଣ କରିନିଏ । ଏଥିପାଇଁ ସବୁଠୁ ଶକ୍ତିଶାଳୀ କାରଣ ହେଉଛି ଏପରି ଏକ ଅସମଞ୍ଜସତାର ଭାବ ଯାହାକୁ ଆଉ ସୁଧାରି ହେବ ନାହିଁ, ଅନ୍ୟ କାରଣଟି ହେଉଛି ସମନ୍ୱୟ ଓ ସୁସମଞ୍ଜସତା ରକ୍ଷା କରିବା ଦିଗରେ ଉଦ୍ୟମକୁ ଚଳାଇ ରଖିବା ପାଇଁ ଏକ ଧରଣର ବିତୃଷ୍ଣା ବା ବିରକ୍ତି । ପ୍ରକୃତରେ ଏଥିପାଇଁ ଅସଂଖ୍ୟ କାରଣମାନ ରହିଛି କିନ୍ତୁ ଏକ ଭୟଙ୍କର ଦୁର୍ଘଟଣା ନ ଘଟିଲେ ସର୍ବୋପରି ଏହି ସଂଗତି ରକ୍ଷା କରିବାର ଇଚ୍ଛା କୌଣସି ନା କୌଣସି କାରଣରୁ ବା କୌଣସି କାରଣ ନ ଥାଇ ଚାଲିଯାଏ । ମୃତ୍ୟୁ ପୂର୍ବରୁ ଏହାହିଁ ଅନିବାର୍ଯ୍ୟ ଭାବରେ ଘଟିଥାଏ ।

*ପ୍ରଶ୍ନ : କ'ଣ ପ୍ରତ୍ୟେକଟି କୋଷାଣୁକୁ କେନ୍ଦ୍ର ସହିତ ନିଜର ଐକ୍ୟ ସଂପର୍କରେ ସଚେତ ହୋଇ ରହିବାକୁ ହେବ ?*

ଶ୍ରୀମା : କଥାଟି ସେପରି ନୁହେଁ, ତଥାପି ଏହା ଏକ ଅର୍ଦ୍ଧ-ସାମୂହିକ ଚେତନା ହୋଇ ରହିଛି, ଏହା କୋଷାଣୁଗୁଡ଼ିକର ବ୍ୟକ୍ତିଗତ ଚେତନା ନୁହେଁ ।

*

*ପ୍ରଶ୍ନ : ଏହି ବିକେନ୍ଦ୍ରୀକରଣଟି କ'ଣ ମୃତ୍ୟୁ ପରେ ଘଟିଥାଏ ନା ତା' ପୂର୍ବରୁ ଆରମ୍ଭ ହୋଇଯାଇଥାଏ ?*

ଶ୍ରୀମା : ଅନେକ ସମୟରେ ତାହା ମୃତ୍ୟୁ ପୂର୍ବରୁ ଆରମ୍ଭ ହୋଇଥାଏ ।

*ପ୍ରଶ୍ନ : ଦେହର କୋଷାଣୁଗୁଡ଼ିକ କ'ଣ ଦେହ ବାହାରେ ଶୂନ୍ୟରେ ଛିନ୍ନଛତ୍ର ହୋଇଯାଆନ୍ତି ନା ତାହା ଶରୀର ଭିତରେହିଁ ହୋଇଥାଏ ? ଯଦି ସେଗୁଡ଼ିକ ଶୂନ୍ୟରେହିଁ ଛିନ୍ନଛତ୍ର ହୋଇ ଯାଆନ୍ତି ତେବେ ସେହି କୋଷାଣୁଗୁଡ଼ିକ ସହିତ ଶରୀର ମଧ୍ୟ ଅନ୍ତର୍ଦ୍ଧାନ ହୋଇଯାଆନ୍ତା ?*

ଶ୍ରୀମା : ସ୍ୱାଭାବିକ ଭାବରେ ଶରୀର ମଧ୍ୟ ବିଲୁପ୍ତ ହୋଇଯାଏ, କିନ୍ତୁ ସେଥିପାଇଁ ଦୀର୍ଘ ସମୟ ଲାଗେ ।

*

*ପ୍ରଶ୍ନ : ଏହି ଯେଉଁ ଦେହକୋଷାଣୁଗୁଡ଼ିକ ଛିନ୍ନଛତ୍ର ହୋଇଯିବା କଥା କୁହାଯାଇଛି, ଏହି ଛିନ୍ନଛତ୍ର ଶବ୍ଦର ଏକ ବିଶେଷ ଅର୍ଥ ନାହିଁ କି ? ଯଦି ଥାଏ ତେବେ ତାହା କ'ଣ ?*

ଶ୍ରୀମା : ମୁଁ ଖୁବ୍ ନିର୍ଦ୍ଦିଷ୍ଟ ଅର୍ଥରେ କୋଷାଣୁର ଛିନ୍ନଛତ୍ର ହୋଇଯିବା ଶବ୍ଦଟି ବ୍ୟବହାର କରିଥିଲି ।

ଯେତେବେଳେ ଶରୀରକୁ ଗଠନ କରି ଧରି ରଖୁଥିବା ଚେତନାର ଏକାଗ୍ରତାରେ ସମାପ୍ତି ଘଟେ ଓ ଶରୀରର ବିଲୋପ ଘଟେ, ଦେହର ଯେଉଁସବୁ କୋଷାଣୁଗୁଡ଼ିକ ବିଶେଷ ଭାବରେ ବିକଶିତ ହୋଇଥାଆନ୍ତି ଏବଂ ସେମାନଙ୍କ ଭିତରେ ରହିଥିବା ଦିବ୍ୟ-ଉପସ୍ଥିତି ସଂପର୍କରେ ସଚେତ ହୋଇଥାଆନ୍ତି ସେଗୁଡ଼ିକ ଇତସ୍ତତଃ ଖେଳାଇ ହୋଇଯାଆନ୍ତି ଓ ଅନ୍ୟାନ୍ୟ ସଂଗଠନରେ ପ୍ରବେଶ କରନ୍ତି ଯେଉଁଥିରେ ସେମାନେ ନିଜ ସଂସର୍ଗ ଦ୍ୱାରା, ସେହି ଦିବ୍ୟ-ଉପସ୍ଥିତିକୁ ଜାଗ୍ରତ୍ କରନ୍ତି ଯାହା ସେମାନଙ୍କର ପ୍ରତ୍ୟେକଙ୍କର ରହିଥିଲା । ଏବଂ ଏହିପରି ଭାବରେ ଏକାଗ୍ର ସଂଗଠନ, ବିକାଶ ଓ ଛିନ୍ନଭିନ୍ନ ହୋଇଯିବାର ପ୍ରକ୍ରିୟା ଦ୍ୱାରାହିଁ ସମସ୍ତ ଜଡ଼ର ବିବର୍ତ୍ତନ ହୁଏ ଏବଂ ସଂସର୍ଗଲାଭ ଫଳରେ ତାହା ବିକଶିତ ହୁଏ ଓ ସେହି ସଂସର୍ଗ ଦ୍ୱାରାହିଁ ଅନୁଭୂତି ଲାଭ କରେ ।

ସ୍ୱାଭାବିକ ଭାବରେ ଶରୀର ସଙ୍ଗରେହିଁ କୋଷାଣୁ-ଗୁଡ଼ିକର ବିଲୁପ୍ତି ହୁଏ । କୋଷାଣୁଗୁଡ଼ିକର ଚେତନାହିଁ ଅନ୍ୟାନ୍ୟ ସଂଗଠନ-ସମଷ୍ଟିରେ ପ୍ରବେଶ କରନ୍ତି ।

୫ ଜୁନ୍ ୧୯୬୮

*

*ପ୍ରଶ୍ନ : ଯେତେବେଳେ ଦୈହିକ ସତ୍ତାର ସଂକଳ୍ପ ବା ଇଚ୍ଛାଶକ୍ତି ବିନା କାରଣରେ ନିଜର ସେହି ବଂଚିବାର ସଂକଳ୍ପକୁ ଛାଡ଼ିଦିଏ ସେତେବେଳେ ତାହା କ'ଣ କୌଣସି ଦୈହିକ କାରଣରୁ ହୋଇଥାଏ ନା ଆଦୌ କୌଣସି କାରଣ ନଥାଇ ସେପରି ହୋଇଥାଏ ?*

ଶ୍ରୀମା : ଦୈହିକ ଚେତନା କେବଳ ସ୍ଥୂଳ ଦୈହିକ ଭାବରେହିଁ ସଚେତ ହୋଇଥାଏ । ଦୈହିକ ସତ୍ତାର ଇଚ୍ଛାଶକ୍ତି

ନିଜେ ସଚେତ ଥିବା କୌଣସି କାରଣ ବିନା ବି ନିଜର ବଞ୍ଚିବାର ସଂକଳ୍ପ ପରିତ୍ୟାଗ କରିଦେଇପାରେ ।

*ପ୍ରଶ୍ନ : ସମନ୍ୱୟ ବା ସୁସଂଗତି ଓ ସୁସମଞ୍ଜସ ସ୍ଥାପନ ପାଇଁ ପ୍ରଚେଷ୍ଟାକୁ ଚଳାଇ ରଖିବା ଲାଗି ଦୈହିକ ସତ୍ତାର ବିରକ୍ତି ଆସିବାର କାରଣ କ'ଣ ?*

ଶ୍ରୀମା : ସାଧାରଣତଃ ଏହି ବିରକ୍ତି ଆସିଥାଏ ଯେତେବେଳେ ସତ୍ତାର ଗୋଟିଏ ଅଂଶ (ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ପ୍ରାଣିକ ବା ମାନସିକ) ଅଗ୍ରଗତି କରିବା ପାଇଁ ପୂରାପୂରି ଅସ୍ୱୀକାର କରେ । ଏବଂ ଦୈହିକ ଭାବରେ ଏହା ପ୍ରକାଶ ପାଏ ସମୟ ସହିତ ଆସୁଥିବା କ୍ଷୟ ଓ ଅବନତି ବିରୋଧରେ ଉଦ୍ୟମ କରିବା ପାଇଁ ଅସ୍ୱୀକାର ରୂପରେ ।

*ପ୍ରଶ୍ନ : ଦୈହିକ ସତ୍ତାର କେନ୍ଦ୍ରୀୟ ସଂକଳ୍ପ ଏବଂ ଦେହର କୋଷାଣୁଗୁଡ଼ିକ ଭିତରେ ସଂଯୋଗ କେଉଁଠି ହୁଏ ? ଏବଂ କିପରି ?*

ଶ୍ରୀମା : ଦେହରେ ଥିବା କୋଷାଣୁଗୁଡ଼ିକର ଏକ ଆନ୍ତର ଗଠନ ବା ନିର୍ମାଣ ରହିଛି ଯାହା ବିଶ୍ୱର ଗଠନ ସହିତ ମେଳ ଖାଏ । ସେଇଥିପାଇଁ ସମରୂପ ବାହ୍ୟ ଓ ଆନ୍ତର ଅବସ୍ଥା ଭିତରେ ଏକ ସଂଯୋଗ ସ୍ଥାପିତ ହୁଏ ... ଏହା ଠିକ୍ 'ବାହ୍ୟ' ନୁହେଁ କିନ୍ତୁ ବ୍ୟକ୍ତି ପାଇଁ ଏହା ବାହ୍ୟ । ଅର୍ଥାତ୍ ଦେହର କୋଷାଣୁଗୁଡ଼ିକ ସେମାନଙ୍କର ଆଭ୍ୟନ୍ତରୀଣ ଗଠନରେ ସମଗ୍ରର ଅନୁରୂପ ଗଠନର ଅବସ୍ଥାରୁ ସ୍ପନ୍ଦନ ଗ୍ରହଣ କରନ୍ତି । ପ୍ରତ୍ୟେକଟି କୋଷାଣୁ ଭିନ୍ନ ଭିନ୍ନ ଦୀପ୍ତି ନେଇ ଗଠିତ ହୋଇଥାଏ ଯାହାର ରହିଥାଏ ଏକ ପୂର୍ଣ୍ଣ ଜ୍ୟୋତିର୍ମୟ କେନ୍ଦ୍ର; ଏବଂ ଜ୍ୟୋତିଃ ସହିତ ଜ୍ୟୋତିଃର ସଂଯୋଗ ସ୍ଥାପିତ ହୋଇଥାଏ । ଅର୍ଥାତ୍ ସଂକଳ୍ପ-ଶକ୍ତି ସେହି କେନ୍ଦ୍ରୀୟ ଜ୍ୟୋତିଃ ତାହାର ଅନୁରୂପ ବା ତାହା ସହ ମେଳ ଥିବା ଜ୍ୟୋତିଃକୁ ସ୍ପର୍ଶ କରି ସତ୍ତା ସହିତ ଆନ୍ତର ସଂଯୋଗ ଦ୍ୱାରା ଦେହର କୋଷାଣୁଗୁଡ଼ିକ ଉପରେ କ୍ରିୟା କରେ । ପିଣ୍ଡର ପ୍ରତ୍ୟେକଟି କୋଷାଣୁ ହେଉଛି ବ୍ରହ୍ମାଣ୍ଡ ବା ସମଗ୍ର ସହ ମେଳ ଖାଉଥିବା ଗୋଟିଏ ଗୋଟିଏ କ୍ଷୁଦ୍ର ଜଗତ୍ ।

୧୫ ଜୁଲାଇ ୧୯୬୮

*

*ପ୍ରଶ୍ନ : ସମୟ ସହିତ ଆସୁଥିବା ଅବକ୍ଷୟକୁ ରୋକିବା ପାଇଁ ଅଗ୍ରଗତିର ସଂକଳ୍ପ କ'ଣ ଯଥେଷ୍ଟ ?*

ଶ୍ରୀମା : ଠିକ୍ ତାହାହିଁ ହେଉଛି ଶରୀରର ରୂପାନ୍ତର : ଦେହର କୋଷାଣୁଗୁଡ଼ିକ କେବଳ ଯେ ସଚେତ ହେବେ, ଖାଲି ସେତିକି ନୁହେଁ, ଯଥାର୍ଥ ଚେତନା-ଶକ୍ତି ପ୍ରତି ସେମାନଙ୍କୁ ଗ୍ରହଣଶୀଳ ହେବାକୁ ହେବ । ଅର୍ଥାତ୍, ଏହି ଉଚ୍ଚତର ଚେତନାକୁ କ୍ରିୟା କରିବା ପାଇଁ ସେମାନଙ୍କୁ ସମ୍ମତି ଦେବାକୁ ହେବ । ତାହାହିଁ ହେଉଛି ରୂପାନ୍ତରର କ୍ରିୟା ।

*ପ୍ରଶ୍ନ : ଏହି ସଂକଳ୍ପଶକ୍ତି, ଏହି କେନ୍ଦ୍ରୀୟ ଜ୍ୟୋତିଃ, ଯାହା ଜଡ଼ ଭୌତିକ ନୁହେଁ, ତାହା କିପରି ଦେହର କୋଷାଣୁଗୁଡ଼ିକର ସ୍ଥୂଳ ଜଡ଼ ଉପରେ କ୍ରିୟା କରିବ ?*

ଶ୍ରୀମା : ଏହା ଯେପରି ଏକ ପ୍ରଶ୍ନ ପଚାରିବା ଭଳି ଯେ ''ସଂକଳ୍ପଶକ୍ତି ଜଡ଼ ପଦାର୍ଥ ଉପରେ କିପରି କ୍ରିୟା କରିବ ?'' ସମସ୍ତ ଜୀବନ ଏହିପରିହିଁ ହୋଇଥାଏ । ତୁମେ ଏହି ପିଲାମାନଙ୍କୁ ଏହା ବ୍ୟାଖ୍ୟା କରି ବୁଝାଇ ଦେବା ଉଚିତ ଯେ ସେମାନଙ୍କର ସମସ୍ତ ଜୀବନ ଓ ଅସ୍ତିତ୍ୱ ହେଉଛି ସଂକଳ୍ପ-ଶକ୍ତିର କ୍ରିୟାର ଫଳ, ଏହି ସଂକଳ୍ପ-ଶକ୍ତି ବିନା ଜଡ଼ ପୂରା ନିଷ୍କ୍ରିୟ ଓ ଅଚଳ ହୋଇ ରହିଥାଆନ୍ତା, ଏବଂ ନିର୍ଦ୍ଦିଷ୍ଟ ଭାବରେ ସତ୍ୟଟି ହେଉଛି ସଂକଳ୍ପ-ଶକ୍ତିର ସ୍ପନ୍ଦନ ଜଡ଼ ଉପରେ କ୍ରିୟା କରିବା ଫଳରେହିଁ ଜୀବନ ସମ୍ଭବ ହୋଇଛି । ତା' ନହେଲେ ଆଦୌ କୌଣସି ଜୀବନ ରହି ନ ଥା'ନ୍ତା । ସେମାନେ ଯଦି ଏକ ବୈଜ୍ଞାନିକ ଉତ୍ତର ଚାହାନ୍ତି ଓ ଜାଣିବାକୁ ଚାହାନ୍ତି କିପରି ଭାବରେ ଏହା କ୍ରିୟା କରେ ତେବେ ତାହା ବୁଝାଇବା ଅଧିକ କଷ୍ଟକର, କିନ୍ତୁ ଏହାହିଁ ହେଉଛି ତଥ୍ୟ ଏବଂ ଏହାର ସତ୍ୟ ପ୍ରତିମୁହୂର୍ତ୍ତରେ ଦେଖିବାକୁ ମିଳେ ।

୨୦ ଜୁଲାଇ ୧୯୬୮

*

*ପ୍ରଶ୍ନ : ଦୈହିକ ସତ୍ତା ସଂପର୍କରେ ଆମେ କିପରି ସଚେତ ହେଉ ?*

ଶ୍ରୀମା : ମାନବସମାଜ, ପ୍ରାୟ ସମଗ୍ର ମାନବସମାଜ କେବଳ ଏହି ଦୈହିକ ସତ୍ତା ସଂପର୍କରେହିଁ ସଚେତ । ଶିକ୍ଷା ଫଳରେ, ଯେଉଁ ଲୋକମାନେ ନିଜର ପ୍ରାଣିକ ଓ ମାନସିକ ସତ୍ତା ସଂପର୍କରେ ସଚେତ, ସେମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଆଉ ଯେଉଁ ବ୍ୟକ୍ତିମାନେ ନିଜର ଚୈତ୍ୟସତ୍ତା ସଂପର୍କରେ ସଚେତ, ସେମାନଙ୍କର ସଂଖ୍ୟା ଅପେକ୍ଷାକୃତ ଅତି କମ୍ ।

ତୁମେ ଯଦି ଏହି ଅର୍ଥରେ ପଚାରୁଥାଅ ଯେ ''ଜଣେ କିପରି ଦୈହିକ ସତ୍ତାର ଚେତନାକୁ ଜାଗ୍ରତ କରେ ?'' ତେବେ ତାହାହିଁ ହେଉଛି ନିର୍ଦ୍ଦିଷ୍ଟ ଭାବରେ ଶାରୀରିକ ଶିକ୍ଷାର ଲକ୍ଷ୍ୟ ।

ଶାରୀରିକ ଶିକ୍ଷାହିଁ ଦେହର କୋଷାଣୁଗୁଡ଼ିକୁ ସଚେତ ହେବା ପାଇଁ ଶିକ୍ଷା ଦିଏ । କିନ୍ତୁ ମସ୍ତିଷ୍କର ବିକାଶ ପାଇଁ ଆବଶ୍ୟକ ହେଉଛି ଅଧ୍ୟୟନ, ପର୍ଯ୍ୟବେକ୍ଷଣ, ବୁଦ୍ଧିମତ୍ତା ଶିକ୍ଷା, ସର୍ବୋପରି ପର୍ଯ୍ୟବେକ୍ଷଣ ଓ ଯୁକ୍ତିବୁଦ୍ଧି । ଏବଂ ସ୍ୱାଭାବିକ ଭାବରେ ସ୍ୱଭାବ ଓ ଚରିତ୍ରର ଦୃଷ୍ଟିକୋଣରୁ ଚେତନାର ସମଗ୍ର ଶିକ୍ଷା ପାଇଁ ଆବଶ୍ୟକ ହେଉଛି ଯୋଗ ।

*ପ୍ରଶ୍ନ : ଦୈହିକ ସତ୍ତାର କେନ୍ଦ୍ରୀୟ ସଂକଳ୍ପ ପାଇଁ ଶରୀରରେ କୌଣସି ଏକ ବିଶେଷ ସ୍ଥାନ ଅଛି କି ?*

ଶ୍ରୀମା : ଏହା ହେଉଛି ମସ୍ତିଷ୍କ ।

*ପ୍ରଶ୍ନ : ମରିବା ବିନା ଜଣେ କ'ଣ ମୃତ୍ୟୁର ଅନୁଭୂତି ପାଇ ପାରିବ ?*

ଶ୍ରୀମା : ନିଶ୍ଚୟ । ଜଣେ ଯୋଗ ଦ୍ୱାରା ମୃତ୍ୟୁର ଅନୁଭୂତି ପାଇପାରେ; ଏପରିକି ଜଣେ ଏହା ପୂରା ସ୍ଥୂଳ ଭୌତିକ ଭାବରେ ପାଇପାରେ ଯଦି ସେହି ସମୟ ଯଥେଷ୍ଟ ସଂକ୍ଷିପ୍ତ ହୋଇଥାଏ, ଯାହା ଫଳରେ ଡାକ୍ତରମାନେ ତୁମକୁ ମୃତ ବୋଲି ଘୋଷଣା କରିବାକୁ ସମୟ ପାଇବେ ନାହିଁ ।

*ପ୍ରଶ୍ନ : ମୃତ୍ୟୁ ପରେ, ସତ୍ତାର କେଉଁ ଅଂଶଟି ସଚେତ ହୁଏ ସେ ମୃତ ବୋଲି ?*

ଶ୍ରୀମା : ସତ୍ତାର ଯେକୌଣସି ଅଂଶ ଯାହାର ମୃତ୍ୟୁ ହୋଇ ନଥାଏ ତାହା ସଚେତ ହୋଇପାରେ ଯେ ଶରୀର ଆଉ ଜୀବିତ ହୋଇ ରହି ନାହିଁ । ଏହା ନିର୍ଭର କରେ ।

*ପ୍ରଶ୍ନ : ଜଣେ କିପରି ନିଶ୍ଚିତ ଭାବରେ କହିପାରେ ଯେ ଦୈହିକ ଶରୀରର ମୃତ୍ୟୁ ଘଟିଛି ?*

ଶ୍ରୀମା : ଯେତେବେଳେ କେବଳ ଏହା ପଚିବାକୁ ଆରମ୍ଭ କରେ ।

*ପ୍ରଶ୍ନ : ଜଣେ କିପରି କ୍ଷୟର ପ୍ରକ୍ରିୟାକୁ ରୋକି ପାରିବ ବା ଆୟତ୍ତ କରିପାରିବ ?*

ଶ୍ରୀମା : ଯତ୍ନର ସହିତ ଶାରୀରିକ ଭାରସାମ୍ୟକୁ ବଜାୟ ରଖିବା ଦ୍ୱାରା ।

*ପ୍ରଶ୍ନ : ଜଣେ ଯେତେବେଳେ ମୃତ୍ୟୁ ଭୋଗ କରେ ସେତେବେଳେ ସେ କ'ଣ ନିଶ୍ଚିତ ଭାବରେ ଦୈହିକ ଯନ୍ତ୍ରଣା ଭୋଗ କରେ ?*

ଶ୍ରୀମା : ତାହା ଅପରିହାର୍ଯ୍ୟ ନୁହେଁ ।

୨୮ ସେପ୍‌ଟେମ୍ବର ୧୯୬୮

*

*ପ୍ରଶ୍ନ : ମୃତ୍ୟୁର ପ୍ରକ୍ରିୟାକୁ ରୋକିବା ପାଇଁ ଆମ ଦୈନନ୍ଦିନ ଜୀବନରେ କ'ଣ କରିବା ଉଚିତ ?*

ଶ୍ରୀମା : ପଦ୍ଧତିଟି ହେଉଛି ଶରୀରରୁ ନିଜର ଚେତନାକୁ ପୃଥକ୍ କରିବା ଏବଂ ଗଭୀରତର ଜୀବନ ଉପରେ ଏହାକୁ ଏକାଗ୍ର କରିବା, ଯାହାଫଳରେ ଏହି ଗଭୀର ଚେତନାକୁ ଶରୀର ଭିତରକୁ ନେଇଆଣି ହେବ ।

*ପ୍ରଶ୍ନ : ଯଦି 'ମୁଁ'ବୋଧଟି ନିଜକୁ ଜୀବନରେ ମନ ସହିତ ଅଧିକ ଏକାତ୍ମ କରିଥାଏ, ଏହା କ'ଣ ସେହି 'ମୁଁ' ବୋଧ ଯାହାର କି ମୃତ୍ୟୁ ପର ସମସ୍ତ ଅନୁଭୂତି ହୋଇଥାଏ, ଅର୍ଥାତ୍, ତାହା ସେହି ଏକ ସମୟରେ ଜୀବନର ସ୍ମୃତିକୁ ବଜାୟ ରଖିଥାଏ ? ମୁଁ ମନ ସଂପର୍କରେ ଏହି ପ୍ରଶ୍ନଟି ପଚାରୁଛି, କାରଣ ମୃତ୍ୟୁ ପରେ ଅନ୍ୟାନ୍ୟ ଅଂଶ ଅପେକ୍ଷା ଏହା ଆଉ ଟିକେ ଅଧିକ କାଳ ପାଇଁ ସଂଗଠିତ ହୋଇ ରହିଥାଏ ।*

ଶ୍ରୀମା : ମନ ଯେ ଅଧିକ କାଳ ସ୍ଥାୟୀ ରୁହେ, ଏହା ସତ୍ୟ ନୁହେଁ । ଚୈତ୍ୟ-ଚେତନା ଯାହା ଶରୀରର କ୍ଷୁଦ୍ର ଅଂଶ ସହ ନିଜକୁ ଏକ କରିଥାଏ, ମୃତ୍ୟୁ କାଳରେ ତାହା ଏହି କ୍ଷୁଦ୍ର ଦୈହିକ ବ୍ୟକ୍ତିସତ୍ତାଟିକୁ ତ୍ୟାଗ କରିଦିଏ । ଏହି ଚେତନା ଯେଭଳି ଭାବରେ ଜୀବନକୁ ଯେତେଦୂର ଗଠିତ କରିଥାଏ, ସେହି ଅନୁପାତରେ ତାହା ସ୍ମରଣ ରଖିଥାଏ ଯେ ସେ କ'ଣ ଓ କିପରି ଭାବରେ ତାହାକୁ ଗଠନ କରିଛି, ଏବଂ ଘଟଣାଗୁଡ଼ିକରେ ସେହି ସ୍ମୃତି ଚୈତ୍ୟ-ଚେତନା ସହ ଘନିଷ୍ଠ ଭାବରେ ଯୁକ୍ତହୋଇ ରହିଥାଏ । ଯେଉଁସବୁ ଘଟଣାରେ ଚୈତ୍ୟ-ଚେତନା ଭାଗ ନେଇ ନଥାଏ, ସେଗୁଡ଼ିକ ସଂପର୍କରେ କୌଣସି ସ୍ମରଣ ରହେ ନାହିଁ । କେବଳ ଚୈତ୍ୟ-ଚେତନାହିଁ ବଜାୟ ରହିଚାଲେ; ସ୍ମୃତିଗୁଡ଼ିକୁ ମନ ଧରି ରଖିପାରେ ନାହିଁ, ଏହି ଧାରଣା ପୂରାପୂରି ଭୁଲ୍ ।

୧ ଫେବ୍ରୁଆରି ୧୯୬୯

(*କିଛିଦିନ ପରେ ଏହି ଛାତ୍ରଟି ସଂପର୍କରେ ଶିକ୍ଷକଙ୍କ ସହ କଥାବାର୍ତ୍ତା ବେଳେ ମା' ଏହି ଆଲୋଚନାର ଉପସଂହାର ରୂପେ କହିଥିଲେ :*)

**ବାସ୍ତବରେ ମୃତ୍ୟୁ ବୋଲି କିଛି ନାହିଁ ।**

(MCW, Vol. 12, pp. 340 - 346)

# ମୃତ୍ୟୁ ଏକ ସମାପ୍ତି ନୁହେଁ
## ଶ୍ରୀଅରବିନ୍ଦ

ସଂସାରରେ ପ୍ରତ୍ୟେକ ଲୋକ ତା'ର ନିଜର ନିୟତିର ଧାରାକୁ ଅନୁସରଣ କରୁଥାଏ ଏବଂ ତାହା ନିର୍ଦ୍ଧାରିତ ହୋଇଥାଏ ନିଜ ନିଜର ପ୍ରକୃତି ଓ କର୍ମ ଅନୁଯାୟୀ – କୌଣସି ଏକ ନିର୍ଦ୍ଦିଷ୍ଟ ଜୀବନରେ ଯାହା ଘଟିଥାଏ ତାହାର ଅର୍ଥ ଓ ଆବଶ୍ୟକତାକୁ କେବେହେଲେ ବୁଝି ହେବ ନାହିଁ ଯଦି ବହୁ ଜୀବନର ସମଗ୍ର ଗତିଧାରାର ଆଲୋକରେ ସେଗୁଡ଼ିକୁ ଦେଖିବା ପାଇଁ ଆମେ ସମର୍ଥ ନହେଉ । ସେହିମାନେ ଏହା ଦେଖିପାରନ୍ତି ଯେଉଁମାନେ ସାଧାରଣ ମନ ଓ ଭାବାନୁଭବକୁ ଅତିକ୍ରମ କରି ଜିନିଷଗୁଡ଼ିକୁ ଏକ ସମଗ୍ର ରୂପରେ ଦେଖନ୍ତି । ଏବଂ ସେମାନେ ଏହା ମଧ୍ୟ ଦେଖିପାରନ୍ତି ଯେ ଏପରିକି ଭୁଲ୍-ତ୍ରୁଟି, ଦୁର୍ଭାଗ୍ୟ ଓ ବିପଦ-ବିପର୍ଯ୍ୟୟ ମଧ୍ୟ ଏହି ଯାତ୍ରାପଥରେ କେତେକ ସୋପାନ ମାତ୍ର, ଏବଂ ଏହିଗୁଡ଼ିକ ଭିତର ଦେଇ ଓ ଏଗୁଡ଼ିକୁ ଅତିକ୍ରମ କରି ନିଜ ଗତିପଥରେ ଆଗେଇଯିବା ବେଳେ ଆତ୍ମା ତା'ର ଅନୁଭୂତି ସଂଚୟ କରିଚାଲିଥାଏ, ଯେତେବେଳେ କି ଶେଷରେ ଏହା ସେହି ପରିବର୍ତ୍ତନ ବା ଅବସ୍ଥାନ୍ତରରେ ପହଞ୍ଚିବା ପାଇଁ ପ୍ରସ୍ତୁତ ହୋଇଯାଏ ଯାହା ଏଗୁଡ଼ିକୁ ଅତିକ୍ରମ କରାଇ ତାହାକୁ ନେଇଯିବ ଏକ ଉଚ୍ଚତର ଚେତନା ଓ ଉଚ୍ଚତର ଜୀବନ ଭିତରକୁ । ଯେତେବେଳେ ଜଣେ ସେହି ସୀମାନ୍ତ ରେଖାରେ ଆସି ପହଞ୍ଚିଯାଏ, ସେତେବେଳେ ତାହାକୁ ସେହି ସମସ୍ତ ପୁରାତନ ମନ ଓ ଭାବାନୁଭବଗୁଡ଼ିକୁ ପଛରେ ଛାଡ଼ି ଆସିବାକୁ ହୋଇଥାଏ । ଯେଉଁମାନେ ତଥାପି ସାଧାରଣ ସଂସାରର ସୁଖ-ଦୁଃଖରେ ଲିପ୍ତ ଓ ଜଡ଼ିତ ହୋଇ ରହିଥା'ନ୍ତି, ସେମାନଙ୍କୁ ସେ ଏକ ସହାନୁଭୂତି-ସଂପନ୍ନ ଦୃଷ୍ଟିରେ, ଏବଂ ଯେଉଁଠି ସମ୍ଭବ ହୁଏ ଏକ ଆଧ୍ୟାତ୍ମିକ ସହାୟତାର ଭାବ ନେଇ ଦେଖିଥାଏ, କିନ୍ତୁ ସେଥିପ୍ରତି ତା'ର କୌଣସି ଆସକ୍ତିର ଭାବ ନଥାଏ । ସେତେବେଳେ ସେ ଏହି ଶିକ୍ଷା ଲାଭ କରିଥାଏ ଯେ ସେମାନଙ୍କର ସମସ୍ତ ଭୁଲ୍, ଭ୍ରାନ୍ତି ଓ ଝୁଣ୍ଟିପଡ଼ିବା ଭିତର ଦେଇ ସେମାନଙ୍କୁ ବାଟ କଢ଼ାଇ ଆଗେଇ ନିଆଯାଉଛି ଓ ସେମାନଙ୍କ ପାଇଁ ଯାହା ସର୍ବୋତ୍ତମ ତାହା କରିବାର ଭାର ପୂର୍ଣ୍ଣ ଭରସାର ସହ ସେ, ସେହି ବିଶ୍ୱଶକ୍ତି ଉପରେ ଛାଡ଼ି ଦେଇଥାଏ ଯେକି ସେମାନଙ୍କ ଜୀବନ ଓ ଅସ୍ତିତ୍ୱ ଉପରେ ଦୃଷ୍ଟି ରଖିଛନ୍ତି ଓ ସହାୟତା କରୁଛନ୍ତି । କିନ୍ତୁ ଯେଉଁ ଗୋଟିଏ ଜିନିଷ ଆମ ପାଇଁ ପ୍ରକୃତରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ମହତ୍ତର ଦିବ୍ୟ-ଆଲୋକ ଭିତରେ ପ୍ରବେଶ କରିବା ଓ ଭଗବାନଙ୍କ ସଙ୍ଗେ ମିଳିତ ହେବା – କେବଳ ଭଗବାନଙ୍କ ଅଭିମୁଖୀ ହୋଇ ରହିବା ଓ ତାଙ୍କରି ଉପରେହିଁ ସମସ୍ତ ଆସ୍ଥା ଓ ଭରସା ରଖିବା, ତାହା ଆମ ପାଇଁ ହେଉ ବା ଅନ୍ୟମାନଙ୍କ ପାଇଁ ହେଉ ।

*

ଏହା ଅତ୍ୟନ୍ତ ଜଟିଳ ଓ କଠିନ ଏକ ପ୍ରଶ୍ନ ଏବଂ ଅଳ୍ପ କେଇଟି ଶବ୍ଦରେ ଏହାର ଉତ୍ତର ଦେବା ସହଜସାଧ୍ୟ ନୁହେଁ । ଅଧିକନ୍ତୁ, କାହିଁକି ପ୍ରଥମେ ଏହିସବୁ ଘନିଷ୍ଠ ଆନ୍ତରିକ ସଂପର୍କ ସ୍ଥାପିତ ହୁଏ ଓ ତା'ପରେ ମୃତ୍ୟୁ ଦ୍ୱାରା ଶାରୀରିକ ବିଚ୍ଛେଦ ଘଟେ, ସେସଂପର୍କରେ କୌଣସି ସାଧାରଣ ନିୟମ ଦେବା ସଂପୂର୍ଣ୍ଣ ଅସମ୍ଭବ – ପ୍ରତ୍ୟେକଟି ଦୃଷ୍ଟାନ୍ତରେ ଭିନ୍ନତା ରହିଛି ଏବଂ ସେମାନଙ୍କ ମିଳନ ଓ ବିଚ୍ଛେଦ ପଛରେ କ'ଣ ରହିଥିଲା ତାହା କହିବାକୁ ହେଲେ ସେହି ବ୍ୟକ୍ତିମାନଙ୍କୁ ଜାଣିବା ଓ ସେମାନଙ୍କ ଅନ୍ତରାତ୍ମାର ଇତିହାସ ସଂପର୍କରେ ପରିଚିତ ହେବା ଆବଶ୍ୟକ । ସାଧାରଣ ଭାବରେ ଏକ ପାର୍ଥିବ ଜୀବନ ହେଉଛି ଆଧ୍ୟାତ୍ମିକ ବିବର୍ତ୍ତନର ଦୀର୍ଘ ଇତିହାସରେ ଏକ ସଂକ୍ଷିପ୍ତ କାହାଣୀ ମାତ୍ର, ଏବଂ ସେହି ବିବର୍ତ୍ତନରେ ଅନ୍ତରାତ୍ମା ପୃଥିବୀ ପାଇଁ ନିର୍ଦ୍ଧାରିତ ରେଖାଚକ୍ରକୁ ଅନୁସରଣ କରିଚାଲିଥାଏ ଏବଂ ତାହାକୁ ପୂରା କରିବା ପାଇଁ ତାହାକୁ ଅନେକଗୁଡ଼ିଏ ଜୀବନ ଭିତର ଦେଇ ଗତି କରିବାକୁ ହୋଇଥାଏ । ଏହା ହେଉଛି ଜଡ଼ ନିଶ୍ଚେତନା ଭିତରୁ ଚେତନା ଭିତରକୁ ଓ ଦିବ୍ୟଚେତନା ଦିଗରେ ଏକ ବିବର୍ତ୍ତନ ଏବଂ ଅଜ୍ଞାନରୁ ଦିବ୍ୟଜ୍ଞାନ ଭିତରକୁ, ଅନ୍ଧକାର ଭିତରୁ ଅର୍ଦ୍ଧ-ଆଲୋକ ଭିତର ଦେଇ ଦିବ୍ୟ-ଆଲୋକ ଭିତରକୁ, ମୃତ୍ୟୁରୁ ଅମରତ୍ୱକୁ ଏବଂ ଦୁଃଖଶୋକ ଭିତରୁ ଦିବ୍ୟ-ଆନନ୍ଦ ଭିତରକୁ ଏକ ବିବର୍ତ୍ତନ । ଦୁଃଖ-ଯାତନା ଆସିଥାଏ ପ୍ରଥମତଃ ଅଜ୍ଞାନତା ଯୋଗୁଁ ଏବଂ ଦ୍ୱିତୀୟତଃ ଦିବ୍ୟଚେତନା ଓ ସତ୍ତାରୁ ବ୍ୟକ୍ତିଚେତନାର ବିଚ୍ଛେଦ ଯୋଗୁଁ, ଏହି ବିଚ୍ଛେଦଟି ସୃଷ୍ଟି ହୋଇଥାଏ ଅଜ୍ଞାନତାର ପ୍ରାଦୁର୍ଭାବ ହେତୁ ଯେତେବେଳେ

ଏହା ଦୂର ହୋଇଯାଏ ଓ ନିଜର ପୃଥକୀଭୂତ କ୍ଷୁଦ୍ର ସଂକୀର୍ଣ୍ଣ ସତ୍ତାରେ ଆଉ ବାସ ନକରି ଜଣେ ଯେତେବେଳେ ଭଗବାନଙ୍କ ଭିତରେ ବାସ କରେ କେବଳ ସେତେବେଳେହିଁ ସମସ୍ତ ଦୁଃଖଦୁର୍ଦ୍ଦଶା ସଂପୂର୍ଣ୍ଣ ରୂପେ ଲୋପ ପାଇଯିବ । ପ୍ରତ୍ୟେକଟି ଅନ୍ତରାତ୍ମା ତାହାର ନିଜର ଗତିରେଖା ଅନୁସରଣ କରୁଥାଏ ଏବଂ ଏହି ରେଖାଗୁଡ଼ିକ ପରସ୍ପରକୁ ଭେଟି ପରସ୍ପର ସହ ମିଳିତ ହୁଅନ୍ତି, କିଛିଦୂର ପର୍ଯ୍ୟନ୍ତ ଏକତ୍ର ଯାତ୍ରା କରନ୍ତି, ଏବଂ ତା'ପରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇଯାଆନ୍ତି, ହୁଏତ ପରେ ପୁଣିଥରେ ମିଳିତ ହେବା ପାଇଁ ଏବଂ ଯାତ୍ରାପଥରେ କୌଣସି ନା କୌଣସି ଭାବରେ ପରସ୍ପରକୁ ସାହାଯ୍ୟ କରିବା ପାଇଁ ପୁଣି ଆଉ ଥରେ ସେମାନେ ମିଳିତ ହୁଅନ୍ତି । ମୃତ୍ୟୁର ପରବର୍ତ୍ତୀ ସମୟ ସଂପର୍କରେ କୁହାଯାଇପାରେ ଯେ ଅନ୍ତରାତ୍ମା ଅସ୍ତିତ୍ୱର ଅନ୍ୟାନ୍ୟ ଭୂମିସବୁ ଭିତରକୁ ଗତି କରେ, ସେଠାରେ କିଛି ସମୟ ପାଇଁ ରୁହେ ଏବଂ ଶେଷରେ ନିଜର ବିଶ୍ରାମସ୍ଥଳୀରେ ପହଞ୍ଚି ଆଉ ଏକ ପାର୍ଥିବ ଜୀବନ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ସେଇଠାରେହିଁ ରହି ବିଶ୍ରାମ ନିଏ । ଏହାହିଁ ହେଉଛି ସାଧାରଣ ନିୟମ; କିନ୍ତୁ ଶରୀର ଗ୍ରହଣ କରିଥିବା ଆତ୍ମାମାନଙ୍କ ସଂପର୍କରେ କୁହାଯାଇପାରେ ଯେ ଏହା ହେଉଛି ଦୁଇଜଣଙ୍କର ବ୍ୟକ୍ତିଗତ ବିବର୍ତ୍ତନର ବିଷୟ, ଯାହା ଉପରେ ସାଧାରଣ ଭାବରେ କିଛି କହିହେବ ନାହିଁ, କାରଣ ଏହା ହେଉଛି ସେହି ଦୁଇଜଣଙ୍କ ଅନ୍ତରାତ୍ମାର ଅନ୍ତରଙ୍ଗ କାହାଣୀର ବିଷୟ ଏବଂ ସେସଂପର୍କରେ ଜାଣିବା ପାଇଁ ବ୍ୟକ୍ତିଗତ ଜ୍ଞାନର ପ୍ରୟୋଜନ ରହିଛି । ମୁଁ କେବଳ ଏତିକି କହିପାରିବି, କିନ୍ତୁ ମୁଁ ଜାଣେନା ଏହା ଉକ୍ତ ମହିଳାଙ୍କ ପାଇଁ କେତେଦୂର ସାହାଯ୍ୟକାରୀ ହୋଇପାରିବ, କାରଣ ସାଧାରଣତଃ ଏହି ଜିନିଷଗୁଡ଼ିକ ସାହାଯ୍ୟକାରୀ ହୋଇଥାଏ କେବଳ ଯେତେବେଳେ ଜଣେ ସେହି ଚେତନା ଭିତରକୁ ପ୍ରବେଶ କରିଥାଏ ଯେଉଁଥିରେ ଏଗୁଡ଼ିକ କେବଳ ଧାରଣା ମାତ୍ର ହୋଇ ନରହି ବାସ୍ତବତାର ରୂପ ଗ୍ରହଣ କରିଥାଏ । ସେତେବେଳେ ଜଣେ ଆଉ ଶୋକ କରେ ନାହିଁ, କାରଣ ସେ ସତ୍ୟ ଭିତରେ ପ୍ରବେଶ କରି ସାରିଥାଏ ଓ ସତ୍ୟ ଆଣିଦିଏ ସ୍ଥିରତା ଓ ଶାନ୍ତି ।

*

ତୁମ ସ୍ତ୍ରୀଙ୍କର ଦାରୁଣ ମୃତ୍ୟୁ ତୁମକୁ କେତେ ଆଘାତ ଦେଇଥିବ ତାହା ମୁଁ ବୁଝିପାରୁଛି । କିନ୍ତୁ ତୁମେ ବର୍ତ୍ତମାନ ଦିବ୍ୟସତ୍ୟର ସନ୍ଧାନ କରୁଥିବା ଏକ ସାଧକ ଏବଂ ମନୁଷ୍ୟମାନଙ୍କ ସାଧାରଣ ପ୍ରତିକ୍ରିୟାର ଉପରକୁ ଉଠିଯିବା ପାଇଁ ତୁମ ମନକୁ ସ୍ଥିର ରଖିବାକୁ ହେବ ଓ ଜିନିଷଗୁଡ଼ିକୁ ଏକ ବିଶାଳତର ଓ ମହତ୍ତର ଆଲୋକରେ ଦେଖିବାକୁ ହେବ । ଯେଉଁ ସ୍ତ୍ରୀଙ୍କୁ ହରାଇଛ, ତାଙ୍କୁ ଏହି ଦୃଷ୍ଟିରେ ଦେଖ ଯେ ଏଠାରେ ଅନ୍ୟ ସମସ୍ତଙ୍କ ପରି ଅଜ୍ଞାନମୟ ଜୀବନର ନାନା ବିପଦ ଓ ବିପର୍ଯ୍ୟୟ ଭିତର ଦେଇ ଅଗ୍ରସର ହେଉଥିବା ସେ ଏକ ଆତ୍ମା । ସେହି ଅଗ୍ରଗତି ପଥରେ ଏପରିସବୁ ଘଟଣା ଘଟେ ଯାହାକି ମନୁଷ୍ୟର ମନ ପାଇଁ ଲାଗେ ଏକ ଦୁର୍ଭାଗ୍ୟ ବୋଲି । ଏବଂ ଆମ ଜାଗତିକ ଅନୁଭୂତିର ଏହି ସ୍ୱଳ୍ପ ମିଆଦ ଯାହାକୁ ଆମେ ଜୀବନ ବୋଲି କହୁ, ତାହା ଯେତେବେଳେ କୌଣସି ହଠାତ୍, ଆକସ୍ମିକ ବା ଅସ୍ୱାଭାବିକ ମୃତ୍ୟୁ ଫଳରେ ଅକାଳରେ ସମାପ୍ତ ହୋଇଯାଏ ତାହା ବିଶେଷ ଭାବରେ ବେଦନାଦାୟକ ଓ ଦୁର୍ଭାଗ୍ୟକର ବୋଲି ମନେ ହୁଏ । କିନ୍ତୁ ଯେ ବାହ୍ୟ ରୂପର ପଶ୍ଚାତରେ ଥିବା ସତ୍ୟକୁ ଦେଖିପାରେ ସେ ଜାଣେ ଯେ ଯେଉଁସବୁ ଅନୁଭୂତିର ଧାରା ତାହାକୁ ସେହି ମୋଡ଼ ଦିଗରେ ନେଇ ଯାଉଥାଏ ଯେଉଁଠି ସେ ଅଜ୍ଞାନକୁ ଅତିକ୍ରମ କରି ଆଲୋକରେ ପ୍ରବେଶ କରିବ । ଆତ୍ମାର ସେହି ଅଗ୍ରଗତି ପଥରେ ଯାହାକିଛି ଘଟେ, ତାହାର ଏକ ଅର୍ଥ ରହିଛି, ଏକ ପ୍ରୟୋଜନ ରହିଛି ଓ ଏକ ସ୍ଥାନ ରହିଛି । ସେ ଜାଣେ ଯେ ଭଗବାନଙ୍କ ବିଧାନରେ ଯାହାକିଛି ଘଟେ ତାହା ସବୁଠାରୁ ଭଲ ନିମନ୍ତେହିଁ ଘଟିଥାଏ, ଯଦିଓ ମନ ପାଇଁ ତାହା ସଂପୂର୍ଣ୍ଣ ଭିନ୍ନ ବୋଲି ପ୍ରତୀତ ହୋଇପାରେ । ତୁମ ସ୍ତ୍ରୀଙ୍କୁ ଏକ ଆତ୍ମା ରୂପରେହିଁ ଦେଖ ଯେକି ଅସ୍ତିତ୍ୱର ଦୁଇଟି ଅବସ୍ଥା ଭିତରେ ଥିବା ବ୍ୟବଧାନର ପ୍ରତିବନ୍ଧକକୁ ପାର ହୋଇ ଯାଇଛନ୍ତି । ତାଙ୍କ ନିଜର ବିଶ୍ରାନ୍ତିସ୍ଥଳ ଅଭିମୁଖରେ ତାଙ୍କର ଯାତ୍ରାରେ ତୁମ ନିଜର ସ୍ଥିର ଶାନ୍ତ ଭାବନା ଦ୍ୱାରା ତାଙ୍କୁ ସାହାଯ୍ୟ କର ଏବଂ ସେ ଦିଗରେ ତାଙ୍କୁ ଭଗବାନଙ୍କ ସହାୟତା ମିଳିବା ପାଇଁ ପ୍ରାର୍ଥନା କର । ଦୀର୍ଘ କାଳ ଧରି କରାଯାଉଥିବା ଶୋକ ବିଦାୟୀ ଆତ୍ମାର ଯାତ୍ରାପଥରେ ସାହାଯ୍ୟ ନକରି ବରଂ ସେହି ଯାତ୍ରାକୁ ବିଳମ୍ବିତ କରେ । ନିଜର ବିଚ୍ଛେଦ ଉପରେ ଅଧିକ ଚିନ୍ତା ନକରି, ତୁମ ପତ୍ନୀଙ୍କର ଆଧ୍ୟାତ୍ମିକ ମଙ୍ଗଳ ବିଷୟହିଁ ଚିନ୍ତା କର ।

*

ଯାହା ଘଟିଯାଇଛି, ବର୍ତ୍ତମାନ ତାହାକୁ ଏକ ସ୍ଥିର ଓ

ଶାନ୍ତ ମନ ନେଇ ଗ୍ରହଣ କରିଯିବା ଉଚିତ ଓ ଭାବିବା ଉଚିତ ଯେ ଏହା ନିୟତି-ନିର୍ଦ୍ଧାରିତ ଏବଂ ଜୀବନ ପରେ ଜୀବନ ଭିତର ଦେଇ ତାଙ୍କ ଅନ୍ତରାତ୍ମାର ଅଗ୍ରଗତି ପାଇଁ ଏହା ସବୁଠୁ ଉତ୍ତମ, ଯଦିଓ କେବଳ ବର୍ତ୍ତମାନକୁ ଓ ତା'ର ବାହ୍ୟରୂପକୁ ଦେଖିବାରେ ଅଭ୍ୟସ୍ତ ମାନୁଷୀ ଦୃଷ୍ଟି ପାଇଁ ଏହା ସବୁଠୁ ଉତ୍ତମ ବୋଲି ପ୍ରତୀତ ହୁଏ ନାହିଁ । ଆଧ୍ୟାତ୍ମିକ ଜିଜ୍ଞାସୁ ପାଇଁ ମୃତ୍ୟୁ ହେଉଛି ଗୋଟିଏ ଜୀବନରୁ ବିଦାୟ ନେଇ ଆଉ ଏକ ଜୀବନରେ ପ୍ରବେଶ, ଏବଂ କାହାର ମୃତ୍ୟୁ ଘଟେ ନାହିଁ, ନୂତନ ଯାତ୍ରା ପାଇଁ ତାହା ଏକ ବିଦାୟ ମାତ୍ର, ଏକ ପ୍ରୟାଣ ମାତ୍ର । ଘଟଣାଟିକୁ ଏହି ଭାବରେ ଦେଖ ଏବଂ ତୁମ ଭିତରୁ ପ୍ରାଣିକ ଶୋକର ସମସ୍ତ ପ୍ରତିକ୍ରିୟାକୁ ଝାଡ଼ି ଫିଙ୍ଗି ଦିଅ – ସେହି ଶୋକ କେବେହେଲେ ତାଙ୍କର ଯାତ୍ରାରେ କିଛି ସାହାଯ୍ୟ କରିବ ନାହିଁ – ଭଗବାନଙ୍କୁ ପାଇବା ପାଇଁ ନିଜ ପଥକୁ ଦୃଢ଼ ଭାବରେ ଅନୁସରଣ କର ।

*

ନିଶ୍ଚିତ ରୂପେ ତାହାହିଁ ହେଉଛି ବାସ୍ତବ ସତ୍ୟ, ମୃତ୍ୟୁ ହେଉଛି କେବଳ ଶରୀରକୁ ପରିତ୍ୟାଗ କରିବା, ତାହା ବ୍ୟକ୍ତିଗତ ଅସ୍ତିତ୍ୱ ଓ ଜୀବନର ସମାପ୍ତି ନୁହେଁ । କୌଣସି ବ୍ୟକ୍ତି ଯଦି ଅନ୍ୟ ଏକ ଦେଶକୁ ଚାଲିଯାଏ ଓ ସେହି ଦେଶର ଜଳବାୟୁର ଅନୁକୂଳ ନିଜର ପୋଷାକ ପରିବର୍ତ୍ତନ କରେ, ତେବେ ତାହାର ମୃତ୍ୟୁ ହେଲା ବୋଲି ତ କୁହାଯାଏ ନାହିଁ ।

(Bulletin, Nov. 2004, pp. 40 - 42)

*୧. ଲୋକେ ଶରୀର ତ୍ୟାଗ କରିବାକୁ ବାଧ୍ୟ ହୁଅନ୍ତି କାହିଁକି ?*

କାରଣ, ପରମେଶ୍ୱରଙ୍କ ଆଡ଼କୁ ଦିବ୍ୟପ୍ରକୃତି ଯେପରି କ୍ରମାଗତ ଗତି କରିଚାଲିଛି, ସେମାନେ ତାହା ସହିତ ତାଳ ମିଳାଇ ଗତି କରିବାକୁ ଶିକ୍ଷା କରି ନଥା'ନ୍ତି ।

*୨. ଜଣେ ମୃତ ବ୍ୟକ୍ତିର ଶରୀରକୁ ସମ୍ମାନ କରିବା ଉଚିତ କି ? ଯଦି କରିବା ଉଚିତ, ତେବେ କିପରି ?*

ଜୀବନ୍ତ ଓ ମୃତ ସବୁକିଛିକୁ ସମ୍ମାନ କରିବା ଉଚିତ ଏବଂ ଜାଣିରଖିବା ଉଚିତ ଯେ, ସକଳ ବସ୍ତୁ ଦିବ୍ୟ-ଚେତନା ମଧ୍ୟରେ ଅବସ୍ଥାନ କରୁଛନ୍ତି । ଆମର ହୃଦୟରେ ଏବଂ ଆନ୍ତର ଦୃଷ୍ଟିକୋଣରେ ସେହି ସମ୍ମାନବୋଧ ରହିଥିବା ଉଚିତ ।

*୩. ଜଣେ ମୃତ ବ୍ୟକ୍ତିର ଶରୀର ଭିତରେ ପରମେଶ୍ୱର ଅବସ୍ଥିତ ଥାଆନ୍ତି କି ?*

ପରମେଶ୍ୱର **ସର୍ବତ୍ର** ରହିଥା'ନ୍ତି; ଏବଂ ମୁଁ ପୁନର୍ବାର କହିରଖୁଛି ଯେ, ଦିବ୍ୟ ପରମସତ୍ତାଙ୍କ ପାଇଁ ଜୀବିତ ବା ମୃତ ବୋଲି କିଛି ନାହିଁ – ସକଳ ବସ୍ତୁ ଶାଶ୍ୱତ ରୂପେହିଁ ବିଦ୍ୟମାନ ରହିଛନ୍ତି ।

*୪. ବିଦାୟୀ ଆତ୍ମାକୁ ସୁଖୀ ରଖିବା ପାଇଁ ଆମର କ'ଣ କରିବା ଉଚିତ, ଯଦ୍ୱାରା ତାହା ଉତ୍ତମ ପରିବେଶ ମଧ୍ୟରେ, ଉଦାହରଣ ସ୍ୱରୂପ ଏକ ଆଧ୍ୟାତ୍ମିକ ବାତାବରଣରେ ପୁନର୍ବାର ଜନ୍ମ ନେଇପାରିବ ?*

ଦୁଃଖରୁ ମୁକ୍ତ ରହି ଅତ୍ୟନ୍ତ ଶାନ୍ତ ଏବଂ ସ୍ଥିର ରୁହ, ଏବଂ ବିଦାୟୀ ଆତ୍ମାଙ୍କୁ ଶ୍ରଦ୍ଧାର ସହ ସ୍ମରଣ କର ।

... .... ...

*୬. ଏଇ ପରିସ୍ଥିତିରେ ଜଣକୁ କାନ୍ଦିବାରୁ ନିବୃତ୍ତ କରାଯାଇ ପାରିବ କିପରି ?*

ତା'ର ଲୋତକକୁ ବନ୍ଦ କରିବାର ପ୍ରୟାସ କରିବା ପରିବର୍ତ୍ତେ ତୁମେ ତାକୁ ଆନ୍ତରିକତା ସହିତ ଓ ଗଭୀର ଭାବରେ ଭଲ ପାଅ ।

(MCW Vol. 15, p. 121) — ଶ୍ରୀମା

# ଚୈତ୍ୟସତ୍ତାର ଶରୀର ଗ୍ରହଣ

## ଶ୍ରୀମା

*ପ୍ରଶ୍ନ : ଯେତେବେଳେ ଏକ ଚୈତ୍ୟସତ୍ତା ପୃଥିବୀରେ ପ୍ରବେଶ କରି ଜନ୍ମଗ୍ରହଣ କରିବାକୁ ଯାଉଥାଏ; ସେ କ'ଣ ଆଗରୁ ବାଛିନିଏ ସେ କେଉଁ ଶରୀର ଗ୍ରହଣ କରିବ ?*

ଶ୍ରୀମା : ଏହା ଏକ ଆଗ୍ରହଜନକ ପ୍ରଶ୍ନ । ଏହା ଅନେକ ବିଷୟ ଉପରେ ନିର୍ଭର କରେ । ମୁଁ ବର୍ତ୍ତମାନ ତୁମକୁ ଯାହା କହିଲି, ଅନେକ ଚୈତ୍ୟସତ୍ତା ଅଛନ୍ତି ଯେଉଁମାନେ ଗଠିତ ହେବାର ପ୍ରକ୍ରିୟା ଭିତର ଦେଇ ଯାଉଛନ୍ତି, ଅଗ୍ରଗତିର ପଥରେ ରହିଛନ୍ତି, ଏହି ପ୍ରାଥମିକ ଅବସ୍ଥାରେ ସେମାନେ ବିଶେଷ କିଛି ବାଛି ନେଇ ପାରିବେ ନାହିଁ । କିନ୍ତୁ ଯେତେବେଳେ ସେମାନେ ଅଭିବୃଦ୍ଧି ଓ ଚେତନାର ଗୋଟାଏ ଅବସ୍ଥାରେ ପହଞ୍ଚି ପାରିଥାଆନ୍ତି (ସାଧାରଣତଃ ଯେତେବେଳେ ସେମାନେ ଏକ ସ୍ଥୂଳ ଦେହରେ ଥିବା ଅବସ୍ଥାରେ କିଛିଟା ଅନୁଭୂତି ଲାଭ କରିଥାଆନ୍ତି) ସେହି ସମୟରେହିଁ ସେମାନେ ସ୍ଥିର କରିଥାଆନ୍ତି ସେମାନଙ୍କ ଅନୁଭୂତିର ପରବର୍ତ୍ତୀ କ୍ଷେତ୍ର କେଉଁ ଧରଣର ହେବା ଆବଶ୍ୟକ ।

ମୁଁ ତୁମକୁ କେତେକ ବାହ୍ୟ ଉଦାହରଣ ଦେଇପାରେ । ଦୃଷ୍ଟାନ୍ତ ସ୍ୱରୂପ, ଏକ ଚୈତ୍ୟସତ୍ତା କର୍ତ୍ତୃତ୍ୱ ସ୍ଥାପନର, କ୍ଷମତା ଲାଭର ଅନୁଭୂତି ପାଇବା ପାଇଁ ଏକ ଆବଶ୍ୟକତା ଅନୁଭବ କଲା । ସେ ଜାଣିବାକୁ ଚାହିଁଲା ଏଗୁଡ଼ିକ କି ପ୍ରତିକ୍ରିୟା ଆଣିଦିଅନ୍ତି ଓ ଏହି ସମସ୍ତ ଗତିବୃତ୍ତିଗୁଡ଼ିକୁ କିପରି ଭଗବତ୍ ଅଭିମୁଖୀ କରିହେବ । ସେ ବୁଝିବାକୁ ଚାହିଁଲା ଏକ କ୍ଷମତାରୂଢ଼ ଜୀବନ ତୁମକୁ କ'ଣ ଶିକ୍ଷା ଦେଇପାରେ । ତେଣୁ ସେ ଏକ ରାଜା ବା ରାଣୀର ଶରୀର ନେଇ ଜନ୍ମଗ୍ରହଣ କଲା । ଫଳରେ ତାହାର ଗତିବୃତ୍ତିଗୁଡ଼ିକ କିଛିଟା କ୍ଷମତା ଉପଭୋଗ କଲେ ଏବଂ ସେହି ସମୟରେ ସେମାନେ ଏ ସଂପର୍କରେ ନିଜର ଆବଶ୍ୟକ ଅନୁଭୂତି ପାଇଲେ ଓ ଅନୁଭୂତିର କ୍ଷେତ୍ରରେ ଶେଷସୀମା ପର୍ଯ୍ୟନ୍ତ ପହଞ୍ଚିଲେ । ସେମାନେ ଯାହା ଜାଣିବାକୁ ଚାହିଁଥିଲେ ତାହା ଜାଣିଗଲେ । ବର୍ତ୍ତମାନ, ଏହି ଗତିବୃତ୍ତିଗୁଡ଼ିକ ପ୍ରାୟ ଯିବାଯିବା ଅବସ୍ଥାରେ, ସେମାନେ ଗ୍ରହଣ କରିଥିବା ଶରୀର ସେମାନଙ୍କର ଆଉ କୌଣସି କାମରେ ଆସୁ ନାହିଁ; ସେମାନଙ୍କ ପାଇଁ ତାହା ସଂପୂର୍ଣ୍ଣ ଅଦରକାରୀ ଓ ସେତେବେଳେ ସେମାନେ ତାହା ପରିତ୍ୟାଗ କରି ପରବର୍ତ୍ତୀ ଅନୁଭୂତି ପାଇଁ ପ୍ରସ୍ତୁତ ହୁଅନ୍ତି । ବାସ୍, ସେହି ସମୟରେ, ଯେତେବେଳ ଯାଏଁ ଚୈତ୍ୟସତ୍ତା ତଥାପି ଶରୀର ଭିତରେ ରହିଥାଏ, ସେ ଯାହା ଶିକ୍ଷା ଲାଭ କରିଛି ସେଗୁଡ଼ିକୁ ବୁଝି, ମନେରଖି ପରବର୍ତ୍ତୀ ଜନ୍ମ ପାଇଁ ପ୍ରସ୍ତୁତ ହୁଏ । କେତେକ ସମୟରେ ଏହା ହୁଏ ଏକ କ୍ରିୟା ଓ ପ୍ରତିକ୍ରିୟାର ଗତିବୃତ୍ତି, କାରଣ ଏହା ପୂରାପୂରି ଗୋଟିଏ ସମଗ୍ର କ୍ଷେତ୍ରକୁ ଅଧ୍ୟୟନ କରିସାରିଛି ଏବଂ ବର୍ତ୍ତମାନ ତା'ର ପ୍ରୟୋଜନ ହେଉଛି ଏହାର ବିପରୀତ କ୍ଷେତ୍ରଟିକୁ ଅଧ୍ୟୟନ କରିବା । ଏବଂ ଅଧିକାଂଶ ସମୟରେ ଯେଉଁ ଜୀବନଟି ଯାପନ କରିସାରିଛି, ତାହାଠାରୁ ସଂପୂର୍ଣ୍ଣ ଭିନ୍ନ ଏକ ଜୀବନ ସେ ବାଛିନିଏ । ତେଣୁ ଶରୀରତ୍ୟାଗ ପୂର୍ବରୁ ସେ କୁହେ ''ପରବର୍ତ୍ତୀ ସମୟରେ ମୁଁ ଅମୁକ କ୍ଷେତ୍ରରେ ଜନ୍ମଗ୍ରହଣ କରିବି... ।'' ଉଦାହରଣ ସ୍ୱରୂପ ଧରାଯାଉ ଏକ ଚୈତ୍ୟସତ୍ତା ଅଭିବୃଦ୍ଧିର ଏପରି ଏକ ଅବସ୍ଥାରେ ପହଞ୍ଚିଛି ଯେତେବେଳେ ସେ ସ୍ଥୂଳ ଶରୀର ଉପରେ ଏପରି ସବୁ କ୍ରିୟା କରିବାର ସୁଯୋଗ ପାଇବାକୁ ଚାହେଁ ଯାହାଫଳରେ ସେହି ଶରୀର ଭଗବାନଙ୍କ ସଙ୍ଗେ ସଂଯୋଗ ସ୍ଥାପନ ପାଇଁ ଏବଂ ରୂପାନ୍ତର ପାଇଁ ସମର୍ଥ ହେବ ।

ବର୍ତ୍ତମାନ, ଯେଉଁ ଶରୀରକୁ ନେଇ ସେ କର୍ତ୍ତୃତ୍ୱ, କ୍ଷମତା ଓ ସେଇ ଧରଣର କର୍ମରେ ଜୀବନ ବିତାଇଛି ଓ ନିଜର ସେହି ଅଭିବୃଦ୍ଧି ପାଇଁ ଶରୀରକୁ ବ୍ୟବହାର କରିଛି, ସେହି ଶରୀର ତ୍ୟାଗ କରିବାକୁ ପଡ଼ିବ । ସେତେବେଳେ ସେ କହିବ, ''ପରବର୍ତ୍ତୀ ଜୀବନ ପାଇଁ ମୁଁ ଏକ ସାଧାରଣ ପରିବେଶରେ ଜନ୍ମନେବି, ଅତି ନିମ୍ନ ବା ଅତି ଉଚ୍ଚ ଶ୍ରେଣୀର ନୁହେଁ, ଯେଉଁଠି ଏକ ଉଚ୍ଚସ୍ତରୀୟ ବାହ୍ୟ ଜୀବନର ଆବଶ୍ୟକତା ନାହିଁ (ଠିକ୍ କିପରି କୁହାଯିବ ?), ଯେଉଁଠି ବିପୁଳ କ୍ଷମତାର ଅଧିକାରୀ ହେବାକୁ ପଡ଼ିବ ନାହିଁ ବା ଅତ୍ୟନ୍ତ ଦୁଃଖ-ଦୁର୍ଦ୍ଦଶା ଭିତରେ ଜୀବନ କଟାଇବାକୁ ପଡ଼ିବ ନାହିଁ – ଏକ ମଝିମଝିଆ ପୂରା ସାଧାରଣ ଜୀବନ ।'' ପରଜନ୍ମ ପାଇଁ ସେ ଏହିପରି ଜୀବନଟିଏହିଁ ବାଛିବ । ମୃତ୍ୟୁ ପରେ ସେ ନିଜ ଚୈତ୍ୟଜଗତକୁ

ଫେରିଆସେ ଆବଶ୍ୟକ ବିଶ୍ରାମ ପାଇଁ ଓ ବିଗତ ଜୀବନରେ ଲାଭ କରିଥିବା ଅନୁଭୂତିଗୁଡ଼ିକୁ ଆତ୍ମସ୍ଥ କରିବା ପାଇଁ ଏବଂ ଭବିଷ୍ୟତ୍ ଅନୁଭୂତିଗୁଡ଼ିକ ଲାଗି ପ୍ରସ୍ତୁତି ପାଇଁ । ସେତେବେଳେ ଏହା ସ୍ୱାଭାବିକ ଭାବରେ ନିଜର ନିର୍ବାଚନକୁ ସ୍ମରଣ କରେ ଏବଂ ପୁଣିଥରେ ଇହଜୀବନକୁ ଫେରି ଆସିବା ପୂର୍ବରୁ, ଯେତେବେଳେ ଏହାର ଆତ୍ମୀଭୂତ ହେବାର କାମଟି ଶେଷ ହୋଇ ଯାଇଥାଏ, ଯେତେବେଳେ ପୃଥିବୀକୁ ଫେରି ଆସିବା ପାଇଁ ସମୟ ହୋଇ ଯାଇଥାଏ, ସେତେବେଳେ ଏହା ନିଜର ସେହି ପ୍ରତ୍ୟାବର୍ତ୍ତନ କାମଟିରେ ଲାଗିଯାଏ ।

ଆମେ ଏଠାରେ ସ୍ଥୂଳ ଜିନିଷଗୁଡ଼ିକୁ ଯେପରି ଭାବରେ ଦେଖୁଛୁ, ଚୈତ୍ୟ ଜଗତରୁ ସେ ସେଗୁଡ଼ିକୁ ସେପରି ଭାବରେ ଦେଖିପାରେ ନାହିଁ । ତା' ଆଗରେ ଏଗୁଡ଼ିକ ଭିନ୍ନ ରୂପରେ ଦେଖାଯାଏ । ତଥାପି ଏଠାରେ ଯେଉଁସବୁ ପାର୍ଥକ୍ୟ ବା ବିଭିନ୍ନତା ରହିଛି, ପରିବେଶର ପାର୍ଥକ୍ୟ, ସେହି ପରିବେଶ ସବୁ ଭିତରେ ହେଉଥିବା କ୍ରିୟାକର୍ମର ପାର୍ଥକ୍ୟ, ସେଗୁଡ଼ିକ ତା' ଆଗରେ ବେଶ୍ ସ୍ପଷ୍ଟରୂପେ ଦେଖା ଯାଇଥାଏ । ତାହାର ଏକ ସୂକ୍ଷ୍ମଦର୍ଶନ ହୋଇପାରେ ଯାହାକି ସାମଗ୍ରିକ ବା ପୃଥିବୀବ୍ୟାପୀ । ସେତେବେଳେ ସେ ବାଛିନେବାର କାମଟି କରିପାରେ । କେତେକ ସମୟରେ ଏହା କେଉଁ ଦେଶରେ ଜନ୍ମନେବ ତାହା ବାଛିଥାଏ, ଯେତେବେଳେ ଏହା ଏକ ନିର୍ଦ୍ଦିଷ୍ଟ ଧରଣର ଶିକ୍ଷା, ସଭ୍ୟତା ଓ ପ୍ରଭାବ ଆଦି ଚାହୁଁଥାଏ, ସେତେବେଳେ ସେ ଜନ୍ମନେବା ପୂର୍ବରୁ ସେଥିପାଇଁ ସେହି ଧରଣର ଉପଯୁକ୍ତ ଦେଶ ନିର୍ବାଚନ କରିପାରେ । କେତେକ ସମୟରେ ଏହା ଏପରି କରିପାରେ ନାହିଁ, କେତେକ ସମୟରେ ଏହା କେବଳ ଏକ ପରିବେଶ ଏବଂ ସେହି ପରିବେଶରେ କେଉଁ ଧରଣର ଜୀବନ ଯାପନ କରିବ, ତାହାହିଁ ବାଛିଥାଏ । ଏବଂ ଏହି ପୃଥିବୀ ଉପରକୁ ଓହ୍ଲାଇ ଆସିବା ପୂର୍ବରୁ, ଊର୍ଦ୍ଧ୍ୱରୁ ସେହି ଚୈତ୍ୟ-ଜଗତରେ ଏହା ଖୋଜୁଥାଏ ନିଜେ ଚାହୁଁଥିବା ସ୍ପନ୍ଦନସବୁ କେଉଁଠି ମିଳିବ ତାହା ଦେଖିବା ପାଇଁ, ଏବଂ ସେ ତାହା ସ୍ପଷ୍ଟ ଦେଖିପାରେ । ତା'ର ଲକ୍ଷ୍ୟ ରହିଥାଏ ଯେଉଁ ସ୍ଥାନରେ ଏହା ଓହ୍ଲାଇବ ତାହା ଖୋଜି ବାହାର କରିବା । କିନ୍ତୁ ପ୍ରକୃତରେ ଯାହା ଘଟେ ଏହା ତାହାର ଏକ ପାଖାପାଖି ବର୍ଣ୍ଣନା । କାରଣ ଏଥିପାଇଁ ଆଉ ଏକ ଅବସ୍ଥାର ପ୍ରୟୋଜନ ରହିଥାଏ, କେବଳ ଊର୍ଦ୍ଧ୍ୱରୁ ବାଛିଦେଲେ ଚଳିବ ନାହିଁ, ନିମ୍ନରୁ ମଧ୍ୟ ଏକ ଗ୍ରହଣଶୀଳତା ଓ ଅଭୀପ୍ସା ରହିଥିବା ଆବଶ୍ୟକ । ଚୈତ୍ୟସତ୍ତା ବାଛିଥିବା ପରିବେଶ ଭିତରେ ଏପରି କେହି ରହିଥିବା ଆବଶ୍ୟକ ଯେ ଏଥିପାଇଁ ଗ୍ରହଣଶୀଳ ଥିବେ । ସାଧାରଣତଃ ମାତା ତରଫରୁ ଏହା ହୋଇଥାଏ (କେତେକ ସମୟରେ ଉଭୟ ମାତା-ପିତା, କିନ୍ତୁ ମାତାର ଭୂମିକା ପୂରା ଅପରିହାର୍ଯ୍ୟ) । ମାତାର ଏକ ଅଭୀପ୍ସା ଓ ଗ୍ରହଣଶୀଳତା ରହିଥିବା ଆବଶ୍ୟକ, ଏପରି କିଛି ରହିଥିବା ଆବଶ୍ୟକ ଯାହାକି ଯଥେଷ୍ଟ ଭାବରେ ଅପ୍ରତିରୋଧୀ ଏବଂ ଉନ୍ମୋଚିତ ବା ଯାହାର ଉଚ୍ଚତର କିଛି ନିମନ୍ତେ ସଚେତ ଅଭୀପ୍ସା ରହିଛି । ଏବଂ ତାହାହିଁ ଚୈତ୍ୟସତ୍ତା ନିମନ୍ତେ ଏକ ଛୋଟ ଆଲୋକ ଜଳିଉଠିବାର ସଂକେତ ଦେଇଥାଏ । ଯେଉଁ ପରିବେଶରେ ଏହା ଜନ୍ମ ନେବାକୁ ଚାହୁଁଥାଏ, ତାହାକୁ ପ୍ରତିନିଧିତ୍ୱ କରୁଥିବା ସେହି ଅବସ୍ଥା ଓ ଅଞ୍ଚଳରେ ଯଦି ଚୈତ୍ୟସତ୍ତା ନିଜେ ପ୍ରକ୍ଷେପ କରିଥିବା ସଂକଳ୍ପ ଫଳରେ ଛୋଟ ଆଲୋକଟିଏ ଜଳିଉଠେ, ତା'ହେଲେ ସେ ଜାଣେ ଯେ ସେହିଠାରେହିଁ ତାକୁ ଜନ୍ମ ନେବାକୁ ହେବ ।

ଏହି ପ୍ରକ୍ରିୟାଟି ଆବଶ୍ୟକ । ଏଇଥିଯୋଗୁଁ ମଧ୍ୟ ଜନ୍ମନେବାର ସମୟ ନିର୍ଦ୍ଧାରଣ କ୍ଷେତ୍ରରେ ଦିନ ଓ ମାସର ହିସାବରେ କିଛିଟା ପାର୍ଥକ୍ୟ ଦେଖାଦିଏ, ବର୍ଷର ହିସାବ କ୍ଷେତ୍ରରେ ସମ୍ଭବତଃ ଏତେଟା ପାର୍ଥକ୍ୟ ନଥାଏ । ସେ ଯାହାହେଉ ଏହି ପ୍ରକ୍ରିୟା ଫଳରେ ଏକ ଅନିଶ୍ଚିତତା ସୃଷ୍ଟି ହୁଏ ଏବଂ ସେଇଥିପାଇଁ ଏକ ଚୈତ୍ୟସତ୍ତା କେଉଁ ଶରୀର ଗ୍ରହଣ କରି ଠିକ୍ କେଉଁ ତାରିଖରେ ଜନ୍ମ ହେବ, ଆଗରୁ ତାହା କହିହେବ ନାହିଁ । ସେ କହିପାରିବ ନାହିଁ ଯେ ଅମୁକ ଦିନ, ଅମୁକ ତାରିଖରେ, ଅମୁକ ଘଡ଼ିରେ ମୁଁ ଜନ୍ମଗ୍ରହଣ କରିବି । ତା'ର ପ୍ରୟୋଜନ ଗ୍ରହଣଶୀଳ କୌଣସି ଲୋକର ସଂଧାନ ପାଇବା । ଯେତେବେଳେ ସେ ଏହି ସନ୍ଧାନଟି ପାଇଯାଏ, ସେ ସଙ୍ଗେ ସଙ୍ଗେ ସେଠାକୁ ଓହ୍ଲାଇ ଆସେ । କିନ୍ତୁ ଯାହା ଘଟିଥାଏ, ତାହାର ଏହା ଏକ ଚିତ୍ରକଳ୍ପ, ଠିକ୍ ପୂରାପୂରି ସେପରି ନହେଲେ ମଧ୍ୟ ସେହି ଧରଣର କିଛି ଘଟିଥାଏ । ସେ ନିଜକୁ ଏକ ଅଚେତନ ଭିତରକୁ, ତଳକୁ ନିକ୍ଷେପ କରେ; କାରଣ ଏହି ସ୍ଥୂଳ ଜଗତ୍, ଏପରିକି ମାନବୀୟ ଚେତନା ଯେତେ ଯାହା ହେଲେ ମଧ୍ୟ ଚୈତ୍ୟଚେତନା ତୁଳନାରେ ଅତ୍ୟନ୍ତ ଅଚେତନ । ତେଣୁ ଏହା କ୍ଷିପ୍ର ଗତିରେ ଏକ ଅଚେତନା ଭିତରକୁ ପ୍ରବେଶ କରେ । ମନେହୁଏ ଯେପରିକି ଏହା ମଥା ତଳକୁ କରି ନିପତିତ ହେଲା । ଏହାହିଁ ତାକୁ ସ୍ତବ୍ଧ କରିଦିଏ । ତେଣୁ ସାଧାରଣ

ଭାବରେ ଅତ୍ୟନ୍ତ, ଅତ୍ୟନ୍ତ କ୍ୱଚିତ୍ କେତେକ ବ୍ୟତିକ୍ରମକୁ ଛାଡ଼ିଦେଲେ, ଦୀର୍ଘକାଳଧରି ଏହା କିଛି ଜାଣିପାରେ ନାହିଁ । ଏହା ଆଉ ଜାଣିପାରେ ନାହିଁ କେଉଁଠି ଅଛି, କ'ଣ କରୁଛି, କାହିଁକି ସେଠି ରହିଛି; କୌଣସି ବିଷୟ ସେ ଆଦୌ କିଛି ଜାଣିପାରେ ନାହିଁ । ନିଜକୁ ବ୍ୟକ୍ତ ବା ପ୍ରକାଶ କରିବାରେ ସେ ଖୁବ୍ ଅସୁବିଧା ଅନୁଭବ କରେ । ବିଶେଷ କରି ମସ୍ତିଷ୍କ-ଗଠିତ ହୋଇ ନଥିବା ଏକ ଶିଶୁର ମାଧ୍ୟମରେ ସେ ନିଜକୁ ପ୍ରକାଶ କରି ନପାରିବା ଖୁବ୍ ସ୍ୱାଭାବିକ । କାରଣ ସେତେବେଳେ ମସ୍ତିଷ୍କ ଥାଏ ଏକ ଭ୍ରୂଣ ଅବସ୍ଥାରେ, ତାହା କ୍ୱଚିତ୍ ଗଠିତ ହୋଇଥାଏ, ଏବଂ ନିଜକୁ ପ୍ରକାଶ କରିବାର କୌଣସି ଉପାଦାନ ମଧ୍ୟ ତା'ର ନଥାଏ । ତେଣୁ ନିଜ ଭିତରେ ଏକ ଅସାଧାରଣ ସତ୍ତାକୁ ଧାରଣ କରିଥିଲେ ମଧ୍ୟ, କୌଣସି ଶିଶୁ ପକ୍ଷେ ତାହାକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବା ଅତ୍ୟନ୍ତ କ୍ୱଚିତ୍ ଘଟିଥାଏ । ଏପରି ହୁଏତ ଘଟେ, ଏପରି ଅନେକ ଘଟଣା ଆମେ ଶୁଣିବାକୁ ପାଉ । କିନ୍ତୁ ସାଧାରଣତଃ ଏଥିପାଇଁ କିଛି ସମୟ ଲୋଡ଼ା । କେବଳ ଅତି ଧୀର, ମନ୍ଥର ଭାବରେ ଏହା ନିଜର ନିଦ୍ରାଭିଭୂତ ଅବସ୍ଥାରୁ ଜାଗ୍ରତ ହୁଏ ଓ ସଚେତ ହୁଏ ଯେ ସେ କୌଣସି ବିଶେଷ କାରଣରୁ ସେଠାରେ ରହିଛି ଏବଂ ତାହା ସେ ନିଜେ ବାଛିନେଇଛି । ଏବଂ ପ୍ରାୟଶଃ ଏହି ବିଳମ୍ବଟା ଘଟିଥାଏ ଅତିଶୟ ମାନସିକ ଶିକ୍ଷାର ଯୋଗାଯୋଗ ହେତୁ, ଯାହାକି ସଂପୂର୍ଣ୍ଣ ରୂପେ ତୁମକୁ ଚୈତ୍ୟଚେତନାଠାରୁ ନିବୁଜ କରି ରଖିଥାଏ । ତେଣୁ ଅନେକଗୁଡ଼ିଏ ପରିସ୍ଥିତି, ନାନା ଧରଣର ଘଟଣା ଓ ଆବେଗର ପ୍ରବାହ, ବହୁ ବିଭିନ୍ନ ପ୍ରକାରର ଜିନିଷ ଆବଶ୍ୟକ ହୁଏ, ଯାହାଫଳରେ ତୁମର ଅନ୍ତରର ଦ୍ୱାରଟି ଖୋଲିଯିବ ଏବଂ ତୁମେ ସ୍ମରଣ କରିବାକୁ ଆରମ୍ଭ କରିବ ଯେ ତୁମେ ଆସିଛ ଅନ୍ୟ ଏକ ଜଗତରୁ ଏବଂ ଏକ ସୁନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁହିଁ ତୁମେ ଆସିଛ ।

ନ ହେଲେ, ଯଦି ସବୁକିଛି ସାଧାରଣ ସ୍ୱାଭାବିକ ଭାବରେ ଚାଲନ୍ତା, ତେବେ ଖୁବ୍ ଶୀଘ୍ର, ତୁରନ୍ତ ଏହା ଏକ ସଂଯୋଗ ସ୍ଥାପନ କରିପାରନ୍ତା । ଯଦି ତାହାର ଏପରି କୌଣସି ବ୍ୟକ୍ତିଙ୍କ ସଂଧାନ ପାଇବାର ସୌଭାଗ୍ୟ ହୁଏ ଯାହାଙ୍କର କିଛିଟା ଯଥାର୍ଥ ଜ୍ଞାନ ରହିଛି, ଏବଂ ଏକ ଅଜ୍ଞାନମୟ ଜଗତରେ ବୁଡ଼ିଯିବା ପରିବର୍ତ୍ତେ ସେ ଯଦି ସେହି ଜ୍ଞାନର ଅନୁସରଣ କରନ୍ତା, ତେବେ ସବୁକିଛି ଖୁବ୍ ଦ୍ରୁତ ଗତିରେ ସଂପନ୍ନ ହୋଇପାରନ୍ତା ।

ନ୍ୟାୟ ସଂପର୍କରେ, ଦଣ୍ଡ ଓ ପୁରସ୍କାର ସଂପର୍କରେ ମନୁଷ୍ୟମାନଙ୍କର ଯେଉଁ ଗତାନୁଗତିକ ଧାରଣା ସବୁ ରହିଛି, ଚୈତ୍ୟ-ସଂକଳ୍ପ ଓ ଚୈତ୍ୟ-ଅଭିବୃଦ୍ଧି କ୍ଷେତ୍ରରେ ସେଗୁଡ଼ିକ ଆଦୌ ପ୍ରଯୋଜ୍ୟ ନୁହେଁ । ଏପରି ସବୁ ଧର୍ମ ଓ ଦର୍ଶନ ରହିଛି ଯେଉଁମାନେ ତୁମକୁ ନାନା ପ୍ରକାର କାହାଣୀ ଶୁଣାଇ ଥାଆନ୍ତି, ଯେଉଁଗୁଡ଼ିକ କି ଅତୀନ୍ଦ୍ରିୟ ଅଦୃଶ୍ୟ ଜଗତ୍ ସଂପର୍କରେ କହିବା ବେଳେ ନ୍ୟାୟ ସଂପର୍କରେ ମାନୁଷୀ ଧାରଣାକୁହିଁ ପ୍ରୟୋଗ କରିବା ଛଡ଼ା ଅଧିକ କିଛି ନୁହେଁ । ତେଣୁ ଏଗୁଡ଼ିକ କେବଳ ନିର୍ବୋଧତା । କାରଣ ଯଥାର୍ଥରେ ସତ୍ୟଟି ଆଦୌ ସେପରି ନୁହେଁ । ମନୁଷ୍ୟମାନେ ଦଣ୍ଡ ଓ ପୁରସ୍କାର ସଂପର୍କରେ ଯେଉଁ ଧାରଣା ରଖିଥାଆନ୍ତି ତାହା ସଂପୂର୍ଣ୍ଣ ଉଦ୍ଭଟ । ସେଗୁଡ଼ିକ ଆଦୌ ପ୍ରଯୋଜ୍ୟ ନୁହେଁ, ଆନ୍ତର ସତ୍ୟ ସଂପର୍କରେ ତାହା ଆଦୌ ପ୍ରଯୋଜ୍ୟ ନୁହେଁ । ତେଣୁ ତୁମେ ଯଦି ଥରେ ଯଥାର୍ଥ ଆଧ୍ୟାତ୍ମିକ-ଜଗତରେ ପ୍ରବେଶ କରିବ, ତେବେ ଦେଖିବ ସେଗୁଡ଼ିକ ପ୍ରକୃତରେ ନିର୍ବୋଧତା ମାତ୍ର । କାରଣ ଜିନିଷଗୁଡ଼ିକ ଆଦୌ ସେହିପରି ନୁହନ୍ତି ।

ବହୁଲୋକ ଆସି ମୋତେ କୁହନ୍ତି, ''ମୋର ପୂର୍ବଜନ୍ମରେ ଏପରି କ'ଣ ଦୋଷ କରିଥିଲି ଯେ ମୋତେ ଏ ଜନ୍ମରେ ଏପରି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି, ଏପରିସବୁ ଦୁର୍ଭାଗ୍ୟ ଭିତର ଦେଇ ଯିବାକୁ ପଡୁଛି ?'' ଏବଂ ଅଧିକାଂଶ ସମୟରେ ମୁଁ କହିବାକୁ ବାଧ୍ୟ ହୁଏ ଯେ ''ତୁମେ କ'ଣ ଦେଖିପାରୁ ନାହଁ ଯେ ଏହା ତୁମ ପାଇଁ ଏକ ଆଶୀର୍ବାଦ; ଏକ କୃପା ସ୍ୱରୂପ ହୋଇ ଆସିଛି ? ଏବଂ ସମ୍ଭବତଃ ପୂର୍ବଜନ୍ମରେ ତୁମେ ଏହାହିଁ ପାଇବାକୁ ଚାହିଁଥିଲ, ଯାହାଫଳରେ ତୁମେ ଆହୁରି ଅଧିକ ଅଗ୍ରଗତି କରିପାରିବ ।'' ଏହି ଧରଣର ଏକ ଧାରଣାର ଖୁବ୍ ପ୍ରଚଳନ ରହିଛି, ''ଓଃ, ମୁଁ ଖୁବ୍ ପୀଡ଼ିତ, ଓଃ ମୋର ଶରୀରର ଅବସ୍ଥା ଖୁବ୍ ଖରାପ, ମୁଁ ଖୁବ୍ ଦୁଃଖ, ଯନ୍ତ୍ରଣା ଭୋଗୁଛି; ମୁଁ କି ଦୋଷ କରିଥିଲି ! ପୂର୍ବଜନ୍ମରେ କି ଅପରାଧ କରିଥିଲି ଯେ ଏ ଜନ୍ମରେ... ।'' ଏଗୁଡ଼ିକ କେବଳ ପିଲାଳିଆମି ।

(M.C.W. Cen. Vol. 5, pp.215 - 218)

# ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗ ସମୟରେ

## (ଶ୍ରୀମା'ଙ୍କ ଏକ ଅନୁଭୂତି)

*''ସେ ତାଙ୍କ ଶରୀରରେ ବିପୁଳ ପରିମାଣର ଅତିମାନସ ଶକ୍ତି ପୁଞ୍ଜୀଭୂତ କରିଥିଲେ ... ...''*

୨୦ ଡିସେମ୍ବର ୧୯୭୨ — ଶ୍ରୀମା

ଶ୍ରୀମା : ତୁମର କିଛି ପଚାରିବାର ନାହିଁ ?

*ଶିଷ୍ୟ : ଶ୍ରୀଅରବିନ୍ଦଙ୍କ ସଂପର୍କରେ ମୁଁ ନିଜକୁ ଏକ ପ୍ରଶ୍ନ କରିଥିଲି । ମୁଁ ଜାଣିବାକୁ ଚାହିଁଥିଲି ଯେତେବେଳେ ସେ ଦେହତ୍ୟାଗ କଲେ, ସେତେବେଳେ ସେ ନିର୍ଦ୍ଦିଷ୍ଟ କେଉଁ ସ୍ଥିତିରେ ପହଞ୍ଚିଥିଲେ — ତାହା ରୂପାନ୍ତରର କେଉଁ ନିର୍ଦ୍ଦିଷ୍ଟ ଅବସ୍ଥା ? ଉଦାହରଣ ସ୍ୱରୂପ ଆପଣ ବର୍ତ୍ତମାନ ଯାହା କରୁଛନ୍ତି ଓ ସେହି ସମୟରେ ଯାହା କରୁଥିଲେ ସେହି କାମ ଭିତରେ କ'ଣ ପାର୍ଥକ୍ୟ ?*

ଶ୍ରୀମା : ସେ ତାଙ୍କ ଶରୀର ଭିତରେ ବିପୁଳ ପରିମାଣରେ ଅତିମାନସ ଶକ୍ତିକୁ ପୁଞ୍ଜୀଭୂତ କରିଥିଲେ ଏବଂ ଯେତେବେଳେ ସେ ଦେହତ୍ୟାଗ କଲେ, ସଙ୍ଗେ ସଙ୍ଗେ ... ... ସେ ତାଙ୍କ ଶଯ୍ୟାରେ ଶାୟିତ ହୋଇ ରହିଥିଲେ, ମୁଁ ତାଙ୍କ ପାର୍ଶ୍ୱରେ ଛିଡ଼ା ହୋଇଥିଲି ଏବଂ ଅତି ନିର୍ଦ୍ଦିଷ୍ଟ ଓ ସ୍ପଷ୍ଟ ବୋଧଗମ୍ୟ ଭାବରେ ସେହି ସମସ୍ତ ଅତିମାନସ ଶକ୍ତି ତାଙ୍କ ଶରୀରରୁ ଆସି ମୋ ଶରୀରରେ ପ୍ରବେଶ କଲା, ଏକ ଶକ୍ତିଶାଳୀ ସଂବେଦନ ସହ ତାହା ଏପରି ନିର୍ଦ୍ଦିଷ୍ଟ ଥିଲା ଯେ ମନେ ହେଉଥିଲା ତାହା ପୂରା ଦେଖିହେବ; ଏବଂ ସେହି ପ୍ରବେଶଜନିତ ଘର୍ଷଣ ମୁଁ ପୂରା ସ୍ପଷ୍ଟଭାବରେ ଅନୁଭବ କରିଥିଲି । ଏହା ଥିଲା ଅସାଧାରଣ, ଅସାଧାରଣ, ଏହା ଥିଲା ଏକ ଅସାଧାରଣ ଅନୁଭୂତି । ଦୀର୍ଘ ସମୟ ଧରି, ଏହିପରି ଏକ ଦୀର୍ଘ ସମୟ (ମା' ତାଙ୍କ ଶରୀର ଭିତରକୁ ସେହି ଦିବ୍ୟଶକ୍ତିର ପ୍ରବେଶକୁ ସୂଚିତ କରି ଦେଖାଇଲେ) ମୁଁ ତାଙ୍କ ଶଯ୍ୟା ପାଖରେ ଛିଡ଼ା ହୋଇଥିଲି ଏବଂ ତାହା ମୋ ଭିତରକୁ ସେହିପରି କ୍ରମାଗତ ଭାବେ ପ୍ରବେଶ କରି ଚାଲିଥିଲା । ଏହା ଥିଲା ପ୍ରାୟ ଏକ ଇନ୍ଦ୍ରିୟାନୁଭବ ପରି, ଏକ ସ୍ଥୂଳ ଭୌତିକ ଇନ୍ଦ୍ରିୟାନୁଭବ ।

ଦୀର୍ଘ ସମୟ ଧରି ଏହା ଚାଲିଥିଲା, ମୁଁ କେବଳ ଏତିକିହିଁ ଜାଣିଥିଲି ।

*ଶିଷ୍ୟ : କିନ୍ତୁ ମୁଁ ଯାହା ବୁଝିବାକୁ ଚାହିଁଥିଲି ତା' ହେଉଛି ଆନ୍ତର କ୍ରିୟାର ଠିକ୍ କେଉଁ ନିର୍ଦ୍ଦିଷ୍ଟ ଅବସ୍ଥାରେ, ଉଦାହରଣ ସ୍ୱରୂପ ଅବଚେତନକୁ ଶୁଦ୍ଧ ଓ ପରିଷ୍କାର କରିବା ଆଦିର କ୍ରିୟା ? ସେ ସେହି ସମୟରେ ଏଦିଗରେ ଯେଉଁ କାମଟି କରୁଥିଲେ ଓ ଆପଣ ଏଦିଗରେ ଯେଉଁ କାମଟି କରୁଛନ୍ତି ତହିଁ ଭିତରେ କ'ଣ ପାର୍ଥକ୍ୟ ? ମୋର ପଚାରିବାର କଥା ଅବଚେତନ କ'ଣ ଅପେକ୍ଷାକୃତ କମ୍ ଅବଚେତନ ହୋଇଯାଇଛି, ବା ... ...?*

ଶ୍ରୀମା : ଓଃ ! ହଁ ନିଶ୍ଚୟ, ନିଶ୍ଚିତ ରୂପେ ତାହା ସେପରି ହୋଇଛି । ତୁମେ ଯାହା ପଚାରୁଛ ତା' ହେଉଛି ବିଷୟସବୁକୁ ମାନସିକ ଦୃଷ୍ଟିକୋଣ ନେଇ ଦେଖିବା — ମୋର ଆଉ ସେହି ଦୃଷ୍ଟିକୋଣ ନାହିଁ ।

*ଶିଷ୍ୟ : ହଁ, ମା ।*

(*ନୀରବତା*)

*ଶିଷ୍ୟ : ପାର୍ଥକ୍ୟଟି ବୋଧହୁଏ ଏହି ଦିବ୍ୟକ୍ଷମତାର, ଦିବ୍ୟଶକ୍ତିର ସାଧାରଣୀଭୂତ ବା ସମଷ୍ଟିଗତ ତୀବ୍ରତାରେ ଏକ ପାର୍ଥକ୍ୟ, ନୁହେଁ କି ?*

ଶ୍ରୀମା : କର୍ମର କ୍ଷମତାରେ ଏକ ପାର୍ଥକ୍ୟ ରହିଛି । ସେ ଯେତେବେଳେ ଶରୀର ଧାରଣ କରି ରହିଥିଲେ ତା' ଅପେକ୍ଷା ବର୍ତ୍ତମାନ ସେ ସ୍ୱୟଂ ଅଧିକ କ୍ରିୟାର, କ୍ରିୟା ପାଇଁ ଅଧିକ କ୍ଷମତାର ଅଧିକାର ଲାଭ କରିଛନ୍ତି । ତା'ଛଡ଼ା ଏଇଥି ପାଇଁହିଁ ସେ ଶରୀରତ୍ୟାଗ କଲେ, କାରଣ ଏହି ଭାବରେ କାମ କରିବା ପାଇଁ ତାହା ପ୍ରୟୋଜନ ଥିଲା ।

ଏହା ଅତ୍ୟନ୍ତ ନିର୍ଦ୍ଦିଷ୍ଟ (Concrete) । ତାଙ୍କର କ୍ରିୟା ଅତ୍ୟନ୍ତ ନିର୍ଦ୍ଦିଷ୍ଟ ରୂପ ନେଇଛି । ଏହା ସ୍ପଷ୍ଟ ଯେ ଏହା ଏପରି

(*ଅବଶିଷ୍ଟାଂଶ ପୃଷ୍ଠା ୨୫ରେ ଦେଖନ୍ତୁ*)

# ଦିବ୍ୟଜନନୀ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ମାନବିକ ଦୁର୍ବଳତାରେ ଆଚ୍ଛନ୍ନ ହୋଇ ଆମେମାନେ ଦିବ୍ୟଜନନୀଙ୍କୁ ଦେଖୁ କେବଳ ଜନନୀ ରୂପେ, ଭୁଲିଯାଉ ଯେ ସେ ଦିବ୍ୟ । ତାଙ୍କର ଅପରୂପ ନାମର ଶେଷାଂଶଟିକୁ ଆମେମାନେ ପୂର୍ଣ୍ଣ ବୋଲି ଗ୍ରହଣ କରୁ, ପ୍ରଥମ ଅଂଶଟି ଯେ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଏହା ଆମେମାନେ ଲକ୍ଷ୍ୟ କରୁ ନାହିଁ । ସନ୍ତାନ ଉପରେ ମାନୁଷୀ ମା'ଙ୍କ ଯେପରି ସ୍ନେହମମତା, ତାଙ୍କଠାରୁ ଆମେମାନେ ସେହିପରି ସ୍ନେହ-ମମତା ଆଶା କରୁ । ତାଙ୍କ ପ୍ରତି ଆମର ପ୍ରେମ ମାନବିକ, ଅଜ୍ଞାନ ଭାବରେ ମାନବିକ – ଲୋଭ ଓ ଇନ୍ଦ୍ରିୟ-ପ୍ରରୋଚନା ତଥା ଅଧିକାର-ବାସନାରେ ପରିପୂର୍ଣ୍ଣ; ମା' ଯେପରି ଆମମାନଙ୍କର ସ୍ୱାର୍ଥ ଚରିତାର୍ଥ କରିବାର ନିମିତ୍ତମାତ୍ର ।

ସେ ନିଶ୍ଚୟହିଁ ଜନନୀ, କିନ୍ତୁ ଦିବ୍ୟଜନନୀ । ସେ ଚାହାନ୍ତି ଆମମାନଙ୍କୁ ତାଙ୍କ ପାଖକୁ ଯିବାକୁ ମାନବିକ ଭାବରେ ନୁହେଁ, ବରଂ ଦିବ୍ୟ ଭାବରେ । କାରଣ ଏହି ଦିବ୍ୟ ଭାବରେହିଁ ଆମେମାନେ ଉଠିଯାଉ ଆମମାନଙ୍କ ସତ୍ତାର ଉତ୍ତୁଙ୍ଗ ଶିଖରକୁ, ପହଞ୍ଚିପାରୁ ଗଭୀରତମ ଗଭୀରରେ ଏବଂ ତାଙ୍କୁ ପ୍ରାପ୍ତ ହେଉ ପରିପୂର୍ଣ୍ଣ ରୂପେ ଓ ନିଃଶେଷରେ, ଆଉ ଅବଗାହନ କରୁ ତାଙ୍କ କରୁଣାର ଅମୃତଧାରାରେ । ମାନବିକ ଭାବ, ମାନବୀୟ ବୋଧ ଓ ଅନୁଭବର କ୍ଷୁଦ୍ରତା ଓ ତୁଚ୍ଛତା କେବଳ ଆମମାନଙ୍କୁ ବାନ୍ଧି ରଖେ । ବହୁତ ସମୟରେ ଏହି ମାନବିକ ଭାବର ଧାରା ଅଧିକ ଆଦରରେ ବଢ଼ିଥିବା ଭ୍ରଷ୍ଟ ସନ୍ତାନର ଧାରା ତୁଲ୍ୟ । ଯଦିବା ଅନ୍ତରର ନିମ୍ନତମ ଭୂମିରେ ଏକ ବିନ୍ଦୁ ଶୁଦ୍ଧ ପ୍ରେମ ଥାଇପାରେ ତଥାପି ତାହା ପୁଞ୍ଜୀଭୂତ ଅଜ୍ଞାନ ଓ ରାଶୀକୃତ ପଙ୍କିଳ କ୍ଳେଦ ମଧ୍ୟରେ ଆଚ୍ଛାଦିତ ହୋଇରହିଛି ।

ତଥାପି ସେ ଦିବ୍ୟ ହୋଇ ମଧ୍ୟ ଜନନୀ । ସେ ଦିବ୍ୟ କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ସୁଦୂର, ସମ୍ପର୍କହୀନ ଏବଂ ବିଶ୍ୱାତୀତ ବ୍ରହ୍ମଙ୍କ ତୁଲ୍ୟ ନିର୍ମମ ଓ ଉଦାସୀନ । ବସ୍ତୁତଃ ଦିବ୍ୟ-ଜନନୀଙ୍କର ମାତୃସ୍ନେହ ମାନବିକ ମାତୃସ୍ନେହ ଅପେକ୍ଷା ବହୁ ଗୁଣରେ ପରିପୂର୍ଣ୍ଣ । କାରଣ ମାନବିକ ମା' ହେଲେ ସେହି ଆଦି ଜଗତର ଦିବ୍ୟଜନନୀଙ୍କର ଏକ ଅସ୍ପଷ୍ଟ ପ୍ରତିଧ୍ୱନି ବା ପ୍ରତିଚ୍ଛାୟା ବା ବିକୃତି ମାତ୍ର ।

ବିଶ୍ୱାତୀତା ହୋଇ ମଧ୍ୟ ଦିବ୍ୟଜନନୀ ଆମମାନଙ୍କ ମାନୁଷୀ ଆଧାର ମଧ୍ୟରେ ଅବତରଣ କରିଛନ୍ତି, ଆମମାନଙ୍କ ପରି ମନୁଷ୍ୟ ରୂପ ଧାରଣ କରିଛନ୍ତି, ଆତ୍ମସ୍ୱରୂପ ହୋଇ ଆମମାନଙ୍କ ମଧ୍ୟରେ ରହିଛନ୍ତି, ସଙ୍ଗେ ସଙ୍ଗେ ମଧ୍ୟ ସାଥୀ ଓ ଗୁରୁ ରୂପେ ରହିଛନ୍ତି । ଯଦି ଆମେମାନେ ତାଙ୍କୁ କାର୍ଯ୍ୟ କରିବାକୁ ଛାଡ଼ିଦେଉ, ସେ ଆମମାନଙ୍କ ହାତ ଧରି ଉଠାଇ ନେଇଯାଆନ୍ତି, କିପରି ଆମର ଏହି କ୍ଷୁଦ୍ର ମାନବିକ ସତ୍ତାକୁ ଅତିକ୍ରମ କରିଯିବାକୁ ହେବ ତାହା ଶିକ୍ଷା ଦିଅନ୍ତି, ଆଉ ଆମମାନଙ୍କ ପ୍ରେମ ଯଦି ତାଙ୍କ ଦିବ୍ୟପ୍ରେମର ପୂର୍ଣ୍ଣ ଉତ୍ତର ଦିଏ, ତେବେ ଅତି ଆଶ୍ଚର୍ଯ୍ୟ ରୂପେ ତାଙ୍କର ପ୍ରେମ ଦ୍ୱାରା ଆମକୁ ତାଙ୍କ ଦିବ୍ୟପ୍ରକୃତି ଓ ସତ୍ତାରେ ବଢ଼ି ଉଠିବାକୁ ସହାୟତା କରନ୍ତି ।

ଆମେମାନେ ତାଙ୍କର ଯଥାର୍ଥ ସନ୍ତାନ ହୋଇପାରୁ ଯଦି ତାଙ୍କର ଏହି ଦ୍ୱିବିଧ ସତ୍ୟ ସ୍ମରଣ ରଖିପାରୁ – ତାଙ୍କ ପ୍ରେମର ଦୁଇଟି ବାହୁ – ଯାହା ଦ୍ୱାରା ସେ ଆମମାନଙ୍କୁ କରୁଣା ବଶରେ ଘେରି ରହିଛନ୍ତି ।

(ଶ୍ରୀମା'ଙ୍କ ଅଶୀତିତମ ଜନ୍ମୋତ୍ସବ, ୧୯୫୮ରେ ଲିଖିତ)

### ଶ୍ରୀମା'ଙ୍କ ଶରୀରତ୍ୟାଗ ସମ୍ବନ୍ଧେ ବାଣୀ
### ନଭେମ୍ବର ୧୭, ୧୯୭୩

THE Mother's body belonged to the old creation. It was meant to be the pedestal of the New Body. It served its purpose well. The New Body will come.

This is a test, how far we are faithful to Her, true to Her Consciousness.

The revival of the body would have meant revival of the old troubles in the body. The body troubles were eliminated so far as could be done while in the body – farther was not possible. For a new mutation, a new

procedure was needed. "Death" was the first stage in that process.

(Collected Works of Nolini Kanta Gupta, Vol. 5, p. 87)

ଅର୍ଥାତ୍, ''ମା'ଙ୍କର ଶରୀର ଥିଲା ପୁରାତନ ସୃଷ୍ଟିର । ଏହା ଉଦ୍ଦିଷ୍ଟ ଥିଲା ନୂତନ ଶରୀରର ଆହ୍ଵାନ ହେବା ନିମନ୍ତେ । ଏହା ତା'ର ଉଦ୍ଦେଶ୍ୟ ଉତ୍ତମ ରୂପେ ସମ୍ପାଦନ କଲା । ନୂତନ ଶରୀର ପୁଣି ଆସିବ ।

''ମା'ଙ୍କ ପ୍ରତି ଆମେ କେତେଦୂର ବିଶ୍ଵସ୍ତ, ତାଙ୍କ ଚେତନା ପ୍ରତି ଆମେ କେତେଦୂର ନିଷ୍ଠାବାନ୍ – ଏହା ତା'ରି ଏକ ପରୀକ୍ଷା ।

''ଏ ଶରୀରରେ ପୁନର୍ଜୀବନ ପ୍ରାପ୍ତିର ଅର୍ଥ ହୋଇଥା'ନ୍ତା ଏଇ ଶରୀରଗତ ପୁରାତନ ଦୁଃଖ-ଯନ୍ତ୍ରଣାର ପୁନରାବୃତ୍ତି । ଶରୀର ମଧ୍ୟରେ ରହି ଶାରୀରିକ ପ୍ରତିବନ୍ଧକକୁ ଯେତେଦୂର ହଟାଇ ଦିଆଯାଇପାରେ ତାହା କରାଗଲା – ଏହାଠାରୁ ଅଧିକ ଆଉ ସମ୍ଭବ ନଥିଲା । ଏକ ନୂତନ ଦୈହିକ ପରିବର୍ତ୍ତନ ପାଇଁ ଆବଶ୍ୟକ ହେଲା ଏକ ନୂତନ ପଦ୍ଧତି । ''ମୃତ୍ୟୁ'' ସେଇ ପଦ୍ଧତିର ପ୍ରଥମ ସୋପାନ ।''

**NOVEMBER 21, 1973**

Mother once told me – "If ever I leave my body, my consciousness will remain with you."

Mother is present amongst us and Her work continues.

Let us once more dedicate ourselves for Her work of transformation with utmost sincerity & faithfulness.

– Nolini Kanta Gupta

**ନଭେମ୍ବର ୨୧, ୧୯୭୩**

ମା' ଥରେ ମୋତେ କହିଥିଲେ – ''ଯଦି କେବେ ମୁଁ ମୋର ଶରୀର ତ୍ୟାଗ କରେ ତେବେ ମୋର ଚେତନା ତୁମମାନଙ୍କ ସହ ରହିବ ।''

ମା' ଆମମାନଙ୍କ ମଧ୍ୟରେ ଉପସ୍ଥିତ ଅଛନ୍ତି ଏବଂ ତାଙ୍କର କାର୍ଯ୍ୟ ଚାଲୁ ରହିଛି ।

ଆସ, ଆମେ ପୁଣିଥରେ ପୂର୍ଣ୍ଣ ଆନ୍ତରିକତା ଓ ବିଶ୍ଵସ୍ତତା ସହ ଆମମାନଙ୍କୁ ତାଙ୍କରି ରୂପାନ୍ତର କାର୍ଯ୍ୟ ନିମନ୍ତେ ଉତ୍ସର୍ଗ କରିବା ।

– ନଳିନୀକାନ୍ତ ଗୁପ୍ତ ✤

---

*(ପୃଷ୍ଠା ୨୩ର ଅବଶିଷ୍ଟାଂଶ)*

କିଛି, ଯାହା ଆଦୌ ମାନସିକ ନୁହେଁ । ଏହା ଅନ୍ୟ ଏକ ଲୋକରୁ ଉତ୍ସାରିତ । କିନ୍ତୁ ଏହା ଇଥରୀୟ ବା ବାୟବୀୟ ଧରଣର କିଛି ନୁହେଁ, ଏହା ପୂରା ନିର୍ଦ୍ଦିଷ୍ଟ ଓ ବାସ୍ତବତାପୂର୍ଣ୍ଣ । ପ୍ରାୟ କୁହାଯାଇପାରେ ଯେ ଏହା ଭୌତିକ ।

*ଶିଷ୍ୟ : କିନ୍ତୁ ସେହି ଅପରଲୋକ, ମୁଁ ନିଜକୁ ଅନେକ ଥର ପଚାରିଛି, ସେଠାରେ ପହଞ୍ଚିବା ପାଇଁ ଯଥାର୍ଥ କେଉଁ ଗତିବୃତ୍ତିର ଅବଲମ୍ବନ ଆବଶ୍ୟକ ? ଦୁଇଟି ସମ୍ଭାବ୍ୟ ଗତିବୃତ୍ତି ରହିଛି । ଗୋଟିଏ ହେଉଛି ଅନ୍ତରାତ୍ମାର ଅଭିମୁଖରେ ଏକ ଆନ୍ତର ଗତିବୃତ୍ତି ଏବଂ ଅନ୍ୟଟି ହେଉଛି ସେହି ଗତିବୃତ୍ତି ଯେଉଁଥିରେ ବ୍ୟକ୍ତିଭାବ ପୂରା ଲୋପ ହୋଇଯାଏ ଓ ଜଣେ ବରଂ ହୋଇଉଠେ ବ୍ୟକ୍ତିରୂପବିହୀନ ଏକ ବ୍ୟାପ୍ତି ବା ପ୍ରସାର ।*

ଶ୍ରୀମା : ଉଭୟଟିହିଁ ରହିବା ଆବଶ୍ୟକ ।

ଶିଷ୍ୟ : ଉଭୟଟିହିଁ ରହିବା ଆବଶ୍ୟକ ?

ଶ୍ରୀମା : ହିଁ ।

(Notes on the Way, 2nd Impression, p. 328 -329) ✤

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ପ୍ରାଚୀର ଗାତ୍ରର ଲେଖା

ଯେତେବେଳେ କିଛି ପ୍ରଚଣ୍ଡ କିଂବା ଭୟାନକ ଘଟଣାମାନ ଘଟେ ସେଥିରେ କେହି ଆତଙ୍କିତ ବା ହତୋତ୍ସାହିତ ଯେପରି ହୋଇ ନପଡ଼ନ୍ତି – ସେସବୁ ମଧ୍ୟ ''ସେହି ପ୍ରଭୁଙ୍କର ଆଗକୁ ମାଡ଼ିଚାଲିବାର ପଦଧ୍ୱନି'' । କେବଳ ଶାନ୍ତିର କାହାଳୀ ଫୁଙ୍କିବାର ସମୟ ଯେ ଆସିବ ଆଉ ଆମେ ଖାଲି କୋକିଳର ରାଗିଣୀ ଗାଇବା ଓ ବସନ୍ତ ଅନେଇ ବସିଛି କିଛି ଅସ୍ୱାଭାବିକ ଘଟଣା ଘଟିବ ବୋଲି । ଦୁଃଖକଷ୍ଟ ଆଉ ତାଡ଼ନା ଭିତରେ ଗତି ନକଲେ ଜଣେ ବ୍ୟକ୍ତିବିଶେଷ କିଂବା ଗୋଟିଏ ଜାତି ତା'ର ସଂପୂର୍ଣ୍ଣ ଶିଖରକୁ ଆରୋହଣ କରିପାରିବ ନାହିଁ । ବିଶାଳ ଏକ ଶକ୍ତ ପ୍ରସ୍ତରଖଣ୍ଡ ନିଜକୁ ସମର୍ପଣ କରିଦିଏ ହାତୁଡ଼ିର ପାହାର ପାଖରେ, ପ୍ରସ୍ତର କଟା ପାଖରେ, ନିହଣ ମୁନର ଠୁକ୍ ଠୁକ୍ ଆଘାତ ପାଖରେ ଏମିତି ଏକ ମୂର୍ତ୍ତି ରୂପେ ଆତ୍ମପ୍ରକାଶ କରିବା ପାଇଁ ଯାହାକୁ ଦେଖିଲେ ଦର୍ଶକର ଆଖିରେ ଭରିଯାଏ ଆଖିଏ ଆନନ୍ଦ ଆଉ ଅନ୍ତରାତ୍ମା ପୁଲକିତ ହୋଇଉଠେ । ଯଦି ସେ ପଥରର ଅନୁଭବ କରିବା ଶକ୍ତି ଥାଆନ୍ତା ସେ ନିଶ୍ଚୟ କହିଉଠନ୍ତା, ''ଏଇ ଅପରୂପ ରୂପାନ୍ତର ପାଇଁ ସତରେ କେତେ ଚଢ଼ା ଦାମ୍ ମୋତେ ଦେବାକୁ ହେବ !'' ଏହାହିଁ ତ ଅନତିକ୍ରମଣୀୟ ବିଧାନ ପ୍ରକୃତିର । ଏ ଦିଗରେ ପ୍ରକୃତି ଅଦ୍ୟାବଧି ନରମ ଭାବ ପୋଷଣ କରିବାର ଜଣା ପଡ଼ିନି । ଯଦି ତୁମକୁ ତା' ପାଖରୁ କିଛି ଚମତ୍କାର ଓ ସୁନ୍ଦର ବସ୍ତୁ ପାଇବାକୁ ଥାଏ ତୁମକୁ ସେଇ ପ୍ରକ୍ରିୟା ଭିତରଦେଇହିଁ ଗତି କରିବାକୁ ପଡ଼ିବ ଯାହା ମଧ୍ୟଦେଇ ଖଣ୍ଡେ ଶିଳାକୁ ଯିବାକୁ ପଡ଼େ, ଏକ ଆକୃତି ନେଇ, ସୌନ୍ଦର୍ଯ୍ୟରେ ଆଉ ମହାନ୍‌ତତ୍ତ୍ୱରେ ରୂପାୟିତ ହୋଇଉଠିବା ଆଗରୁ । ଉର୍ବରା ସ୍ରୋତସ୍ୱିନୀ ଉପଳଖଣ୍ଡ ଗୁଡ଼ିକ ଦେଇ ପ୍ରବାହିତ ହୋଇଯାଉଛି କେତେ ବାଧାବିଘ୍ନ ଭିତରେ, ମାଟିର ବୁକୁ ଚିରି କେତେ କେତେ ବାଣିଜ୍ୟ ପୋତକୁ ତା' କୋଳରେ ଧାରଣ କରିବା ପୂର୍ବରୁ, ତା' ତଟ ସମୀପବର୍ତ୍ତୀ ବିସ୍ତୀର୍ଣ୍ଣ ଭୂମଣ୍ଡଳକୁ ପ୍ରାଚୁର୍ଯ୍ୟରେ ମଣ୍ଡିତ କରିବା ପୂର୍ବରୁ । ଯେଉଁମାନେ ନିଜ ଦୃଷ୍ଟି ସମ୍ମୁଖରେ ଥିବା ପ୍ରକୃତିର ଏଇ କଠୋରତାକୁ ଲକ୍ଷ୍ୟ କରିପାରନ୍ତିନି ସେମାନଙ୍କ କପାଳରେ ସୁଯୋଗ ଜୁଟେ ନାହିଁ ମହାନ୍ ହେବାକୁ, ଉଦାର ଆଉ ଉଦାତ୍ତ ହେବାକୁ । ଯଦି ଧୂଳିରେ ଲୋଟିବାକୁ ଚାହଁ ତା'ହେଲେ ଅକର୍ମଣ୍ୟତା, ସ୍ୱାଚ୍ଛନ୍ଦ୍ୟ ଓ ହୀନ ଶାନ୍ତି ତୁମକୁ ପ୍ରାପ୍ତ ହୋଇପାରେ କିନ୍ତୁ ତୁମେ ଯଦି ତୁମ ଗୌରବର ଶୀର୍ଷରେ ପହଞ୍ଚିବାକୁ ଅଭିଳାଷ ପୋଷଣ କରୁଥାଅ ତା'ହେଲେ ପୁରୁଷୋଚିତ ମନୋଭାବ ନେଇ ବାଧାବିଘ୍ନର ସାମନା ସାମନି ମୁକାବିଲା କରିବାକୁ ଶିଖ । ନୀତିବାକ୍ୟର ଖଣ୍ଡେ ଆଦର୍ଶଲିପି ଭାବେ ଏହା ଉପେକ୍ଷା ଆଉ ଉପହାସର ଯୋଗ୍ୟ ବୋଲି ବିବେଚିତ ହୋଇପାରେ କିନ୍ତୁ ଏଇକଥାର ପୁନରାବୃତ୍ତି ଅନେକ ଥର ହୋଇଛି ଆଉ ଯେତେବେଳେ ଜଣେ ବ୍ୟକ୍ତି-ବିଶେଷ କିଂବା ଜାତି କିଛି ଗୋଟିଏ କାର୍ଯ୍ୟ ଅତି ଆଗ୍ରହର ସହିତ ଆରମ୍ଭ କରେ ସେ ଏଇ ଅତି ସାଧାରଣ ଆଦର୍ଶ ଲିପି ଭିତରେ ଥିବା ସତ୍ୟ ଦ୍ୱାରା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇ ଆରମ୍ଭ କରିବା ଉଚିତ । ଗୋଟିଏ ସତ୍ୟକୁ ପୂରାପୂରି ବିଧିବଦ୍ଧ କରାଯାଇ ପାରିବନି ଆଉ ଏହିଭଳି ଆଙ୍ଗ୍ଲୋ-ଭାରତୀୟ ପ୍ରେସ୍ ତରଫରୁ ହେଉଥିବା ଧମକଗୁଡ଼ିକର ଆମ ପାଇଁ ଆଦୌ କୌଣସି ଭୟର କାରଣ ନାହିଁ ।

ଏଇ ଆଙ୍ଗ୍ଲୋ-ଭାରତୀୟ ପ୍ରେସକର୍ମୀ ଯେତେବେଳେ ଦେଖିବେ ଯେ ସେମାନଙ୍କ ଯୁକ୍ତିର ଯାହା ପରଖ ହେବା କଥା ତାହା ହୋଇସାରିଲାଣି, ସେମାନଙ୍କ ମନରେ କ'ଣ ଅଛି ଧରା ପଡ଼ିଲାଣି, ସେମାନଙ୍କ ସ୍ୱୀକାରୋକ୍ତି ଓ ବିରୋଧଗୁଡ଼ିକ ଯଥାର୍ଥଭାବେ ଶେଷପର୍ଯ୍ୟନ୍ତ ସମର୍ଥନ କରାଗଲାଣି, ସେତେବେଳେ ସେମାନେ ଭୟରୂପକ ଅସ୍ତ୍ରଟିକୁ ପ୍ରୟୋଗ କରିବାକୁ ଝାମ୍ପି ପଡ଼ିବେ ଆଉ ଗୁଡ଼ାଏ ଦୁର୍ବୋଧ ସୂଚନା ଦେବେ ସତେଯେମିତି ଜନସାଧାରଣ ଜାଣି ନାହାନ୍ତି ଯେ ଭୟଙ୍କର ସଂଘର୍ଷ ବ୍ୟତୀତ ସେମାନେ ସ୍ୱାଧୀନତାକୁ ଫେରିପାଇବେ ନାହିଁ । ରାଜନୈତିକ ମୁକ୍ତି ସମ୍ପର୍କିତ ସତ୍ୟକୁ ଆମେ ହାସଲ କରିବାର ଦେଖି ଆଙ୍ଗ୍ଲୋ-ଭାରତୀୟ ପ୍ରେସ୍ କର୍ମୀ ଛାନିଆ ହୋଇପଡ଼ିଛନ୍ତି ଆଉ ଆମର ଦୁର୍ବଳତା ଓ ନପାରିଲାପଣକୁ ନେଇ ସେମାନଙ୍କ ଯୁକ୍ତିଗୁଡ଼ିକ କେତେବେଳେ ଅଗ୍ନି ତ କେତେବେଳେ ଖଣ୍ଡାକୁ ଆଧାର କରି ଯୋଜନାବଦ୍ଧଭାବେ ଅଦଳବଦଳ କରାଯାଇଛି ନରମପନ୍ଥୀ ବିଚାରଧାରାର ରାଜନୀତିଜ୍ଞମାନଙ୍କର ନୈତିକ ସମର୍ଥନ ବଳରେ । ଦାସତ୍ୱକୁ ଚୁପ୍‌ଚାପ୍ ମାନିନେବା ସକାଶେ

ସେମାନେ ଆମମାନଙ୍କୁ ତ ଫୁସୁଲାଫୁସୁଲି କରିପାରୁ ନାହାନ୍ତି । ତେଣୁ ଯୁକ୍ତି ଛଳରେ ଆମକୁ ଏହା ଭିତରେ ପ୍ରବେଶ କରେଇବାକୁ ସେମାନେ ଚାହିଁଛନ୍ତି ଓ ସେଥିରେ ମଧ ବିଫଳ ମନୋରଥ ହୋଇ ସେମାନେ ଖଣ୍ଡାର ଭୟ ପ୍ରଦର୍ଶନ କରୁଛନ୍ତି । 'ଦି ଲଣ୍ଡନ ଟାଇମ୍ସ୍' ନାମରେ ବମ୍ବେରେ ଆଉ ଗୋଟିଏ ସଂସ୍କରଣ 'ଦି ପାଇଓନିୟର', 'ଦି ଇଂଲିଶ୍‌ମ୍ୟାନ୍' ସମସ୍ତେ କଂଗ୍ରେସକୁ ହାତ କରିନେବାକୁ ଚେଷ୍ଟା କରିଥିଲେ ଗୋଟିଏ ଶତାବ୍ଦୀର ଏକ ଚତୁର୍ଥାଂଶ ସମୟ ଧରି ରହିଆସିଥିବା ସେମାନଙ୍କ ଚରମ ବିଦ୍ୱେଷପୂର୍ଣ୍ଣ ମନୋଭାବର ହଠାତ୍ ପରିବର୍ତ୍ତନରେ । ଚରମପନ୍ଥୀଙ୍କ କାର୍ଯ୍ୟକ୍ରମ ଯେ ଦ୍ୱାବିଂଶତମ ଜାତୀୟ କଂଗ୍ରେସର ଅନୁକୂଳ ମନୋଭାବ ଲାଭ କରୁକରୁ ଖବରଟା ହଠାତ୍ ତଡ଼ିତ୍ ବେଗରେ ଖେଳିଗଲା ଦରିଆ ସେପାରିରେ । 'ବଜ୍ରନିର୍ଘୋଷକାରୀ' ('The Thunderer') ହଠାତ୍ ଆମକୁ ତାରବାର୍ତ୍ତା ପଠାଇଲେ ଯେ ଭାରତକୁ ଖଣ୍ଡା ଦ୍ୱାରାହିଁ ଜୟ କରାଗଲା ଆଉ ସେଇ ଖଣ୍ଡା ବଳରେ ତାକୁ କବଳିତ କରି ରଖାଯିବ । ସେଇଦିନଠାରୁ ଶେଷ ଆଶା ସ୍ୱରୂପ ଆଙ୍ଗ୍ଲୋ-ଭାରତୀୟ ପତ୍ରିକାଗୁଡ଼ିକ ନରମ ଓ ଚରମ ଉଭୟ ପନ୍ଥାରେ ଚେଷ୍ଟା କରୁଛନ୍ତି । ସ୍ୱାଧୀନତା ପ୍ରତି ଆକାଂକ୍ଷା ଯେତିକି ଯେତିକି ଅଧିକ ପ୍ରତ୍ୟକ୍ଷ ହେଉଛି, ଯୁଗର ବିଲକ୍ଷଣଗୁଡ଼ିକ ସେଇଦିଗକୁ ଯେତିକି ଯେତିକି ଅଙ୍ଗୁଳି ନିର୍ଦ୍ଦେଶ କରିଚାଲିଛି ସେମାନେ ସେତିକି ସେମାନଙ୍କର ଦାନ୍ତ କଡ଼ମଡ଼ କରୁଛନ୍ତି, ସେମାନଙ୍କ କେଶଗୁଚ୍ଛକୁ ଛିଣ୍ଡେଇ ଲାଗିଛନ୍ତି ଆଉ ସେମାନଙ୍କ ବକ୍ଷଦେଶକୁ ଆଘାତ କରୁଛନ୍ତି । ପୁନର୍ଜାଗରଣର ପ୍ରତିଟି ସଦ୍ୟ ଦୃଷ୍ଟାନ୍ତରେ ସେମାନଙ୍କ ଚକ୍ଷୁ ଯୁଗଳରେ ଓ ମସ୍ତିଷ୍କରେ ରକ୍ତ ଚହଟି ଯାଉଛି । ସେମାନଙ୍କ ଆଚରଣ ଏଇ ଆତ୍ମବଡ଼ିମାଭରା ଘୋଷଣାକୁ ମିଥ୍ୟା ବୋଲି ପ୍ରମାଣିତ କରି ଦେଉଛି ଯେ ଏକ ଜାତିର ମୁକ୍ତି ଆଉ ନ୍ୟାୟ (Freedom and Justice) ପରି ଦୁଇଟି ମହାନ୍ ସ୍ୱାର୍ଥକୁ ସର୍ବତ୍ର ଯିଏ ତୋଳି ଧରିଛି, ପ୍ରତିନିଧିତ୍ୱ କରୁଛି, ନେତୃତ୍ୱ ଦେଉଛି ସେ ହେଉଛି ଇଂରେଜ ଜାତି । ଇଜିପ୍ଟ ଦେଶର ସର୍ବସାଧାରଣ ବିଧାନ ସଭା (General Assembly)ରେ ହୋଇଥିବା ଦାବି ସେମାନଙ୍କ ଅଟ୍ଟହାସ୍ୟକୁ ତେଜିଦେଇଛି । ସେମାନଙ୍କ ଦୃଷ୍ଟିରେ ପର୍ଶିଆକୁ ଏକ ସମ୍ବିଧାନ ମଞ୍ଜୁର କରିବାର ଅର୍ଥ ହେଉଛି ଭୁଲ୍ ବାଟରେ ଯିବା । ପାଶ୍ଚାତ୍ୟ ସଭ୍ୟତା କିପରି ମନକୁ ଭୁଲାଇଦିଏ ଅମିରଙ୍କୁ ସେମାନେ ତା'ର ସ୍ୱାଦଟିକୁ ଚଖେଇ ଦେଇଛନ୍ତି । ବଶୀକରଣର ମନ୍ତ୍ର ବୋଲି ସେମାନେ ବାନ୍ଧି ରଖିବାକୁ ଚାହାନ୍ତି ସେଇମାନଙ୍କୁ ଆଗରୁ ଯେଉଁମାନଙ୍କୁ ସେମାନେ ମୋହିତ କରିସାରିଛନ୍ତି ଆଉ ବରାବର ସଦ୍ୟ ଶିକାରର ଓର ଉଣ୍ଡି ବସି ରହିଛନ୍ତି । ସମର୍ପଣ କରିଦିଅ ତୁମର ଜୀବନ, ତୁମର ସ୍ୱାତନ୍ତ୍ୟ, ତୁମର ଜାଜ୍ୱଲ୍ୟମାନ ଅଧିକାରଗୁଡ଼ିକୁ ଇଂରେଜଜାତି ପାଖରେ, ଆଜ୍ଞାବହ ଭୃତ୍ୟତୁଲ୍ୟ ସେମାନଙ୍କ ଆରାମ ଓ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ କାର୍ଯ୍ୟ କରିଯାଅ ଆଉ ତୁମର ସାଧାରଣ କାଣ୍ଡଜ୍ଞାନ, ଦୂରଦୃଷ୍ଟି, ବୁଦ୍ଧି ଓ ଅନ୍ୟାନ୍ୟ ମାନସିକ ସାଧନଗୁଡ଼ିକ ଅଛି ବୋଲି ସମସ୍ତଙ୍କର ତୁମ ପ୍ରତି ବିଶ୍ୱାସ ଆସିବ । କିନ୍ତୁ ମଣିଷପଣିଆରେ କିଛି ଲମ୍ବା ଲମ୍ବା ପାହୁଣ୍ଡ ପକେଇ ଆଗେଇ ଚାଲିବା ପାଇଁ ତୁମେ ଯଦି ଚିନ୍ତା କରିଥାଅ, ନାନାବିଧ ସ୍ୱାର୍ଥର ସଂଘାତ ଭିତରେ ତୁମେ ଯଦି ନିଜର ମଙ୍ଗଳ ସାଧନଟିକୁ ଅଗ୍ରାଧିକାର ଦେବାପାଇଁ ମୁଣ୍ଡ ଭିତରେ ଭର୍ତ୍ତି କରିଥାଅ – ଯଦି ସ୍ପର୍ଦ୍ଧାରେ ମଥାଟେକି ଚାଲିବା ପାଇଁ ସାମାନ୍ୟତମ ସଂକେତର ପ୍ରମାଣ ତୁମେ ଦିଅ ତା'ହେଲେ ତୁମେ ତିରସ୍କୃତ ହେବ ଜଣେ ଅଧମ ମଣିଷ ବୋଲି, ଦୋଷୀ ସାବ୍ୟସ୍ତ ହେବ କାରାବରଣ କରିବା ପାଇଁ, ଫାଶୀ ଖୁଣ୍ଟରେ ଝୁଲିବା ପାଇଁ, କାରଣ ଏହା ପରା ଅଦୃଷ୍ଟ(Providence)ର ବିଜ୍ଞ ବିଧାନ ଭିତରେ ସ୍ଥିରୀକୃତ ହୋଇସାରିଛି ସବୁଦିନ ପାଇଁ ଯେ ତୁମେମାନେହିଁ ବୀଜବପନ କରିବ ଆଉ ଫଳ ତୋଳିବେ ସେଇମାନେ, କିଣିବ ତୁମେମାନେ ଆଉ ବିକିବେ ସେଇମାନେ । ତୁମମାନଙ୍କୁ ମାରି ଦେବାକୁ ହେବ ଆଉ ମାରିବେ ସେମାନେ, ନିରସ୍ତ୍ର କରିଦିଆଯିବ ତୁମମାନଙ୍କୁ ଆଉ ସେମାନେ ସମ୍ପୂର୍ଣ୍ଣ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ରହିବେ, ତୁମେ ଯେତେବେଳେ ଅସ୍ତ୍ର ପ୍ରୟୋଗ କରିବ, ତାହା ହେବ ତୁମର ଗୁଡ଼ିଏ ଅପକର୍ମ ପାଇଁ, ଯେତେବେଳେ ସେମାନେ ଅସ୍ତ୍ର ଉତ୍ତୋଳନ କରିବେ, ତାହା ହେବ ସେମାନଙ୍କର ଆତ୍ମରକ୍ଷା ପାଇଁ । କଲିକତାସ୍ଥ 'ଦି ଇଂଲିଶ୍‌ମ୍ୟାନ୍'ର ଏଇ ହାସ୍ୟୋଦ୍ଦୀପକ ଭାବୋଚ୍ଛ୍ୱାସର ଉପଲକ୍ଷ୍ୟ ଆଉ କ'ଣ ହୋଇପାରେ ?

''ପୃଥିବୀର ଏ ଅଞ୍ଚଳରେ ଖବରକାଗଜଗୁଡ଼ିକର ଅନୁଧ୍ୟାୟୀ ଛାତ୍ରଗଣ କ୍ୱଚିତ୍ କଦବା ହତବାକ୍ ହେବାରେ ବିଫଳ ହୋଇ ଆସୁଛନ୍ତି ଯେ ବର୍ତ୍ତମାନ ଅପରାଧ ଘଟାଇବା ଉଦ୍ଦେଶ୍ୟରେ ଆଗ୍ନେୟାସ୍ତ୍ରଗୁଡ଼ିକର ବାରଂବାର ପ୍ରୟୋଗ କରାଯାଉଛି । ସେଇ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଦାଖଲ କରାଯାଇଛି ବିଭିନ୍ନ ଦଙ୍ଗାହାଙ୍ଗାମା ମାମଲାରେ, ଆଉ ମାତ୍ର କେତେଟା ଦିନ ମଧ୍ୟରେ ଅତି କମ୍‌ରେ ତିନୋଟି ଘଟଣାର ପ୍ରାପ୍ତ ବିବରଣୀ ଅନୁଯାୟୀ ଯାହାଙ୍କ ଗୁଳିରେ ବିଦ୍ଧ ହୋଇ କିଛିଲୋକ ମଲେ ସାଧାରଣତଃ ଯେଉଁମାନଙ୍କ

ହାତରେ ରାଇଫଲ୍ ବା ବନ୍ଧୁକଗୁଡ଼ିକ ରହିବା ଉଚିତ ନୁହେଁ । ଯେତେବେଳେ ଜଣେ ମହାରାଜାଙ୍କୁ, ବିଶେଷ କରି ୟୁରୋପୀୟ ଓ ସରକାରୀ କର୍ମକର୍ତ୍ତାମାନଙ୍କର ଜଣେ ବନ୍ଧୁଙ୍କୁ ଗୁଳିବିଦ୍ଧ କରାଯାଇଛି ଏକ ବାଡ଼ ପଛପଟୁ ଆଉ ଗୋଟିଏ ଜିଲ୍ଲାର ପୁଲିସ ଅଧକ୍ଷଙ୍କ ମଥା ଉପର ଦେଇ ଗୁଳିଟି ଶବ୍ଦାୟିତ ଝଙ୍କାର ତୋଳିଥିଲା, ସେତେବେଳକୁ ଭାରତର ଏଇ ଅଞ୍ଚଳରୁ ଅପରାଧ ପ୍ରବଣ କିଂବା ଧର୍ମାନ୍ଧ ବ୍ୟକ୍ତିମାନେ ଆସି କେଉଁ ଉପାୟ ବଳରେ ନିଜେ ଆଗ୍ନେୟାସ୍ତ୍ରଗୁଡ଼ିକ ଅକ୍ତିଆର କରିପାରିଲେ ତାହା ତଦନ୍ତ କରିବା ପାଇଁ ସମୟ ଆସି ଉପଗତ ହୋଇଛି । ପୋଲିସ କୋର୍ଟ ପରିସରରେ ଯେଉଁ ଘଟଣା ସମ୍ପ୍ରତି ଘଟିଗଲା ତହିଁରୁ ପ୍ରମାଣିତ ହୁଏ ଯେ ରିଭଲ୍‌ଭର କିଂବା ସେଭଳି ଅନ୍ୟକିଛି ଜିନିଷର ଘରୋଇ ବିକ୍ରି ମାଧ୍ୟମରେ ହସ୍ତାନ୍ତର କରିବା କେବେବି ଅସମ୍ଭବ ନୁହେଁ । ନିର୍ବିଚାରଭାବେ କିଂବା ଅବସ୍ଥାଚକ୍ରରେ ପଡ଼ି ଜଣେ ୟୁରୋପୀୟ ଯେକୌଣସି ଭାରତୀୟକୁ ଅସ୍ତ୍ରଟିଏ ବିକ୍ରି କରିପାରେ ପୁଲିସର ସତର୍କ ଦୃଷ୍ଟିକୁ ଏଡ଼ାଇ ଦେଇ (ସେମାନେ ବା କିପରି ସଜାଗ ରହିପାରିବେ ?) ଆଉ ଅସ୍ତ୍ରଶସ୍ତ୍ର ସଂକ୍ରାନ୍ତୀୟ ଆଇନର ଏପ୍ରକାର ଉଲ୍ଲଂଘନ ପାଇଁ ରହିଥିବା ଦଣ୍ଡବିଧିର ବ୍ୟବସ୍ଥାକୁ କ'ଣ ସମ୍ପୂର୍ଣ୍ଣ ପ୍ରତିରୋଧକ ଭାବେ ପ୍ରୟୋଗ କରିବା ବିଧେୟ ନୁହେଁ ବୋଲି ଏଇଠି ପ୍ରଶ୍ନ ଉଠେ । ଆହୁରି, ଗାର୍ଡ଼ନ୍ ରିଚ୍ ଘଟଣାର ସାକ୍ଷୀ ଭାବେ ଦେଖିଲେ, ସିନ୍ଧିକଟା ଦୁର୍ବୃତ୍ତ ଓ ଚୋରମାନେ ଯେତେବେଳେ ଗୋଟିଏ ଘରେ ବଳପୂର୍ବକ ପ୍ରବେଶ କରିବା ପାଇଁ ଯାଉଛନ୍ତି, ସେମାନେ ଜାଣିବାକୁ ପାଉଛନ୍ତି ଯେ ସେ ଘରର ମୂଲ୍ୟବାନ୍ ସମ୍ପତ୍ତି ହେଉଛି ଖାଲି ବନ୍ଧୁକ, ରାଇଫଲ୍ ଆଉ ରିଭଲଭର୍‌ଗୁଡ଼ିକ କିନ୍ତୁ ଗହଣାଗାଣ୍ଠି କିଂବା ଟଙ୍କାପଇସା ନୁହେଁ । ଫୋର୍ଟ ଉଇଲିଅମ୍ ପରି ଏମିତି ଏକ ନିରାପଦ ସ୍ଥାନରୁ ସେଗୁଡ଼ିକହିଁ ଚୋରି ହୋଇ ଯାଇଛି । ଏ ସକଳ ଘଟଣାରୁ ସୂଚନା ମିଳେ ଯେ ବଙ୍ଗଳାରେ ଅସ୍ତ୍ରଗୁଡ଼ିକର ଚାହିଦା ହଠାତ୍ ଦେଖାଦେଇଛି । କାହିଁକି ଯେ ଏଇ ଚାହିଦା ଦେଖାଦେଇଛି ଜଣେ ଜାଣିବାକୁ ଇଚ୍ଛା କରିବାଟା ସ୍ୱାଭାବିକ । କିଛିଲୋକ କେବେ ବି କୁଣ୍ଠାବୋଧ କରିବେ ନାହିଁ ଏ ଉତ୍ତରଟି ମାନିନେବାକୁ ଯେ ଏଇ ଚାହିଦାର ଅସଲ କାରଣ ହେଉଛନ୍ତି ବଙ୍ଗଳାର ସେଇସବୁ ଖବରକାଗଜଗୁଡ଼ିକ ଆଉ ରାଜଦ୍ରୋହର ଅନ୍ୟ ପ୍ରଚାରକଗଣ ଯେଉଁମାନେ ଦୃପ୍ତ କଣ୍ଠରେ ଘୋଷଣା କରନ୍ତି ଯେ ସମରାଭ୍ୟାସ ଚଳାଇବାରେ ଆଉ ଅସ୍ତ୍ରର ପ୍ରୟୋଗରେ ଏ ଦେଶର ଜନସାଧାରଣ ନିଜକୁ ସିଦ୍ଧହସ୍ତ କରିବା ଉଚିତ । ଗତକାଲି 'ବନ୍ଦେ ମାତରମ୍' ସାହସର ସହିତ କହିଛି ଯେ ଭାରତୀୟମାନେ କ୍ଷତ୍ରିୟ, ଏକ ଯୋଦ୍ଧା ଜାତିର ସଦ୍‌ଗୁଣାବଳୀକୁ ବିକଶିତ କରିବା ଉଚିତ । 'କ୍ଷତ୍ରିୟର ପ୍ରଥମ ସଦ୍‌ଗୁଣଟି ହେଲା ଅନ୍ୟାୟର ଯୂପକାଷ୍ଠ ଭିତରେ ନିଜ ଗ୍ରୀବାଟିକୁ ଆନତ କରିବା ନୁହେଁ କିନ୍ତୁ ଅତ୍ୟାଚାରୀ ବିରୋଧରେ ତା'ର ଦୁର୍ବଳ ଆଉ ଯନ୍ତ୍ରଣାଜର୍ଜରିତ ଦେଶବାସୀଙ୍କୁ ରକ୍ଷାକରିବା ଓ ଏକ ନ୍ୟାୟ ଆଉ ଧର୍ମର ଲଢ଼େଇ ଭିତରଦେଇ ମୃତ୍ୟୁକୁ ସ୍ୱାଗତ କରିବା ।' ଏପ୍ରକାର ମୌଳିକ ବିଷୟଗୁଡ଼ିକ ଅବଶ୍ୟ ଅଧିକାଂଶବେଳେ କ୍ଷତିକାରକ ନୁହେଁ । କିନ୍ତୁ ବର୍ଜନକାରୀମାନେ(Boycotters) କେତେ ବାଟପର୍ଯ୍ୟନ୍ତ ଆଗେଇ ଯାଇଛନ୍ତି ବୋଲି ଆମେମାନେ ଯେତେବେଳେ ବିଚାର କରିବାକୁ ବସୁଛୁ, ମନ ଭିତରେ ଏଇ ଧାରଣା ପୋଷଣ କରିବା କ'ଣ ଏତେ ଅଧିକ ବଳାବଳ ହୋଇଯିବ ଯେ କେତେକ ଧର୍ମାନ୍ଧ ବ୍ୟକ୍ତି ନିଜ ସକାଶେ ଅସ୍ତ୍ରମାନ ଯୋଗାଡ଼ କରିବାକୁ ଯାଇ କିଛି ଗଣ୍ଡଗୋଳରେ ଲିପ୍ତ ହୋଇଯିବେ ଯଦିବା ସେମାନଙ୍କ ସାହସଟା ସେତିକିରେ ଅଟକି ଯାଏ ?''

କିନ୍ତୁ ସକଳ ଗୁରୁତ୍ୱ ଦେଇ ଯେତେଦୂର ପ୍ରଭାବ ବିସ୍ତାର କରିବା କଥା ଆମେ ପ୍ରସଙ୍ଗଟିକୁ ବାରଂବାର ଦୋହରେଇବୁ ଯେ ପୁରାତନ ଯୁଗର ସେଇ କ୍ଷତ୍ରିୟ ପୁଣି ଆସି ଆମ ସାମାଜିକ ଢାଞ୍ଚାରେ ତା'ର ଯଥାର୍ଥ ସ୍ଥାନ ନିଶ୍ଚୟ ଗ୍ରହଣ କରିବ ନିଜ ସ୍ୱାର୍ଥ-ରକ୍ଷା ପରି ପ୍ରଥମ ଓ ସର୍ବାଗ୍ରେ କରଣୀୟ କର୍ତ୍ତବ୍ୟର ସମ୍ପାଦନ ନିମିତ୍ତ । ପରାକ୍ରମର ଦକ୍ଷିଣ ବାହୁ ବ୍ୟତୀତ ଏ ମସ୍ତିଷ୍କ ହେଉଛି ପୌରୁଷହୀନ । ଦୀର୍ଘକାଳ ଧରି ବିସ୍ମୃତ ଏଇ ସତ୍ୟପ୍ରତି ଭାରତ ବର୍ତ୍ତମାନ ସଚେତନ ହୋଇଉଠିଛି । ଆଉ ଏଇ ବାହୁ ସର୍ବାଧୁନିକ ଅସ୍ତ୍ର ଉତ୍ତୋଳନ କରିବା ଉଚିତ । ଆଉ ଯେଉଁଠି ସତ୍ ମାର୍ଗରେ ଏ ଅସ୍ତ୍ରଶସ୍ତ୍ର ସଂଗୃହୀତ ହୋଇପାରିବ ନାହିଁ ଲୋକମାନେ ବାଧ୍ୟ ହେବେ ଲୁଚାଛପାରେ ଉପାୟମାନ ପାଞ୍ଚିବାକୁ, ତାଙ୍କ ଆପଣା ଜନମାନଙ୍କୁ ମାରିବା ଉଦ୍ଦେଶ୍ୟରେ ନୁହେଁ, 'ଦି ଇଂଲିଶ୍‌ମ୍ୟାନ୍' ଉଦ୍ଦେଶ୍ୟମୂଳକଭାବେ ପରୋକ୍ଷରେ ଯାହା ଉଲ୍ଲେଖ କରିବାକୁ ଚାହୁଁଛି, କିନ୍ତୁ ସେମାନଙ୍କ ନିଜ ପ୍ରାଣକୁ ବଞ୍ଚେଇ ରଖିବା ପାଇଁ, ନିଜ ଅଙ୍ଗ ପ୍ରତ୍ୟଙ୍ଗର ସୁରକ୍ଷା ପାଇଁ ନିଜ ଭିଟାମାଟି ଓ ଚୁଲ୍ଲାର ସୁରକ୍ଷା ପାଇଁ, ଯାହା କରିବାକୁ ସେମାନେ ବାଧ୍ୟ ହୋଇଥିଲେ କୋମିଲାରେ, ଆଉ ଅତି ନିକଟରେ ସେମାନଙ୍କୁ ଯାହା କରିବାକୁ ହେବ ମଇମନ୍‌ସିଂରେ । ଏକ ଜାଗ୍ରତ ରାଷ୍ଟ୍ର ତା' ପାଇଁ କ'ଣ ଅପରିହାର୍ଯ୍ୟ ସେକଥା ବିଚାର କରେ ଆଉ ତାହାକୁ ଆବିଷ୍କାର କରିବାରେ ଲାଗିପଡ଼େ ।

ଯେଉଁ କଣ୍ଠଗୀତି ଏକ ଜାତିର ପ୍ରାଣରେ ଅଫୁରନ୍ତ ଶକ୍ତି ସଞ୍ଚାର କରେ ତାହା ସ୍ୱୟଂ ଏକ କୀର୍ତ୍ତିର ଦଲିଲ । ସେ ଗୀତ ଯୋଗୁଁ ହୁଏତ ନିର୍ଯାତନା ଭୋଗିବାକୁ ପଡ଼ିପାରେ କିନ୍ତୁ 'ପଞ୍ଜାବୀ' ଯେପରି କହିଛି, ''ଆମେ ଆଜି ଗୁଳିଗୋଳା ବର୍ଷଣର ସମ୍ମୁଖକୁ ଆସିଯାଇଛୁ କିନ୍ତୁ ଆମ ପଛରେ ଧାଡ଼ିବାନ୍ଧି ରହିଛନ୍ତି ନବନିଯୁକ୍ତ ସୈନିକଗଣ – ଯେଉଁ ମୁହୂର୍ତ୍ତରେ ଆମେ ଟଳିପଡ଼ିବୁ ସେମାନେ ଆସି ଆମ ସ୍ଥାନ ପୂରଣ କରିବାକୁ ପ୍ରସ୍ତୁତ ।'' ଏଇ ଧ୍ୱନି ଏକ ସଙ୍ଗୀତର, କେହି ତାକୁ ନୀରବ କରିପାରିବେନି ଆଉ ଏହା ସହିତ ସମତାଳରେ ଆଗାମୀର କ୍ଷତ୍ରିୟ ତା' ବଜ୍ରାୟୁଧକୁ ପଜେଇ ରଖିଛି 'ଦି ଇଂଲିଶ୍‌ମ୍ୟାନ୍'ର ବିରକ୍ତିକର ମନ୍ତବ୍ୟ ଓ ତୁଚ୍ଛା ଧୂଆଁବାଣକୁ ବେଖାତିର କରି । ପ୍ରାଚୀର ଗାତ୍ରରେ ଲେଖାଗୁଡ଼ିକ ବେଶ୍ ଜଳ ଜଳ ହୋଇ ଦୃଶ୍ୟମାନ ହେଉଛି ଆଉ ଏଣିକି 'ଦି ଇଂଲିଶମ୍ୟାନ୍' ଜାଣିବାକୁ ପାଇବନି ଶାନ୍ତି କ'ଣ ।

(ବନ୍ଦେ ମାତରମ୍, ଏପ୍ରିଲ ୮, ୧୯୦୭)

## ଆଦୌ ଗୁଣଗାନ ନ କରି ପ୍ରଶଂସକ

'ଇଣ୍ଡିୟାନ୍ ନେଶନ୍' ପତ୍ରିକାର ସମ୍ପାଦକଙ୍କଠାରେ ଶେଷକୁ ଏଭଳି ଜଣେ ପ୍ରଶଂସକଙ୍କୁ ଠାବ କରାଯାଇଛି ଶ୍ରୀନାଥ ପାଲଙ୍କର ଦେଦୀପ୍ୟମାନ ଭାଷଣ ଭିତରେ, ଯିଏ କେବେ ବି କାହାରି ଗୁଣଗାନ କରନ୍ତି ନାହିଁ । ସବୁଠାରୁ ବେଶୀ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଜଣେ ପୁରୁଖା ପରଛିଦ୍ରାନ୍ୱେଷୀ ବ୍ୟକ୍ତି ଯିଏକି ସୁରେନ୍ଦ୍ରନାଥଙ୍କୁ ତଳିତଳାନ୍ତ କରିବା ଉଦ୍ଦେଶ୍ୟରେ ତାଙ୍କର ସମସ୍ତ ଶକ୍ତି ବିନିଯୋଗ କରିଥିଲେ, ସେ ସହସା ଆବିଷ୍କାର କରି ପକେଇଲେ ଯେ ''ଦେଶର ଏପଟରୁ ସୁରେନ୍ଦ୍ରନାଥ ହେଉଛନ୍ତି ସର୍ବାପେକ୍ଷା ବିଖ୍ୟାତ ପୁରୁଷ'' ।

ବିଚରା ସମ୍ମିଳନୀର ଅଧକ୍ଷଜଣକ ତାଙ୍କର ଜାତୀୟ ଭାବଧାରା ଭିତରେ 'ଇଣ୍ଡିଆନ୍ ନେଶନ୍' ପତ୍ରିକାର ସର୍ବଜ୍ଞ ସମ୍ପାଦକଙ୍କଠାରୁ ଭିନ୍ନମତ ପୋଷଣ କରି ଏକ ଅକ୍ଷମଣୀୟ ଅପରାଧ କରି ବସିଥିଲେ; ସେ ଆଜି ଆଗେଇ ଆସିଛନ୍ତି ଉଦାରତାର ପରିଚୟ ଦେଇ ଗାଳି ଗୁଲଜରେ ଭାଗନେବା ପାଇଁ । ଦୁଇ ଦଳ ଭିତରେ ଥିବା ମତଭେଦକୁ ତ ସେ ବୁଝନ୍ତି ନାହିଁ; ମିଃ ଗୋଖ୍‌ଲେଙ୍କର ଜାତୀୟତାଠାରୁ ମିଃ ତିଳକଙ୍କର ଜାତୀୟତା କେଉଁ ପ୍ରସଙ୍ଗରେ ଭିନ୍ନ ସେକଥା ବୁଝିବାରେ ସେ ବିଫଳ ହୋଇଛନ୍ତି । ମନେ ମନେ ସେ କଳ୍ପନା କରିଛନ୍ତି ଯେ ଜାତୀୟ-ଚେତନା ପ୍ରତି ତାଙ୍କର ପ୍ରବଳ ଶ୍ରଦ୍ଧା ରହିଥିଲା ଓ ସେ ତା'ର ପରିଚର୍ଯ୍ୟା କରି ଆସୁଥିଲେ – ଆଉ ନେଶନ୍ ରୂପକ ନାମଟି ପ୍ରତି ଏଇ ବିରକ୍ତି ହେଲା ତା'ର ପରିଣତି । ଏପରିକି ହୋମର୍ ମଧ୍ୟ ଅଭିବାଦନ ଭଙ୍ଗୀରେ ଟିକେ ଝୁଙ୍କିଯାଇଛନ୍ତି; 'ଇଣ୍ଡିଆନ୍ ନେଶନ୍'ର ସମ୍ପାଦକ ମହୋଦୟଙ୍କୁ ଆଉ ତାଙ୍କର ଅନ୍ୟ ସ୍ୱଦେଶପ୍ରେମୀ ସାଥୀମାନଙ୍କୁ କହିବାକୁ ପଡ଼ିବ ଯେ ଜାତୀୟବାଦର ଚରମ ପରୀକ୍ଷା ରହିଛି ଜାତିର ଭବିଷ୍ୟତରେ ଆଉ ତା' ପ୍ରତି ପ୍ରେମରେ ଏକ ବିଶ୍ୱାସ ଭିତରେ – ତା'ର ସକଳ ଦୁର୍ବଳତା ସତ୍ତ୍ୱେ ।

ନୂତନ ଦଳର ଅନ୍ୟ ଶାଖାଗୁଡ଼ିକର ଅଶ୍ରାବ୍ୟ ଗାଳି ସମ୍ପର୍କରେ ସୂଚନା ଦେବାକୁ ଯାଇ ଆମେ ଇଂରେଜ ବିଦ୍ୱାନକୁ ସ୍ମରଣ କରେଇ ଦେବାକୁ ଚାହୁଁ ଯେ ଏମିତିକି ଆଡ଼ିଶନ୍ (Addision)ଙ୍କ ମନ ମତାଣିଆ ହସ ଜନସମୁଦାୟଙ୍କ ଭିତରୁ ଏକ ଅପରାଧୀ ଗୋଷ୍ଠୀର ମେରୁଦଣ୍ଡକୁ ଭାଙ୍ଗି ଦେଇଥିଲା ।

(ବନ୍ଦେ ମାତରମ୍, ଏପ୍ରିଲ ୯, ୧୯୦୭)

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

ଶ୍ରୀଅରବିନ୍ଦଙ୍କ ପୁସ୍ତକସବୁ ଏକ ପରିପୂର୍ଣ୍ଣ ବୋଧ, ପରିପୂର୍ଣ୍ଣ ଜ୍ଞାନ ଓ ପରିପୂର୍ଣ୍ଣ ଶକ୍ତିର ପ୍ରତିନିଧିତ୍ୱ କରନ୍ତି ଏବଂ ସେହି ଦୃଷ୍ଟିରୁ ତାଙ୍କର ପ୍ରତ୍ୟେକଟି ପୁସ୍ତକ ଏକାଧାରରେ ଏକ ପ୍ରତୀକ ଓ ଏକ ପ୍ରତିନିଧି ।

– ଶ୍ରୀମା

# ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା...

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଖରାପ ବୋଲି ଅଲଗା କିଛି ଜିନିଷ ନାହିଁ – ଭଲର ବିକୃତି ବ୍ୟଭିଚାର ବା ଅପଭ୍ରଂଶ ହେଉଛି ଖରାପ । ସୁତରାଂ ଭଲକୁ ଚାହିଁଲେ ଯେ ଖରାପର ସଂପୂର୍ଣ୍ଣ ବିପରୀତ କିଛି ଗୋଟାଏ କରିବାକୁ ହେବ, ଖରାପ ଯେଉଁ ଦିଗରେ ଚାଲିଛି, ତାହାର ଠିକ୍ ଓଲଟା ଦିଗରେ ଚାଲିବାକୁ ହେବ – ଏପରି କିଛି କଥା ନାହିଁ । ବରଂ ଅନେକ ସମୟରେ ଦେଖିଥାଉ ଖରାପ ଭଲର ଏକାବେଳେକେ ଦେହ ସହିତ ଦେହ ଘଷାଇ ଚାଲିଛି, ଗୋଟାଏ ଗୋଟାଏ ଜାଗାରେ ସାମାନ୍ୟ ଟିକିଏ ବଙ୍କେଇ ଚାଲିଗଲେ ଭଲ ହେବାକୁ ଯାଉ ଯାଉ ଜିନିଷଟା ଖରାପ ହୋଇଯାଏ । ହୁଏତ ଗୋଟାଏ ଉପାଦାନ କେଉଁଠି ଟିକିଏ କମ୍ ହୋଇଛି ବା ବେଶି ହୋଇଯାଇଛି, ଅନୁପାନ ସାମାନ୍ୟ କଡ଼ା ହୋଇଯାଇଛି ବା ମିଠା ହୋଇପଡ଼ିଛି, ଏବଂ ତାହାରି ଫଳରେ ଅତି ଭଲକୁ ମଧ୍ୟ ଦେଖାଯାଏ ଅତି ଖରାପ । ଭଲ ଖରାପ ଯମଜ ସନ୍ତାନ, ଉଭୟର ଚେହେରା ଏକା ଛାଞ୍ଚର, ତେବେ ଜଣେ କୃଷ୍ଣକାୟ, ଆର ଜଣକ ଜ୍ୟୋତିର୍ମୟ, ପାର୍ଥକ୍ୟ ଏତିକି । ସଇତାନ ଯାହାକୁ କହୁ, ସେ ତ ଗୋଟାଏ ସମୟରେ ଥିଲା ପରୀ; ପରୀମାନଙ୍କ ମଧ୍ୟରେ ଯେ ପ୍ରଧାନ, ତାଙ୍କ ନାମ Lucifer – ସେ ଜ୍ୟୋତିଃ ନେଇ ଆସନ୍ତି – Son of the morning – ଉଷାର ପୁତ୍ର !

ସେହି କାରଣରୁ ବେଦାନ୍ତ କହେ ମିଥ୍ୟା ଅର୍ଥ ଏପରି ନୁହେଁ ଯାହା ଏକାନ୍ତ ଅସତ୍ୟ, ମିଥ୍ୟାର ଅର୍ଥ ସତ୍ୟାଭାସ – ଯାହା ଏକ ସମୟରେ ସତ୍ୟ ଏବଂ ଅସତ୍ୟ; ସତ୍ୟ ହେଉଛି ଯାହା ଅସ୍ତି ଏବଂ ମିଥ୍ୟା ହେଉଛି ଅସ୍ତି-ନାସ୍ତିର ଅନିର୍ବଚନୀୟ ସମ୍ମିଳନ । ସେଥିପାଇଁ ସତ୍ୟକୁ ପାଇବାକୁ ହେଲେ ମିଥ୍ୟାର ପାଖେ ପାଖେ ଚାଲିବାକୁ ପଡ଼େ; ମିଥ୍ୟାକୁ ଏକାନ୍ତ ଅସତ୍ୟ ବୋଲି ଜାଣି ଯେଉଁ ବ୍ୟକ୍ତି ତାକୁ ସାମନାକୁ ଆଣିବ ନାହିଁ, ତାହାଠାରୁ ମୁହଁ ବୁଲାଇନେଇ ଶହେ ହାତ ଦୂରରେ ରହି ଚାଲିବ ସେ ସତ୍ୟର ସନ୍ଧାନ କେବେ ବି ପାଇବ କି ନାହିଁ ସନ୍ଦେହ । ଏଇ କଥାଟିକୁହିଁ ଲକ୍ଷ୍ୟ କରି ଉପନିଷଦ୍ କହୁଛି :

ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା ବିଦ୍ୟୟାଽମୃତମଶ୍ନୁତେ ।

ମିଥ୍ୟାର ଖଣ୍ଡା-ଧାରରେ ଚାଲିବାକୁ ହୁଏ କିନ୍ତୁ ଅତି ସନ୍ତର୍ପଣରେ, ସଜାଗ ହୋଇ, ଦେଖିଶୁଣି, ପରୀକ୍ଷା-ନିରୀକ୍ଷା କରି କରି । ସେପରି ଭାବରେ ଚାଲିବାର କୌଶଳ ଯେ ଆୟତ୍ତ କରିଛି ସେହି ବ୍ୟକ୍ତି ମୃତ୍ୟୁକୁ ଅତିକ୍ରମ କରି ଅମୃତତ୍ୱ ଲାଭ କରେ; ଆଉ ସେ ଚାତୁରୀ ଯାହାର ନାହିଁ ସେ ଅମୃତତ୍ୱ ପାଇପାରେ ନାହିଁ – ମୃତ୍ୟୁହିଁ ତାକୁ ସ୍ୱତଃ ଗ୍ରାସ କରେ ।

ଏହି ଉପଲବ୍ଧିକୁ ସହଜିଆ ସାଧକ କେତେ ଭାବରେ ବ୍ୟକ୍ତ କରିବାକୁ ଚେଷ୍ଟା କରିଛନ୍ତି । ଚଣ୍ଡୀଦାସ କହୁଛନ୍ତି :

ସମୁଦ୍ରେ ପଶିବେ ନୀରେ ନା ତିନ୍ତିବେ ।
(ସମୁଦ୍ରେ ପଶିବ, ଜଲେ ନ ଭିଜିବ ।)

ପୁଣି କହୁଛନ୍ତି : କୁଲଟା ହଇବେ କୁଲ୍ ନା ଛାଡ଼ିବେ ।
(କୁଳଟା ହୋଇବ, କୁଳ ନଛାଡ଼ିବ ।)

ଅନ୍ୟତ୍ର କହୁଛନ୍ତି –

ହଇବି ଗିନ୍ନୀ ବ୍ୟଞ୍ଜନ ବାଣ୍ଟି ବି ନା ଛୁଇବି ହାଁଡ଼ି ।
(ହୋଇବି ପତ୍ନୀ, ବ୍ୟଞ୍ଜନ ବାଣ୍ଟି ବି, ଛୁଇଁବିନି ହାଣ୍ଡି ।)

ଅଥବା –

ସାପେର ମୁଖେତେ ଭେକେରେ ନାଚାବି
ତବେ ତୋ ରସିକରାଜ !

(ସାପର ପାଟିରେ ବେଙ୍ଗ ନଚାଇବ ତେବେ ସିନା ହେବ ରସିକରାଜ !)

କାରଣ ଜୀବନ-ସମସ୍ୟାର ସବୁ ରହସ୍ୟ ହେଉଛି –

ବିଷେ ଅମୃତେତେ ମିଲନ୍ ଏକତ୍ରେ
କେ ବୁଝିବେ ମରମ ତା'ର
ରସଜ୍ଞ ଯେ ଜନ କରୟେ ସେ ପାନ
ବିଷ ଛାଡ଼ି ଅମୃତେର ।

(ବିଷ-ଅମୃତର ମିଳନ ଏକତ୍ର କେ ବୁଝିବ ମର୍ମ ତା'ର
ରସଜ୍ଞ ଯେ ଜନ କରେ ସିଏ ପାନ ବିଷ ଛାଡ଼ି ଅମୃତର ।)

ତାନ୍ତ୍ରିକମାନେ ପଞ୍ଚମ ମକାରାଦିର ଅନୁଷ୍ଠାନ ଉପରେ କାହିଁକି ଯେ ଏତେ ଜୋର୍ ଦିଅନ୍ତି ସେକଥା ଆମେ ହଠାତ୍ ବୁଝି ପାରୁନା; ଅଧ୍ୟାତ୍ମ ସାଧନାରେ, ଭଗବତ୍ ଆରାଧନାରେ ଏସବୁ ଉତ୍କଟ ଜିନିଷର କାହିଁକି ଅବତାରଣା ହୁଏ ଏହା ଏକ ବିଷମ ପ୍ରହେଳିକା । ସାଧାରଣ ବୁଦ୍ଧିରେ ଯୋଗ ଓ ଭୋଗ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ ଜଗତ୍ ।

ଧର୍ମର, ଅଧ୍ୟାତ୍ମର ବିଶେଷ ସାଧନାର କଥା ଛାଡ଼ିଦେଲେ ଆମେ ଯଦି ସାଧାରଣ ସିଦ୍ଧାନ୍ତ ଅର୍ଥାତ୍ ମୂଳ ଆଦର୍ଶଟିର କଥା ବିଚାର କରୁ ତେବେ ସେଠାରେ ମଧ୍ୟ ଏହି ଏକା ତତ୍ତ୍ୱର ଉଦାହରଣ ଦେଖି ପାରିବା । ଆଧୁନିକ ବୈଜ୍ଞାନିକ-ଆଲୋକ ଯୁଗରେ ଧର୍ମ ବା ଅଧ୍ୟାତ୍ମ ବସ୍ତୁଟିକୁ ଆମେ ଅବସ୍ଥା-ବିଶେଷରେ କେତେବେଳେ ତାଚ୍ଛଲ୍ୟ, କେତେବେଳେ ଘୃଣା, କେତେବେଳେ ଅବା ଆଶଙ୍କାର ଦୃଷ୍ଟିରେ ଦେଖୁ; କହୁ ଏଇ ଜିନିଷଟା ମଧ୍ୟଯୁଗର ଅପରିପକ୍ୱ ମନର କୁସଂସ୍କାର । ଅବଶ୍ୟ ଯେତେବେଳେ Stakeର, Inquisitionର କଥା, Massacre of St. Bertholemyର କଥା ପଢ଼ୁ, ସେତେବେଳେ ଭାବୁ ଗୋଟିଏ ସହଜ ସାମାନ୍ୟ ସତ୍ୟର ଉପସ୍ଥାପନ କରିବାକୁ ଯାଇ ଗାଲିଲିଓ ଧର୍ମ ହାତରେ କି ଲାଞ୍ଛନା ଭୋଗ କରି ନାହାନ୍ତି ! ଏତେ ଦୂରକୁ ଯିବା ବା କ'ଣ ଦରକାର, ଯେତେବେଳେ ଦେଖୁ ଆଧୁନିକତମ ଆମେରିକା ଧର୍ମ ବୋଲି ବିବର୍ତ୍ତନବାଦର ସହଜ ସତ୍ୟଟିକୁ ଗଳା ଚିପି ମାରିଦେବାକୁ ଚାହୁଁଛି, ଏବଂ ନିଜ ଘରେ ଆଖି ଆଗରେ ଯେତେବେଳେ ଦେଖୁ ଧର୍ମ ନାମରେ ହିନ୍ଦୁ, ମୁସଲମାନମାନେ କାଣ୍ଡଜ୍ଞାନ ହରାଇ କି ବୀଭତ୍ସ ପଶୁତ୍ୱକୁ ବରଣକରି ଚାଲିଛନ୍ତି, ସେତେବେଳେ କ'ଣ ଇଚ୍ଛାହୁଏ ନାହିଁ ଚିତ୍କାର କରିବାକୁ – ଧର୍ମ ମହାଶୟ ! ଆପଣ ମୁଣ୍ଡ ଉପରେ ରହନ୍ତୁ ପଛକେ, ଆମ ପରି ଗରିବ ମଣିଷଙ୍କୁ ବାଦ୍ ଦିଅନ୍ତୁ, ଆମେ ନାସ୍ତିକ ହେବାକୁ ଚାହୁଁ, ପାଷଣ୍ଡ ହେବାକୁ ଚାହୁଁ ।'' କାମାଲ୍‌ପାଶା ଖିଲାଫତ୍ ଆନ୍ଦୋଳନକୁ କ'ଣ ଖାଲି ଟାରେ ଧ୍ୱଂସ କରିଦେଲେ – ସାତ୍ତ୍ୱିକ, ଆଧ୍ୟାତ୍ମିକ ଭାରତବର୍ଷ ଆଖିରେ ଆଙ୍ଗୁଠି ଗେଞ୍ଜି ଯେଉଁ ସତ୍ୟ ଦେଖାଉଛି, ଅନ୍ଧ ନହେଲେ ସେ ବିଷୟରେ କିଏ ସନ୍ଦେହ କରିବ ?

ଏକଥା କ'ଣ ସତ ଯେ ଧର୍ମରେ ବ୍ୟଭିଚାର ଚିରକାଳ ରହିଛି ବୋଲି, ଧର୍ମ ନାଁରେ ଅଧର୍ମ ଆଚରଣ ନିତ୍ୟନିୟତ ହୋଇଥାଏ ବୋଲି ଧର୍ମ ନାହିଁ ବା ଧାର୍ମିକ ବ୍ୟକ୍ତି ଦୁର୍ଜନ ପରି ପରିହର୍ତ୍ତବ୍ୟ ? ଏକଥା ନ୍ୟାୟଶାସ୍ତ୍ର ପ୍ରମାଣ କରେ ନାହିଁ । ଅଧର୍ମର ଭୟରେ ଧର୍ମକୁ ଯଦି ନିର୍ବାସନ କରୁ, ତେବେ ଅଧର୍ମର ହାତରୁ କେଜାଣି ଅବା ରକ୍ଷା ପାଇପାରୁ, କିନ୍ତୁ ବିଧର୍ମୀମାନଙ୍କ କବଳରେ ପଡ଼ିପାରୁ । ଧର୍ମକୁ, ଅଧ୍ୟାତ୍ମକୁ ବାଦ୍ ଦେଲେ ଜୀବନ ଯାତ୍ରା ଯେ ସମ୍ଭବ ନୁହେଁ – ଏକଥା ନୁହେଁ; ଧର୍ମ ଓ ଅଧ୍ୟାତ୍ମକୁ ଛାଡ଼ିଦେଲେ ଅନ୍ୟ ଆଦର୍ଶ ଅବଶ୍ୟ ଅଛି, ମାତ୍ର ସେସବୁକୁ ମୁଁ ନାମ ଦେଉଛି ବିଧର୍ମ ବୋଲି, କାରଣ ସେଥିରେ ମନୁଷ୍ୟର ପୂର୍ଣ୍ଣ ଅଭିବ୍ୟକ୍ତି, ଅଖଣ୍ଡ ସାର୍ଥକତା ଲାଭ ହୁଏ ନାହିଁ । ସେସବୁ ହେଉଛନ୍ତି ଅଳ୍ପର ସାଧନା । ମାନବର ସ୍ୱଧର୍ମ ରହିଛି ଧର୍ମରେ, ଅଧ୍ୟାତ୍ମରେ । ଆଦର୍ଶ ଯେତେ ବୃହତ୍, ତାହାର ସାଧନାରେ ବାଧା ମଧ୍ୟ ସେତେ ବେଶୀ । ଲକ୍ଷ୍ୟ ଯେତେ ଉଚ୍ଚ, ପତନର ସମ୍ଭାବନା ସେତେ ତଳକୁ । ଜିନିଷ ଯେତେ ସୁନ୍ଦର, ତାହାର ବିକୃତି ହୁଏ ସେତେ କୁତ୍ସିତ । ତେବେ ବି 'ଭୂମୈବ ସୁଖମ୍' । ପ୍ରତ୍ୟେକ ବିକାର, ପ୍ରତ୍ୟେକ ବାଧା, ପ୍ରତ୍ୟେକ ପଦସ୍ଖଳନ ଆଦର୍ଶର ସ୍ୱରୂପକୁ ଆହୁରି ସ୍ପଷ୍ଟ, ପରିଚ୍ଛନ୍ନ, ସୁପ୍ରକାଶ କରି ଦେଖାଇଦିଏ । ବ୍ୟଭିଚାର ମଧ୍ୟରୁ ପ୍ରକୃତ ଯିଏ, ଠିକ୍ ଶିକ୍ଷା ଗ୍ରହଣ କରିବ, ଭୟ ପାଇ ପଶ୍ଚାତ୍‌ପଦ ହେବ ନାହିଁ, ସେହି କେବଳ 'ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ତ୍ୱା । ବିଦ୍ୟୟାଽମୃତମଶ୍ନୁତେ ।'

(ଅବିଦ୍ୟା ମାଧ୍ୟମରେ ମୃତ୍ୟୁକୁ ଅତିକ୍ରମ କରି
ବିଦ୍ୟା ଦ୍ୱାରା ଅମୃତ ଆସ୍ୱାଦନ କରେ ।)

ଧର୍ମ-ଠାକୁରଙ୍କ କଥା କହିବା ବେଳେ ମନେପଡ଼େ ତ୍ରିଶରଣର ଆଉ ଦୁଇଟି ଶରଣର କଥା – ସଂଘ ଓ ବୁଦ୍ଧ । ମଠ ବା ''ମୋନାଷ୍ଟରୀ''ର ଦଶା ଯେ କ'ଣ ହୁଏ, ତାହାର ଜ୍ୱଳନ୍ତ ସାକ୍ଷ୍ୟ ଦେଉଛି ଇତିହାସ – ଆମ ଦେଶରେ ହେଉ ବା ୟୁରୋପରେ ହେଉ; ତାହାର ସାକ୍ଷ୍ୟ ସମାନ । ସେଥିରେ ଏପାଖ ସେପାଖ ହେବାର କିଛି ନାହିଁ । ଏକଥା ସତ୍ୟ ଯେ ସଂଘଗୁଡ଼ିକ ଅନେକ ଦୋଷ-ତ୍ରୁଟିର ଖଣି ହୋଇଯାଇଛି, କିନ୍ତୁ ସେଥିପାଇଁ ସଂଘ ସମୂଳେ ଉତ୍ପାଟିତ କରି ପକାଇଲେ ସେଇଟା ହେବ ଅତିଶୟୋକ୍ତି । ପ୍ରତି ଦେଶରେ, ପ୍ରତି ଯୁଗରେ ମଣିଷ ଏଇ ସଂଘ ଜିନିଷଟିକୁ ଗଢ଼ିବାକୁ ଚାହିଁଛି, ଏହି ନିରନ୍ତର ଚେଷ୍ଟାହିଁ ଯଥେଷ୍ଟ ପ୍ରମାଣ ଦିଏ ଯେ ସଂଘର ଭିତ୍ତି ମନୁଷ୍ୟର ଏକ ଗଭୀରତମ ସତ୍ୟ ଉପରେ ପ୍ରତିଷ୍ଠିତ । ଅସଲ କଥା, ଆଦର୍ଶ ଯଦି ଗଢ଼ି ଉଠି ନଥାଏ, ତେବେ ଏହାର କାରଣ ଏହା ନୁହେଁ ଯେ ସଂଘର ଆଦର୍ଶଟି ଭୁଲ୍, କାହିଁକିନା – ଯେଉଁ ପ୍ରକାର ଅବସ୍ଥା ଭିତର ଦେଇ ସଂଘର ଆଦର୍ଶ ସ୍ଥାପିତ ହୁଏ, ସେହି ଅବସ୍ଥା ଆମେ ଆଣିପାରି ନାହୁଁ । ଯେଉଁସବୁ ସର୍ତ୍ତ ଉପରେ ଠିଆହେଲେ ତାହା ସର୍ବାଙ୍ଗସୁନ୍ଦର ହୋଇ ଗଢ଼ିଉଠିବ ସେହି ସର୍ତ୍ତ ଆମେ ପୂରଣ କରିପାରି ନାହୁଁ । ସେପରି ସର୍ତ୍ତ କୌଣସି ଦିନ ପୂରଣ ହେବ ନାହିଁ, ସେପରି ଅବସ୍ଥା କସ୍ମିନ୍‌କାଳେ ଅଣାଯାଇ ପାରିବ ନାହିଁ, ଏକଥା ଜୋର୍ କରି କହିବାର ଅଧିକାର କାହାର ଅଛି ? ତ୍ରୁଟି କେଉଁଠି, ଅଭାବ କେଉଁଠି, ଭୁଲ୍ କେଉଁ ଅଂଶରେ ହୋଇଥିଲା, କି ପ୍ରକାରେ ତାହା ଅପସାରଣ କରିବାକୁ ହେବ – ଏସବୁ ଅବିଦ୍ୟା ଦେଇଥିବା ଜ୍ଞାନର ଉପଲବ୍ଧି ।

ସଂଘ ମାଧ୍ୟମରେ ସାଧକ ପ୍ରତି ଦେଶରେ, ପ୍ରତି ଯୁଗରେ ବୁଦ୍ଧଙ୍କ ଶରଣ ନେଇଛି । ସେ ଚାହିଁଛି ଗୁରୁ, ପଥ-ପ୍ରଦର୍ଶକ, ଶରୀରୀ ଭଗବାନ୍ – ପଥ ଦେଖାଇ ନେବା ପାଇଁ, ବିପଦରୁ ରକ୍ଷାକରିବା ପାଇଁ, ଆପଣାର ଶକ୍ତି ସାମର୍ଥ୍ୟ ଦାନ କରି ସିଦ୍ଧି ଦିଗରେ ଚଳାଇ ନେବା ପାଇଁ । ଏପରି ଯଥାର୍ଥ ଗୁରୁ ହୁଏତ କୋଟିକରେ ଗୋଟିଏ ମିଳନ୍ତି, ତାହା ବୋଲି ଗୁରୁତତ୍ତ୍ୱ ଅସତ୍ୟ ହୋଇଯାଏ ନାହିଁ । ଭଗବାନ୍ ଓ ମନୁଷ୍ୟ ମଧ୍ୟରେ ମାନୁଷୀ ଭଗବାନ୍ ରୂପ ହେଉଛି ମଧ୍ୟସ୍ଥ, ସାଧନ ଜଗତରେ ଏହାର କି ରହସ୍ୟମୟ ପ୍ରୟୋଜନ ରହିଛି ତାହା ଏହି ଖ୍ରୀଷ୍ଟୀୟ ଚର୍ଚ୍ଚର ପୋପ୍‌ଙ୍କୁ ଦେଖି ହୁଏତ ମନ ମାନେ ନାହିଁ – କିନ୍ତୁ ସେଥିରେ ସେ ପ୍ରୟୋଜନର ଅସ୍ତିତ୍ୱ ଲୋପ ପାଏ ନାହିଁ ।

ଜଗତ୍-ବୀଣାରେ ଦୁଇଟି ତାର – ସରୁ ଓ ମୋଟା, ସୃଷ୍ଟିରେ ଦୁଇଟି ଧାରା ଚାଲି ଆସୁଛି ସମାନ୍ତରାଳରେ – ଗୋଟିଏ ଉପରେ, ଗୋଟିଏ ତଳେ, ଗୋଟିଏ ଭିତରେ, ଗୋଟିଏ ବାହାରେ; ଦୁଇଟିଯାକର ଭାବଭଙ୍ଗୀ, ଚାଲିଚଳଣ ପ୍ରାୟ ଏକ ଧରଣର, ଉପନିଷଦ୍‌ରେ ସେହି ଯେଉଁ 'ଦ୍ୱା ସୁପର୍ଣ୍ଣା ସୟୁଜା ସଖାୟା' – ତାହାରି ପରି । ଉପର ତାରରେ ଯେଉଁ ମୂର୍ଚ୍ଛନା ବାଜେ, ତଳ ତାରରେ ତାହାହିଁ ବାଜେ, ଉପରର ଧାରାରେ ଯେଉଁ ଢେଉ, ଯେଉଁ ଭାବ ଚାଲିଅଛି, ନିମ୍ନର ଧାରାରେ ଅନୁରୂପ ଢେଉ ଉଠୁଅଛି – ତେବେ ଗୋଟିଏ ହେଉଛି କାୟା, ଅନ୍ୟଟି ଛାୟା; ଗୋଟିଏ ଧ୍ୱନି, ଅନ୍ୟଟି ପ୍ରତିଧ୍ୱନି; ଗୋଟିଏ ପ୍ରକୃତି, ଅନ୍ୟଟି ବିକୃତି । ଗୋଟିଏ ହେଉଛି ସତ୍ୟ ସୁନ୍ଦର ମଙ୍ଗଳର ପ୍ରକାଶ ଅପରଟି ଅସତ୍ୟ, ଅସୁନ୍ଦର, ଅମଙ୍ଗଳର ରୂପ । ମୋଟ ଉପରେ ବାହାରିଆ ଗୋଟିଏ ସାଦୃଶ୍ୟ ଦେଖି ଯେଉଁମାନେ ମନେ କରନ୍ତି ଉଭୟ ଏକା ଜିନିଷ; କେଉଁଠି ହେଲେ ସତ୍ୟ-ସୁନ୍ଦର-ମଙ୍ଗଳର ଛାପ ନାହିଁ, ସବୁ ତ ଅସତ୍ୟ, ଅସୁନ୍ଦର, ଅମଙ୍ଗଳର ଏକ ଛାଇ, ଏପରି ଦେଖି କାୟା ବିଷୟରେ ଯେଉଁମାନେ ସନ୍ଦେହୀ, ଶ୍ରଦ୍ଧାହୀନ, ନାସ୍ତିକ ହୋଇପଡ଼ନ୍ତି – ସେମାନେ ଅବିଦ୍ୟାକୁ ଧରି ମୃତ୍ୟୁ କବଳରୁ ପାର ହେବାର କୌଶଳ ଆୟତ୍ତ କରିପାରି ନାହାନ୍ତି – ଅମୃତତ୍ୱ ଲାଭ କରିବା ସେମାନଙ୍କ ପାଇଁ ସୁଦୂର-ପରାହତ । ଗୋଟିକ ସହିତ ଅନ୍ୟଟିର ସଂଯୋଗ ସାଧନ ସମ୍ଭବ ନୁହେଁ । ତେଣୁ ଏକ ଶ୍ରେଣୀର ଲୋକେ ତନ୍ତ୍ରୋକ୍ତ ଏଇ ସକଳ ଅନୁଷ୍ଠାନକୁ ରୂପକ ବୋଲି କହି ଉଡ଼ାଇ ଦିଅନ୍ତି । କିନ୍ତୁ ବାଛି ବାଛି ଏଇ ରୂପକ ବା କାହିଁକି ନିଆଯାଇଛି ? ତେଣୁ ଆଉ ଏକ ଶ୍ରେଣୀର ଲୋକ କହନ୍ତି ତନ୍ତ୍ରଶାସ୍ତ୍ର ହେଉଛି ମୂଳରୁ ଶେଷଯାଏଁ ଲାମ୍ପଟ୍ୟର, ଶିଶ୍ନୋଦର-ପରାୟଣତାର ଶାସ୍ତ୍ର ।

ମାତ୍ର ଅସଲ କଥାଟି ଅନ୍ୟପ୍ରକାର । ସୃଷ୍ଟିର ସମସ୍ତ ରହସ୍ୟ ଏହାହିଁ ସୂଚନା ଦିଏ । ସର୍ବତ୍ର ବିଷ ମଧ୍ୟରେ ସୁଧା ଲୁଚି ରହିଛି, ଯେ ସୁଧା ଚାହେଁ ସେ ବିଷଠାରୁ ଦୂରେଇ ଗଲେ ଚଳିବ ନାହିଁ – ବିଷକୁ ଧରି ନେଇ ଛାଣିବାକୁ ହେବ । ବିଷହିଁ ସୁଧା, ମୂଳତଃ ସେଥିପାଇଁ କେବଳ ଦରକାର ଶୋଧନ, ଉର୍ଦ୍ଧ୍ୱପାତନ । ହୀରା ଯେପରି ପଥୁରିଆ କୋଇଲାର ଉଜ୍ଜ୍ୱଳ ମୂର୍ତ୍ତି, ସେହିପରି କାମର ସାର ହେଉଛି ପ୍ରେମ – କାମ ମଧ୍ୟରୁ ପ୍ରେମ ସାରଟିକୁ ଉଦ୍ଧାର କରିବାହିଁ ପ୍ରେମର ସାଧନା ବା ଭକ୍ତିର ସାଧନା । ଦେହ ମଧ୍ୟରେ ଆତ୍ମା ମିଳିମିଶି ରହିଛି, ଇନ୍ଦ୍ରିୟର ପଛରେ ଅତୀନ୍ଦ୍ରିୟ ଅନୁସ୍ୟୂତ । ଆତ୍ମା ଯଦି ଅତୀନ୍ଦ୍ରିୟକୁ ପାଇବାକୁ ଚାହେଁ, ତେବେ ତାକୁ ଦେହ ଓ ଇନ୍ଦ୍ରିୟ ସହିତ ବିଶେଷ ଭାବରେ କାରବାର କରିବାକୁ ହେବ । ପଙ୍କ ମଧ୍ୟରେ ମନୁଷ୍ୟର ଅନ୍ତରାତ୍ମା ପ୍ରୋଥିତ – ସେଇ ଅନ୍ତରାତ୍ମାକୁ ଉଦ୍ଧାର କରିବାକୁ ହେଲେ, ଟେକି ଧରିବାକୁ ହେଲେ ପଙ୍କ ଭିତରକୁ ଓହ୍ଲାଇ ଯିବାକୁ ପଡ଼ିବ, ପଙ୍କ ଯେପରି ଦେହରେ ନଲାଗେ – ସେକଥା ଅଲଗା । ମାତ୍ର ଓହ୍ଲାଇବାକୁ ପଡ଼ିବ, ପଙ୍କକୁ ବାଦ୍ ଦେଲେ ବା ତାହାଠାରୁ ଅପସରି ଗଲେ କାର୍ଯ୍ୟ ହାସଲ ହେବ ନାହିଁ । ଅବଶ୍ୟ ଏ ପ୍ରକାର ଐକାନ୍ତିକ ସନ୍ନ୍ୟାସର ପଥ ଅନେକେ ଅନୁସରଣ କରିଛନ୍ତି । ମାତ୍ର ଉପନିଷଦ୍ ବୋଧହୁଏ ସେଇମାନଙ୍କୁହିଁ ଲକ୍ଷ୍ୟ କରି କହିଛି : ''ଅନ୍ଧଂ ତମଃ ପ୍ରବିଶନ୍ତି ଯେ ଅବିଦ୍ୟାମୁପାସତେ ।
ତତୋ ଭୂୟ ଇବ ତେ ତମୋ ୟ ଉ ବିଦ୍ୟାୟାଂ ରତାଃ'' ।

(ଈଶୋପନିଷଦ୍)

(ଯେଉଁମାନେ ଅବିଦ୍ୟାର ଉପାସନା କରନ୍ତି ସେମାନେ ଗଭୀର ଅନ୍ଧକାର ମଧ୍ୟରେ ପ୍ରବେଶ କରନ୍ତି, ଆଉ ଯେଉଁମାନେ କେବଳ ବିଦ୍ୟାର ଉପାସନା କରନ୍ତି ସେମାନେ ତା'ଠାରୁ ଅଧିକ ଘୋର ଅନ୍ଧକାର ମଧ୍ୟରେ ପଡ଼ନ୍ତି ।)

ସାଧନ-ଭଜନର ସ୍ଥାନ ମନ୍ଦିର-ଗାତ୍ରରେ ଅଶ୍ଳୀଳତା ପାଇଁ ଆସନ ଏତେ ସଂଭ୍ରମରେ ଛାଡ଼ି ଦିଆଯାଇଛି କାହିଁକି ? ବିଦ୍ୟାର କ୍ଷେତ୍ରରେ ଠିଆ ହୋଇ ଅବିଦ୍ୟା ସ୍ୱଷ୍ଟତଃ ଏହା ଘୋଷଣା କରୁଛି – ମୋତେ ପାଖେ ପାଖେ ରଖି ମୃତ୍ୟୁର ଅପର ପାରକୁ ଯାଅ :

''ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା...''

(ସୌଜନ୍ୟ : 'ସତ୍ୟଶ୍ରୀ' ପତ୍ରିକା) ❖

# ସପ୍ତ ସୂର୍ଯ୍ୟ
## ଶ୍ରୀଅରବିନ୍ଦ

(୧)

ଦିବ୍ୟସୃଜନଶୀଳ ଉତ୍ସାରଣର ସୂର୍ଯ୍ୟ (ଚିରନ୍ତନ ବ୍ୟାପ୍ତିର ଆନନ୍ତ୍ୟରୁ)

ଦିବ୍ୟଜ୍ୟୋତିଃ ଓ ଦିବ୍ୟଶକ୍ତିର ଦ୍ୱୈତ ସୂର୍ଯ୍ୟ (ଅନନ୍ତ ବିଜ୍ଞତା-ସଂକଳ୍ପରୁ ଉତ୍ସାରିତ ସମସ୍ତ ଗତିବୃତ୍ତି ଉପରେ ଏକାଗ୍ର ହୋଇଥାଏ ।)

ଦିବ୍ୟବାକ୍‌ର ସୂର୍ଯ୍ୟ (ସୃଷ୍ଟିକୁ ସଙ୍ଗଠିତ କରୁଥାଏ) ।

ଦିବ୍ୟପ୍ରେମ, ଆନନ୍ଦ ଓ ସୌନ୍ଦର୍ଯ୍ୟର ସୂର୍ଯ୍ୟ (ଅବତରଣ କରୁଥିବା ସୌଷମ୍ୟ, ସୁସଙ୍ଗତି ଓ ସୁସମଞ୍ଜସତାକୁ ସକ୍ରିୟ ଗତିଶୀଳ ରୂପ ପ୍ରଦାନ କରୁଥାଏ)

ଅନ୍ତରାତ୍ମିକ ଶକ୍ତିର ସୂର୍ଯ୍ୟ (ସୃଷ୍ଟି ନିମନ୍ତେ ସମସ୍ତ ଅଭୀପ୍ସା, ଗ୍ରହଣ, ଧାରଣ ଓ ଆତ୍ମୀକରଣକୁ ରୂପାୟିତ କରୁଥାଏ । ଏଠାରେ ମନ ଓ ଚୈତ୍ୟ ରୂପରେ ବିଭକ୍ତ କିନ୍ତୁ ସେଠାରେ ଅନ୍ତରାତ୍ମା-ମାନସ ଓ ବ୍ରହ୍ମ ରୂପରେ ଏକତ୍ରିତ ।)

ଦିବ୍ୟଜୀବନର ସୂର୍ଯ୍ୟ (ସୃଷ୍ଟିକୁ ଗତିଶୀଳ ବାହ୍ୟ ରୂପ ପ୍ରଦାନ କରୁଥାଏ) ।

ଚିରସ୍ଥାୟୀ ରୂପ ଓ ଗଠନର ସୂର୍ଯ୍ୟ (ସୃଷ୍ଟିକୁ ସ୍ଥିର, ସୁପ୍ରତିଷ୍ଠିତ ଓ ଆଧାରୀଭୂତ କରୁଥାଏ) ।

---

ଏହିଗୁଡ଼ିକ ହେଉଛି ଶରୀର-ଊର୍ଦ୍ଧ୍ୱସ୍ଥ ସତ୍ୟ-ମାନସର ସପ୍ତବିଧ ଶକ୍ତି ।

---

(୨)

ଦିବ୍ୟସତ୍ୟର ସୂର୍ଯ୍ୟ, ଯାହା ଅତିମାନସ ସୃଷ୍ଟିକୁ ଉତ୍ସାରିତ କରେ ।

ଅତିମାନସ ଆଲୋକ ଓ ସଂକଳ୍ପର ଦ୍ୱୈତ ସୂର୍ଯ୍ୟ, ଯାହା ଅତିମାନସ ସୃଷ୍ଟିକୁ ନିର୍ମିତ, ପ୍ରତିଷ୍ଠିତ ଓ ସଙ୍ଗଠିତ କରିବା ପାଇଁ ଦିବ୍ୟଜ୍ଞାନ-ଶକ୍ତିକୁ ପ୍ରେରଣ କରେ ।

ଦିବ୍ୟବାକ୍‌ର ସୂର୍ଯ୍ୟ ଯାହା ଅତିମାନସ ସୃଷ୍ଟିକୁ ଅଭିବ୍ୟକ୍ତ ଓ ବ୍ୟବସ୍ଥିତ କରେ ।

ଦିବ୍ୟପ୍ରେମ, ଆନନ୍ଦ ଓ ସୌନ୍ଦର୍ଯ୍ୟର ସୂର୍ଯ୍ୟ ଯାହା ଅତିମାନସ ସୃଷ୍ଟିକୁ ସମୁଜ୍ଜ୍ୱଳ ଓ ସୁସମଞ୍ଜସ କରେ ।

ଅତିମାନସ ଶକ୍ତିର ସୂର୍ଯ୍ୟ (ଦିବ୍ୟଜୀବନର ଉତ୍ସ) ଯାହା ଅତିମାନସ ସୃଷ୍ଟିକୁ ସକ୍ରିୟ ଗତିଶୀଳ ରୂପ ଦିଏ ।

ଅତିମାନସ ଜୀବନ-ଉଭାସର ସୂର୍ଯ୍ୟ (ଶକ୍ତି-ରଶ୍ମି) ଯାହା ଗତିଶୀଳତାକୁ ପ୍ରଣାଳୀବାହୀ କରି ରୂପ ଓ ଗଠନ ଭିତରକୁ ଢାଳିଦିଏ ।

ଅତିମାନସ ଦିବ୍ୟଗଠନ-ଶକ୍ତିର ସୂର୍ଯ୍ୟ ଯାହା ଅତିମାନସ ଜୀବନକୁ ଧାରଣ ଓ ମୂର୍ତ୍ତ କରେ ଏବଂ ସୃଷ୍ଟିକୁ ସ୍ଥିର ଓ ସଂହତ କରେ ।

## (୩)

### ଅତିମାନସର ସାତଟି ସୂର୍ଯ୍ୟ

୧. ଅତିମାନସ ଦିବ୍ୟସତ୍ୟର ସୂର୍ଯ୍ୟ – ଦିବ୍ୟଜ୍ଞାନ-ଶକ୍ତି, ଯାହା ଅତିମାନସ ସୃଷ୍ଟିକୁ ଉତ୍ସାରିତ କରେ ।
ସହସ୍ର ଦଳକୁ ଅବତରଣ ।

୨. ଅତିମାନସ ଜ୍ୟୋତିଃ ଓ ସଂକଳ୍ପ ଶକ୍ତିର ସୂର୍ଯ୍ୟ, ଯାହା ଦିବ୍ୟଜ୍ଞାନ-ଶକ୍ତିକୁ ଗତିଶୀଳ ସୃଷ୍ଟି ଦର୍ଶନ ରୂପେ ପ୍ରେରଣ କରେ ଏବଂ ଅତିମାନସ ସୃଷ୍ଟିକୁ ନିର୍ମିତ, ପ୍ରତିଷ୍ଠିତ ଓ ସଙ୍ଗଠିତ କରିବା ପାଇଁ ନିର୍ଦ୍ଦେଶ ଦିଏ ।
ଆଜ୍ଞାଚକ୍ରକୁ ଅବତରଣ ।

୩. ଅତିମାନସ ବାକ୍‌ର ସୂର୍ଯ୍ୟ, ଯାହା ଅତିମାନସ ସୃଷ୍ଟିକୁ ଅଭିବ୍ୟକ୍ତ ଓ ବ୍ୟବସ୍ଥିତ କରିବାର ଶକ୍ତି ବହନ କରୁଥିବା ଦିବ୍ୟ ଜ୍ଞାନ-ଶକ୍ତିକୁ ମୂର୍ତ୍ତ କରେ ।
କଣ୍ଠଚକ୍ରକୁ ଅବତରଣ ।

୪. ଅତିମାନସ ପ୍ରେମ, ସୌନ୍ଦର୍ଯ୍ୟ ଓ ଆନନ୍ଦର ସୂର୍ଯ୍ୟ ଯାହା ଅତିମାନସ ସୃଷ୍ଟିକୁ ସମୁଜ୍ଜ୍ୱଳ, ସର୍ବାଙ୍ଗ ସୁନ୍ଦର ଓ ସୁସମଞ୍ଜସ କରିବା ପାଇଁ ଜ୍ଞାନ-ଶକ୍ତିର ଆତ୍ମାକୁ ମୁକ୍ତ ଭାବରେ ଖୋଲିଦିଏ ।
ହୃଦୟପଦ୍ମକୁ ଅବତରଣ ।

୫. ଅତିମାନସ ଶକ୍ତିର ସୂର୍ଯ୍ୟ, ଯାହା ଅତିମାନସ ସୃଷ୍ଟିକୁ ପରିପୁଷ୍ଟ କରିବା ପାଇଁ ଜୀବନର ଶକ୍ତି ଓ ଉତ୍ସରୂପେ ସକ୍ରିୟ ଗତିଶୀଳତା ଲାଭ କରେ ।
ନାଭିକେନ୍ଦ୍ରକୁ ଅବତରଣ ।

୬. ଜୀବନ-ଦୀପ୍ତିର ସୂର୍ଯ୍ୟ (ଶକ୍ତିରଶ୍ମି), ଯାହା ସୁନିର୍ଦ୍ଦିଷ୍ଟ ଗଠନ ପାଇଁ ଗତିସ୍ପନ୍ଦଗୁଡ଼ିକୁ ବଣ୍ଟନ କରେ ଓ ସେହି ଗଠନ ଭିତରକୁ ତାହାକୁ ଢାଳିଦିଏ ।
ସ୍ୱାଧିଷ୍ଠାନକେନ୍ଦ୍ରକୁ ଅବତରଣ ।

୭. ଅତିମାନସ ଉପାଦାନ-ଶକ୍ତି ଓ ଗଠନ ଶକ୍ତିର ସୂର୍ଯ୍ୟ, ଯାହା ଅତିମାନସ ଜୀବନକୁ ମୂର୍ତ୍ତ କରିବା ପାଇଁ ଏବଂ ସୃଷ୍ଟିକୁ ସ୍ଥିର ଓ ସୁପ୍ରତିଷ୍ଠିତ କରିବା ପାଇଁ କ୍ଷମତା ପ୍ରାପ୍ତ ହୋଇଥାଏ ।
ମୂଳାଧାରକୁ ଅବତରଣ ।

## (୪)

### ପ୍ରାଣର ସାତଟି କେନ୍ଦ୍ର

୧. ସହସ୍ରଦଳ ପଦ୍ମ – ମସ୍ତିଷ୍କରେ ନିଜର ଭିତ୍ତି ସହ ମସ୍ତକର ଉର୍ଦ୍ଧ୍ୱରେ ବିରାଜିତ । ଅତିମାନସ ନିମନ୍ତେ ପ୍ରାଣ-ମନରେ ଭିତ୍ତି ବା ଅବଲମ୍ବନ ସ୍ୱରୂପ, ଜ୍ୟୋତିର୍ମୟ ମନର ଉଦ୍‌ଯୋଗ କେନ୍ଦ୍ର ।

୨. କପାଳର ମଧ୍ୟ ଭାଗରେ ଥିବା ଭ୍ରୂମଧ୍ୟସ୍ଥ କେନ୍ଦ୍ର ।
ସଂକଳ୍ପ, ସୂକ୍ଷ୍ମଦର୍ଶନ, ଆନ୍ତର ମାନସିକ ଗଠନ, ସକ୍ରିୟ ଓ ଗତିଶୀଳ ମନ ।
୩. କଣ୍ଠର କେନ୍ଦ୍ର – ବାକ୍, ବାହ୍ୟମନ, ସମସ୍ତ ବାହ୍ୟ ପ୍ରକାଶ ।
୪. ହୃଦୟପଦ୍ମ – ବାହ୍ୟ ଭାବରେ ଆବେଗମୟ ଓ ଗଠନ ମନ
ପ୍ରାଣ-ମନ : ଆନ୍ତର ହୃଦୟରେ ଚୈତ୍ୟ କେନ୍ଦ୍ର
୫. ନାଭିକେନ୍ଦ୍ର – ବୃହତ୍ତର ଯଥାର୍ଥ ପ୍ରାଣ, ଜୀବନ-ଶକ୍ତି କେନ୍ଦ୍ର
୬. ମୂଳାଧାର ଓ ନାଭିର ମଧ୍ୟ ଭାଗରେ ଥିବା କେନ୍ଦ୍ର । ନିମ୍ନତର ପ୍ରାଣ :
ଉପରର ସମସ୍ତ କେନ୍ଦ୍ରଗୁଡ଼ିକ ସହ ଏହା ସ୍ଥୂଳ ଦେହର ସଂଯୋଗ ସ୍ଥାପନ କରିଥାଏ ।
୭. ଶେଷ କେନ୍ଦ୍ର ବା ମୂଳାଧାର – ପ୍ରାଣିକ ଉଦ୍ୟୋଗ ପାଇଁ ଭୌତିକ ଅବଲମ୍ବନ
ଯାହା ସମସ୍ତ ଏହାର ନିମ୍ନରେ, ତାହା ହେଲା ଅବଚେତନ ଦୈହିକ ।

(Records of Yoga II, C.W.S.A., Vol. 11, pp.1341-43) ✜

[ବି : ଦ୍ର : ଆସନ୍ତା ସଂଖ୍ୟାରେ ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଦ୍ୱିତୀୟ ଭାଗ "*Surya Savitri, Creator and Increaser*" ସୂକ୍ତର ଓଡ଼ିଆ ଅନୁବାଦ ପ୍ରକାଶିତ ହେବ ।]

Every day, at each moment, we shall aspire to do the right thing in the right way, always.

– The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ନିର୍ଜନ ନିଶାର୍ଦ୍ଧର ମୃତ୍ୟୁଦୂତ
## (ଶ୍ରୀ ମନୋଜ ଦାସଙ୍କ ସହ ପ୍ରଶ୍ନୋତ୍ତର)

- ଅତୀନ୍ଦ୍ରିୟ ଜଗତର ରହସ୍ୟ ହେତୁବୋଧ ଦ୍ୱାରା ବୁଝିବା ସମ୍ଭବପର କି ?
- ଏକ ଦୁର୍ଘଟଣାରେ ଯଦି ଶହେଲୋକ ପ୍ରାଣ ହାରିବେ, ତେବେ ସେ ସମସ୍ତଙ୍କ ନିୟତି କ'ଣ ଏକ ଥିଲା ?

**ପ୍ରଥମ ଜିଜ୍ଞାସୁ :** ପ୍ରାୟ ବର୍ଷେ ହୋଇଗଲାଣି । ଅନ୍ୟ ବଂଧୁମାନଙ୍କ ଗହଣରେ ଆପଣଙ୍କୁ ଭେଟିଥିଲି । ମୋର ଜଣେ ନାସ୍ତିକ ବଂଧୁଙ୍କ ପ୍ରଶ୍ନର ଉତ୍ତରରେ ଆପଣ ଯାହାସବୁ କହିଥିଲେ, ସେସବୁ ଆଜି ମଧ ମୋ ସ୍ମୃତିରେ ପ୍ରତିଧ୍ୱନିତ ହେଉଛି । କଳାପାହାଡ଼ ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ଦଗ୍ଧ କରିପାରିଲା କିପରି, ବଂଧୁଙ୍କର ଏବଂ ଆମ ସମସ୍ତଙ୍କର ସେ ପ୍ରଶ୍ନଟିର ଉତ୍ତରରେ ଆପଣ ଯାହାସବୁ କହିଥିଲେ ସେସବୁ ମୋ ମନରୁ ଅନେକ ଭୁଲ୍ ସଂସ୍କାର ଦୂରୀଭୂତ କରିଦେଇଛି । ଆପଣଙ୍କର ମନେଅଛି କି ?

**ଉତ୍ତର :** ମନେ ନଥିଲା; ମନେ ପଡ଼ିଲା । ଭୂପୃଷ୍ଠରେ ମଣିଷସମାଜ ଭିତରେ, ଭଗବାନଙ୍କ ଭୂମିକା ସମ୍ପର୍କରେ ଆମର ବହୁତ ଭୁଲ୍ ସଂସ୍କାର ରହିଥାଏ । ମନେପଡ଼ିଲା – କହିଥିଲି ପ୍ରତିଥର ନବକଳେବର ବେଳେ ତ ଆମେ ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ଭୂମିଗର୍ଭକୁ ପ୍ରେରଣ କରୁଁ; ତାହା ଦ୍ୱାରା କ'ଣ ଶ୍ରୀଜଗନ୍ନାଥଙ୍କ ଅନ୍ତ ହୁଏ ?

**ପ୍ରଥମ ଜିଜ୍ଞାସୁ :** ଆପଣ କହିଥିଲେ, ଭଗବାନଙ୍କୁ ପୋଡ଼ିବାକୁ ହେଲେ ସସାଗରାଧରା, ବିଶ୍ୱବ୍ରହ୍ମାଣ୍ଡ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ରାଶି – ସବୁକୁ ପୋଡ଼ିବା ଆବଶ୍ୟକ, ଯାହାକି ଅସମ୍ଭବ ।

**ଉତ୍ତର :** ଠିକ୍ ! ଜଗନ୍ନାଥଙ୍କୁ ଆମେ ଶ୍ରୀକୃଷ୍ଣଙ୍କର ଏକ ରୂପ ବୋଲି ଗ୍ରହଣ କରୁଁ । ଆମେ ଭୁଲିଯାଉଁ ଯେ ସ୍ୱୟଂ ଶ୍ରୀକୃଷ୍ଣ ମଧ ସାମାନ୍ୟ ମଣିଷ ଜରା ଶବର ହାତରେ ପ୍ରାଣ ଦେଇଥିଲେ । ପରମବ୍ରହ୍ମ ରୂପେ ଭଗବାନଙ୍କ ସ୍ୱରୂପ କଥା ଭିନ୍ନ, କିନ୍ତୁ ଅବତାର ରୂପେ ଜନ୍ମଗ୍ରହଣ କଲେ ତାଙ୍କୁ ବହୁମାତ୍ରାରେ ମାନବ-ସୁଲଭ ଆଚରଣ କରିବାକୁ ପଡ଼େ; ମାନବ-ନିୟତିଚକ୍ରର ବିଧି ବିଧାନର ଅଭିଜ୍ଞତା ମଧ ଦେଇ ଗତି କରିବାକୁ ପଡ଼େ ।

**ପ୍ରଥମ ଜିଜ୍ଞାସୁ :** ମୁଁ ନାସ୍ତିକ ନୁହେଁ । କିନ୍ତୁ ମୁଁ ହେତୁବୋଧ ଓ ଯୌକ୍ତିକତାରେ ବିଶ୍ୱାସୀ । ଆପଣଙ୍କ ଦ୍ୱାରା ମୁଁ ଉପକୃତ ଯେହେତୁ ଆପଣ ମୋ ମନ ଓ ବୁଦ୍ଧିକୁ ସନ୍ତୁଷ୍ଟ କରିପାରୁଛନ୍ତି, ଆପଣଙ୍କ ଯୁକ୍ତି ଦ୍ୱାରା । କିନ୍ତୁ ଆଧାତ୍ମିକ ତତ୍ତ୍ୱ ବୁଝାଇବାକୁ ଯାଇ ଅନେକ ଦାର୍ଶନିକ ଏବଂ ଧର୍ମଗୁରୁ ବୁଦ୍ଧି ଓ ଯୁକ୍ତିକୁ ହେୟଜ୍ଞାନ କରିବାର ଦେଖାଯାଏ ।

**ଦ୍ୱିତୀୟ ଜିଜ୍ଞାସୁ :** ସତକଥା । ଆପଣ ତ ସେମିତି କରୁ ନାହାନ୍ତି ! କେମିତି ? ଅର୍ଥାତ୍ କେମିତି ଆପଣ ଯୁକ୍ତିସମ୍ମତ ଧାରାରେ ଜଟିଳ କଥାମାନ ସରଳ କରି ଦେଉଛନ୍ତି ?

**ଉତ୍ତର :** ମୁଁ ସେମିତି କରୁ ନାହିଁ, କାରଣ ମୁଁ ଜଣେ ଦାର୍ଶନିକ ନୁହେଁ କି ଧର୍ମଗୁରୁ ନୁହେଁ; ମୁଁ ଆପଣମାନଙ୍କ ଭଳି ଜଣେ ଜିଜ୍ଞାସୁ ମାତ୍ର । କିନ୍ତୁ ଯୁକ୍ତି ବା ହେତୁବୋଧର ଦୌଡ଼ କେତେ ଦୂର ? ମୁଁ ବା ଯେକୌଣସି ଜିଜ୍ଞାସୁ ଗୋଟାଏ ପର୍ଯ୍ୟାୟ ପର୍ଯ୍ୟନ୍ତ ହେତୁବୋଧ କଲ୍ୟାଣରୁ ଆଧାତ୍ମିକତାର କିଛି କିଛି ସମସ୍ୟା ଅଥବା ପ୍ରଶ୍ନର ମୁକାବିଲା କରିପାରିବୁଁ । କିନ୍ତୁ ତା' ପରେ ?

**ତୃତୀୟ ଜିଜ୍ଞାସୁ :** ମାନେ, ତା'ପରେ, ଅର୍ଥାତ୍, ଆଧାତ୍ମିକତାର ଗୂଢ଼ତତ୍ତ୍ୱସବୁକୁ ହେତୁବୋଧ ଦ୍ୱାରା ବୁଝିହେବ ନାହିଁ ପରା ! – କେବେହେଲେ ହେବ ନାହିଁ ?

**ଉତ୍ତର :** ନା ।

**ଚତୁର୍ଥ ଜିଜ୍ଞାସୁ :** କାହିଁକି ନୁହେଁ ?

**ଉତ୍ତର :** ମୋତେ ପ୍ରଥମେ କୁହନ୍ତୁ – ହେତୁବୋଧ ଆପଣ ପାଇଲେ କେଉଁଠାରୁ ?

**ଚତୁର୍ଥ ଜିଜ୍ଞାସୁ :** ପ୍ରଶ୍ନଟି ବୁଝିପାରୁ ନାହିଁ ।

**ଉତ୍ତର :** ଆପଣ ପରିଧାନ କରିଥିବା ଏ ଚମତ୍କାର ସୁଏଟର୍ ଖଣ୍ଡିକ କେଉଁଠାରୁ ପାଇଲେ ?

**ଜିଜ୍ଞାସୁ :** ମନେଅଛି । ପାଞ୍ଚବର୍ଷ ହୋଇଗଲାଣି । କଲିକତାର ନିଉ ମାର୍କେଟରୁ ମୋର ଏହି ପରମାତ୍ମୀୟ ଶାଳକ ଜଣକ କିଣିଆଣି ଦେଇଥିଲେ । (ଭଦ୍ରଲୋକ ତୃତୀୟ ଜିଜ୍ଞାସୁଙ୍କୁ ଦେଖାଇ କହିଲେ ।)

**ଉତ୍ତର :** ଆପଣଙ୍କ ହେତୁବୋଧ ଟିକକ ଶାଳକ ମହୋଦୟ ବା ଅନ୍ୟ କୌଣସି ଆତ୍ମୀୟ ଲଣ୍ଡନ ବା ନିଉୟର୍କର ବଜାରରୁ ...

**ତୃତୀୟ ଜିଜ୍ଞାସୁ :** ସେକେଣ୍ଡ ହ୍ୟାଣ୍ଡ୍ ମାର୍କେଟରୁ ।

**ଚତୁର୍ଥ ଜିଜ୍ଞାସୁ :** (ତୃତୀୟଙ୍କୁ) ଚୁପ୍ କର । (ମନୋଜ ଦାସଙ୍କୁ) : କ୍ଷମା କରିବେ । ଆପଣ ଯାହା ଜାଣିବାକୁ ଚାହୁଁଛନ୍ତି – ମାନେ ଜାଣିବାକୁ ଚାହିଁବା ଛଳରେ ମୋତେ ମନେପକାଇ ଦେଉଛନ୍ତି, ତାହାହେଲା, ମୋ ହେତୁବୋଧ ମୋ ବୁଦ୍ଧି ବା ଚିନ୍ତାଶକ୍ତିର ଅବଦାନ । ସୁଏଟର୍ ଖଣ୍ଡିକ ଭଳି ତାହା ବାହାରୁ ମୋ ବ୍ୟବହାର ନିମନ୍ତେ ଆସି ନାହିଁ । ଭୁଲ କରୁ ନାହିଁ ତ ?

**ଉତ୍ତର :** ମୋଟେ ନୁହେଁ । ବର୍ତ୍ତମାନ କୁହନ୍ତୁ, ଆପଣଙ୍କ ବୁଦ୍ଧି ବା ଚିନ୍ତାଶକ୍ତି କେଉଁଠାରୁ ଆସିଲା ?

**ତୃତୀୟ ଜିଜ୍ଞାସୁ :** ଆଜ୍ଞା ? ଏ ପ୍ରଶ୍ନର ଉତ୍ତର ଏମିତି ହେବ କି – ବୁଦ୍ଧି ବା ଚିନ୍ତାଶକ୍ତି ମୋ ଚେତନାର ଏକ ଦିଗ ? ଏ ଉତ୍ତର ଚଳିବ ?

**ଉତ୍ତର :** ନିଶ୍ଚୟ ଚଳିବ । କୁହନ୍ତୁ, ଆପଣଙ୍କ ଚେତନା ଆସିଲା କାହୁଁ ?

**ତୃତୀୟ ଜିଜ୍ଞାସୁ :** କ୍ଷମା କରିବେ, ଏ ପ୍ରଶ୍ନର ଉତ୍ତର ଦେବା ମୋର ସାଧ୍ୟାତୀତ ।

**ପ୍ରଥମ ଜିଜ୍ଞାସୁ :** ଆମ ସମସ୍ତଙ୍କ ସାଧ୍ୟାତୀତ ।

**ଉତ୍ତର :** ଠିକ୍ । ଆମ ସମସ୍ତଙ୍କ ସାଧ୍ୟାତୀତ । ତେବେ, ଯେଉଁ ଧାରାରେ ଆମ ଆଲୋଚନା ଗତିକରୁଛି, ଯଦି କୁହାଯାଏ ଯେଉଁ ସର୍ବବ୍ୟାପୀ ମହାଚେତନା ଭିତରୁ ଏ ସମଗ୍ର ସୃଷ୍ଟି ସମ୍ଭବ ହୋଇଛି, ସେହି ମହାଚେତନା ଆମ ମଣିଷଜାତିକୁ ବିକାଶ ମାର୍ଗରେ ନେଇଯାଉଥିବା ଅବକାଶରେ ଗୋଟାଏ ବିଶେଷ ପର୍ଯ୍ୟାୟରେ ଯୌକ୍ତିକତା, ହେତୁବୋଧ, ବିବେକ ବିବେଚନା ଭଳି ଗୁଣମାନଙ୍କର ପ୍ରସ୍ଫୁଟନ ହୋଇଛି, ତେବେ କଥାଟି ଅଯୌକ୍ତିକ ହେବ କି ?

**ଏକାଧିକ ଜିଜ୍ଞାସୁ :** ଏହା ତ ଅତ୍ୟନ୍ତ ଯୁକ୍ତିଯୁକ୍ତ କଥା । ଅଯୌକ୍ତିକ ହେବାର ପ୍ରଶ୍ନ କାହିଁ ? ବିଲକୁଲ ପ୍ରାଗୈତିହାସିକ ମଣିଷର ନା ଥିଲା ହେତୁବୋଧ ନା ଥିଲା ବିବେକ ବିବେଚନା ।

**ଉତ୍ତର :** ଠିକ୍ । ହେତୁବୋଧ, ଯୌକ୍ତିକତା ଇତ୍ୟାଦି ତେବେ ସେହି ମହାଚେତନାର ଅବଦାନ; ସେହି ମହାଚେତନାର ଗୁଣବିଶେଷ । ଆମେ ଏସବୁ ଗୁଣର ସ୍ରଷ୍ଟା ନୋହୁଁ । ତେବେ ଏସବୁ ସାମାନ୍ୟ ଗୁଣ ଦ୍ୱାରା ସେ ମହାଚେତନାର ସମସ୍ତ ରହସ୍ୟ ବୁଝିବା ସମ୍ଭବପର ହେବ କିପରି ?

**ପ୍ରଥମ ଜିଜ୍ଞାସୁ :** ବାସ୍ତବିକ ! ଅଜ୍ଞାନ ତିମିରାନ୍ଧକାର ଭିତରେହିଁ ରହିବା ସାର । ଆପଣଙ୍କ କଥା କହୁ ନାହିଁ ...

**ଉତ୍ତର :** ଆହା ! ଏ ଲୋକଟି ପ୍ରତି ଏଡ଼େ ଅନୁକମ୍ପା କାହିଁକି ? ଆମେ ସମସ୍ତେ ଅଜ୍ଞାନୀ – ଏହି ଅନୁଭବରୁ ଜ୍ଞାନର ସନ୍ଧାନ ଆରମ୍ଭ ହୋଇଛି । କେତେ ଜ୍ଞାନୀ ସମ୍ଭବପର ହୋଇଛନ୍ତି । କିନ୍ତୁ ଜଣେ ଜ୍ଞାନୀର ତତ୍ତ୍ୱକୁ ଅନ୍ୟ ଜଣେ ଜ୍ଞାନୀ ଭୁଲ୍ ବୋଲି ପ୍ରମାଣ କରିବାର ବା ଅନ୍ତତଃ ଘୋଷଣା କରିବାର ଦୃଷ୍ଟାନ୍ତର ଅଭାବ ନାହିଁ । ଜଣେ ମହାପୁରୁଷଙ୍କ ଶିଷ୍ୟମାନେ ଧରିନେଇଥିବେ, ତାଙ୍କ ଗୁରୁଙ୍କ ଜ୍ଞାନହିଁ ଜ୍ଞାନଜଗତର ପରିସୀମା । ସେ ଗୁରୁଙ୍କଠାରୁ ଭିନ୍ନ ମତପୋଷଣ କରୁଥିବା ଅନ୍ୟ ଜଣେ ଗୁରୁଙ୍କ ଶିଷ୍ୟ ବା ଅନୁଗତ ବା ଅନୁଗାମୀମାନେ ମଧ୍ୟ ଅନୁରୂପ ମତ ପୋଷଣ କରୁଥିବେ । କଥାହେଲା, ଜ୍ଞାନର ଏକ ଏକ ଦିଗ, କିଛି କିଛି ମାତ୍ରାର ଅଭିଜ୍ଞତା ବା ଉପଲବ୍ଧି ସେମାନଙ୍କର ହୋଇଥାଏ । କିନ୍ତୁ ଯେଉଁ ମୁହୂର୍ତ୍ତରେ ସେମାନେ ନିଜ ଉପଲବ୍ଧ ଜ୍ଞାନହିଁ ଏକମାତ୍ର ସତ୍ୟ ବୋଲି ଘୋଷଣା କରନ୍ତି ସେହି ମୁହୂର୍ତ୍ତରେ ସେମାନେ ଅଜ୍ଞାନର ଦୂତ ବନିଯାଆନ୍ତି । ଅବଶ୍ୟ ଅଧିକାଂଶ କ୍ଷେତ୍ରରେ ଜଣେ ମହାପୁରୁଷ ବା ଗୁରୁ ସେମିତି ଘୋଷଣା କରନ୍ତି ନାହିଁ; କରନ୍ତି ସେମାନଙ୍କର ଅହଂ ପ୍ରଣୋଦିତ ପଟ୍ଟଶିଷ୍ୟବର୍ଗ ।

ସେ ଯାହାହେଉ, ଆମ ଆଲୋଚନା ଯେଉଁ ପ୍ରଶ୍ନ ଉପରେ ଆରମ୍ଭ ହେଲା, ସେଠାକୁ ପ୍ରତ୍ୟାବର୍ତ୍ତନ କରିବା । ଚେତନାଗତ ବିକାଶର ଗୋଟାଏ ବିଶେଷ ପର୍ଯ୍ୟାୟରେ ଆମ ଭିତରେ ହେତୁବୋଧର ବିକାଶ ହେଲା । ସେ ହେତୁବୋଧର ଭୂମିକା ମହତ । ସମାଜକୁ ସଭ୍ୟ, ମାର୍ଜିତ କରିବା ଦିଗରେ କେତେ ବିଧିବିଧାନର ପ୍ରବର୍ତ୍ତନ ହୋଇଛି ଏହି ହେତୁବୋଧର ଶକ୍ତି ଓ ପ୍ରଭାବ ଜରିଆରେ । ଆମର ସାମାଜିକ ସମ୍ପର୍କର ବହୁ ଦିଗଠୁଁ ଆରମ୍ଭ କରି ସମ୍ବିଧାନ ପର୍ଯ୍ୟନ୍ତ ଏହି ହେତୁବୋଧର ଭିତ୍ତି ଉପରେ ସଂଗଠିତ ।

ଆଧ୍ୟାତ୍ମିକ ସତ୍ୟର ସନ୍ଧାନ ଦିଗରେ ହେତୁବୋଧ ଆମକୁ ଦିଗ୍‌ଦର୍ଶନ ଦେଇପାରେ, କିନ୍ତୁ ହେତୁବୋଧ ଦ୍ୱାରା ସେ ସତ୍ୟକୁ ଆୟତ୍ତ କରିବା ସମ୍ଭବପର ନୁହେଁ କି ତା'ର ବ୍ୟାଖ୍ୟା ସମ୍ଭବପର ନୁହେଁ । ତେବେ ସେ ସତ୍ୟର ଅଥବା ସେ ସତ୍ୟର କେତେକାଂଶର ଉପଲବ୍ଧି ସମ୍ଭବପର । ଉପଲବ୍ଧି – ଯାହାକୁ ଇଂରାଜୀରେ Realisation ବୋଲି କୁହାଯାଏ, ତାହା ମୁଁ ଆପଣଙ୍କୁ ବା ଆପଣ ମୋତେ ଦେଇପାରିବେ ନାହିଁ । କିନ୍ତୁ ଯୁକ୍ତି-ଭିତ୍ତିକ ଜ୍ଞାନ ମୁଁ ଆପଣଙ୍କୁ ବା ଆପଣ ମୋତେ ଦେଇପାରିବେ । ଉପଲବ୍ଧି ବ୍ୟାପାରଟି ଆପଣଙ୍କ ବ୍ୟକ୍ତିଗତ

ବ୍ୟାପାର । ଯାହାକୁ କୁହାଯାଏ Subjective ; କିନ୍ତୁ ଏକ ନିର୍ଦ୍ଦିଷ୍ଟ ଧାରା ଅନୁସରଣ କରୁଥିବା ଶହେ ଜିଜ୍ଞାସୁ ବା ସାଧକ ବା ଭକ୍ତ ବା ଯୋଗୀଙ୍କର ଉପଲବ୍ଧି ମୋଟାମୋଟି ଏକ ଧରଣର ହୋଇପାରେ । ସେ ଦୃଷ୍ଟିରୁ ଜଣେ ସମୀକ୍ଷକର ଦୃଷ୍ଟିରୁ ତାହା Objective ବୋଲି କୁହାଯାଇପାରେ ।

**ଏକାଧିକ ଜିଜ୍ଞାସୁ :** ଉପଲବ୍ଧିର ଉପାୟ ?

**ଉତ୍ତର :** ସାଧନା । ନା, ଆସନ, ପ୍ରାଣାୟାମ କଥା କହୁ ନାହିଁ । ଏଠାରେ ସାଧନାର ଅର୍ଥ ସତ୍ୟ ଜାଣିବା ଦିଗରେ ନିରନ୍ତର ବ୍ୟାକୁଳତା, ଅଜ୍ଞାନରୁ ମୁକୁଳିବା ନିମନ୍ତେ ବେସାଲିସ ବାସନା । ସାଧାରଣତଃ ବାସନା ଶବ୍ଦଟି ଇନ୍ଦ୍ରିୟଗତ ଇଚ୍ଛା, କାମନା-ବାସନା ଅର୍ଥରେ ପ୍ରୟୋଗ କରାଯାଇଥାଏ । ମୁଁ ଏଠାରେ ଅଭୀପ୍ସା ବା Aspiration ଅର୍ଥରେ ଶବ୍ଦଟି ବ୍ୟବହାର କରୁଛି । ଆମ ଚେତନାର ବହୁ ସଂଗୁପ୍ତ ଐଶ୍ବର୍ଯ୍ୟ ରହିଛି । ଆମେ ସଚରାଚର ଆମର ମନ, ବୁଦ୍ଧି, ହିତାହିତ ଜ୍ଞାନ, ଆଦର୍ଶ, ହେତୁବୋଧ ଇତ୍ୟାଦିକୁ ନେଇ ଚଳପ୍ରଚଳ ହୋଇଥାଉଁ । ଅଧିକ ହେଲେ ନୈତିକତା, ଧର୍ମାଚରଣ, ମାନବିକ ଆଦର୍ଶ ଇତ୍ୟାଦିକୁହିଁ ଆମ ଚେତନାର ସର୍ବାଙ୍ଗ ବୋଲି ଧରି ନେଇଥାଉଁ । କିନ୍ତୁ ଆମେ ସେମିତି କରୁଁ ଯେହେତୁ ଚେତନାର ଗଭୀରତା କେତେ ତାହା ମାପିବାର ପ୍ରୟାସ ଆମେ ପ୍ରାୟ କରୁନା । ଆମ ଚେତନାର ମହତ୍ତମ ଅଂଶରେ ରହିଛି ଯାବତୀୟ ଆଧ୍ୟାତ୍ମିକ ଜ୍ଞାନ ଭିତରକୁ ଅନୁମତିପତ୍ର ବା ପ୍ରବେଶପତ୍ର ବା Passport; ସେହି ଅଂଶକୁ ଆତ୍ମା ବୋଲି କୁହାଯାଇପାରେ । ସାଧାରଣତଃ ଉପଲବ୍ଧି ବୋଲି ଆମେ ଯାହାକୁ କହୁଛୁଁ, ତାହା ସେହି ଆତ୍ମାର ଆନୁକୂଲ୍ୟରେହିଁ ସମ୍ଭବପର ହୋଇଥାଏ ।

**ଦ୍ୱିତୀୟ ଜିଜ୍ଞାସୁ :** ବଡ଼ ଗହନ କଥା । ଆମ ଦ୍ୱାରା ସମ୍ଭବ ନୁହେଁ ।

**ଉତ୍ତର :** କଦାପି ସମ୍ଭବ ନୁହେଁ !!

**ଏକାଧିକ ଜିଜ୍ଞାସୁ :** ସମ୍ଭବ ନୁହେଁ ଟି ?

**ଉତ୍ତର :** ଆପଣ ଯଦି ସମ୍ଭବ ନୁହେଁ ବୋଲି ଧରିନେବେ, ତେବେ କଦାପି ସମ୍ଭବ ନୁହେଁ । ଆପଣ ଯଦି ସମ୍ଭବ ବୋଲି ପ୍ରତ୍ୟୟ ରଖିବେ, ତେବେ ଅବଶ୍ୟ ସମ୍ଭବ; ନିଶ୍ଚିତଭାବେ ସମ୍ଭବ । କେତେ ସାଧକ, ଯୋଗୀଙ୍କ ପକ୍ଷରେ ସମ୍ଭବ ହୋଇଛି ବୋଲି ତ ଆମେ ସେଭଳି ଉପଲବ୍ଧିସବୁର ଅନ୍ତତଃ ଆଭାସ ପାଇଛୁଁ ।

**ପ୍ରଥମ ଜିଜ୍ଞାସୁ :** ଆପଣ ଅନୁମତି ଦେଲେ ମୁଁ ଅନ୍ୟ ଏକ ପ୍ରଶ୍ନ ପଚାରିବି । ''ତନ୍ଦ୍ରାଲୋକର ପ୍ରହରୀ'' ମୁଁ ବହୁବାର ପଢ଼ିଛି । ତାହା ମୋ ପାଇଁ ଅପୂର୍ବ । ତେବେ ସେ ବହିର ବିଷୟବସ୍ତୁ ସମ୍ପର୍କରେ କହୁ ନାହିଁ । ଖାଲି ଗୋଟିଏ କଥା : ମନେହୁଏ, ପଶୁପକ୍ଷୀ ଏବଂ ମାନବ-ଚେତନା ବାହାରେ ମଧ୍ୟ ବହୁ କିସମର ଚେତନା ଅଛନ୍ତି । ବହିଟି ବାରଂବାର ପଢ଼ିବା ଭିତରେ ମୋର ଅନ୍ୟାନ୍ୟ ଅନେକ ରହସ୍ୟ ସମ୍ପର୍କରେ ଧାରଣା ହେବା ସଙ୍ଗେ ସଙ୍ଗେ ଏ ବିଷୟରେ ମଧ୍ୟ ପ୍ରତ୍ୟୟ ଜନ୍ମିଛି । ଠିକ୍ ?

**ଉତ୍ତର :** ଏ ବିଷୟରେ ପ୍ରତ୍ୟୟ ଜନ୍ମିବା ସତ୍ତ୍ୱେ ଆପଣ ନିଜକୁ କେବଳ ମାତ୍ର ହେତୁବାଦୀ ବୋଲି ଅଭିହିତ କରୁଥିଲେ କିପରି ?

**ଚତୁର୍ଥ ଜିଜ୍ଞାସୁ :** ଆପଣଙ୍କଠୁଁ ଖାସ୍ କିଛି କଥା ଆଦାୟ କରିବା ନିମନ୍ତେ, ଆଜ୍ଞା ! ମହାଶୟଙ୍କ ବୃତ୍ତି ଆପଣଙ୍କୁ ଜଣା ଟି ? ମହାକୁଶଳୀ ଓକିଲ !

**ପ୍ରଥମ ଜିଜ୍ଞାସୁ :** ଆପଣଙ୍କ ଆଗରେ ବର୍ଷକ ତଳେ ସାକ୍ଷାତ୍ ବେଳେ କିଂବା ଆଜି ଥରୁଟିଏ ମଧ୍ୟ ଓକିଲାତି ବୁଦ୍ଧିର ପରିଚୟ ଦେଇଛି ? ଏ ବାଚାଳ କଥା ଭୁଲି ଯାଆନ୍ତୁ । ମୋତେ କୁହନ୍ତୁ, ସେସବୁ ଚେତନାର ଭୂମିକା କ'ଣ ?

**ଉତ୍ତର :** ଏ ପ୍ରଶ୍ନର ଉତ୍ତର ଦେବା ସହଜ ନୁହେଁ । କାରଣ ଆପଣଙ୍କ ପ୍ରଶ୍ନରେ ନିହିତ ରହିଛି ଏମିତି ଏକ ଉପାଦାନ, ଯାହା ହେତୁ ନିର୍ଣ୍ଣୟ କରିବାର ପକ୍ଷପାତୀ । ସେଭଳି ଚେତନାମାନେ ବିଦ୍ୟମାନ ରହିବାର ହେତୁ କ'ଣ – ଏହାହିଁ ଆପଣଙ୍କ ପ୍ରଶ୍ନର ଅନ୍ୟ ଏକ ରୂପ ।

**ପ୍ରଥମ ଜିଜ୍ଞାସୁ :** ହଁ ଆଜ୍ଞା, ସେଥିରେ ଭୁଲ୍ କ'ଣ ?

**ଉତ୍ତର :** ଭୁଲ୍ ଆପଣଙ୍କର ନୁହେଁ; ଭୁଲ୍ ଆମ ସାମଗ୍ରିକ ଚେତନାର – ବୋଇଲେ ଆମ ସୀମାବଦ୍ଧ ମାନସିକ ଚେତନାର । ଆମେ ସବୁକିଛିର ଯୁକ୍ତିଗତ ବ୍ୟାଖ୍ୟା ଦାବି କରୁଁ – ସଚେତନ ଭାବରେ ହେଉ ବା ଅଚେତନ ଭାବରେ ହେଉ । ଆମେ ଭୁଲିଯାଉଁ ଯେ ଯୁକ୍ତିର ଭିତ୍ତିରେ ଏ ସୃଷ୍ଟି ତିଆରି ହୋଇ ନାହିଁ । ବାତାବରଣରେ ଅସଂଖ୍ୟ ଅତୀନ୍ଦ୍ରିୟ ସତ୍ତାମାନେ ଅଛନ୍ତି ଯେଉଁମାନେ ଯୁକ୍ତି ଦ୍ୱାରା ପରିଚାଳିତ ନୁହନ୍ତି । ସୃଷ୍ଟିର ପ୍ରାରମ୍ଭ ମୁହୂର୍ତ୍ତରୁ, ସମ୍ପୂର୍ଣ୍ଣ ଚେତନାଶୂନ୍ୟ ସ୍ଥୂଳତା ଭିତରୁ ଚେତନାର ଅଭିଯାତ୍ରା ଚାଲିଛି; ଚେତନାର ବିପରୀତ ଶକ୍ତି ନିଶ୍ଚେତନା ସେ ଗତିଶୀଳତାକୁ ପଛରୁ ଟାଣିଧରି ରୋକିବାର ଚେଷ୍ଟା କରୁଛି । ଏହି ଦ୍ୱନ୍ଦ୍ୱ ଭିତରୁ ଏବଂ ଆହୁରି ଅସଂଖ୍ୟ କାରଣରୁ କେତେ

ସତ୍ତାର ଉତ୍ପତ୍ତି ଘଟିଛି; ପୁଣି ମଣିଷର କାମନା-ବାସନା, ଈର୍ଷା, ଦ୍ୱେଷ, ଲୋଭ, ହିଂସା, ପ୍ରତିହିଂସାର ଅଦୃଶ୍ୟ ସ୍ଖଳନ ଭିତରୁ କେତେ କୁନି କୁନି ବିଷାକ୍ତ ସତ୍ତା ସୃଜିତ ହୋଇଯାଇଛନ୍ତି । ସେମାନେ ନିଜ ନିଜ ଖାମଖିଆଲ, ନିଜ ନିଜ ସୀମିତ ବଳ ଓ ପରିସର ଭିତରେ ଚଳପ୍ରଚଳ ହେଉଥା'ନ୍ତି; ବିଲୀନ ହୋଇ ଯାଉଥା'ନ୍ତି । ବିଚିତ୍ର ସେ ଅତିଭୌତିକ ଜଗତର ହାଲ୍‌ଚାଲ୍ ।

**ତୃତୀୟ ଜିଜ୍ଞାସୁ :** ମଣିଷମାନଙ୍କ ସହ ସେମାନଙ୍କ ସମ୍ପର୍କ ଥାଏ ?

**ଉତ୍ତର :** ସେମାନେ ସମ୍ପର୍କ ପାଇଁ ଉତ୍ସୁକ ଥା'ନ୍ତି ବୋଲି ମନେହୁଏ । କେହି କେହି ମଣିଷ ମଧ୍ୟ ସେମାନଙ୍କୁ ଅକ୍ତିଆର କରି ନିଜ ନିଜ ସ୍ୱାର୍ଥ ସିଦ୍ଧିରେ ବା ତୁଚ୍ଛା ହବୁବିଦ୍ୟା ବା ଚମତ୍କାର ପ୍ରଦର୍ଶନରେ ବ୍ୟବହାର କରନ୍ତି । ଅବଶ୍ୟ ସେ ପାଇଁ ସେସବୁ ମଣିଷଙ୍କୁ କଠୋର ମୂଲ୍ୟ ଦେବାକୁ ପଡ଼ିଥାଏ ।

**ପ୍ରଥମ ଜିଜ୍ଞାସୁ :** ଗୋଟାଏ ଭଲ କଥା ମନେପଡ଼ିଲା । ମୋର ଜଣେ ବନ୍ଧୁଙ୍କଠାରୁ ଶୁଣିଥିଲି – ଆପଣ କୌଣସି ଏକ କ୍ଲାସରେ ବ୍ରିଟିଶ ଭାରତର ଜଣେ ଗଭର୍ଣ୍ଣର ଜେନେରାଲ୍‌ଙ୍କ ଅଦ୍ଭୁତ ଅଭିଜ୍ଞତାର ଦୃଷ୍ଟାନ୍ତ ଦେଉଥିଲେ ...

**ଉତ୍ତର :** ଲର୍ଡ଼ ଡାଫ୍‌ରିନ୍‌ଙ୍କ କଥା । ଅନ୍ୟ କୌଣସି ଗଭର୍ଣ୍ଣର ଜେନେରାଲ୍‌ଙ୍କର ସେଭଳି ଅଦ୍ଭୁତ ଅଭିଜ୍ଞତାର ଦୃଷ୍ଟାନ୍ତ ନାହିଁ ।

**ଏକାଧିକ ଜିଜ୍ଞାସୁ :** ଦୟାକରି କହନ୍ତୁ ।

**ଉତ୍ତର :** ଆମ ଆଲୋଚନା ଶେଷ ହେଲା ବୋଲି ଭାବିଥିଲି । ବର୍ତ୍ତମାନ ତାହା ଅନ୍ୟ ଏକ ସ୍ତରକୁ ଚାଲିଯିବ – ତତ୍ତ୍ୱରୁ ତଥ୍ୟ ସ୍ତରକୁ । ଠିକ୍ ଅଛି !

ଯେତେଦୂର ମନେପକାଇ ପାରୁଛି, ଊନବିଂଶ ଶତାବ୍ଦୀର ଅଷ୍ଟମ ଦଶକରେ କେଇ ବର୍ଷ ପାଇଁ ଲର୍ଡ଼ ଡାଫରିନ୍ ଭାରତରେ ମହାରାଣୀ ଭିକ୍‌ଟୋରିଆଙ୍କ ଭାଇସରାୟ ବା ପ୍ରତିନିଧି ଏବଂ ଗଭର୍ଣ୍ଣର ଜେନେରାଲ୍ ଥିଲେ । ତାଙ୍କ ଶାସନକାଳ ମନେ ରହିବାର ହେତୁ, ସେତିକିବେଳେ ୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହୋଇଥିଲା । ସବୁ ଗଭର୍ଣ୍ଣର-ଜେନେରାଲ୍‌ଙ୍କ ମଧ୍ୟରେ ଡାଫ୍‌ରିନ୍ ସାହେବ ବୋଧହୁଏ ସବୁଠୁଁ ଅଧିକ ଭଦ୍ରଲୋକଟିଏ ଥିଲେ ।

ସେ ଯାହାହେଉ, ସେ ଭାରତକୁ ଆସିବାର କେତେ ବର୍ଷ ତଳର ଘଟଣା । ସେ ଥରେ ତାଙ୍କର ଜଣେ ବନ୍ଧୁଙ୍କ ଘରେ ଅତିଥି ହୋଇଥା'ନ୍ତି – ଆୟାର୍ଲାଣ୍ଡର ଏକ ଅପେକ୍ଷାକୃତ ଜନବିରଳ ଅଞ୍ଚଳରେ ।

ବନ୍ଧୁଙ୍କର ପ୍ରାସାଦ ଭଳି ଘର । ଚତୁର୍ଦ୍ଦିଗରେ ବ୍ୟାପକ ଉଦ୍ୟାନ । ଜହ୍ନରାତି । ପ୍ରାସାଦର ତଳମହଲାରେ ଗୋଟାଏ ବଡ଼ କୋଠରିରେ ଡାଫ୍‌ରିନ୍ ଶୋଇଥା'ନ୍ତି । କିଛି ଗୋଟାଏ ଅସ୍ୱସ୍ତିକର ସ୍ୱପ୍ନ ଦେଖି ସେ ଉଠିବସିଲେ । ଯାଇ ଘର ପଛପଟେ ଥିବା ଉଦ୍ୟାନମୁଖୀ କାଚ ଝରକା ପାଖରେ ଠିଆହୋଇଥା'ନ୍ତି ।

ସେ ହଠାତ୍ ଦେଖିଲେ, ଜହ୍ନ ଆଲୁଅରେ ସ୍ପଷ୍ଟ ନ ଦିଶିଲେ ମଧ୍ୟ ଲୋକଟାଏ ତାଙ୍କରି କୋଠରି ଆଡ଼କୁ ଆସୁଛି । ସେ ନିଜ ପିଠିରେ କିଛି ଗୋଟାଏ ବହନ କରୁଛି ।

ଘରର କୌଣସି ପରିଚାରକ ଏତେ ରାତିରେ ଏକାକୀ ଉଦ୍ୟାନରେ କିଛି କାମ କରିବାର ସମ୍ଭାବନା ନଥିଲା । ଡାଫ୍‌ରିନ୍ ଧରିନେଲେ, ସେ ଗୋଟାଏ ଚୋର । ଉଦ୍ୟାନ ଭିତରୁ କିଛି ମୂଲ୍ୟବାନ୍ ଜିନିଷ ଚୋରାଇ ନେଇଯାଉଛି । ସମ୍ଭ୍ରାନ୍ତ ବଂଶର ପ୍ରାସାଦ ପରିସର ଭିତରେ ଅନେକ ଦୁର୍ମୂଲ୍ୟ ମୂର୍ତ୍ତି ବା ଅନ୍ୟ କୌଣସି ଦୁର୍ଲଭ ବସ୍ତୁ ସାଇତା ହୋଇଥା'ନ୍ତି ।

ଡାଫ୍‌ରିନ୍ ଖୁବ୍ ସାହସୀ । ସେ କବାଟ ଖୋଲି ଗୋଟାଏ ଲମ୍ଫରେ ଯାଇ ସେ ଲୋକଟି ଆଗରେ ଠିଆ ହୋଇ ପଡ଼ିଲେ । ମୁହୂର୍ତ୍ତକ ଭିତରେ ଦେଖିନେଲେ, ଲୋକଟି ନିଜ ପିଠିରେ ଗୋଟାଏ କଫିନ୍ ବହନକରି ଚାଲିଛି ।

''କ'ଣ ହେଉଛି ?''– ଏମିତି କିଛି ଧମକ ଦେଲେ ଡାଫ୍‌ରିନ୍ । ଚକିତ ଲୋକଟି ମୁହଁ ଟେକି ତାଙ୍କ ଆଡ଼େ ଅନାଇଲା । ସେଭଳି ଭୟାବହ ମୁହଁ ଡାଫ୍‌ରିନ୍ କେବେ ଦେଖିବା ତ ଦୂରର କଥା, କଳ୍ପନା ମଧ୍ୟ କରି ପାରି ନଥା'ନ୍ତେ । ତାଙ୍କ ସାହସ ଉଭେଇ ଯିବା ସଙ୍ଗେ ସଙ୍ଗେ ସେ ଦେଖିଲେ ଲୋକଟି ସତେ ଯେପରି ତାଙ୍କରି ଦେହ ଭିତର ଦେଇ ପଶି ପଛପଟେ ଅଦୃଶ୍ୟ ହୋଇଗଲା । ଡାଫ୍‌ରିନ୍ ରାତିଯାକ ବିସ୍ମୟ ବିମୂଢ଼ ହୋଇ ନିଜ ଖଟ ଉପରେ ବସିଥା'ନ୍ତି ।

ସକାଳ ହେଲା । ସେ ତାଙ୍କ ବନ୍ଧୁଙ୍କୁ ସବୁ କଥା କହିଲେ, ପରିବାରର ସମସ୍ତେ ଯାଇ ଉଦ୍ୟାନ ବୁଲି ଦେଖିଲେ । କିଛି ବସ୍ତୁ ଅପହୃତ ହୋଇ ନାହିଁ । କେହି କେହି କହିଲେ ଡାଫ୍‌ରିନ୍ ହୁଏତ ସମୁଦାୟ ଘଟଣାଟି ସ୍ୱପ୍ନ ଭାବରେହିଁ ଦେଖିଛନ୍ତି । କିନ୍ତୁ ଡାଫ୍‌ରିନ୍ ଜାଣିଥିଲେ, ତାଙ୍କର ସେ ବିଚିତ୍ର ଅଭିଜ୍ଞତା ସ୍ୱପ୍ନ ନଥିଲା; ଥିଲା ଏକାନ୍ତ ବାସ୍ତବ ।

ଏହାର ଅଳ୍ପ ଦିନ – ହୁଏତ ବର୍ଷେ ଦୁଇ ବର୍ଷ ପରେ –

ଡାଫ୍‌ରିନ୍ ଇଂଲଣ୍ଡର ରାଷ୍ଟ୍ରଦୂତ ରୂପେ ପ୍ୟାରିସ ପ୍ରେରିତ ହେଲେ । ଦିନେ ସେଠାକାର ଗ୍ରାଣ୍ଡ୍ ହୋଟେଲର ଉଚ୍ଚତମ ମହଲାରେ ଫ୍ରାନ୍‌ସରେ ଥିବା ବିଦେଶୀ କୂଟନୀତିଜ୍ଞମାନଙ୍କର ଏକ ସଭା ହେଉଥିଲା । ଡାଫ୍‌ରିନ୍ ହୋଟେଲରେ ପହଞ୍ଚିବା ମାତ୍ରେ ଅଭ୍ୟର୍ଥନାକାରୀମାନେ ତାଙ୍କୁ ସାଦରେ ଲିଫ୍‌ଟ୍ ପାଖକୁ ନେଇଗଲେ । ପ୍ରଶସ୍ତ ଲିଫ୍‌ଟ୍ ଭିତରେ ସେତେବେଳକୁ ବେଶ୍ କେତେଜଣ କୂଟନୀତିଜ୍ଞ ଠିଆହୋଇଥା'ନ୍ତି । ସେମାନେ ସହାସ୍ୟ ଡାଫ୍‌ରିନ୍‌ଙ୍କୁ ସ୍ୱାଗତ କଲେ ।

ଡାଫ୍‌ରିନ୍ ଗୋଟାଏ ଗୋଡ଼ ଲିଫ୍‌ଟ୍ ଭିତରେ ଥୋଇବାକୁ ଯାଉଛନ୍ତି, ଦୈବାତ୍ ତାଙ୍କ ଦୃଷ୍ଟି ଲିଫ୍‌ଟ୍-ଚାଳକର ମୁହଁ ଉପରେ ନିବଦ୍ଧ ହେଲା । ତାଙ୍କ ଭିତରେ ଖେଳିଗଲା ଆତଙ୍କର ବିଦ୍ୟୁତ୍ । ସେ ଗୋଡ଼ କାଢ଼ିନେଇ କହିଲେ, ''ଦୁଃଖିତ ! ଟିକିଏ କାମ ଅଛି । ପରେ ପରେ ଯାଉଛି ।''

ଲିଫ୍‌ଟ୍ ଦ୍ୱାର ବନ୍ଦ ହୋଇଗଲା । ଡାଫ୍‌ରିନ୍‌ଙ୍କର ତ ବାସ୍ତବିକ କିଛି କାମ ନଥିଲା । ସେ କିଛି ଗୋଟାଏ ମାମୁଲି ପ୍ରଶ୍ନ କରିବା ନିମନ୍ତେ ହୋଟେଲର ସ୍ୱାଗତିକା ପାଖରେ ପହଞ୍ଚିଛନ୍ତି, ଶୁଣାଗଲା ଏକ ପ୍ରଚଣ୍ଡ ଶବ୍ଦ । ସର୍ବୋଚ୍ଚ ମହଲା ସ୍ପର୍ଶ କରୁ କରୁ ଲିଫ୍‌ଟ୍ ଛିଡ଼ି ପଡ଼ିଲା । ସେ ମର୍ମାନ୍ତିକ ଦୁର୍ଘଟଣାରେ ଲିଫ୍‌ଟ୍ ଭିତରେ ଥିବା ସମସ୍ତ ବ୍ୟକ୍ତି ପ୍ରାଣ ହରାଇଥିଲେ । ସମସ୍ତେ ବିଶିଷ୍ଟ କୂଟନୀତିଜ୍ଞ ଓ ରାଷ୍ଟ୍ରଦୂତ । ସେତେବେଳେ ପାଶ୍ଚାତ୍ୟ ଜଗତରେ ଘଟଣାଟି ଚାଞ୍ଚଲ୍ୟ ସୃଜି ଥିଲା ।

ଡାଫ୍‌ରିନ୍ ନିଜେ ଏ କଥାଟି ଲେଖି ନାହାନ୍ତି । କିନ୍ତୁ ସେ ତାଙ୍କର ବହୁ ବନ୍ଧୁଙ୍କୁ ଏହା ଗପିଥିଲେ ଏବଂ ଏକାଧିକ ବନ୍ଧୁ ଏହା ଲିପିବଦ୍ଧ କରିଥିଲେ । ବାଲ୍ୟକାଳରେ ଶ୍ରୀମା ମଧ୍ୟ ଏ ଘଟଣା ଶୁଣିଥିଲେ ଏବଂ ସେ ଏହାର ଉଲ୍ଲେଖ ମଧ୍ୟ କରିଛନ୍ତି । ଘଟଣାର ଭିନ୍ନ ଭିନ୍ନ ବିବରଣୀରେ କିଛି କିଛି ତାରତମ୍ୟ ରହିଛି । କିନ୍ତୁ କେନ୍ଦ୍ର ଘଟଣାଟି ସବୁ ବିବରଣୀରେ ସମାନ ।

ବିବରଣୀମାନଙ୍କ ଭିତରେ ଗୋଟାଏ ମାତ୍ର ବିଷୟରେ ବିଶେଷ ତାରତମ୍ୟ ରହିଛି । ଗୋଟିଏ ବିବରଣୀ ଅନୁସାରେ ସେ ଲିଫ୍‌ଟ୍-ଚାଳକ ମୃତକମାନଙ୍କ ଭିତରେ ନଥିଲା । ଅନ୍ୟ ବିବରଣୀ ଅନୁସାରେ ହୋଟେଲର ନିୟମିତ ଲିଫ୍‌ଟ୍‌ଚାଳକ ଛୁଟିରେ ଥିବା ଯୋଗୁଁ ଜଣେ ଦିନକ ପାଇଁ ସେ କାମରେ ନିଯୁକ୍ତ ହୋଇଥିଲା ଏବଂ ସେ ମଧ୍ୟ ମୃତକମାନଙ୍କ ଭିତରେ ଥିଲା ।

କହିବା ବାହୁଲ୍ୟ ଡାଫ୍‌ରିନ୍ ଅତୀତର ଜହ୍ନ ରାତିରେ ଏକ ଅତିଭୌତିକ ସତ୍ତାକୁ ଦେଖିଥିଲେ । ସେ କେତେଜଣଙ୍କ ପାଇଁ ମୃତ୍ୟୁଦୂତ ରୂପେ କାମ କରୁଥିଲା । କଫିନ୍ ଗୋଟିକ ଲିଫ୍‌ଟ୍‌ରହିଁ ପ୍ରତୀକ ଥିଲା । ସେଦିନ ଲିଫ୍‌ଟ୍‌ରେ ଯେଉଁମାନେ ପ୍ରାଣତ୍ୟାଗ କଲେ, ସେମାନଙ୍କୁ ସେ ନେଇ ସାରିଥିଲା । ଡାଫ୍‌ରିନ୍ ସେହି ତାଲିକାର ଅନ୍ତର୍ଭୁକ୍ତ ଥିଲେ । କିନ୍ତୁ ଅତିଭୌତିକ ଜଗତର ବିଚିତ୍ର ଆଦାନପ୍ରଦାନ ଭିତରେ ତାଙ୍କ ମୃତ୍ୟୁ ନିର୍ଧାର୍ଯ୍ୟ ହୋଇଯାଇଥିଲେ ମଧ୍ୟ ଆପଣାର ସାହସିକ ପଦକ୍ଷେପ ଯୋଗୁଁ – ଅର୍ଥାତ୍ ସେ ଜ୍ୟୋତ୍ସ୍ନାପ୍ଲାବିତ ଭୌତିକ ନିଶାର୍ଦ୍ଧରେ ସେ ଉଦ୍ୟାନ ଭିତରକୁ ଡେଇଁପଡ଼ି ତାଙ୍କ ମୃତ୍ୟୁଦୂତର ମୁକାବିଲା କରିଥିବା ଯୋଗୁଁ ତାଙ୍କ ନିୟତି ବଦଳି ଯାଇଥିଲା ।

**ଜିଜ୍ଞାସୁମାନେ :** ସେ ଲିଫ୍‌ଟ୍‌ଚାଳକ କଥା କ'ଣ ?

**ଉତ୍ତର :** ସେ ଜଣେ ବାସ୍ତବ ମଣିଷ ହୋଇଥିବା ସମ୍ଭବ । ମୃତ୍ୟୁଦୂତର ଭୂମିକା ତୁଲାଉଥିବା ଅତିଭୌତିକ ସତ୍ତାଟି ସେହି ଲୋକ ଉପରେ ସବାର ହେବ ବୋଲି ସିଦ୍ଧାନ୍ତ କରିଥିଲା ।

**ଜିଜ୍ଞାସୁମାନେ :** ବଡ଼ ବିସ୍ମୟକର, ବଡ଼ ବିଚିତ୍ର ! ଯେତେଜଣ ସେଦିନର ସେ ଦୁର୍ଘଟଣାରେ ପ୍ରାଣ ଦେଲେ, ସେମାନେ ସେମିତି ସେହି ମୁହୂର୍ତ୍ତରେ ଇହଲୀଳା ସାଙ୍ଗ କରିବେ ବୋଲି କ'ଣ ପୂର୍ବ-ନିର୍ଦ୍ଧାରିତ ଥିଲା ?

**ଉତ୍ତର :** ତାହା ଏକ ଜଟିଳ ପ୍ରସଙ୍ଗ । ଆଲୋଚନା ପୁଣି ସମୟ-ସାପେକ୍ଷ । ସମସ୍ତ ଘଟଣା ପୂର୍ବ-ନିର୍ଦ୍ଧାରିତ ବୋଲି କୁହାଯାଇପାରେ । କିନ୍ତୁ ତାହା ନିୟତି ଓ ମହାକାଳର ଏକ ଭିନ୍ନ ସ୍ତରରେ – ଭିନ୍ନ dimensionରେ । ସେ ସ୍ତରର ଉପଲବ୍ଧି ବିନା ସବୁ ନିର୍ଦ୍ଧାରିତ ବୋଲି ଆମେ କଥାରେ କଥାରେ କହିବା ଗୋଟିଏ ଅଭ୍ୟାସ ମାତ୍ର । କଥାହେଲା ସେ ଚରମ ସ୍ତର ଏବଂ ଏ ସ୍ଥାନ-କାଳ-ପାତ୍ର-ଭିତ୍ତିକ ପାର୍ଥିବ ସ୍ତର ମଧ୍ୟରେ ବହୁ ବ୍ୟବଧାନ, ବହୁ ସମ୍ଭାବନା, ବହୁ ଅଦଳବଦଳର ଆକସ୍ମିକତା ରହିଥାଏ । ଯାହା ଆମ ମନ ବୁଝିପାରିବ ନାହିଁ ତାହାହେଲା, ସେ ଚରମ ସ୍ତର ଏବଂ ଆମର ପାର୍ଥିବ ସ୍ତର ଭିତରେ ଏହି ବିରୋଧ ସେ ଚରମ ସ୍ତରରୁ ଦେଖିଲେ ଅବାସ୍ତବ । ସେ ଚରମ ସ୍ତରରେ ସବୁ ସମନ୍ୱିତ ।

**ପ୍ରଥମ ଜିଜ୍ଞାସୁ :** କଥାଟି ପ୍ରହେଳିକାମୟ ହେଲେ ମଧ୍ୟ ସତ୍ୟ ବୋଲି ଧାରଣା ହେଉଛି । କିନ୍ତୁ ବୁଝି ହେଉ ନାହିଁ, ହେବାର ସମ୍ଭାବନା ନାହିଁ ।

**ଦ୍ୱିତୀୟ ଜିଜ୍ଞାସୁ :** ଭାଇ, ଆମେ ସେତିକି ଧାରଣାକୁ ନେଇ ଆପାତତଃ ସନ୍ତୁଷ୍ଟ ରହିବା ।

**ତୃତୀୟ ଜିଜ୍ଞାସୁ :** ଛୋଟ ପ୍ରଶ୍ନଟିଏ । ଆଚ୍ଛା, ଯେଉଁମାନେ ସେଦିନ ସେ ଦୁର୍ଘଟଣାରେ ପ୍ରାଣ ଦେଲେ, ସେମାନଙ୍କର ତ ସମସ୍ତଙ୍କର ଅଲଗା ଅଲଗା ଭାଗ୍ୟ-ନିର୍ଘଣ୍ଟ ଥିବ ! ଏକାବେଳେ କେମିତି ମହାଯାତ୍ରା କଲେ ?

**ଉତ୍ତର :** ଅଧିକାଂଶ ଲୋକଙ୍କର ସୁସଂବଦ୍ଧ, ସୁନିର୍ଦ୍ଦିଷ୍ଟ ଭାଗ୍ୟ-ନିର୍ଘଣ୍ଟ ଗଠିତ ହୋଇ ନଥାଏ । ହୁଏତ ଆଜି ମୃତ୍ୟୁବରଣ କଲେ ଯାହା, ଦୁଇବର୍ଷ ପରେ କଲେ ବି ସେଇଆ । ହୁଏତ ଜୀବନଧାରା ଅତ୍ୟନ୍ତ ଗତାନୁଗତିକ; କାଳସ୍ରୋତରେ ଖାଲି ଭାସି ଚାଲିଥା'ନ୍ତି ସେମାନେ । ପରଲୋକ ବିଜ୍ଞାନ ଜାଣିଥିବା ଆଧ୍ୟାତ୍ମିକ ବ୍ୟକ୍ତିତ୍ୱମାନେ ଏମିତି କହନ୍ତି । ଶ୍ରୀମାଙ୍କୁ ଥରେ କେହି ଜଣେ ଏମିତି ଏକ ପ୍ରଶ୍ନ କରିଥିଲେ । ଜାହାଜଟିଏ ବୁଡ଼ିଗଲା । ଶହ ଶହ ଯାତ୍ରୀ ପ୍ରାଣ ହରାଇଲେ । ସେମାନଙ୍କ ଭାଗ୍ୟ କ'ଣ ଏକାଭଳି ନିର୍ଦ୍ଦିଷ୍ଟ ଥିଲା ? ଯେତିକି ମନେ ପଡୁଛି ଆପାତତଃ – ଶ୍ରୀମା କହିଥିଲେ – ସେମାନଙ୍କ ଭିତରେ ଜଣେ ମଧ୍ୟ ଯଦି ଏଭଳି ବିକଶିତ ଆତ୍ମାଟିଏ ଥା'ନ୍ତା, ଯାହାର ନିୟତି ସୁନିର୍ଦ୍ଦିଷ୍ଟ ହୋଇସାରିଛି, ତେବେ ତାହାରି ଯୋଗୁଁ ସମସ୍ତେ ଦୁର୍ଘଟଣାରୁ ଉତ୍ତୀର୍ଣ୍ଣ ହୋଇ ଯାଆନ୍ତେ । ଜଣକର ନିର୍ଦ୍ୱନ୍ଦ୍ୱ ବିଶ୍ୱାସ ଓ ପ୍ରାର୍ଥନା ଅନେକଙ୍କ ଭାଗ୍ୟକୁ ପ୍ରଭାବିତ କରିପାରେ ।

**ଚତୁର୍ଥ ଜିଜ୍ଞାସୁ :** ଅତି ଛୋଟ ପ୍ରଶ୍ନଟିଏ – ସେ ଭୟାବହ ସତ୍ତାଟିର ସେମିତି କେତେଜଣ ମଣିଷଙ୍କୁ ଗୋଟାଇବାର ହେତୁ କ'ଣ ?

**ଉତ୍ତର :** ହେତୁର ପ୍ରଶ୍ନ ଉଠାଇଲେ ପୁଣି ? ଅତୀନ୍ଦ୍ରିୟ ଜଗତରେ ସେମିତି ଅଜସ୍ର ଘଟଣା ଅନବରତ ଘଟି ଚାଲିଛି । ନିଜ ମାନସିକତାର କୌଣସି ବିଚିତ୍ର ଅବସ୍ଥାରେ ଲର୍ଡ୍ ଡାଫ୍‌ରିନ୍‌ଙ୍କ ସହ ସେ ଜଗତର ସମ୍ପର୍କ ସ୍ଥାପିତ ହୋଇଗଲା ବୋଲି ସେ ସେମିତି ଏକ ସତ୍ତାକୁ ଦେଖି ପକାଇଲେ ।

ନା, ଆମ ହେତୁବୋଧ ଦ୍ୱାରା ସେସବୁ ରହସ୍ୟ ବୁଝିବା ଅସମ୍ଭବ । ହୁଏତ ଭିନ୍ନ ସ୍ତରର ଏକ ବା ଏକାଧିକ ହେତୁ ବା ଶତାଧିକ ଭିନ୍ନ ଭିନ୍ନ 'ହେତୁ' ସେ ଜଗତରେ କାର୍ଯ୍ୟକାରୀ ହେଉଥିବେ । ଧନ୍ୟବାଦ । ✤


His Grace is always with those who want to progress
and realise the Truth of tomorrow.

– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

# ମୃତ୍ୟୁ ପରବର୍ତ୍ତୀ ଜୀବନ

## ମମତା ଦାଶ

''ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥୨୭॥
(ଶ୍ରୀମଦ୍ ଭଗବଦ୍ ଗୀତା, ଦ୍ୱିତୀୟ ଅଧ୍ୟାୟ, ଶ୍ଳୋକ - ୨୭)

''ଜନ୍ମ ହୋଇଥିବା ବ୍ୟକ୍ତିର ମୃତ୍ୟୁ ଅବଶ୍ୟମ୍ଭାବୀ ଏବଂ ମୃତ ବ୍ୟକ୍ତିର ଜନ୍ମ ଅବଶ୍ୟମ୍ଭାବୀ । ତେଣୁ ଏହି ଅପରିହାର୍ଯ୍ୟ ବିଷୟରେ ଶୋକ କରିବା ତୁମ ପକ୍ଷରେ ଉଚିତ ନୁହେଁ ।''

ମହାଭାରତ ଯୁଦ୍ଧ ଆରମ୍ଭ ହେବା ସମୟରେ ନିଜର ବନ୍ଧୁ, କୁଟୁମ୍ବମାନଙ୍କୁ ହତ୍ୟା କରିବାକୁ ଅନିଚ୍ଛୁକ ହୋଇ ଶୋକଗ୍ରସ୍ତ ହେବାରୁ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହି ଉପଦେଶ ଦେଇଥିଲେ । ଏହି ସୃଷ୍ଟିର ସବୁକିଛି ଅନିବାର୍ଯ୍ୟ ଭାବରେ ମରଣଶୀଳ, ସୃଷ୍ଟି ହେବା ଦିନଠାରୁ ଏହି ନିୟମର ବ୍ୟତିକ୍ରମ ହୋଇ ନାହିଁ । କିନ୍ତୁ ଏହି ଶରୀରର ବିନାଶ ପରେ ଏକ ଅବିନାଶୀ ସ୍ଫୁଲିଙ୍ଗ ଅବଶିଷ୍ଟ ରହେ । ତାହା ପରମାତ୍ମା ସୃଷ୍ଟିକର୍ତ୍ତାଙ୍କ ଦ୍ୱାରା ଏହି ପୃଥିବୀପୃଷ୍ଠକୁ ପ୍ରକ୍ଷେପିତ ଆତ୍ମା । ଏହି ଆତ୍ମା ଅକ୍ଷୟ, ଅମର । ଶ୍ରୀକୃଷ୍ଣ ପୁଣି କହିଛନ୍ତି ଯେ, ଶରୀରର ମୃତ୍ୟୁ ଶେଷ କଥା ନୁହେଁ । କିନ୍ତୁ ଆମେ ପାର୍ଥିବ ଜୀବମାନେ ମନେକରୁ, ଯେହେତୁ ଶରୀର ନଷ୍ଟ ହୋଇଗଲା, ତେଣୁ ଆଉ କିଛି ବାକି ରହିଲା, ନ ରହିଲା ସେଥିରେ କ'ଣ ଯାଏ ଆସେ ? ଆମର କି କାମରେ ଲାଗିବ ଏହି ଆତ୍ମା ? ଆତ୍ମା କ'ଣ ଆମର ସ୍ନେହ, ମମତା, ଆବଶ୍ୟକତାକୁ ବୁଝିପାରିବ ? ସାଧାରଣ ଦୃଷ୍ଟିରେ ଜଣକର ମୃତ୍ୟୁ ପରେ ଆମେ ତାକୁ ହରାଇ ବସୁ । ସେଥିପାଇଁ ଆମେ ଶୋକଗ୍ରସ୍ତ ହୋଇଥାଉ । ଶ୍ରୀକୃଷ୍ଣ ପୁନର୍ବାର କହିଛନ୍ତି,

''ନ ଜାୟତେ ମ୍ରିୟତେ ବା କଦାଚିନ୍ –
ନାୟଂ ଭୂତ୍ୱା ଭବିତା ନ ଭୂୟଃ ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ
ନ ହନ୍ୟତେ ହନ୍ୟମାନେ ଶରୀରେ ॥୨୦॥
(ଶ୍ରୀମଦ୍ ଭଗବଦ୍ ଗୀତା, ଦ୍ୱିତୀୟ ଅଧ୍ୟାୟ, ଶ୍ଳୋକ - ୨୦)

''ଏହି ଆତ୍ମା କେତେବେଳେ ହେଲେ ଜନ୍ମ ନିଅନ୍ତି ନାହିଁ କିଂବା ମରନ୍ତି ନାହିଁ । ଅନ୍ୟାନ୍ୟ ଲୌକିକ ବସ୍ତୁ ପରି ଜନ୍ମ ହୋଇ ଅସ୍ତିତ୍ୱ ଲାଭ କରନ୍ତି ନାହିଁ, ଏହା ଜନ୍ମ ରହିତ, ନିତ୍ୟ ଓ ଶାଶ୍ୱତ ଏବଂ ପୁରାତନ ଶରୀର ହତ ହେଲେ ମଧ୍ୟ ସେ ହତ ହୁଅନ୍ତି ନାହିଁ ।''

ଆମର ହିନ୍ଦୁଧର୍ମରେ ମୃତ୍ୟୁ ସମ୍ବନ୍ଧରେ ଏହି ବିଶ୍ୱାସହିଁ ଶେଷ କଥା । ଆମେ ଯେମିତି ଜୀର୍ଣ୍ଣ ବସ୍ତ୍ରଟିଏ ପରିତ୍ୟାଗ କରି ନୂଆ ବସ୍ତ୍ର ପିନ୍ଧୁ, ଆତ୍ମା ସେହିପରି ଅଭିଜ୍ଞତା ନିମିତ୍ତ ଶରୀରକୁ ପରିଧାନ କରନ୍ତି ଏବଂ ଆବଶ୍ୟକ ହେଲେ ପରିତ୍ୟାଗ କରି ନୂଆ ଶରୀର ଧାରଣ କରନ୍ତି ।

ଏପରି ଧାରଣା ଅନୁସାରେ ମୃତ୍ୟୁକୁ ବିଶେଷ ପ୍ରାଧାନ୍ୟ ଦିଆଯିବା କଥା ନୁହେଁ । କାରଣ ଆତ୍ମାହିଁ ଶେଷ କଥା, ଶରୀର ନୁହେଁ । ଏହି ଆତ୍ମାତତ୍ତ୍ୱ ହିନ୍ଦୁଧର୍ମ ବ୍ୟତୀତ ଆଉ କୌଣସି ଧର୍ମରେ ନାହିଁ । କେତେକ ପାଶ୍ଚାତ୍ୟ ଗୁହ୍ୟ ଦର୍ଶନରେ 'Spirit' ଶବ୍ଦଟି ବ୍ୟବହାର କରାଯାଏ, କିନ୍ତୁ ତାହା ଆତ୍ମା ସହିତ ସମାନ ନୁହେଁ । 'ଆତ୍ମା' ହେଉଛନ୍ତି ପରମାତ୍ମାଙ୍କର ଏକ ସ୍ଫୁଲିଙ୍ଗ ଯାହା ଜଡ଼ ଜଗତରେ ଅବତରଣ କରି ପାର୍ଥିବ ଅଭିଜ୍ଞତା ଲାଭ କରନ୍ତି । କିନ୍ତୁ ଶ୍ରୀମାଶ୍ରୀଅରବିନ୍ଦ ଏହି ବିବର୍ତ୍ତନଶୀଳ ସତ୍ତାଟିକୁ 'ଚୈତ୍ୟସତ୍ତା' ବା 'Psychic Being' ନାମ ଦେଇଛନ୍ତି । ଏହି ଅଂଶଟି ଧୀରେ ଧୀରେ ଅଭିଜ୍ଞତା ପରିପୁଷ୍ଟ ହୋଇ ପରିପକ୍ୱ ହୁଏ, ତା'ର ମୂଳ ଉତ୍ସ ସମ୍ବନ୍ଧରେ ସଚେତନ ହୋଇଥାଏ ।

ଚୈତ୍ୟସତ୍ତାଙ୍କର ଏହି ଅଭିବୃଦ୍ଧି ସହିତ ତାଳ ମିଳାଇ ଚାଲି ନପାରିଲେ ଶରୀରର ବିଲୟର ଆବଶ୍ୟକତା ପଡ଼େ । ଶ୍ରୀମା' କହିଛନ୍ତି, ''ଦେଶ ବିଦେଶରେ ବୈଜ୍ଞାନିକମାନଙ୍କ ଭିତରେ ବର୍ତ୍ତମାନ ଏହି ଧାରଣା ସ୍ଥାନ ପାଇବାକୁ ଆରମ୍ଭ କଲାଣି ଯେ ମୃତ୍ୟୁର କୌଣସି ପ୍ରୟୋଜନୀୟତା ନାହିଁ । କିନ୍ତୁ ସମଗ୍ର ମାନବସମାଜ ଦୃଢ଼ ଭାବରେ ବିଶ୍ୱାସ କରେ ଯେ, ମୃତ୍ୟୁ ସୁନିଶ୍ଚିତ, କୁହାଯାଇପାରେ ଯେ ଏହା ହେଉଛି ଦୀର୍ଘକାଳ ଧରି ଏକ ଅପରିବର୍ତ୍ତନୀୟ ଅନୁଭୂତି ଉପରେ ପ୍ରତିଷ୍ଠିତ ଏକ ମାନବୀୟ ଧାରଣା ଓ ପ୍ରସ୍ତାବନା । ଯଦି ଏହି ବିଶ୍ୱାସଟିକୁ ପ୍ରଥମେ ସଚେତନ ମନ ଭିତରୁ, ତା'ପରେ ପ୍ରାଣିକ-ପ୍ରକୃତି ଏବଂ ଅବଚେତନ ଦୈହିକ ସ୍ତରଗୁଡ଼ିକରୁ କାଢ଼ି ଫିଙ୍ଗି ଦିଆଯାଏ, ତା'ହେଲେ ମୃତ୍ୟୁ ଆଉ ଅନିବାର୍ଯ୍ୟ ହୋଇରହିବ ନାହିଁ ।

''ପୃଥିବୀପୃଷ୍ଠରେ ଜଡ଼ ଯେଉଁ ଅବସ୍ଥାରେ ରହିଥିଲା, ତାହାହିଁ ମୃତ୍ୟୁକୁ ଅପରିହାର୍ଯ୍ୟ କରି ରଖିଲା । ଜଡ଼ର ବିବର୍ତ୍ତନର ସମଗ୍ର ଅର୍ଥ ହେଉଛି ଅଚେତନାର ପ୍ରାଥମିକ ଅବସ୍ଥାରୁ ଏକ

କ୍ରମବିବର୍ତ୍ତନ ଚେତନା ଦିଗରେ ବିକାଶ ଓ ଅଭିବୃଦ୍ଧି । ଏବଂ ଅଭିବୃଦ୍ଧିର ଏହି ପ୍ରକ୍ରିୟାରେ ଆକୃତିଗୁଡ଼ିକର ବିଲୁପ୍ତି ଏକ ଅନିବାର୍ଯ୍ୟ ଆବଶ୍ୟକତା ରୂପେ ଦେଖା ଦେଲା । ଏବଂ ପ୍ରକୃତରେ ତାହାହିଁ ଘଟିଚାଲିଛି । କାରଣ ଏକ ସଙ୍ଗଠିତ ବ୍ୟକ୍ତି ଚେତନାକୁ ଅନିବାର୍ଯ୍ୟ ଏକ ସ୍ଥିର ଆଧାର ମିଳିବା ପାଇଁ ପ୍ରୟୋଜନ ହେଲା, ସେହିପରି ଏକ ସ୍ଥିର ନିଶ୍ଚିତ ଆକୃତି ମଧ୍ୟ । କିନ୍ତୁ ଆକୃତିର ଏହି ସ୍ଥିରତା ଫଳରେହିଁ ମୃତ୍ୟୁ ଅନିବାର୍ଯ୍ୟ ହୋଇ ଉଠିଲା ।... କାରଣ ବ୍ୟକ୍ତି ରୂପଟି ରହିଥାଏ ମାତ୍ର ତାହା ଅତ୍ୟଧିକ ସ୍ଥିରତା ଭିତରେ ବାନ୍ଧି ହେଉଥିବା ଏକ ଢାଞ୍ଚା ଉପରେ ରହିଥାଏ । ତେଣୁ ତାହା ଶକ୍ତିମାନଙ୍କର ଗତିବୃତ୍ତିଗୁଡ଼ିକୁ ଆଉ ସ୍ୱଚ୍ଛନ୍ଦ ଭାବରେ ଅନୁସରଣ କରିପାରେ ନାହିଁ । ବିଶ୍ୱାତ୍ମକ ଗତିଶୀଳତାରେ ଘଟୁଥିବା ପ୍ରଗତିଶୀଳ ପରିବର୍ତ୍ତନଗୁଡ଼ିକ ସହ ସମାନ ଛନ୍ଦ ଓ ସୁସମଞ୍ଜସତା ରକ୍ଷା କରି ନିଜକୁ ପରିବର୍ତ୍ତିତ କରିପାରେ ନାହିଁ, ବିଶ୍ୱ-ପ୍ରକୃତିର ଦାବିକୁ ଏହା କ୍ରମାଗତ ଭାବରେ ପୂରଣ କରିପାରେ ନାହିଁ, ତାହା ସଙ୍ଗେ ତାଳ ମିଳାଇ ଚାଲିପାରେ ନାହିଁ, ଏହା ସେହି ସ୍ରୋତରୁ ବାହାରିଯାଏ । ଏହିପରି ଭାବରେ ରୂପ ବା ଆକୃତି ଏବଂ ପରିବର୍ତ୍ତନ ପାଇଁ ତାହା ଉପରେ ଚାପ ଦେଉଥିବା ଶକ୍ତି – ଏହି ଉଭୟ ଭିତରେ ଗଢ଼ି ଉଠୁଥିବା ବ୍ୟବଧାନ ଓ ଅସମଞ୍ଜସତାର ଗୋଟିଏ ବିନ୍ଦୁରେ ସେହି ରୂପ ବା ଆକୃତିର ସମ୍ପୂର୍ଣ୍ଣ ବିଲୁପ୍ତିକୁ ଆଉ ଏଡ଼ି ଦେବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼େ ।

''ଏହି ନୂତନ ଆକୃତିର ଗଠନ ଆବଶ୍ୟକ, ଏକ ନୂତନ ସମଞ୍ଜସତା ଓ ବିଶୁଦ୍ଧିକୁ ରୂପ ଦେବାକୁ ହେବ । ଏହାହିଁ ହେଉଛି ମୃତ୍ୟୁର ପ୍ରକୃତ ତାତ୍ପର୍ଯ୍ୟ ଏବଂ ବିଶ୍ୱପ୍ରକୃତି ପାଇଁ ଏହାହିଁ ହେଉଛି ତା'ର ଉପଯୋଗିତା । କିନ୍ତୁ ରୂପ ବା ଆକୃତିଟି ଯଦି ଅଧିକ ବେଗକ୍ଷମ ହୁଏ, ଅଧିକ ନମନୀୟ ହୁଏ ଏବଂ ଯଦି ଚେତନାର ପରିବର୍ତ୍ତନ ଅନୁଯାୟୀ ଶରୀରର ଦେହକୋଷଗୁଡ଼ିକ ମଧ୍ୟ ପରିବର୍ତ୍ତନ ପାଇଁ ଜାଗରିତ ହୁଅନ୍ତି, ତା'ହେଲେ ଏକ ଦାରୁଣ ବିଲୁପ୍ତିର ଆଉ କୌଣସି ପ୍ରୟୋଜନ ରହିବ ନାହିଁ ଓ ମୃତ୍ୟୁ ଆଉ ଅନିବାର୍ଯ୍ୟ ହୋଇ ରହିବ ନାହିଁ ।''

(M.C.W., Vol. 3, P. 36 - 37) – ଶ୍ରୀମା

''ମୃତ୍ୟୁ ଆଉ ଅନିବାର୍ଯ୍ୟ ହୋଇ ରହିବ ନାହିଁ ।'' – ଏହି ଘୋଷଣା ପୃଥିବୀର ଆଧ୍ୟାତ୍ମିକ ଇତିହାସର ପ୍ରଥମ ଦୁଃସାହସିକ ଘୋଷଣା । ଏହା ସାଧାରଣ ଭାବରେ ବିଶ୍ୱାସଯୋଗ୍ୟ ନୁହେଁ । ବିଜ୍ଞାନ ଦ୍ୱାରା ଯଦିଓ ମନୁଷ୍ୟର ଆୟୁଷକୁ ପ୍ରଲମ୍ବିତ କରି ହେଉଛି, କିନ୍ତୁ ମୃତ୍ୟୁକୁ ଜୟ କରିବାର କୌଶଳ ଏପର୍ଯ୍ୟନ୍ତ ଆବିଷ୍କାର ହୋଇପାରି ନାହିଁ । ବିଜ୍ଞାନ ସେହି ଗୋଟିଏ ବିନ୍ଦୁରେ ଅଟକି ରହୁଛି । କାହିଁକି ଯେତେ ଚେଷ୍ଟା କଲେ ମଧ୍ୟ ମୃତ୍ୟୁ ଅବଶ୍ୟମ୍ଭାବୀ ହୋଇପଡ଼େ, ପୁଣି ବେଳେବେଳେ ମଣିଷ ଶରୀର ଏକ ଯନ୍ତ୍ରଣାକ୍ଲିଷ୍ଟ ଅବସ୍ଥାରେ ରହି ବା କୋମାରେ ରହି, ମୃତ୍ୟୁଲାଭ କରିପାରେ ନାହିଁ । ବେଳେବେଳେ ଅଲୌକିକ ଭାବରେ ଆସନ୍ନ ମୃତ୍ୟୁରୁ ମଧ୍ୟ ମଣିଷ ରକ୍ଷା ପାଇଯାଏ । ମୃତ୍ୟୁ ମଣିଷ ଜୀବନରେ ଏକ ଦାରୁଣ ରହସ୍ୟ ।

ଜଣେ ଈଶ୍ୱରଙ୍କୁ ଅବିଶ୍ୱାସ କରିପାରେ, କିନ୍ତୁ ମୃତ୍ୟୁକୁ ଅବିଶ୍ୱାସ କରିବାର ପ୍ରଶ୍ନ ଉଠୁ ନାହିଁ । ଏହା ଏକମାତ୍ର ରହସ୍ୟ ଯାହା ଏହି ସୃଷ୍ଟିକୁ ବିଚିତ୍ର ଓ ଅଦ୍ଭୁତ କରିଦେଇଛି । ଏହି କ୍ଷଣରେ ଆମେ ଜଣକ ସହିତ କଥାବାର୍ତ୍ତା ହେଉଥାଉ, ବୁଲୁଥାଉ, ହଠାତ୍ ହୁଏତ ହାର୍ଟ ଆଟାକ୍‌ରେ ସେ ସଙ୍ଗେ ସଙ୍ଗେ ମୃତ୍ୟୁ ବରଣ କରେ । ଆମର ପ୍ରାଣ ଓ ମନ ହାହାକାର କରିଉଠେ । ଲୋକଟି କେଉଁଠାକୁ ଗଲା, କାହିଁକି ହଠାତ୍ ତାହାର ଶରୀର ନିର୍ଜୀବ ହୋଇଗଲା । ଏତେ ଦାୟିତ୍ୱବୋଧ, ସ୍ନେହ, ମମତା, ମୋହ, ସୁଖ, ଦୁଃଖ ସବୁ ହଠାତ୍ ଛାଡ଼ିଦେଇ ସେ କେମିତି ଚାଲିଯାଇ ପାରିଲା ? ଏତେ ବର୍ଷର ପାର୍ଥିବ ଜୀବନ କ'ଣ ତେବେ ଅର୍ଥହୀନ ? ଶିଶୁଟିଏ ଜନ୍ମ ହେଉ ହେଉ ବା ତିନି, ଚାରି ବର୍ଷର ଶୈଶବରେ ଲୀଳାଖେଳା କରୁ କରୁ, ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରେ । ଅଥଚ ଜରାଗ୍ରସ୍ତ, ରୋଗଗ୍ରସ୍ତ ଭିକ୍ଷୁକଟିଏ ରାସ୍ତାରେ ଘୁଷୁରି ଘୁଷୁରି ଯାଉଥାଏ, ମରଣ ତା'ର ପାଖ ମାଡ଼େ ନାହିଁ । ଏହାହିଁ ମୃତ୍ୟୁର ଅଲୌକିକତା, ଦାରୁଣ ରହସ୍ୟ – କୌଣସିପ୍ରକାର ନୀତି, ନିୟମ, ଭଲପଣିଆ, ଉଦାରତା, କି ଶଠତା ମୃତ୍ୟୁର ସମୟକୁ ପ୍ରଭାବିତ କରିବା ଭଳି ଜଣାଯାଏ ନାହିଁ । ଏଥିରୁ ଏତିକି ଜଣାଯାଏ ଯେ, ମୃତ୍ୟୁ ଭାଗ୍ୟ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ତା'ପରେ ଏହି ଭାଗ୍ୟବାଦ, କର୍ମଫଳ ଇତ୍ୟାଦିର ତତ୍ତ୍ୱ ପ୍ରତି ଆମର ଅନୁସନ୍ଧିତ୍ସା ଜାଗିଉଠେ ।

ମା' କୌଣସି ଦିନ ଶରୀରର ମୃତ୍ୟୁକୁ ସାଂଘାତିକ ଘଟଣା ବୋଲି କହୁ ନଥିଲେ । ଆଶ୍ରମରେ କାହାର ମୃତ୍ୟୁ ହେଲେ, ଭୟଭୀତ ହେବାପାଇଁ ବାରଣ କରୁଥିଲେ । ଶ୍ରୀମା ଆଶ୍ରମକୁ ଆସିବାର ବହୁ ପୂର୍ବରୁ, ଆଲଜିରିଆର ଟ୍ଲେମ୍‌ସେନ୍‌ରେ ମ୍ୟାକ୍ସତେଓଁ ନାମରେ ଜଣେ ଗୁହ୍ୟବିଦ୍ୟାବିଦ୍‌ଙ୍କ ଠାରୁ ଗୁହ୍ୟବିଦ୍ୟା ଶିକ୍ଷା କରିଥିଲେ । ତାଙ୍କୁ ଦେଖିବାମାତ୍ରେ ଶ୍ରୀମା ଜାଣିଥିଲେ ସେ ''ମୃତ୍ୟୁର ପ୍ରଭୁ''ଙ୍କର ଜଣେ ବିଭୂତି । ତେଓଁଙ୍କର ପତ୍ନୀ

ମାଦାମ୍ ତେଓଁ ଶ୍ରୀମା'ଙ୍କୁ ଦେଖିବାମାତ୍ରେ, କହିଥିଲେ ଯେ, ''ତାଙ୍କ ନିକଟରେ ଆଶ୍ରିତ ବ୍ୟକ୍ତିମାନଙ୍କୁ ମୃତ୍ୟୁ ପରବର୍ତ୍ତୀ ସମୟରେ ସାହାଯ୍ୟ କରିବାର କ୍ଷମତା ରହିଛି । ବାସ୍ତବିକ ମା'ଙ୍କର ଏହି ବିଶେଷ କ୍ଷମତା ରହିଥିଲା ବୋଲି ସେ ମଧ କହିଥିଲେ ।

''ଏସବୁ କଥା ଖୁବ୍ ଆକର୍ଷଣୀୟ । ମୁଁ ପୃଥିବୀକୁ ଯେଉଁ କର୍ମ କରିବାକୁ ଆସିଛି ଏହା ତା'ର ଅଂଶ ବିଶେଷ ।... ମୁଁ ଯେତେବେଳେ ତେଓଁଙ୍କର ଶିକ୍ଷା ସମ୍ବନ୍ଧରେ ଜାଣିଲି, ମୁଁ ପୂର୍ବରୁ ଜାଣି ନଥିବା ଅନେକ କଥା ପଢ଼ିଲି ଓ ବୁଝିଲି, ବେଶ୍ ଶୃଙ୍ଖଳିତ ଭାବରେ ଏସବୁ କାମ କରିବାକୁ ଆରମ୍ଭ କଲି । ପ୍ରତି ରାତିରେ, ସମାନ ସମୟରେ ମୁଁ ଗୋଟିଏ ପଥ ତିଆରି କରିବାରେ ଲାଗୁଥିଲି । ଚୈତ୍ୟଜଗତ୍ ତ ସଂପୂର୍ଣ୍ଣ ପାର୍ଥିବଜଗତ୍ ମଧରେ, ପ୍ରାଣଜଗତ୍ ମଧଦେଇ ଯାଉଥିବା ଏକ ସୁରକ୍ଷାର ପଥ । ଯେପରି କି ଲୋକମାନଙ୍କୁ ଆଉ ପ୍ରାଣଜଗତ୍ ଭିତର ଦେଇ ଯିବାକୁ ହେବ ନାହିଁ । (ଯେଉଁମାନେ ସଚେତନ କିନ୍ତୁ ସେମାନଙ୍କର ଏହି ଜ୍ଞାନ ନାହିଁ, ସେମାନଙ୍କ ପାଇଁ ଏହା ଖୁବ୍ ଭୟଙ୍କର ଏକ ବାଟ – ନାରକୀୟ) । ମୁଁ ଏ ପଥଟି ତିଆରି କରୁଥିଲି । ଏହି କାମ କରୁଥିଲି (ଏହା ୧୯୦୩ ବା ୧୯୦୪ ସମୟର କଥା, ମୋର ଠିକ୍ ମନେ ନାହିଁ ) । ମାସ ମାସ ଧରି, ମାସ ମାସ ଧରି । ସେହି ସମୟରେ ଅନେକ ଅଲୌକିକ ଘଟଣା ଘଟୁଥିଲା । ଏବଂ ତା'ପରେ ମୁଁ ଟ୍ଲେମ୍‌ସେନ୍‌ରେ ମାଦାମ୍ ତେଓଁଙ୍କୁ ଏ ସମ୍ବନ୍ଧରେ କହିଲି, ସେ କହିଲେ, ''ତୁମେ ଯେଉଁ କାମ କରିବାକୁ ଏ ପୃଥିବୀକୁ ଆସିଛ, ଏହା ତା'ର ଅଂଶବିଶେଷ । ଯେଉଁ ବ୍ୟକ୍ତିର ସାମାନ୍ୟ ଜାଗ୍ରତ୍ ଚୈତ୍ୟସତ୍ତା ଥିବ, ଯେ ତୁମର ଆଲୋକକୁ ଦେଖି ପାରୁଥିବ, ସେ ମୃତ୍ୟୁ ସମୟରେ ତୁମର ଆଲୋକ ଭିତରକୁ ଚାଲିଯିବ । ସେ ଯେଉଁଠାରେ ବି ପ୍ରାଣ ତ୍ୟାଗ କରିଥାଉ ନା କାହିଁକି ଓ ତୁମେ ସେମାନଙ୍କୁ ଏହି ଜଗତକୁ ଅତିକ୍ରମ କରିବାରେ ସାହାଯ୍ୟ କରିବ ।''

(ଜୁନ୍ ୨୪, ୧୯୬୧)

ଏହା ଆମମାନଙ୍କ ପାଇଁ ଏକ ନିଶ୍ଚିତ ଆଶ୍ୱାସନା ।

ଆହୁରି ଗୋଟିଏ କଥା ମା' କହିଛନ୍ତି, ଯାହା ଆମକୁ ମୃତ୍ୟୁର ଏକ ଦାରୁଣ ଓ ନିଷ୍ଠୁର ଅବବୋଧଠାରୁ ଊର୍ଦ୍ଧ୍ୱକୁ ନେଇଯିବାକୁ ସମର୍ଥ । ''ମୃତ୍ୟୁ କହିଲେ, ସାଧାରଣ ଭାବରେ ଚେତନାକୁ ହରାଇବା ବୋଲି ବୁଝାଯାଏ ।... କିନ୍ତୁ ଏହା ଏକ ଭୟାବହ କଥା । ଏହା ସମ୍ଭବ ନୁହେଁ; ତୁମର ଚେତନା କେବେ ବି ନଷ୍ଟ ହୁଏ ନାହିଁ, ତାହା ସମ୍ଭବ ନୁହେଁ । ପୃଥିବୀର ସମସ୍ତ ମୃତ୍ୟୁ ଏହାକୁ ତୁମ ପାଖରୁ ନେଇଯାଇ ପାରିବ ନାହିଁ ।... ଚେତନା ଶାଶ୍ୱତ, ଦିବ୍ୟ, ଏହାକୁ କିଛି ବି ନଷ୍ଟ କରିପାରିବ ନାହିଁ । କେବଳ ଅଚେତନାହିଁ ନଷ୍ଟ ହୋଇଯାଏ, ଚେତନା ନୁହେଁ । ତେଣୁ ଏସବୁ ହେଉଛି ନାଟକ, ସବୁ ଦୁଃଖାତ୍ମକ ନାଟକ, ସମସ୍ତ ଭୟାବହତା, ଆତଙ୍କ, ସବୁ କିଛି ପ୍ରାଣିକ ସ୍ପନ୍ଦନ । ଯେଉଁମାନେ ଭଗବାନଙ୍କର ଯୋଦ୍ଧା, ସେମାନେ ଏହା ଦ୍ୱାରା ପ୍ରଭାବିତ ହେବାକୁ ଅନୁମତି ଦିଅନ୍ତି ନାହିଁ । କେବଳ ହସିବାକୁ ହୁଏ, କହିବାକୁ ହୁଏ 'ହଁ, ତୁ ଖୁବ୍ ବଡ଼ ନାଟକ କରିପାରୁ, ଆମେ ଖାତିର କରୁ ନାହୁଁ, ଯଦି ତୁ ଉପଭୋଗ କରୁଛୁ, ତେବେ ଆଗେଇ ଚାଲ – ଆମ ପାଇଁ ଏହା ଏକ ଦେଖାଣିଆ ନାଟକ – କୁତ୍ସିତ ନାଟକ । ଏହା ଆଦୌ ସୁନ୍ଦର ନୁହେଁ, ଦେଖାଣିଆ ନାଟକଟିଏ ମାତ୍ର ।''

(୧୦ ଡିସେମ୍ବର, ୧୯୬୫)

କିନ୍ତୁ ପୃଥିବୀ ବର୍ତ୍ତମାନ ଯେପରି ଅବସ୍ଥାରେ ରହିଛି, ବିରୋଧିଶକ୍ତି, ଆସୁରୀ ଶକ୍ତିସବୁ ମଣିଷର ଶରୀର ମାଧମରେ ସାରାବିଶ୍ୱକୁ ଧ୍ୱଂସ କରିବାରେ ପ୍ରବୃତ୍ତ ହେଉଛନ୍ତି । ସେହି ସମୟରେ ମରଣ ଉପରେ ବିଜୟ ହାସଲ କରିବାରେ ଲାଭ ହେବ ନାହିଁ, ବରଂ ଏହା କ୍ଷତିକାରକ ହେବ । ଆଲୋକ ଅନୁଯାୟୀ, ଅତିମାନସ ଯୋଗର ସାଧକମାନଙ୍କୁ ଏହି ଲକ୍ଷ୍ୟ ଦିଆଯାଇଛି । କାରଣ ପୃଥିବୀ ପୃଷ୍ଠରେ ଯେଉଁ ଅତିମାନସିକ ସତ୍ତା ଆବିର୍ଭୂତ ହେବ, ତାହାର ଶରୀର ଭିନ୍ନ ପ୍ରକାରର ହେବ । ଏହି ପ୍ରଜାତିର ଆବିର୍ଭାବ ନିମିତ୍ତ ଶ୍ରୀମାଶ୍ରୀଅରବିନ୍ଦ ପୂର୍ଣ୍ଣଯୋଗର ପ୍ରବର୍ତ୍ତନ କରିଥିଲେ । ଏବଂ ଆମେମାନେ ସେମାନଙ୍କୁ ଅନୁସରଣ କରି, ବିଶ୍ୱାସ କରି ଏହି ଯୋଗ ପଥରେ ପାଦ ଦେଇଛୁ । ଆମେ ଆମର ମନ, ପ୍ରାଣ ଓ ଶେଷରେ ଶରୀରର ରୂପାନ୍ତର ନିମିତ୍ତ ସାଧନା କରୁଛୁ । ଏହି ଜୀବନରେ ଥିବାବେଳେ ଆମେ ଯଦି ଆମ ଶରୀରର ଜୀବକୋଷମାନଙ୍କୁ ସେମାନଙ୍କର ଅମରତ୍ୱ ସମ୍ବନ୍ଧରେ, ସାରତତ୍ତ୍ୱ ସମ୍ବନ୍ଧରେ ସଚେତନ କରିପାରୁ, ତେବେ ଆମର ଏ ଜନ୍ମର ଶରୀର-ସାଧନା ମୃତ୍ୟୁ ପରେ ନଷ୍ଟ ହୋଇଯିବ ନାହିଁ – ସଚେତନ ଜୀବକୋଷମାନେ ପରଜନ୍ମରେ ପୁଣି ସଚେତନ ଭାବରେ ଯୋଗସାଧନା କରିଚାଲିବେ । ଏହିପରି ଜନ୍ମ-ଜନ୍ମର ସାଧନା ପରେ ଶରୀର ଧୀରେ ଧୀରେ ରୂପାନ୍ତର ହେବ ଏବଂ ଅତିମାନସ ଶକ୍ତିକୁ ଧାରଣ କରିବା ନିମିତ୍ତ ଉପଯୁକ୍ତ ଶରୀର ନିର୍ମିତ ହେବ । ଏଥି ପାଇଁହିଁ ପୂର୍ଣ୍ଣଯୋଗର ସାଧକ ସାଧିକାମାନଙ୍କର ଗୋଟିଏ ଲକ୍ଷ୍ୟ ହେଲା ମୃତ୍ୟୁ ଉପରେ ବିଜୟ ହାସଲ କରିବା ।

ଏଥିପାଇଁ ଆମେ ପ୍ରଥମେ ମୃତ୍ୟୁର ଭୟରୁ ମୁକ୍ତ ହେବା । ମୃତ୍ୟୁକୁ ଇଚ୍ଛା କରିବା ନାହିଁ କିଂବା ମୃତ୍ୟୁ ପ୍ରତି ଘୃଣା ବା ଭୟ ରଖିବା ନାହିଁ । ଏହି ପୃଥିବୀ ନୂତନ ପ୍ରଜାତି ନିମିତ୍ତ ପ୍ରସ୍ତୁତ ହେଉଛି । ତେଣୁ ମୃତ୍ୟୁର ଶାସନକାଳ ମଧ୍ୟ ଶେଷ ହୋଇ ଆସୁଛି, ଯଦିଓ ଆମେ ଏହାକୁ ଉପଲବ୍ଧି କରିପାରୁ ନାହିଁ । କିନ୍ତୁ, ଆମକୁ ଏଥିରେ ଗଭୀର ବିଶ୍ୱାସ ରଖିବାକୁ ହେବ । ଶ୍ରୀମା' ମୃତ୍ୟୁ ସମ୍ବନ୍ଧରେ ଅନେକ ଆକର୍ଷଣୀୟ କଥା କହିଛନ୍ତି । ମୃତ୍ୟୁକୁ ପରାଜିତ କରିବା ପାଇଁ :

''...the essential condition even to prepare for it [the earthly immortality] is to completely abolish all fear of death.

"You must neither fear it nor desire it.

"Stand above it, in an absolute tranquillity neither fear it nor desire it.''

(CWM, Vol. 3 p.188) – The Mother

ଅର୍ଥାତ୍ :

''ଏଥିନିମିତ୍ତ (ପାର୍ଥିବ ଅମରତ୍ୱ) ପ୍ରସ୍ତୁତ ହେବା ପାଇଁ ଆବଶ୍ୟକୀୟ ସର୍ତ୍ତ ହେଉଛି, ''ମୃତ୍ୟୁ ନିମିତ୍ତ ସମସ୍ତ ଭୟକୁ ମୂଳପୋଛ କରିଦେବା ।

''ତୁମେ ମୃତ୍ୟୁକୁ କାମନା କରିବ ନାହିଁ କି ଭୟ କରିବ ନାହିଁ ।

''ଏହାର ଊର୍ଦ୍ଧ୍ୱରେ ଠିଆ ହୁଅ, ପୂର୍ଣ୍ଣ ସ୍ଥିରତାର ସହିତ, ଏହାକୁ କାମନା କର ନାହିଁ କିଂବା ଭୟ କର ନାହିଁ ।''

– ଶ୍ରୀମା

ଆମ ଜୀବନର ନିଷ୍ଠୁରତମ ଦୁର୍ଘଟଣା ''ମୃତ୍ୟୁ'' ସମ୍ବନ୍ଧରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ଉପଲବ୍ଧି ଓ ଉପଦେଶ ସମ୍ବନ୍ଧରେ ସଚେତନ ହେଲେ ଆମେ ନିଶ୍ଚିତ ଭାବରେ ଅନ୍ୟ ଗୋଟିଏ ଆୟତନରେ ପ୍ରବେଶ କରୁ । ଯେଉଁଠାରେ ଜୀବନ ଓ ମୃତ୍ୟୁ ସମ୍ବନ୍ଧରେ ଏକ ଭିନ୍ନ ଅବବୋଧ ଆମର ସତ୍ତାକୁ ଆଲୋକିତ କରିଦିଏ । ଆମେ ଅଜ୍ଞତାରୁ ମୁକ୍ତ ହୋଇଯାଉ ଏବଂ ଆମର ଲକ୍ଷ୍ୟ ପୂର୍ଣ୍ଣ ହେବାକୁ ଯେତେ କାଳ ଲାଗିଲେ ମଧ୍ୟ ସେଥିରେ କିଛି ଯାଏ ଆସେ ନାହିଁ । ମୃତ୍ୟୁ ଦ୍ୱାରା ଆମର ଶରୀର ନଷ୍ଟ ହେଲେ ମଧ୍ୟ ଚେତନା ନଷ୍ଟ ହେବ ନାହିଁ । ଆମେ ଯଦି ଏହି ଜନ୍ମରେ ଶରୀର ଜୀବକୋଷର ଯୋଗ ଆରମ୍ଭ କରିଥାଉ, ତେବେ ସେହି ଜୀବକୋଷମାନେ ମଧ୍ୟ ପରଜନ୍ମର ଶରୀର ମଧ୍ୟକୁ ସଞ୍ଚରିତ ହୋଇଯିବେ । ❖

ତୁମେ କହୁଛ ତୁମେ ଏକ ଅଧ୍ୟାତ୍ମିକ ଜୀବନଯାପନ କରିବାକୁ ଚାହଁ, କିନ୍ତୁ ସେଥିପାଇଁ ତୁମେ ବୁଝିବା ଉଚିତ ଯେ ଏଥିପାଇଁ ପ୍ରଥମ ସର୍ତ୍ତ ହେଲା ସମସ୍ତ ନିମ୍ନତର ଗତିବୃତ୍ତି, ସମସ୍ତ ଆକର୍ଷଣ, ସମସ୍ତ ଆସକ୍ତିକୁ ଅତିକ୍ରମ କରିବା, କାରଣ ଏଗୁଡ଼ିକ ଆଧ୍ୟାତ୍ମିକ ଜୀବନର ପୂରାପୂରି ବିପରୀତ ।

ଆଧ୍ୟାତ୍ମିକ ଜୀବନ ଦାବିକରେ ଯେ ଜଣେ ପୂରାପୂରି ଭଗବାନଙ୍କର ଓ କେବଳ ଭଗବତ୍ ଅଭିମୁଖୀ ହେବା । ଜଣେ ଯାହାକିଛି କରିବ, ତାହା କେବଳ ଭଗବାନଙ୍କ ପାଇଁ କରାଯିବା ଉଚିତ । ସମସ୍ତ କର୍ମ, ସମସ୍ତ ଅଭୀପ୍ସା, କୌଣସି କିଛିକୁ ବାଦ୍ ଦେଇ ନୁହେଁ, ସମଗ୍ର ସତ୍ତାର ପୂର୍ଣ୍ଣ ସମର୍ପଣ ସହିତ କେବଳ ଭଗବାନଙ୍କ ଦିଗରେ ଚାଳିତ ହେବା ଉଚିତ ।

ମୁଁ ଜାଣେ ଏହା ଗୋଟିଏ ଦିନରେ ହୋଇଯିବ ନାହିଁ । କିନ୍ତୁ ଏପରି କରିବାର ନିଷ୍ପତ୍ତି ନେବାକୁ ହେବ ଅବିଚଳିତ ଭାବରେ । କେବଳ ଏହି ସର୍ତ୍ତରେ ମୁଁ ତୁମକୁ ଆଧ୍ୟାତ୍ମିକ ଜୀବନ ପାଇଁ ଗ୍ରହଣ କରିପାରେ ।

*୨୯ ଜୁଲାଇ ୧୯୬୦* – ଶ୍ରୀମା

# ମାନବସମାଜର ବିଭିନ୍ନ ଧର୍ମ

## ହିନ୍ଦୁ ଧର୍ମ (୫)

**ଶ୍ରୀପତି ଦାସ**

[ଶ୍ରୀ ଅମୂଲ୍ୟ ରଞ୍ଜନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ''*Philosophy of Religion – An Approach to World Religion*'' ପୁସ୍ତକର ଅବଲମ୍ବନରେ ଲିଖିତ ।]

*(ଅଗଷ୍ଟ ୨୦୧୬ ସଂଖ୍ୟାରେ ପ୍ରକାଶିତ ହେବା ପରେ)*

**ବ୍ରାହ୍ମସମାଜ :**

ଯେତେବେଳେ ଭାରତ ବ୍ରିଟିଶ ଶାସନାଧୀନ ଥିଲା, ସେହି ସମୟରେ ହିନ୍ଦୁମାନଙ୍କ ମଧ୍ୟରେ ଖ୍ରୀଷ୍ଟିଆନ ଧର୍ମସଂଘର କର୍ମୀମାନେ ସେମାନଙ୍କ ଧର୍ମର ପ୍ରସାର ଆରମ୍ଭ କରିଥିଲେ । ସେତେବେଳେ ହିନ୍ଦୁଧର୍ମର ବିଶେଷ ଅବନତି ଘଟିଥିଲା । ରାଜା ରାମମୋହନ ରାୟଙ୍କ ଦ୍ୱାରା ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ବ୍ରାହ୍ମସମାଜ ପ୍ରତିଷ୍ଠିତ ହୋଇଥିଲା । ଊନବିଂଶ ଶତାବ୍ଦୀରେ ରାଜା ରାମମୋହନ ରାୟ ଏକ ନୂତନ ଉତ୍ସାହ, ବିଜ୍ଞାନ ପ୍ରତି ଆଗ୍ରହ, ଯୁକ୍ତିଯୁକ୍ତ ମନୋବୃତ୍ତି ଓ ମାନବ ଧର୍ମର ସ୍ୱାଧୀନ ମନୋଭାବ ନେଇ ହିନ୍ଦୁଧର୍ମର ପ୍ରତିନିଧିତ୍ୱ କରିଥିଲେ । ବହୁ ଈଶ୍ୱରଙ୍କ ଉପସ୍ଥିତିରେ ବିଶ୍ୱାସ କରୁଥିବା ବ୍ୟକ୍ତିମାନଙ୍କ ଧାରଣାକୁ ହିନ୍ଦୁ ଧର୍ମରୁ ମୂଳୋତ୍ପାଟିତ କରିବା ପାଇଁ ବ୍ରାହ୍ମସମାଜ ଚାହିଁଥିଲା ଏବଂ ଏହି ଭାବରେ ଚିରନ୍ତନ ଅରୂପ ଈଶ୍ୱର ଯେ ବିଶ୍ୱର ସ୍ରଷ୍ଟା ଓ ସଂରକ୍ଷକ, ତାଙ୍କଠାରେ ବିଶ୍ୱାସର ପୁନରୁଦ୍ଧାର ପାଇଁ ଚେଷ୍ଟା କରିଥିଲା ।

ରାଜା ରାମମୋହନ ରାୟ ଯିଶୁଖ୍ରୀଷ୍ଟଙ୍କ ଦିବ୍ୟତ୍ୱର ସିଦ୍ଧାନ୍ତକୁ ପ୍ରତ୍ୟାଖ୍ୟାନ କରିଥିଲେ କିନ୍ତୁ ଏହାର ନୈତିକ ଶିକ୍ଷା ଦ୍ୱାରା ବିଶେଷ ଆକୃଷ୍ଟ ହୋଇଥିଲେ । ହିନ୍ଦୁ ଧର୍ମର ମୌଳିକ ନୀତି ମଧ୍ୟରୁ ସେ ଆତ୍ମାର ପୁନର୍ଜନ୍ମ ପ୍ରାପ୍ତିର ମତବାଦ, ବାଲ୍ୟ-ବିବାହ, ସତୀଦାହ ପ୍ରଥା ଓ ଅସ୍ପୃଶ୍ୟତାକୁ ପ୍ରତ୍ୟାଖ୍ୟାନ କରିଥିଲେ । ପୁତ୍ତଳିକା-ପୂଜା ଯାହା ହିନ୍ଦୁଧର୍ମର ଏକେଶ୍ୱରବାଦର ମର୍ଯ୍ୟାଦାକୁ ନଷ୍ଟ କରୁଥିଲା, ତାହା ପ୍ରତି ସେ ଆକ୍ରମଣ କରିଥିଲେ । ସେ ଘୋଷଣା କଲେ ଯେ ହିନ୍ଦୁଶାସ୍ତ୍ରସକଳ କେବଳ ଏକହିଁ ପରମେଶ୍ୱରବାଦ ଉପରେ ବିଶ୍ୱାସ କରେ । ବେଦାନ୍ତ ଓ ଉପନିଷଦ୍ ସମ୍ପର୍କୀୟ ମୁଖ୍ୟ ଶାସ୍ତ୍ର ଓ ସେସବୁର ଅନୁବାଦ ରାଜା ରାମମୋହନ ରାୟଙ୍କ ଦ୍ୱାରା ହିନ୍ଦୁଧର୍ମର ପୁନର୍ସଂସ୍କାର ସକାଶେ ପୁସ୍ତକ ରୂପେ ପ୍ରକାଶିତ ଓ ବିତରିତ ହୋଇଥିଲା ।

ବହୁ ସଂଖ୍ୟାରେ ବ୍ରାହ୍ମସମାଜର ଶାଖା ଭାରତରେ ଖୋଲା ଯାଇଥିଲା ଏବଂ ଦେବେନ୍ଦ୍ରନାଥ ଠାକୁର ଓ କେଶବ ଚନ୍ଦ୍ର ସେନ ଏହି ଆନ୍ଦୋଳନରେ ସହଯୋଗ କରିଥିଲେ । ଦେବେନ୍ଦ୍ରନାଥ ଠାକୁର ହିନ୍ଦୁଧର୍ମର ଧର୍ମାନ୍ଧତା ଓ ଅନ୍ଧବିଶ୍ୱାସ ତ୍ୟାଗ କରି ହିନ୍ଦୁଧର୍ମରେ ପବିତ୍ରତା ପ୍ରତିଷ୍ଠା କରିବାକୁ ଚାହିଁଥିଲେ । ପରବର୍ତ୍ତୀ କାଳରେ ବ୍ରାହ୍ମସମାଜ ତିନୋଟି ଶାଖାରେ ବିଭାଜିତ ହୋଇଥିଲା – (୧) ଆଦି ବ୍ରାହ୍ମସମାଜ, (୨) ନବବିଧାନ ବ୍ରାହ୍ମସମାଜ ଓ (୩) ସାଧାରଣ ବ୍ରାହ୍ମସମାଜ ।

**ଆର୍ଯ୍ୟ-ସମାଜ :**

ଆର୍ଯ୍ୟ-ସମାଜ ୧୮୭୫ ମସିହା ଏପ୍ରିଲ ୧୦ ତାରିଖରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ତତ୍କାଳୀନ ବମ୍ବେ ସହରରେ ପ୍ରତିଷ୍ଠିତ ହୋଇଥିଲା । ବ୍ରାହ୍ମସମାଜ ଅପେକ୍ଷା ଏହା ଅଧିକ ରକ୍ଷଣଶୀଳ ଓ ଆକ୍ରମଣଶୀଳ ହୋଇଥିଲା । ସ୍ୱାମୀ ଦୟାନନ୍ଦ ସରସ୍ୱତୀ ବ୍ରାହ୍ମସମାଜ ଉପରେ ଦୋଷାରୋପ କରିଥିଲେ ଯେ ଏହା ପ୍ରାଚୀନ ହିନ୍ଦୁପ୍ରଥାଠାରୁ ଅନେକ ଦୂରେଇ ଯାଇଥିଲା ଏବଂ ଖ୍ରୀଷ୍ଟିଆନ ଧର୍ମକୁ ଅନୁକରଣ କରିଥିଲା । ଆର୍ଯ୍ୟସମାଜ ବେଦର ଦୃଢ଼ ଭିତ୍ତି ଉପରେ କେବଳ ଖ୍ରୀଷ୍ଟିଆନ ଧର୍ମକୁ ଓ ଇସଲାମ ଧର୍ମକୁ ନୁହେଁ, କିନ୍ତୁ ପାଶ୍ଚାତ୍ୟ ଦର୍ଶନର କେତେକ ବିଭାବକୁ ପରିହାସ କରେ । ସ୍ୱାମୀ ଦୟାନନ୍ଦଙ୍କର ବିଶ୍ୱାସ ଥିଲା ଯେ ବେଦ ହେଉଛି ଅଭ୍ରାନ୍ତ ଓ ସକଳ ଜ୍ଞାନର ଅସରନ୍ତି ଭଣ୍ଡାର । ଯେଉଁ ବେଦ, ଦାର୍ଶନିକ, ଯାନ୍ତ୍ରିକ ଓ ବୈଜ୍ଞାନିକ ଇତ୍ୟାଦି ସକଳ ପ୍ରକାର ଜ୍ଞାନର ଧାରକ, ତାହାକୁ

ବୁଝିବାକୁ ଓ ବ୍ୟାଖ୍ୟା କରିବାକୁ ହେବ । ହିନ୍ଦୁଧର୍ମର ପୁନର୍ଜାଗରଣ ଓ ସଂସ୍କାର ସକାଶେ ଆର୍ଯ୍ୟ-ସମାଜର ଆକର୍ଷଣୀୟ ବାଣୀ ହେଉଛି – ଜାତୀୟ ସ୍ୱାଭିମାନ ଓ ଚେତନାକୁ ଜାଗ୍ରତ କରାଇବା ।

ସ୍ୱାମୀ ଦୟାନନ୍ଦଙ୍କ ଦ୍ୱାରା ପ୍ରଦତ୍ତ ଆର୍ଯ୍ୟ ସମାଜର ତତ୍ତ୍ୱକୁ ନିମ୍ନରେ ଉଲ୍ଲେଖ କରାଗଲା ।

(୧) ସକଳ ଜ୍ଞାନ ଓ ଜ୍ଞାତବ୍ୟ ବିଷୟର ଉତ୍ସ ହେଉଛନ୍ତି ପରମେଶ୍ୱର ।

(୨) ଈଶ୍ୱର ହେଉଛନ୍ତି ସର୍ବବିଦ୍ୟମାନ, ଧୀ-ସମ୍ପନ୍ନ ଓ ସଚ୍ଚିଦାନନ୍ଦ । ସେ ନିରାକାର, ସର୍ବଶକ୍ତିମାନ୍, ନ୍ୟାୟବାନ୍, ଦୟାଶୀଳ, ଅଜାତ, ଅନନ୍ତ, ଅପରିବର୍ତ୍ତନୀୟ, ଅନାଦି, ଅତୁଳନୀୟ, ସର୍ବାଶ୍ରୟ, ସକଳର ପ୍ରଭୁ, ସର୍ବବିଦ୍ୟମାନ, ସର୍ବ-ବ୍ୟାପକ, ଅମର, ନିର୍ଭୟ, ପବିତ୍ର ଓ ସର୍ବକାରୀ ।

(୩) ବେଦ ହେଉଛି ଯଥାର୍ଥ ଜ୍ଞାନର ଶାସ୍ତ୍ର । ଆର୍ଯ୍ୟମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଉଛି ବେଦାଧ୍ୟୟନ କରିବା, ସେସବୁର ଶିକ୍ଷା ପ୍ରଦାନ କରିବା, ସେସବୁର ଉଚ୍ଚାରଣ କରିବା ଓ ଅନ୍ୟ ଦ୍ୱାରା ପଠିତ ବେଦକୁ ଶ୍ରବଣ କରିବା ।

(୪) ସତ୍ୟକୁ ଗ୍ରହଣ କରିବା ଓ ଅସତ୍ୟକୁ ପ୍ରତ୍ୟାଖ୍ୟାନ କରିବା ନିମିତ୍ତ ବ୍ୟକ୍ତିକୁ ସର୍ବଦା ପ୍ରସ୍ତୁତ ହେବାକୁ ହେବ ।

(୫) ଉଚିତ ଓ ଅନୁଚିତ ସମ୍ବନ୍ଧେ ଯଥାର୍ଥ ଚିନ୍ତାକରି ଧର୍ମର ନିର୍ଦ୍ଦେଶ ଅନୁସାରେ ସବୁକିଛି କରିବାକୁ ହେବ ।

(୬) ଆର୍ଯ୍ୟ-ସମାଜର ପ୍ରାଥମିକ ଲକ୍ଷ୍ୟ ହେଉଛି ସମଗ୍ର ଜଗତର ମଙ୍ଗଳ-ସାଧନ କରିବା ଅର୍ଥାତ୍ ଜଗତର ଭୌତିକ, ସାମାଜିକ ଓ ଆଧ୍ୟାତ୍ମିକ ମଙ୍ଗଳ-ସାଧନ କରିବା ।

(୭) ଧର୍ମର ନିର୍ଦ୍ଦେଶ ଅନୁସାରେ ସକଳଙ୍କ ସହିତ ବ୍ୟକ୍ତିର ବ୍ୟବହାର ପ୍ରେମ ଓ ନ୍ୟାୟ ଅନୁଯାୟୀ ନିୟନ୍ତ୍ରିତ ହେବା ଆବଶ୍ୟକ ।

(୮) ବ୍ୟକ୍ତିକୁ ଅବିଦ୍ୟାର ବିନାଶ କରି ବିଦ୍ୟାର ବିକାଶ କରିବାକୁ ହେବ ।

(୯) ବ୍ୟକ୍ତିକୁ କେବଳ ନିଜର ମଙ୍ଗଳ-ସାଧନ କରି ସନ୍ତୁଷ୍ଟ ହେବାକୁ ହେବ ନାହିଁ, ତାକୁ ସକଳଙ୍କର ବିକାଶ-ସାଧନ ନିମିତ୍ତ ମନୋଯୋଗୀ ହେବାକୁ ହେବ ।

(୧୦) ସମାଜର ସର୍ବାଙ୍ଗୀଣ ବିକାଶ ନିମିତ୍ତ ବ୍ୟକ୍ତିକୁ ସାବଧାନତା ସହ ଆତ୍ମବିକାଶ ଘଟାଇବାକୁ ହେବ କିନ୍ତୁ ଆତ୍ମବିକାଶ ନିମିତ୍ତ ବ୍ୟକ୍ତିକୁ ସ୍ୱାଧୀନଭାବେ ନିୟମାଧୀନ ହେବାକୁ ହେବ ।

ସ୍ୱାମୀ ଦୟାନନ୍ଦ ଏକେଶ୍ୱରବାଦ ଉପରେ ବିଶ୍ୱାସ କରୁଥିଲେ ଏବଂ କହୁଥିଲେ ଯେ ବେଦରେ ମୂର୍ତ୍ତିପୂଜାର କୌଣସି ସ୍ଥାନ ନାହିଁ । ସେ ବିଶ୍ୱାସ କରୁଥିଲେ ଯେ ସତ୍ୟହିଁ ଈଶ୍ୱର । ଗାନ୍ଧିଜିଙ୍କର ମଧ୍ୟ ଏହି ବିଶ୍ୱାସ ଥିଲା । ପରିଶେଷରେ କେବଳ ଦିବ୍ୟସତ୍ୟହିଁ ବିଜୟ ଲାଭକରେ ଏବଂ ତା'ର ଅଭୀପ୍ସୁମାନଙ୍କର ଧର୍ମ, ଅର୍ଥ, କାମ ଓ ମୋକ୍ଷକୁ ନିରାପତ୍ତା ପ୍ରଦାନ କରେ । ଶକ୍ତି ଓ ମହାନତାର ଅଭ୍ରାନ୍ତ ଉତ୍ସ ହେଉଛି ସତ୍ୟ ପ୍ରତି ଭକ୍ତି । ମାନବସମାଜର ଭୌତିକ, ସାମାଜିକ ଓ ଆଧ୍ୟାତ୍ମିକ ମଙ୍ଗଳ-ସାଧନ ନିମିତ୍ତ ଆର୍ଯ୍ୟ-ସମାଜ ଯଥାର୍ଥ ଜ୍ଞାନ, ପ୍ରେମ ଓ ନ୍ୟାୟର ଦାବି କରେ । ସ୍ୱାମୀ ଦୟାନନ୍ଦ କହୁଥିଲେ ଯେ ଆର୍ଯ୍ୟସମାଜର ପ୍ରାଥମିକ ଲକ୍ଷ୍ୟ ହେଉଛି ସମଗ୍ର ମାନବସମାଜର ମଙ୍ଗଳ-ସାଧନ କରିବା । ସତ୍ୟକୁ ଗ୍ରହଣ କରିବା ଓ ଅସତ୍ୟକୁ ତ୍ୟାଗ କରିବା ସକାଶେ ସେ ମୁଖ୍ୟତଃ ପ୍ରାଧାନ୍ୟ ଦେଉଥିଲେ ଓ ସେଥି ନିମନ୍ତେ ବ୍ୟକ୍ତିକୁ ସର୍ବଦା ପ୍ରସ୍ତୁତ ରହିବାକୁ ହେବ । ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଯୁକ୍ତି କରୁଥିଲେ ଯେ ସାମାଜିକ ଓ ଧାର୍ମିକ ସଂସ୍କାରରେ ମୂର୍ତ୍ତିପୂଜା, ପୂର୍ବପୁରୁଷଙ୍କ ପୂଜା-ଆରାଧନା, ଜାତିପ୍ରଥା, ପଶୁବଳି, ଅବତାରବାଦ, ବିଭିନ୍ନ ତୀର୍ଥଯାତ୍ରା, ବାଲ୍ୟ-ବିବାହ ଓ ଅସ୍ପୃଶ୍ୟତାର ସ୍ଥାନ ନାହିଁ ।

## ରାମକୃଷ୍ଣ ମିଶନ

ଶ୍ରୀରାମକୃଷ୍ଣ ପରମହଂସ ଗଭୀର ଆଧ୍ୟାତ୍ମିକତାର ଏକ ଅସାଧାରଣ ବ୍ୟକ୍ତିତ୍ୱ ରୂପେ ହିନ୍ଦୁସମାଜ ସମକ୍ଷରେ ଉପସ୍ଥିତ ହୋଇଥିଲେ । ସେ ଥିଲେ ହିନ୍ଦୁଧର୍ମର ଏକ ପ୍ରଶସ୍ତ ଓ ସମନ୍ୱୟାତ୍ମକ ଦୃଷ୍ଟିକୋଣସମ୍ପନ୍ନ, ଅସାଧାରଣଭାବେ ଏକ ସରଳ ଓ ଉଜ୍ଜ୍ୱଳମୟ ହିନ୍ଦୁଧର୍ମତତ୍ତ୍ୱର ବ୍ୟାଖ୍ୟାକାର ।

ମହାତ୍ମା ଗାନ୍ଧି କହୁଥିଲେ – ଶ୍ରୀରାମକୃଷ୍ଣ ପରମହଂସଙ୍କ ଜୀବନ ହେଉଛି ବ୍ୟବହାରିକ ଧର୍ମଜୀବନର ଏକ କାହାଣୀ । ସେ ହିନ୍ଦୁଧର୍ମ ସମ୍ବନ୍ଧେ ଏକ ଉଜ୍ଜ୍ୱଳ ଓ ଜୀବନ୍ତ ଉଦାହରଣ ଉପସ୍ଥାପିତ କରିଥିଲେ । ଶ୍ରୀରାମକୃଷ୍ଣଙ୍କ ମତ ଅନୁସାରେ ହିନ୍ଦୁଧର୍ମ, ଖ୍ରୀଷ୍ଟଧର୍ମ, ଇସଲାମ ଧର୍ମ ଇତ୍ୟାଦି ପରସ୍ପର ବିରୋଧୀ ବା ଶତ୍ରୁଭାବାପନ୍ନ ନୁହନ୍ତି କିନ୍ତୁ ଏକ ଶାଶ୍ୱତ ଧର୍ମର ବିଭିନ୍ନ ଅଂଶ । ଶ୍ରୀରାମକୃଷ୍ଣଙ୍କ ଭାଷାରେ ଯେତେ ବିଶ୍ୱାସ ସେତେ ପଥ ରହିଛି । ସେ ଥିଲେ ସତ୍ୟ, ତ୍ୟାଗ ଓ ପବିତ୍ରତାର ଅବତାର ।

ଶ୍ରୀରାମକୃଷ୍ଣଙ୍କୁ ହିନ୍ଦୁଧର୍ମର ଜୀବନ୍ତ ବିଗ୍ରହ ବୋଲି ମନେ କରାଯାଏ । ତାଙ୍କର ବହୁ ଆଧ୍ୟାତ୍ମିକ ଅଭୀପ୍ସୁ ଓ ଅନୁଗାମୀ ଶିଷ୍ୟ ଥିଲେ । ସେମାନଙ୍କ ମଧ୍ୟରୁ ସ୍ୱାମୀ ବିବେକାନନ୍ଦ ଥିଲେ ଏକ ଅସାଧାରଣ ଶିଷ୍ୟ । ସ୍ୱାମୀ ବିବେକାନନ୍ଦଙ୍କ ମତ ଅନୁସାରେ ଯେତେବେଳେ ଆର୍ଯ୍ୟମାନଙ୍କ ଉତ୍ତରାଧିକାରୀମାନେ ବେଦାନ୍ତ ଓ ଉପନିଷଦର ମହତ୍ତ୍ୱକୁ ରକ୍ଷା କରିବାକୁ ବିଫଳ ହୋଇଥିଲେ, ସେତେବେଳେ ଏହାର ଅଧଃପତନ ହୋଇଥିଲା ଓ ବିଶୃଙ୍ଖଳା ମଧ୍ୟ ସୃଷ୍ଟି ହୋଇଥିଲା ଏବଂ କ୍ରମେ ହିନ୍ଦୁଧର୍ମ ଯାହା ବେଦର ସନାତନ ଧର୍ମ, ତାହା ସଂକଟାପନ୍ନ ହୋଇଉଠିଥିଲା । ସେତେବେଳେ ଶ୍ରୀରାମକୃଷ୍ଣ ଅବତୀର୍ଣ୍ଣ ହୋଇ ଆର୍ଯ୍ୟମାନଙ୍କୁ ଯଥାର୍ଥ ଧର୍ମର ମାର୍ଗ ପ୍ରଦର୍ଶନ କରିଥିଲେ । ସେ ଉପସ୍ଥିତ ହୋଇଥିଲେ ଚିରନ୍ତନ ହିନ୍ଦୁଧର୍ମର ସକଳ ବିଭାବର ସମନ୍ୱୟ-ସାଧକ ଭାବରେ ।

ସ୍ୱାମୀ ବିବେକାନନ୍ଦ ଦେଶବାସୀଙ୍କୁ ଆହ୍ୱାନ କରି ବେଦାନ୍ତ-ଦର୍ଶନକୁ ଜଗତର ସକଳ ସମସ୍ୟାର ସମାଧାନ ରୂପେ ବ୍ୟବହାର କରିବାକୁ ଶିକ୍ଷା ଦେଇଥିଲେ ।

ସ୍ୱାମୀ ବିବେକାନନ୍ଦ ବିଶ୍ୱାସ କରୁଥିଲେ ଯେ କେବଳ ହିନ୍ଦୁଧର୍ମର ଆଧ୍ୟାତ୍ମିକତାହିଁ ବିଶ୍ୱରେ ମହାନ୍ ଅଦ୍ୱୈତବାଦର ପ୍ରସାର ସାଧନ କରିପାରେ । ପୁନର୍ଜାଗରଣକାରୀ ଓ ସଂସ୍କାରକଭାବେ ସ୍ୱାମିଜି ଭାରତୀୟ ସମାଜରେ ବେଦାନ୍ତ ଦର୍ଶନକୁ ଆଧୁନିକ ଜୀବନର ସକଳ ସମସ୍ୟାର ସମାଧାନ-ପନ୍ଥା ରୂପେ ଉପସ୍ଥାପିତ କରିଥିଲେ । ସେ ଦାବି କରୁଥିଲେ ଯେ ଏକ ଯଥାର୍ଥ ଧର୍ମପରାୟଣ ବ୍ୟକ୍ତିକୁ, ନିଜର ବ୍ୟକ୍ତିଗତ ମୁକ୍ତିକୁ ସମାଜ-ସେବାରେ ଉତ୍ସର୍ଗ କରିବା ଆବଶ୍ୟକ, କାରଣ ସମାଜ ମଧ୍ୟରେହିଁ ଭଗବାନ୍ ବାସ କରନ୍ତି ।

ରାମକୃଷ୍ଣ ମିଶନର ଲକ୍ଷ୍ୟଗୁଡ଼ିକୁ ନିମ୍ନରେ ଉପସ୍ଥାପିତ କରାଗଲା ।

(୧) ଶ୍ରୀରାମକୃଷ୍ଣଙ୍କ ଦ୍ୱାରା ପ୍ରସ୍ତାବିତ ବେଦାନ୍ତ ତତ୍ତ୍ୱର ଅଧ୍ୟୟନ କରିବା, ଆଲୋଚନା କରିବା ଓ ଉନ୍ନତିସାଧନ କରିବା ଏବଂ ତାଙ୍କ ନିଜ ଜୀବନରେ ବ୍ୟବହାରିକ ଭାବରେ ସେ ଯେପରି ଏହାକୁ ପ୍ରଦର୍ଶନ କରିଛନ୍ତି ଏବଂ ପ୍ରଶସ୍ତତମ ଭାବରେ ଧର୍ମ-ତତ୍ତ୍ୱର ପ୍ରଦର୍ଶନ କରିଛନ୍ତି, ସେସବୁର ପ୍ରସାର କରିବା ।

(୨) କଳା, ବିଜ୍ଞାନ ଓ ଶିଳ୍ପର ଅଧ୍ୟୟନ ଓ ଉନ୍ନତି ସାଧନ କରିବା ।

(୩) ଉଲ୍ଲିଖିତ ଜ୍ଞାନର ସକଳ ଶାଖାରେ ଶିକ୍ଷକମାନଙ୍କୁ ତାଲିମ ଦେବା ଏବଂ ସେସବୁକୁ ଜନସାଧାରଣରେ ପହଞ୍ଚାଇବା ।

(୪) ଜନସାଧାରଣଙ୍କ ମଧ୍ୟରେ ଶିକ୍ଷାଗତ କ୍ରିୟା-କଳାପର ବିକାଶ ଘଟାଇବା ।

(୫) ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଅନାଥାଶ୍ରମ, କର୍ମଶାଳା, ବିଜ୍ଞାନାଗାର, ଡାକ୍ତରଖାନା, ବୃଦ୍ଧ, ଅସମର୍ଥ ଓ ଦୁଃସ୍ଥମାନଙ୍କ ସକାଶେ ଗୃହନିର୍ମାଣ, ଦୁର୍ଭିକ୍ଷଗ୍ରସ୍ତ ଲୋକମାନଙ୍କ ସକାଶେ ସହାୟତା-କାର୍ଯ୍ୟ ଓ ଦରିଦ୍ରମାନଙ୍କୁ ଦାନ ଆଦି ସକଳ ପ୍ରକାରର କାର୍ଯ୍ୟ-ସମ୍ପାଦନ କରିବା ।

(୬) ଅନୁଷ୍ଠାନର ଲକ୍ଷ୍ୟ ଦିଗରେ ସହାୟକ ବୋଲି ମନେ ହେଉଥିବା ପୁସ୍ତକ ଓ ପତ୍ର-ପତ୍ରିକାର ମୁଦ୍ରଣ, ପ୍ରକାଶନ, ବିକ୍ରୟ ଓ ବିତରଣ କରିବା ।

(୭) ପୂର୍ବବର୍ଣ୍ଣିତ ଲକ୍ଷ୍ୟସବୁରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସଂଘର ସହାୟକ ଅନ୍ୟ ଯେକୌଣସି କାର୍ଯ୍ୟକରିବା ସମ୍ଭବପର, ସେସବୁର ସମ୍ପାଦନ କରିବା ।

ମହାତ୍ମା ଗାନ୍ଧି, ଶ୍ରୀଅରବିନ୍ଦ ଓ ଡଃ. ସର୍ବପଲ୍ଲି ରାଧାକୃଷ୍ଣନ୍ ହେଉଛନ୍ତି ଅନନ୍ୟ ଜ୍ଞାନସମ୍ପନ୍ନ ଦାର୍ଶନିକ ଓ ବଳିଷ୍ଠ ବ୍ୟକ୍ତିଗଣ ଯେଉଁମାନେ ହିନ୍ଦୁଧର୍ମର ସଂସ୍କାର ନିମିତ୍ତ ଚେଷ୍ଟା କରିଥିଲେ ।

(ସମାପ୍ତ)

ଭଗବାନ୍ ଆମ ଭିତରେ ସର୍ବଦା ଅନ୍ତର୍ନିହିତ ହୋଇ ରହିଛନ୍ତି । ଆମର ଅନ୍ତରତମ ସତ୍ୟରେ ଆମେ ତାଙ୍କରହିଁ ସ୍ୱରୂପ ଏବଂ ଏହି ସତ୍ୟକୁ ଆମକୁ ଏଠାରେ ଅଭିବ୍ୟକ୍ତ କରିବାକୁ ହେବ । ଏହାହିଁ ଆମକୁ ଏଠାରେ ଦିବ୍ୟଜୀବନ ଯାପନ ଦିଗରେ ଅନୁପ୍ରେରଣା ଦେଉଛି ଏବଂ ଏପରିକି ଏହି ସ୍ଥୂଳ ଜଡ଼ଜଗତରେ ମଧ୍ୟ ଦିବ୍ୟଜୀବନର ସୃଷ୍ଟିକୁ ପ୍ରୟୋଜନୀୟ କରି ତୋଳିଛି ।

— ଶ୍ରୀଅରବିନ୍ଦ

# ସ୍ୱାଧୀନତା ଓ ଶୃଙ୍ଖଳା

ଶ୍ରୀ ବିମଳ ପ୍ରସନ୍ନ ଦାସ

ରଷୋ କହିଥିଲେ, ''ମଣିଷ ସ୍ୱାଧୀନ ଭାବେ ଜନ୍ମ ନିଏ; କିନ୍ତୁ ଆଜୀବନ ଶୃଙ୍ଖଳ ମଧ୍ୟରେ ସେ ଆବଦ୍ଧ।'' ଏହାର ମାର୍ମିକ ଅର୍ଥ ନ ବୁଝିଲେ ସ୍ୱାଧୀନତା ତଥା ସ୍ୱାଧୀନ ହେବାର ଗୌରବ ଏବଂ ମହିମାକୁ ଅନୁଭବ କରିବା ସମ୍ଭବ ହେବ ନାହିଁ। ପାରିବାରିକ ଶୃଙ୍ଖଳା, ଧର୍ମ, ଜାତି, ପ୍ରଥା, ପରମ୍ପରା, ସାମାଜିକ ରୀତି-ନୀତି ଏବଂ ଆଇନ – ଏସବୁକୁ ମଣିଷ ମାନି ନେବାକୁ ହୋଇଥାଏ । ମାତ୍ର ଆଇନ ଓ ସାମାଜିକ ରୀତି-ନୀତି, ଅସମାନତା ଓ ଉତ୍ପୀଡ଼ନ ସୃଷ୍ଟିର କାରଣ ହେଲେ ପରାଧୀନ ମଣିଷ ତାକୁ ନୀରବରେ ସହିଲା ବେଳେ, ସ୍ୱାଧୀନ ମଣିଷ ଏହା ବିରୋଧରେ ସଂଗ୍ରାମ କରେ । ସ୍ୱାଧୀନତା ଉପରେ କୁପ୍ରଭାବ ପକାଉଥିବା ଆଇନ, ପ୍ରଥା ଓ ପରମ୍ପରାର ପରିବର୍ତ୍ତନ ଓ ସଂସ୍କାର କରିବା ସହିତ ସ୍ୱାଧୀନତାକୁ ଅଧିକ କ୍ରିୟାଶୀଳ ଏବଂ ସ୍ପନ୍ଦିତ କରିବାକୁ ଚେଷ୍ଟା କରିବା ଉଚିତ । କହିବା ଅନାବଶ୍ୟକ ଯେ ଏ ସୁଯୋଗ ଓ ସୁବିଧା ପରାଧୀନ ମଣିଷ ପାଇଁ ଦିବାସ୍ୱପ୍ନ ।

ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଅନୁପମ ତଥା ଶାଶ୍ୱତ ଉକ୍ତି ହେଲା, ''ବ୍ୟକ୍ତି ଓ ରାଷ୍ଟ୍ରୀୟତା ହେଉଛି ଏକ ଧର୍ମ ଯାହା ଈଶ୍ୱରଦତ୍ତ । ଏହା ମଣିଷ-ସୃଷ୍ଟ ନୁହେଁ, ମାତ୍ର ଏକ ପ୍ରଭାବଶାଳୀ ଶକ୍ତି ଯାହା ଆମକୁ ଅଗ୍ରସର ହେବାକୁ ବାଧ କରୁଛି । ବିଶ୍ୱ ସମ୍ମୁଖରେ ଭାରତ ମୁକ୍ତ ଏବଂ ସ୍ୱାଧୀନ ହେବା ପର୍ଯ୍ୟନ୍ତ ସମସ୍ତ ବନ୍ଧନ ଛିନ୍ନକରି ଭାସି ଯିବାକୁ ହେବ ।'' ୧୯୦୭ ମସିହାରେ ସୁରଟଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ତାଙ୍କର ଦୀର୍ଘ ଭାଷଣରେ ଏହାହିଁ ଥିଲା ସ୍ୱାଧୀନତା ଓ ପୂର୍ଣ୍ଣ ସ୍ୱରାଜର ମୂଳ ମନ୍ତ୍ର ଓ ଆହ୍ୱାନ । ନାଗପୁରଠାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ୱାଧୀନତାର ଗୌରବମୟ ମହିମା ସମ୍ପର୍କରେ ଯେଉଁ ଉଦ୍‌ବୋଧନ ସେ ଦେଇଥିଲେ ତା'ର ଅନୁବାଦ ହିନ୍ଦୀରେ କରିଥିଲେ ଡଃ. ମୁଞ୍ଜେ, ସେସମୟର ଜଣେ ବିଶିଷ୍ଟ ନେତା । ଏହି ଭାଷଣ ଥିଲା ଅନନ୍ୟ, ଶକ୍ତିଶାଳୀ ଓ ଭିନ୍ନ ଏକ ଅବବୋଧ ଉପରେ ପ୍ରତିଷ୍ଠିତ । ସେତେବେଳକୁ ଶ୍ରୀଅରବିନ୍ଦ ରାଷ୍ଟ୍ରୀୟ ସ୍ତରରେ ଜଣେ ସର୍ବଜନ-ସମାଦୃତ ଶ୍ରଦ୍ଧାଭାଜନୀୟ ନେତା ।

ମେ ୩୧, ୧୯୦୫ ମସିହାରେ ତାଙ୍କର ସହଧର୍ମିଣୀ ମୃଣାଳିନୀ ଦେବୀଙ୍କୁ ଏକ ପତ୍ରରେ ଏହି ମର୍ମରେ ସେ ଲେଖିଥିଲେ ଯେ, ମୋର ତିନୋଟି ପାଗଳାମି ମଧ୍ୟରୁ ଭାରତର ସ୍ୱାଧୀନତା ପ୍ରଥମ । ଭାରତର ମୁକ୍ତି ପାଇଁ ସେ ହୁଏତ ଥିଲେ ଆପୋସହୀନ ସ୍ୱାଧୀନତା ଓ ପୂର୍ଣ୍ଣ ସ୍ୱରାଜର ପ୍ରଥମ ପ୍ରବକ୍ତା ।

ଏହି ବଜ୍ର-ଗମ୍ଭୀର ଶପଥ ରୂପ ଗ୍ରହଣ କଲା ୧୫ ଅଗଷ୍ଟ ୧୯୪୭ ମସିହାରେ, ମହାଯୋଗୀଙ୍କ ପବିତ୍ର ୭୫ତମ ପୁଣ୍ୟ ଜନ୍ମତିଥିରେ । ଏହି ଶୁଭଲଗ୍ନକୁ ସେ ସ୍ୱୀକାର କରି କହିଥିଲେ, ''ମୋ ଜନ୍ମତିଥିରେ ଭାରତ ସ୍ୱାଧୀନତା ଲାଭ କରିବା ଅର୍ଥ ଭଗବାନ୍ ମୋର ସଂକଳ୍ପ ଓ ସ୍ୱପ୍ନକୁ ସାର୍ଥକ କରିଛନ୍ତି । ସ୍ୱାଭାବିକ ଭାବେ ଏହା ମୋ ପାଇଁ ଆନନ୍ଦର ଦିନ । ଏହି ବିରଳ ଯୋଗାଯୋଗକୁ ମୁଁ ଏକ କାକତାଳିକତା ଭାବରେ ଗ୍ରହଣ କରେ ନାହିଁ; ବରଂ ମନେ କରେ ଯେଉଁ ଭାଗବତ ଶକ୍ତି ମୋ ଜୀବନକୁ ପରିଚାଳିତ କରେ, ତାଙ୍କର ପୂର୍ଣ୍ଣ ସମର୍ଥନ ଓ ସ୍ୱୀକୃତିର ଏହା ବାସ୍ତବ ରୂପ । ଏହି ଆକାଂକ୍ଷିତ ଦିବସରେ ମୁଁ ବିଶ୍ୱ-କ୍ରିୟାବଳିକୁ ଲକ୍ଷ୍ୟ କରୁଛି ଏବଂ ଯାହାସବୁ ମୋ ଜୀବନ କାଳ ମଧ୍ୟରେ ସଫଳ ହେବ ବୋଲି ବିଶ୍ୱାସ କରିଥିଲି, ଆଜି ସେସବୁ ସଫଳ ହେବାକୁ ଯାଉଛି – ଅଥବା ସଫଳତାର ପଥରେ । ସ୍ୱାଧୀନ ଭାରତ ବିଶ୍ୱରେ ଏକ ବିଶାଳ ଭୂମିକା ଗ୍ରହଣ କରିପାରେ କିଂବା ଗୁରୁତ୍ୱପୂର୍ଣ୍ଣ ନେତୃତ୍ୱ ନେଇପାରେ ।'' ସେ ମଧ୍ୟ କହିଥିଲେ ସ୍ୱାଧୀନତାର ମୂଳ ଭିତ୍ତି ଶୃଙ୍ଖଳା । ବିଶୃଙ୍ଖଳିତ ଜାତି ପରାଧୀନ ହେବା ଅନିବାର୍ଯ୍ୟ ।

ଶ୍ରୀଅରବିନ୍ଦ କହିଛନ୍ତି, ''ଭାରତ ହେଉଛି ରାଷ୍ଟ୍ରମାନଙ୍କର ଗୁରୁ, ପ୍ରଚଣ୍ଡ ବ୍ୟାଧିଗ୍ରସ୍ତ ମାନବାତ୍ମାର ଚିକିତ୍ସକ । ଏହି ଅବଧାରିତ ଭାଗ୍ୟ ନେଇ ସେ ଆସିଛି ଆଉ ଥରେ ବିଶ୍ୱର ଜୀବନ ସତ୍ତାକୁ ନୂଆ ଛାଞ୍ଚରେ ଗଢ଼ିବା ପାଇଁ ଏବଂ ମାନବ ସତ୍ତାରେ ପ୍ରଶାନ୍ତିର ପୁନଃ ପ୍ରତିଷ୍ଠା କରିବା ପାଇଁ ।''

ଜାତିର ଜନକ ମହାତ୍ମାଗାନ୍ଧି ୧୯୧୫ ମସିହାରେ ଦକ୍ଷିଣ ଆଫ୍ରିକାରୁ ଭାରତ ଆସିବାର ଦଶ ବର୍ଷ ପୂର୍ବରୁ ରାଷ୍ଟ୍ରୀୟ ମୁକ୍ତି ସଂଗ୍ରାମର ମହାଯଜ୍ଞରେ ଶ୍ରୀଅରବିନ୍ଦ ଝାସ ଦେଇ ସାରିଥିଲେ । ସେଥିପାଇଁ କବିଗୁରୁ ରବୀନ୍ଦ୍ରନାଥ ତାଙ୍କୁ ଋଷି ଶ୍ରୀଅରବିନ୍ଦ ଭାବରେ ସମ୍ବୋଧନ କରୁଥିଲେ । ଆଧ୍ୟାତ୍ମିକ ଓ

ଶୃଙ୍ଖଳାର ଭିତ୍ତିଭୂମି ଉପରେହିଁ ଭାରତୀୟ ମୁକ୍ତି ସଂଗ୍ରାମକୁ ଶ୍ରୀଅରବିନ୍ଦ ପ୍ରଜ୍ୱଳିତ କରିଥିଲେ । ପରବର୍ତ୍ତୀ କାଳରେ ବାପୁଜି ନିଜସ୍ୱ ଧାରାରେ ସଂଗ୍ରାମକୁ ପରିଚାଳିତ କଲେ । ଏ ସମ୍ପର୍କରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ବକ୍ତବ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ ଓ ପ୍ରଣିଧାନଯୋଗ୍ୟ : ''ମୁଁ ଇଂଲଣ୍ଡର କେମ୍ବ୍ରିଜ କଲେଜରେ ଅଧ୍ୟୟନ କାଳରେ 'ମଜଲିସ୍'ରେ ଯୋଗ ଦେଇ ସେସମୟର ଭାରତର ଉତ୍ତୁଙ୍ଗ ସଂଗ୍ରାମୀମାନଙ୍କ ମଧ୍ୟରେ ତିଳକ ଏବଂ ଶ୍ରୀଅରବିନ୍ଦଙ୍କ ଅନନ୍ୟ ବ୍ୟକ୍ତିତ୍ୱରେ ଭାରତୀୟ ଯୁବସମାଜ ଉଦ୍‌ବେଳିତ ହୋଇଥିବାର ଖବର ପ୍ରାୟ ପାଉଥିଲି ।'' ଜାତୀୟ କଂଗ୍ରେସର ଇତିହାସ ପ୍ରଣେତା ଡଃ. ପଟ୍ଟାଭିସୀତାରାମେୟା ସ୍ପଷ୍ଟ ଉଲ୍ଲେଖ କରିଥିଲେ ଯେ, ଯଦିଓ ପ୍ରତ୍ୟକ୍ଷ ରାଜନୀତିରେ ଶ୍ରୀଅରବିନ୍ଦଙ୍କ ସ୍ଥିତି ଅତ୍ୟନ୍ତ ସଂକ୍ଷିପ୍ତ (୧୯୦୫-୧୯୧୦), ତଥାପି ସେତେବେଳର ରାଜନୈତିକ ଧୂମାଭ ଦିଗ୍‌ବଳୟରେ ସେ ଥିଲେ ଏକ ପ୍ରଚଣ୍ଡ ଉଲ୍‌କା ପିଣ୍ଡ ଯାହା ସମଗ୍ର ପରାଧୀନ ଭାରତୀୟ ସୁପ୍ତ ପ୍ରାଣକୁ ଝଲସାଇ ଦେଇଥିଲା ।

୧୯୦୮ ମସିହା ମଇ ପାଞ୍ଚ ତାରିଖରେ ସେ କାରାରୁଦ୍ଧ ହେଲେ ଏବଂ ଗୋଟିଏ ବର୍ଷ ପରେ ମୁକ୍ତିଲାଭ କଲେ । ଏହି ସମୟରେ ସେ ଦୁଇଟି ମହାନ୍ ସିଦ୍ଧି ଲାଭ କଲେ; ଗୋଟିଏ ହେଉଛି ଆତ୍ମ-ଜ୍ଞାନ ଓ ଅନ୍ୟଟି ବାସୁଦେବଙ୍କ ଦର୍ଶନ । ଜାତିର ମୁକ୍ତି ସଂଗ୍ରାମରୁ ତାଙ୍କୁ କାହିଁକି ବିଚ୍ୟୁତ କରାଗଲା – ଏହି ପ୍ରଶ୍ନ ସେ ଅଶ୍ରୁଳ ହୃଦୟରେ ଜିଜ୍ଞାସା କରିଥିଲେ ଏବଂ ତା'ର ଉତ୍ତର ମଧ୍ୟ ପାଇଥିଲେ । ସ୍ୱୟଂ ବାସୁଦେବ ନାରାୟଣ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ, ''ଆମ୍ଭେ ତୋତେ ଗୋଟିଏ କାର୍ଯ୍ୟ ଦେଉଛୁ । ସେ କାର୍ଯ୍ୟ ଏ ଜାତିକୁ ଉଠାଇବାରେ ସାହାଯ୍ୟ କରିବ ।... ତୁ ଯେତେବେଳେ ବାହାରକୁ ଯିବୁ ସେତେବେଳେ ସର୍ବଦା ଏହି ବାଣୀ ଜାତିକୁ ଶୁଣାଇବୁ : ସେମାନଙ୍କର ଯେଉଁ ଉତ୍ଥାନ ହୋଇଛି ତାହା କେବଳ ସନାତନ ଧର୍ମ ନିମିତ୍ତ, ସମଗ୍ର ଜଗତ୍ ନିମିତ୍ତ ।... ଆମେ ସେମାନଙ୍କୁ ସ୍ୱାଧୀନତା ଦେଉଛୁ କେବଳ ଜଗତର ସେବା ନିମିତ୍ତ ।... ଏହି କାମ ଆମେ ତୋତେ ଦେଉଅଛୁ ।'' ... ଜେଲରେ ଶ୍ରୀଅରବିନ୍ଦ ମଧ୍ୟ ଉପଲବ୍ଧି କଲେ ଯେ ଭାରତର ସ୍ୱାଧୀନତା ଏକ ଅବଧାରିତ ସତ୍ୟ ଏବଂ ତା' ସହିତ ତାଙ୍କ ଜୀବନର ଭବିତବ୍ୟ ଜଡ଼ିତ ।

୧୯୧୫ ମସିହାରେ ଦିବ୍ୟଜନନୀ ସମାଧିସ୍ଥ ଧ୍ୟାନରୁ ଫେରି ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ଘୋଷଣା କଲେ 'ବର୍ତ୍ତମାନ ଭାରତ ମୁକ୍ତ' । ଶ୍ରୀଅରବିନ୍ଦ ପଚାରିଲେ କିପରି ? ଉତ୍ତରରେ ମା' କହିଲେ ଧ୍ୟାନସ୍ଥ ଅବସ୍ଥାରେ ଯେଉଁ ସ୍ଥାନରେ ପହଞ୍ଚିଥିଲି, ସେଠାରେ ଦେଖିଲି ଭାରତ ସ୍ୱାଧୀନ ହୋଇସାରିଛି । ଏହା ସ୍ଥୂଳ ରୂପ ଗ୍ରହଣ କଲା ୩୨ ବର୍ଷ ପରେ । ଏହାହିଁ ମହାକାଳର ମହାନିଷ୍ପତ୍ତି । ମା'ଙ୍କୁ ମଧ୍ୟ ଶ୍ରୀଅରବିନ୍ଦ କହିଥିଲେ ଭାରତର ସ୍ୱାଧୀନତା ନିଶ୍ଚିତ ହୋଇସାରିଛି, କାରଣ ବିଶ୍ୱର ଭବିତବ୍ୟ ପାଇଁ ଏହା ଅପ୍ରତିହତ । ଭାରତହିଁ ହେବ ସମଗ୍ର ବିଶ୍ୱର ଗୁରୁ । ମାତ୍ର ସମସ୍ୟା ହେଉଛି ମୁକ୍ତି ସଂଗ୍ରାମର ଲକ୍ଷ୍ୟ ଥିଲା ଇଂରେଜ ଶାସନରୁ ଭାରତକୁ ରକ୍ଷା କରିବା । କିନ୍ତୁ ସ୍ୱାଧୀନତା ପରେ ଭାରତକୁ ଭାରତୀୟଙ୍କଠାରୁ ରକ୍ଷା କରିବାକୁ ପଡ଼ିବ । ଆଜି ହୁଏତ ତାହାହିଁ ସମସ୍ୟା ।

ଏହି ସମସ୍ୟାର ଏକ ନିଖୁଣ ଆଲେଖ୍ୟ ଦେଇଛନ୍ତି ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ସ୍ୱନାମଧନ୍ୟ ପ୍ରଫେସର ଶ୍ରୀଯୁକ୍ତ ମନୋଜ ଦାସ । ଦୈନିକ ସମାଜର ଅଗଷ୍ଟ ୧୨, ୨୦୦୭ ମସିହା ସଂସ୍କରଣରେ ପ୍ରକାଶିତ ''ଦୁଃସ୍ୱପ୍ନ – ଭାରାକ୍ରାନ୍ତ ଭାରତ'' ପ୍ରବନ୍ଧରେ ।

ତାହା ଏହିପରି – ''ସାମୂହିକ ଭାବରେ ଭାରତବର୍ଷ ଆଜି ଛଳନାପ୍ରିୟ ତଥା ମୋହାବିଷ୍ଟ । ମନ୍ଦିର, ମସଜିଦରୁ ମାଇକ୍ରୋଫୋନ୍ ଗର୍ଜନ ଯୋଗେ ପ୍ରେରିତ ଆରାଧନା ଯେପରି ଭଗବାନଙ୍କୁ ଆକର୍ଷଣ କରିବାର ସମ୍ଭାବନା ନାହିଁ, ପରୀକ୍ଷାରେ ଅଧିକରୁ ଅଧିକ ମାର୍କ ତରୁଣ-ତରୁଣୀମାନଙ୍କୁ ବିଦ୍ୱାନ୍ ଅଥବା, ଅଧିକରୁ ଅଧିକ ଦରମା ସେମାନଙ୍କୁ ସୁଖୀରେ ପରିଣତ କରିବାର ଆଶା ନାହିଁ । ତଥାପି ଆଜିର ସ୍ୱଚ୍ଛନ୍ଦ ଏବଂ ମଧ୍ୟବିତ୍ତ ଭାରତୀୟର ଏହାହିଁ ଯେପରି ଆଭିମୁଖ୍ୟ ।''

ଆଧ୍ୟାତ୍ମିକ ଦୃଷ୍ଟିରୁ ଭାରତହିଁ ଯେ ମାନବତାର ଭବିଷ୍ୟତ୍ – ସେଥିରେ ଏ ଲେଖକର ସନ୍ଦେହ ନାହିଁ । ଏକ ମହତ୍ତର ଚେତନା ଭାରତବର୍ଷରେହିଁ ଉଦ୍‌ଭାସିତ ହେବାକୁ ଉନ୍ମୁଖ । କିନ୍ତୁ ଭାରତର ପ୍ରସ୍ତୁତି ନାହିଁ । ଭାରତ ତା'ର ଗୌରବୋଜ୍ଜ୍ୱଳ ପରମ୍ପରାକୁ ପଛରେ ପକାଇ ସାରିଛି; କିନ୍ତୁ ବିକଳ୍ପ ଆଲୋକ ପ୍ରତି ଉନ୍ମୁକ୍ତ ହୋଇପାରି ନାହିଁ । ଏକଦା ଗ୍ରାମେ ଗ୍ରାମେ ପୋଥିପାଠ ହେଉଥିଲା । ପୁରାଣ ବର୍ଣ୍ଣିତ ପାପର ଭୟାବହ କର୍ମଫଳ ନର୍କରେ କାଳ କାଳ ଧରି କଲବଲ ହେବାର ଚେତାବନୀ – ମଣିଷର ପାପପ୍ରବଣ ମନକୁ ପାପ କରିବାରୁ କ୍ଷାନ୍ତ କରୁଥିଲା । ସାମାଜିକ କ୍ରମବିକାଶର ଅନିବାର୍ଯ୍ୟ ନିୟମରେ ଆଜି ସେ ଅନ୍ଧ-ବିଶ୍ୱାସ ଅନ୍ତର୍ହିତ; ଆଜି ନୈତିକ ଅପରାଧ

ବୋଧ ନାହିଁ । ଅଛି ଯାହା କାନୁନ ପ୍ରତି ଭୟ । କାନୁନକୁ ପଙ୍ଗୁ କରିବାର କୌଶଳ ଆଜିର ବିକଶିତ ବୁଦ୍ଧି ସହଜରେ ଉଦ୍‌ଭାବନ କରିପାରେ, କିନ୍ତୁ ଯେଉଁ ସତ୍ୟ ବିସ୍ମୃତ ଅଥଚ ଦୁର୍ଲଙ୍ଘ୍ୟ, ତାହା ହେଲା କର୍ମଫଳରୁ ଅବ୍ୟାହତି ନାହିଁ । ପ୍ରଦୂଷିତ ବାତାବରଣ ଭଳି ପ୍ରଦୂଷିତ ଚେତନାର କ୍ଲେଶ ଭୋଗରୁ ମୁକ୍ତି ନାହିଁ ।

ଜୀବନର ଆଭିମୁଖ୍ୟ ସମ୍ପର୍କରେ ଅଜ୍ଞାନରୁ ମୁକ୍ତି ବିନା ସେ କ୍ଲେଶଭୋଗରୁ ବା ମୁକ୍ତି କାହିଁ ? ସେଦିଗରେ ଆମର ସାମୂହିକ ସନ୍ଧାନସ୍ପୃହାର ବିକାଶ ଘଟୁ ନାହିଁ । ଚେତନା-ରାଜ୍ୟରେ ଏହି ବିପର୍ଯ୍ୟୟ ସମୟରେ ମୂର୍ଖ ମଣିଷ ନିଜର ସୁଖ ସନ୍ଧାନରେ ଅକାତରେ ଅସଂଖ୍ୟ ମଣିଷଙ୍କୁ ପ୍ରତାରିତ ଓ ନିର୍ଯାତିତ କରିପାରେ ନକଲି ଔଷଧ ପ୍ରସ୍ତୁତ କରି; ସଦ୍ୟଜାତ କନ୍ୟାକୁ ନିଧନ କରିପାରେ; ସାମାନ୍ୟ ଅଭିଯୋଗରେ ସାମୂହିକ ଅହଂଚାଳିତ ହୋଇ ରେଳରୋକ, ରାସ୍ତାରୋକ କରି ଅନ୍ୟର ସର୍ବନିମ୍ନ ସ୍ୱାଧୀନତାକୁ ନିର୍ମମ ଭାବରେ ଅପହରଣ କରିପାରେ; ନାନାଦି ବିଶୃଙ୍ଖଳା ସୃଷ୍ଟି କରିପାରେ । ଆଜି ଯାହାକୁ ଫୁଲମାଳ ପିନ୍ଧାଏ, ସାମାନ୍ୟ ସ୍ୱାର୍ଥହାନୀ ହେଲେ ତା'ର କୁଶପୁତ୍ତଳିକା ଦାହ କରି ରୁଚିହୀନ କର୍ମ କରିପାରେ । ଏସମସ୍ତ ଅବିବେକିତା ସହିତ ପ୍ରତ୍ୟକ୍ଷ ବା ପରୋକ୍ଷ ସଂପୃକ୍ତିରୁ ଆମେ କେତେ ପରିମାଣରେ ମୁକ୍ତ ? ଆମେ ସବୁକିଛି କରୁ ନିଜେ ନିଜକୁ ପର୍ଯ୍ୟାଲୋଚନା କରିବାର ଦାୟିତ୍ୱଟିକୁ ବାଦ୍‌ଦେଇ । ଏହାହିଁ ତ ଶୃଙ୍ଖଳାବୋଧର ଦାରିଦ୍ର୍ୟ ।

ମଣିଷ ବ୍ୟକ୍ତିଗତଭାବେ ଶୃଙ୍ଖଳିତ ଓ ସଚେତନ ହେଲେ ସମଗ୍ର ଦେଶ ଏହି ତାମସରୁ ଉତ୍ତୀର୍ଣ୍ଣ ହୋଇପାରିବ, ଭୁଲ୍ ମୂଲ୍ୟବୋଧର ଯୂପକାଠରେ ନିଜ ଚୈତନ୍ୟକୁ ବଳି ପକାଇବାରୁ ବିରତ ହେବ । ଏତକ ବ୍ୟକ୍ତିଗତ ପ୍ରୟାସକୁ ହେୟଜ୍ଞାନ କରନ୍ତୁ ନାହିଁ । ପୃଥିବୀର ସମସ୍ତ ଜ୍ଞାନ, ଗରିମା, ପ୍ରତିଭା-ନିଃସୃତ ସେହି ପ୍ରତିଭାଧରମାନେ — ବେଦର ଋଷିବର୍ଗ ହୁଅନ୍ତୁ ବା ହୁଅନ୍ତୁ ଶ୍ରୀକୃଷ୍ଣ, ବୁଦ୍ଧ, ଯିଶୁ ଅଥବା ଶ୍ରୀଅରବିନ୍ଦ ।

ଭାରତବର୍ଷ ଔପନିବେଶିକ ବନ୍ଧନରୁ ମୁକ୍ତ ହେବାର ଅଣସ୍ତରି ବର୍ଷ ହୋଇଗଲା । ଅଜ୍ଞାନ ବନ୍ଧନରୁ ମୁକ୍ତି ପାଇଁ କେତେ ବର୍ଷ ଲାଗିବ, ତାହା ସଶସ୍ତ୍ର ବା ଅହିଂସା ଆନ୍ଦୋଳନ ଉପରେ ନିର୍ଭରଶୀଳ ନୁହେଁ, ତାହା ନିର୍ଭରଶୀଳ ଆମ ଚେତନା ଉପରେ, ଅଦୃଶ୍ୟ ସାଧନା, ଶୃଙ୍ଖଳା ଓ ସଂଗ୍ରାମର ଫଳାଫଳ ଉପରେ । ସ୍ଥୂଳ ରାଜନୈତିକ ଓ ଅର୍ଥନୈତିକ ସ୍ୱାଧୀନତା ଅଜ୍ଞାନରୁ ସ୍ୱାଧୀନତା ଦିଗରେ ସହାୟକ ହୋଇପାରେ, କିନ୍ତୁ ଅଜ୍ଞାନରୁ ସ୍ୱାଧୀନତା ବିନା ସ୍ଥୂଳ ସ୍ୱାଧୀନତା ମୂଲ୍ୟହୀନ । ❖

ଏହା ହେବ ଭାଗ୍ୟର ଏକ କରୁଣ ପରିହାସ ଯଦି ଭାରତ ତା'ର ଆଧ୍ୟାତ୍ମିକ ପରମ୍ପରାକୁ ଫିଙ୍ଗି ଦିଏ ଠିକ୍ ସେତିକିବେଳେ, ଯେତେବେଳେ ପୃଥିବୀର ବାକିସବୁ ଅଂଶରେ ଆଧ୍ୟାତ୍ମିକ ସହାୟତା ଓ ପରିତ୍ରାଣକାରୀ ଆଲୋକ ସକାଶେ ତାହା ପ୍ରତି ଅଧିକରୁ ଅଧିକ ଏକ ଉନ୍ମୁଖତା ରହିଥାଏ । ଏହା ଘଟିବା ଉଚିତ ନୁହେଁ ଏବଂ ନିଶ୍ଚିତରୂପେ ଘଟିବ ନାହିଁ; କିନ୍ତୁ ସେଇ ବିପଦ ଯେ ଆଦୌ ନାହିଁ, ତାହା କୁହାଯାଇ ନପାରେ ।

— ଶ୍ରୀଅରବିନ୍ଦ

ସାଧନା-ପରମ୍ପରା

# ଯୋଗବାଶିଷ୍ଠ ରାମାୟଣ

## (୧)

[ସଂସ୍କୃତ ଭାଷାରେ ବତିଶ ହଜାର ଶ୍ଳୋକ ବା ଚଉଷଠି ହଜାର ପଂକ୍ତି ସମ୍ବଳିତ ଏହି 'ଯୋଗବାଶିଷ୍ଠ ରାମାୟଣ' ଗ୍ରନ୍ଥଟି ବେଦାନ୍ତ ଦର୍ଶନ ଉପରେ ଆଧାରିତ । ବିଷୟବସ୍ତୁକୁ ଏହିପରି ଏକ ଆଖ୍ୟାନ ଅବଲମ୍ବନରେ ଉପସ୍ଥାପିତ କରାଯାଇଛି : ଯୁବରାଜ ରାମଚନ୍ଦ୍ରଙ୍କର ବୈରାଗ୍ୟ ଉଦୟ ଫଳରେ ଯେତେବେଳେ ସେ ରାଜକାର୍ଯ୍ୟ ଓ ସଂସାରର ଅନ୍ୟାନ୍ୟ କର୍ମ, ଭୋଗ, ସମ୍ପଦ ଓ ଐଶ୍ୱର୍ଯ୍ୟ ଆଦି ପ୍ରତି ଉଦାସୀନ ଓ ବୀତଶ୍ରଦ୍ଧ ହୋଇ ବିମର୍ଷ ହୋଇ ପଡ଼ିଲେ ସେତେବେଳେ ମହାରାଜା ଦଶରଥଙ୍କ ଅନୁରୋଧ କ୍ରମେ ମହର୍ଷି ବଶିଷ୍ଠ ତାଙ୍କ ଭିତରେ ବିମର୍ଷତା ଦୂରକରି ସବୁକିଛି ସମ୍ପର୍କରେ ଯଥାର୍ଥ ମନୋଭାବ ଓ ସତ୍ୟଦୃଷ୍ଟି ଆଣି ଦେବା ପାଇଁ ତାଙ୍କ ଆଗରେ ଅଜସ୍ର ଉପଦେଶ, ଗଳ୍ପ, ଆଖ୍ୟାୟିକା ଓ ତାତ୍ତ୍ୱିକ ବ୍ୟାଖ୍ୟା ଆଦି ବାଢ଼ି ଆତ୍ମଜ୍ଞାନ ଓ ନିର୍ବାଣ ବା ମୁକ୍ତିକୁ ଜୀବନର ଲକ୍ଷ୍ୟ ରୂପେ ଉପସ୍ଥାପିତ କଲେ ଓ ଯଥାର୍ଥ ସତ୍ୟଦୃଷ୍ଟି ଥିଲେ ଏହି ଲକ୍ଷ୍ୟଲାଭରେ ସଂସାରର କୌଣସି କର୍ମ ବାଧାସ୍ୱରୂପ ହୁଏ ନାହିଁ ବୋଲି ବୁଝାଇ ଦେଲେ ।

ଏହି ଗ୍ରନ୍ଥଟି 'ମହାରାମାୟଣ', 'ଆର୍ଷ ରାମାୟଣ', 'ଜ୍ଞାନବାଶିଷ୍ଠ', 'ବାଶିଷ୍ଠ ରାମାୟଣ' ବା କେବଳ 'ବାଶିଷ୍ଠ' ନାମରେ ମଧ୍ୟ ପରିଚିତ । ଏହାର ରଚନାକାଳ ସମ୍ପର୍କରେ ନାନା ମତପାର୍ଥକ୍ୟ ରହିଥିଲେ ମଧ୍ୟ ଏହା ଆନୁମାନିକ ଷଷ୍ଠ ଖ୍ରୀଷ୍ଟାବ୍ଦରେ ରଚିତ ବୋଲି ଅନେକଙ୍କର ମତ ।]

### ପ୍ରହ୍ଲାଦଙ୍କର ଆତ୍ମଜ୍ଞାନଲାଭ

ବଶିଷ୍ଠ କହିଲେ — ହେ ରାମ ! ଏକ୍ଷଣି ତୁମ ନିକଟରେ ଦୈତ୍ୟପତି ପ୍ରହ୍ଲାଦଙ୍କ ଆତ୍ମଜ୍ଞାନଲାଭ ବିଷୟକ ବୃତ୍ତାନ୍ତ କହୁଅଛି, ଶ୍ରବଣକର । ପାତାଳ ଦେଶରେ ହିରଣ୍ୟକଶିପୁ ନାମକ ଏକ ଦୈତ୍ୟରାଜ ବାସ କରୁଥିଲେ । ସେ ଇନ୍ଦ୍ରଙ୍କ ନିକଟରୁ ଏହି ତ୍ରୈଲୋକ୍ୟ ରାଜ୍ୟ ଜୟକରି ପ୍ରବଳ ପ୍ରତାପ ସହିତ ରାଜତ୍ୱ କରୁଥିଲେ । କାଳକ୍ରମେ ତାଙ୍କର କତିପୟ ପୁତ୍ର ଜନ୍ମଗ୍ରହଣ କଲେ; ତନ୍ମଧ୍ୟରେ ପ୍ରହ୍ଲାଦ ହେଲେ ପ୍ରଧାନ । ସେହି ପ୍ରହ୍ଲାଦଙ୍କୁ ସହାୟରୂପେ ପ୍ରାପ୍ତ ହୋଇ ହିରଣ୍ୟକଶିପୁ ମଦସ୍ରାବୀ ଗଜରାଜ ପରି ମଦମତ୍ତ ହୋଇଥିଲେ । ପ୍ରହ୍ଲାଦଙ୍କ ବିକ୍ରମ-ସଂଯୁକ୍ତ ହିରଣ୍ୟକଶିପୁଙ୍କ ପ୍ରତାପରେ ଉତ୍ତେଜିତ ହୋଇ ଦେବଗଣ ସେତେବେଳେ ପୁରୁଷୋତ୍ତମ ନାରାୟଣଙ୍କ ନିକଟରେ ତାଙ୍କ ବଧ ପାଇଁ ପ୍ରାର୍ଥନା କରିବାରୁ, ସେ ନରସିଂହମୂର୍ତ୍ତି ଧାରଣପୂର୍ବକ ସେହି ମହାଦୈତ୍ୟକୁ ବଧ କଲେ । ହିରଣ୍ୟକଶିପୁ ନିହତ ହେବାରୁ ନରସିଂହରୂପୀ ବିଷ୍ଣୁଙ୍କ ନେତ୍ରରୁ ବହ୍ନି ନିର୍ଗତ ହେବାକୁ ଲାଗିଲା । ସେହି ବହ୍ନିଜ୍ୱାଳାରେ ପୁରବାସୀ ଦୈତ୍ୟଗଣ ଦଗ୍ଧ ହୋଇ ପ୍ରାଣତ୍ୟାଗ କଲେ ଏବଂ ହତାବଶିଷ୍ଟ ଦାନବଗଣ ଭୟରେ ଇତସ୍ତତଃ ପଳାୟନ କଲେ । ନୃସିଂହଦେବ ଏପରି ଦୈତ୍ୟଗଣଙ୍କୁ ଧ୍ୱଂସ କରିବାରୁ, ଦେବଗଣ ଆସି ଭକ୍ତିଯୁକ୍ତ ଚିତ୍ତରେ ତାଙ୍କର ପୂଜାକଲେ ଏବଂ ଦେବଗଣଙ୍କର ପୂଜା ଗ୍ରହଣ କରି ସେମାନଙ୍କୁ ଆଶ୍ୱାସ ପ୍ରଦାନପୂର୍ବକ ସେ ଅନ୍ତର୍ହିତ ହେଲେ । ହତାବଶିଷ୍ଟ ଦାନବଗଣଙ୍କ ସହିତ ପ୍ରହ୍ଲାଦ ସେହି ଦଗ୍ଧ ଅସୁରପୁରୀରେ ପ୍ରବେଶ କଲେ । ତା'ପରେ ନିହତ ଦାନବଗଣଙ୍କର ଔର୍ଦ୍ଧ୍ୱଦୈହିକ କ୍ରିୟା ସମ୍ପନ୍ନ କରି, ପ୍ରହ୍ଲାଦଙ୍କ ସହିତ ସମସ୍ତେ ବିଷଣ୍ଣ ଓ ଉଦ୍‌ବିଗ୍ନ ଚିତ୍ତରେ ସେଠାରେ ଅବସ୍ଥାନ କଲେ ।

ବଶିଷ୍ଠ କହିଲେ — ଅନନ୍ତର ପ୍ରହ୍ଲାଦ ଦୁଃଖାକୁଳ ଚିତ୍ତରେ ମୌନାବଲମ୍ବନ କରି ଭାବିବାକୁ ଲାଗିଲେ ଯେ — ବର୍ତ୍ତମାନ ଆମ୍ଭମାନଙ୍କର ଉପାୟ କ'ଣ ? ଅସୁରକୁଳରେ ଯେତେବେଳେ ଯେଉଁ ବ୍ୟକ୍ତି ପ୍ରତାପବାନ୍ ହେବ, ଭଗବାନ୍ ହରି ତାକୁ ସେତେବେଳେ ସଂହାର କରିବେ । ଏହି ପାତାଳରାଜ୍ୟରେ କେତେ ପ୍ରତାପଶାଳୀ ଦୈତ୍ୟ ଜନ୍ମଗ୍ରହଣ କଲେ; କିନ୍ତୁ ହିମାଳୟ ପର୍ବତରେ ଜାତ ପଦ୍ମପରି କେହି ସ୍ଥାୟୀ ହେଲେ ନାହିଁ । ହାୟ ! ଆମ୍ଭମାନଙ୍କର କି ଦୁଃଖ ! ଯେଉଁ ଦେବଗଣ ମୋ ପିତାଙ୍କ ପାଦପୀଠ ମାର୍ଜିତ କରୁଥିଲେ, ସେମାନେ ଏବେ ସେହି ପିତୃଦେବଙ୍କ ରାଜ୍ୟ ଆକ୍ରମଣ କରୁଛନ୍ତି । ଆମ୍ଭମାନଙ୍କ

ବାନ୍ଧବବର୍ଗ ଏବେ ହୀନବଳ ଓ ଭଗ୍ନୋତ୍ସାହ ହୋଇ ଦୀନଭାବେ ଅବସ୍ଥାନ କରୁଛନ୍ତି । ହାୟ, ବିଧାତାଙ୍କ ଅସାଧ୍ୟ କିଛି ନାହିଁ । ଏବେ ସାମାନ୍ୟ ଗୋଟିଏ ପତ୍ରର ପତନଶବ୍ଦ ଶୁଣି ଦାନବକାମିନୀଗଣ ଶତ୍ରୁ ଆଗମନ ଆଶଙ୍କା କରି ଭୀତ ହେଉଛନ୍ତି । କୁପରାକ୍ରମଶାଳୀ ହରିଙ୍କ ଅପ୍ରସନ୍ନତାରେ ଆଜି ଆମ୍ଭମାନଙ୍କ ଏହି ଦୈନ୍ୟଜନିତ ବିପଦ ଉପସ୍ଥିତ ହୋଇଅଛି । ଦେବଗଣଙ୍କ ପ୍ରତି ବିଷ୍ଣୁ ପ୍ରସନ୍ନ ବୋଲି ସେମାନେ କେବେହେଲେ ସନ୍ତାପଗ୍ରସ୍ତ ହୁଅନ୍ତି ନାହିଁ । ସେହି ମଧୁସୂଦନଙ୍କୁ ଆକ୍ରମଣ କରି କେହି ପରାଭୂତ କରିପାରିବେ ନାହିଁ । ହରି ନିରସ୍ତ୍ର ଅବସ୍ଥାରେ ଥିଲେ ମଧ୍ୟ ଦୁର୍ଜେୟ । କାରଣ ଅସ୍ତ୍ର ଦ୍ୱାରା ହରିଙ୍କୁ ଛିନ୍ନ କରିହେବ ନାହିଁ । ମୁଁ ତାଙ୍କୁ ଆକ୍ରମଣ କରିବାର ଏକ ଉପାୟ ଉଦ୍ଭାବନ କରିଅଛି । ଏହାଛଡ଼ା ତାଙ୍କୁ ବଶୀଭୂତ କରିବାର ଅନ୍ୟ କୌଣସି ଉପାୟ ନାହିଁ । ଏହି ଜଗତରେ ତଦପେକ୍ଷା ପ୍ରଧାନ ଅନ୍ୟ ଆଉ କେହି ନାହାନ୍ତି । ସେହିଁ ଜଗତର ସୃଷ୍ଟି, ସ୍ଥିତି ଓ ଲୟର କାରଣ । ମୁଁ ଏହି ସମୟରୁ ସକଳ କର୍ମରେ, ସକଳ ବୁଦ୍ଧିରେ ଓ ସକଳ ବସ୍ତୁରେ ସେହି ହରିଙ୍କର ଆଶ୍ରୟ ଗ୍ରହଣ କରିବି । ଆକାଶରେ ଯେପରି ସବୁ ସମୟରେ ବାୟୁ ଅବସ୍ଥାନ କରେ, ସେହିପରି 'ନମୋ ନାରାୟଣାୟ' ଏହି ମନ୍ତ୍ର ମୋ ହୃଦୟରୁ କେବେହେଲେ ଅପଗତ ହେବ ନାହିଁ । ମୋ ନିକଟରେ ଏକ୍ଷଣି ଆକାଶ, ଦିକ୍‌ସମୂହ, ପୃଥିବୀ ଏପରିକି ଏହି ସମସ୍ତ ଜଗତହିଁ ହରି । ମୁଁ ହେଲି ସେହି ହରି ନାମକ ଅପ୍ରମେୟ ଆତ୍ମା; ଏକ୍ଷଣି ମୁଁ ହରିମୟ ହୋଇଯାଇଛି । କାରଣ, ନିଜେ ବିଷ୍ଣୁ ନହୋଇ ବିଷ୍ଣୁଙ୍କୁ ପୂଜାକଲେ, ସେହି ପୂଜାରେ ଫଳଲାଭ ହୁଏନା; ସେଥିପାଇଁ ନିଜେ ବିଷ୍ଣୁ ହୋଇ ବିଷ୍ଣୁଙ୍କୁ ପୂଜା କରିବା କର୍ତ୍ତବ୍ୟ ଏବଂ ଏଥିପାଇଁ ମୁଁ ଏହିକ୍ଷଣି ବିଷ୍ଣୁରୂପରେ ଅବସ୍ଥାନ କରୁଛି । ଏହି ବିନତାତନୟ ଗରୁଡ଼ ମୋର ବାହନ ହୋଇଅଛନ୍ତି । କ୍ଷୀରସମୁଦ୍ରୋଦ୍ଭବା ଲକ୍ଷ୍ମୀ ଚାମର ଚାରଣ ପୂର୍ବକ ମୋ ନିକଟରେ ଉପବିଷ୍ଟା । ଜଗନ୍ନିର୍ମାଣ ପଟୀୟସୀ ଏହି ମୋର ମାୟାଶକ୍ତି ମଧ୍ୟ ଏକ ପାର୍ଶ୍ୱରେ ଅବସ୍ଥିତା । ଚନ୍ଦ୍ର ଓ ସୂର୍ଯ୍ୟରୂପୀ ଏହି ମୋର ନେତ୍ରଯୁଗଳ ସଂସାର ଉଦ୍ଭାସିତ କରୁଅଛନ୍ତି । ଏହି ମୋ ହସ୍ତରେ ପାଞ୍ଚଜନ୍ୟ ଶଙ୍ଖ ରହିଅଛି । ଏହି ମୋର ଅସୁରଘାତିନୀ ସ୍ୱର୍ଣ୍ଣମୟୀ ଗଦା ଓ ସୂର୍ଯ୍ୟ ସଦୃଶ ସମୁଜ୍ଜ୍ୱଳ ସୁଦର୍ଶନ ଚକ୍ର । ନନ୍ଦକ ନାମକ ଏହି ମୋର ଖଡ୍‌ଗ ସମ୍ମୁଖରେ ଅବସ୍ଥିତ । ଏହି ମୋର ଶାର୍ଙ୍ଗଧନୁ ରହିଅଛି । ଏହି ଉଦର ମଧ୍ୟରେ ମୁଁ ଅନନ୍ତ ଜଗତ୍ ଧାରଣ କରି ରହିଅଛି । ପୃଥିବୀ ମୋର ଚରଣ, ଆକାଶ ମସ୍ତକ, ଜଗତ୍ ମୋର ଶରୀର, ଦିକ୍‌ଚକ୍ର ମୋର କୁକ୍ଷୀଦେଶ । ମୁଁ ଶଙ୍ଖଚକ୍ରଗଦାୟୁଧ ଗରୁଡ଼ାରୂଢ଼ ସାକ୍ଷାତ୍ ବିଷ୍ଣୁ । ମୋ ସହିତ କିଏ ଯୁଦ୍ଧ କରିବ ? ଯିଏ କରିବ, ସେ ବହ୍ନି ନିପତିତ ଶଲଭ ପରି ତତ୍‌କ୍ଷଣାତ୍ ମୃତ୍ୟୁମୁଖରେ ନିପତିତ ହେବ । ମୁଁ ବିଷ୍ଣୁରୂପୀ ଈଶ୍ୱର; ବ୍ରହ୍ମା, ଶିବ, ଇନ୍ଦ୍ର, ଅଗ୍ନି ଓ ଦେବଦାନବବୃନ୍ଦ ଚତୁର୍ଦ୍ଦିଗରେ ଦଣ୍ଡାୟମାନ ଥାଇ ମୋର ସ୍ତବ କରୁଅଛନ୍ତି । ମୋ ମହିମା ଚତୁର୍ଦ୍ଦିଗରେ ବିସ୍ତୃତ । ଏବମ୍ଭୂତ ଭବଭୟହାରୀ ମୋତେ ମୁଁ ପ୍ରଣାମ କରୁଛି ।

ବଶିଷ୍ଠ କହିଲେ – ଏହିପରି ଭାବନା କରି ପ୍ରହ୍ଲାଦ ନାରାୟଣମୂର୍ତ୍ତି ଧାରଣପୂର୍ବକ ପୁନରାୟ ଚିନ୍ତା କରିବାକୁ ଲାଗିଲେ – ମୁଁ ଯେ କଳ୍ପନାବଳରେ ନିଜଠାରେ ବିଷ୍ଣୁମୂର୍ତ୍ତି ସଂସ୍ଥାପିତ କଲି, ଏହା ବ୍ୟତୀତ ବିଷ୍ଣୁଙ୍କର ଅନ୍ୟ କୌଣସି ମୂର୍ତ୍ତି ନାହିଁ । ସୁତରାଂ ମୋର ଏହି ବିଷ୍ଣୁମୂର୍ତ୍ତିକୁ ପୁଷ୍ପାଞ୍ଜଳି ଦ୍ୱାରା ଆବାହନ କରି ବାହାରେ ସଂସ୍ଥାପିତ କଲି । ମୁଁ ଅନ୍ତରରେ ବିଷ୍ଣୁମୂର୍ତ୍ତି ଧାରଣ କରି, ବାହାରେ ମଧ୍ୟ ବିଷ୍ଣୁରୂପେ ଅବସ୍ଥାନ କଲି । ମୁଁ ଏବେ ବିଷ୍ଣୁଙ୍କ ମାନସପୂଜା ସମ୍ପନ୍ନ କରି, ତାହାପରେ ଏହି ବହିଃସ୍ଥିତ ମୋ ବିଷ୍ଣୁମୂର୍ତ୍ତିଙ୍କର ପୂଜା କରିବି । ଏହିପରି ଚିନ୍ତାକରି ପ୍ରହ୍ଲାଦ ସେତେବେଳେ ମନେ ମନେ ନାନାବିଧ ଉପଚାର ଦ୍ୱାରା କମଳାପତି ବିଷ୍ଣୁଙ୍କୁ ମାନସପୂଜା କଲେ ଏବଂ ମାନସପୂଜା ସମ୍ପନ୍ନ ହେବା ପରେ ସେହି ଦେବାଗାରରେ ବସି ନାନା ବାହ୍ୟବସ୍ତୁ ଦ୍ୱାରା ବାହାରେ ସଂସ୍ଥାପିତ ବିଷ୍ଣୁଙ୍କ ପୂଜାକଲେ । ଏହିପରି ପୂଜାକରି ପ୍ରହ୍ଲାଦଙ୍କ ମନ ଅତିଶୟ ସନ୍ତୁଷ୍ଟ ହେଲା । ଏଥିପାଇଁ ସେ ତଦବଧି ପ୍ରତ୍ୟହ ଭକ୍ତିପୂର୍ବକ ପରମେଶ୍ୱର ବିଷ୍ଣୁଙ୍କ ଆରାଧନା କରିବାକୁ ଲାଗିଲେ ।

*

ବଶିଷ୍ଠ କହିଲେ – ପ୍ରହ୍ଲାଦଙ୍କ ପୂଜା ଓ ସ୍ତୁତିବାକ୍ୟରେ ସନ୍ତୁଷ୍ଟ ହୋଇ ଅସୁରନିଧନକାରୀ ଭଗବାନ୍ ହରି ସେତେବେଳେ ମେଘ-ଗମ୍ଭୀର ସ୍ୱରରେ ଦୈତ୍ୟପତି ପ୍ରହ୍ଲାଦଙ୍କୁ କହିଲେ – ହେ ଦୈତ୍ୟକୁଳଚୂଡ଼ାମଣି ପ୍ରହ୍ଲାଦ ! ତୋତେ ଆଉ ଯଦ୍ଦ୍ୱାରା ଜନ୍ମମରଣ ଦୁଃଖ ଭୋଗ କରିବାକୁ ନହେବ, ତୁ ସେହିପରି ବର ପ୍ରାର୍ଥନା କର । ପ୍ରହ୍ଲାଦ କହିଲେ – ସର୍ବାନ୍ତର୍ଯାମୀ ବିଭୋ ! ମୋ ବିଷୟରେ ଆପଣ ଯାହା ଭଲ ମନେ କରନ୍ତି ତାହାହିଁ ଆଦେଶ କରନ୍ତୁ । ଭଗବାନ୍ କହିଲେ – ହେ ଅନଘ ! ଯେତେଦିନ ତୋର ବ୍ରହ୍ମଙ୍କଠାରେ ବିଶ୍ରାମ ଲାଭ ନ ଘଟିଛି, ସେତେଦିନ ତୁ ନିରତିଶୟ ଆନନ୍ଦ ଲାଭ ପାଇଁ ବିଚାରପରାୟଣ ହୁଅ ।

ବଶିଷ୍ଠ କହିଲେ – ଭଗବାନ୍ ବିଷ୍ଣୁ ଏହି କଥା କହି ଅନ୍ତର୍ହିତ ହେବାରୁ ଦୈତ୍ୟରାଜ ପ୍ରହ୍ଲାଦ ପଦ୍ମାସନରେ ଉପବେଶନ କରି ଏହିପରି ଚିନ୍ତା କରିବାକୁ ଲାଗିଲେ – ଭଗବାନ୍ ହରି ମୋତେ ବିଚାରପରାୟଣ ହେବାକୁ କହିଗଲେ । ସୁତରାଂ ମୁଁ ବର୍ତ୍ତମାନ ଆତ୍ମବିଚାରରେ ପ୍ରବୃତ୍ତ ହୁଏ । ଜଗତରେ ଥାଇ ମୁଁ ଏହି ଯେଉଁ ଗମନ, ଭୋଜନ, ଶୟନ ଓ ବାକ୍ୟୋଚ୍ଚାରଣ ପ୍ରଭୃତି କରୁଅଛି, ଏହି ମୁଁ କିଏ ? ଏହି ଯେଉଁ ବାହାରେ ଅବସ୍ଥିତ ଜଗତ୍, ଏହା ମୁଁ ନୁହେଁ – ତେବେ ମୁଁ କିଏ ? ଏହି ଯେଉଁ ନଶ୍ୱର ଶରୀର, ଏହା ମଧ ମୁଁ ତ ନୁହେଁ ? କାରଣ ଶରୀର ହେଲା ଅଚେତନ; କିନ୍ତୁ ମୁଁ ସଚେତନ । ଶବ୍ଦ, ସର୍ଗ, ରସ, ରୂପ, ଗନ୍ଧ – ଏସବୁ ତ ମୁଁ ନୁହେଁ – କାରଣ ଏସବୁ ଅଚେତନ । ଆଉ ପଞ୍ଚ ଇନ୍ଦ୍ରିୟ ରୂପ ଭ୍ରାନ୍ତି ମଧ ମୋଠାରେ ନାହିଁ । ସୁତରାଂ ମୁଁ ହେଲି ମନହୀନ, ନିର୍ମଳ, ଶାନ୍ତ, ବିଶୁଦ୍ଧ ଚେତନା । ଏହି ସଦ୍‌ରୂପ ଓ ସର୍ବବ୍ୟାପୀ ଚିନ୍ମାତ୍ର ମୁହିଁ ସମସ୍ତ ବସ୍ତୁକୁ ପ୍ରକାଶ କରିଥାଏ । ସୂର୍ଯ୍ୟଠାରୁ ଆରମ୍ଭ କରି ଘଟପଟ ପ୍ରଭୃତି ସବୁ ବସ୍ତୁହିଁ ମୁଁ ପ୍ରକାଶ କରିଅଛି । ସୁତରାଂ ମୁଁ ସେହି ସପ୍ରକାଶ ଆତ୍ମା; ମୋ କର୍ତ୍ତୃକ ଏହି ଇନ୍ଦ୍ରିୟ ସବୁ ସ୍ଫୁରିତ ହେଉଅଛି । ଦର୍ପଣ ଯେପରି ପ୍ରତିବିମ୍ବର ବିଶ୍ରାମଭୂମି, ସେହିପରି ଆତ୍ମାହିଁ ପଦାର୍ଥସବୁର ଅନୁଭବ ଓ ବିଶ୍ରାମ ସ୍ଥାନ । ଏହି ଆତ୍ମାଙ୍କ ଅନୁଗ୍ରହରେ ଜଳର ଦ୍ରବଭାବ, ପର୍ବତର କାଠିନ୍ୟ, ଚନ୍ଦ୍ରଙ୍କ ଶୀତଳତା ଓ ସୂର୍ଯ୍ୟଙ୍କ ଉଷ୍ଣତା ସିଦ୍ଧ ହୋଇଅଛି । ଆକାଶାଦି ଏହି ପଦାର୍ଥସବୁର ଆତ୍ମାହିଁ କାରଣ । ସେ ସତ୍‌ସ୍ୱରୂପରେ ବର୍ତ୍ତମାନ ଥାଇ ସବୁ କାର୍ଯ୍ୟ ବ୍ୟାପ୍ତ କରି ରହିଛନ୍ତି । କିନ୍ତୁ ଆତ୍ମା ନିଜେ କାରଣଶୂନ୍ୟ । ସୃଷ୍ଟି, ସ୍ଥିତି ଓ ସଂହାରର କାରଣ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କର ଯେଉଁ ଜଗଦ୍‌ବ୍ୟବସ୍ଥା, ଏହି ପ୍ରତ୍ୟକ୍‌ରୂପୀ ଆତ୍ମାହିଁ ତାହାର କାରଣ । ଦ୍ରଷ୍ଟା, ଦୃଶ୍ୟ ପ୍ରଭୃତି ନାମବିବର୍ଜିତ । ନିତ୍ୟ ଓ ସ୍ୱୟଂପ୍ରକାଶ ସେହି ଆତ୍ମାହିଁ ମୁଁ । ସୁତରାଂ ମୁଁ ମୋତେ ନମସ୍କାର କରୁଛି । ନିର୍ବିକଳ୍ପ ଏହି ଆତ୍ମାଙ୍କଠାରେ ସମଗ୍ର ଭୂତ ଗୁଣରୂପେ ଅବସ୍ଥିତ ରହିଛନ୍ତି, ପୁଣି ଏହି ଆତ୍ମାଙ୍କଠାରେ ପ୍ରବିଷ୍ଟ ହେଉଛନ୍ତି । ଏହି ଆତ୍ମା ଅନ୍ତର୍ଯାମୀ ହୋଇ ଯାହା ସଂକଳ୍ପ କରନ୍ତି, ତାହାହିଁ ସମ୍ପନ୍ନ ହୁଏ । ନିଜ ସତ୍ତାରୁ ସତ୍ତାସମ୍ପନ୍ନ କରି ସେ ଯାହାକୁ ଯେଉଁ ଆକାରରେ ପ୍ରକାଶିତ କରନ୍ତି, ସେ ସେତେବେଳେ ସେହି ଆକାରରେ ପ୍ରକାଶ ପାଇଥାଏ । ଯାହାଠାରେ ଚିଦାତ୍ମାଙ୍କ ସତ୍ତା ନାହିଁ, ତାହା ସତ୍ ପଦାର୍ଥ ହେଲେ ମଧ ଅସତ୍ ହୋଇପଡ଼େ । ଦର୍ପଣରୂପୀ ଏହି ବ୍ରହ୍ମାକାଶଙ୍କଠାରେ ଯେ କେତେ ଶତସହସ୍ର ଜଗତ୍ ପ୍ରତିବିମ୍ବିତ ହେଉଅଛି, ତାହାର ସଂଖ୍ୟା ଗଣନା କରାହୋଇ ପାରେନା । ଏହି ବ୍ରହ୍ମାକାଶଙ୍କୁ ଅଜ୍ଞ ବ୍ୟକ୍ତିମାନେ ଦେଖିପାରନ୍ତି ନାହିଁ; ଚିତ୍ତ ଯେଉଁମାନଙ୍କର ବିଗଳିତ ହୋଇଅଛି, ସେହି ସାଧୁଗଣ ଏହି ଆକାଶକୁ ପ୍ରାପ୍ତ ହୋଇଥା'ନ୍ତି । ଏହି ବ୍ରହ୍ମାକାଶଙ୍କଠାରୁ ଚଞ୍ଚଳ ସଂସାର ଉଦ୍ଭୂତ ହୋଇଥାଏ । ଏହି ଚିନ୍ମୟ ଆତ୍ମା ବ୍ରହ୍ମାଙ୍କଠାରୁ ତୃଣ ପର୍ଯ୍ୟନ୍ତ ସମସ୍ତ ଆକାରରେ ପ୍ରକାଶ ପାଉଛନ୍ତି । ଅନାଦି, ଅନନ୍ତ ଓ ସର୍ବଗାମୀ ଏହି ଚିନ୍ମୟ ଆତ୍ମାହିଁ ମୁଁ । ଚରାଚର ଭୂତସମୂହର ଅନ୍ତରରେ ଜ୍ଞାନସ୍ୱରୂପ ମୁଁ ଅବସ୍ଥାନ କରୁଅଛି । ସ୍ଥାବର ଓ ଜଙ୍ଗମମୟ ଏହି ଜଗତ୍ ସେହି ଚିଦାତ୍ମାରୂପୀ ମୋରହିଁ ଶରୀର । ଏହି ଆତ୍ମା ସପ୍ରକାଶ ଅନୁଭୂତି ସ୍ୱରୂପ । ସେ ସର୍ବବିଧଦ୍ରଷ୍ଟା । ଦର୍ଶନ ଓ ଦୃଶ୍ୟ ଆକାରରେ ପ୍ରକାଶ ପାଉଛନ୍ତି; ସେଥିପାଇଁ ସେ ସହସ୍ରଲୋଚନ, ସହସ୍ରବାହୁ । ଏହି ପ୍ରତ୍ୟକ୍ଷ ଈଶ୍ୱରାତ୍ମା 'ମୁଁ' ସୂର୍ଯ୍ୟ ହୋଇ ଆକାଶରେ ବିଚରଣ କରୁଅଛି, ବାୟୁ ହୋଇ ପ୍ରବାହିତ ହେଉଅଛି । ମୋର ଏହି ନୀଳବର୍ଣ୍ଣ ଦେହ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରି ପରମ ସୌଭାଗ୍ୟ ଲାଭ କରୁଅଛି ଏବଂ ମୁଁ ସମସ୍ତଙ୍କ ଉର୍ଦ୍ଧ୍ୱରେ ଅବସ୍ଥାନ କରୁଅଛି । ମୁଁ ଶଙ୍କରଙ୍କ ଦେହ ଧାରଣ କରି ପାର୍ବତୀଙ୍କ ମୁଖରୂପ ପଦ୍ମରେ ଅଳିରୂପେ ବିଚରଣ କରିଥାଏଁ ଏବଂ ପ୍ରଳୟକାଳରେ କୂର୍ମ ଅଙ୍ଗସଙ୍କୋଚନ ପରି ସମଗ୍ର ଜଗତ୍ ନିଜଠାରେ ଉପସଂହୃତ କରେ । ଇନ୍ଦ୍ରରୂପେ ମୁଁ ତ୍ରୈଲୋକ୍ୟ ପାଳନ କରୁଅଛି । ଏହି ସ୍ତ୍ରୀ, ପୁରୁଷ, ବାଳକ ଓ ବୃଦ୍ଧରୂପେ ମୁଁ ଚତୁର୍ଦିଗରେ ଜାତ ହୋଇଅଛି; ବୃକ୍ଷ, ଲତା, ତୃଣାଦି ମଧରେ ରସ ଆକାରରେ ମୁଁ ବର୍ତ୍ତମାନ ଅଛି ଏବଂ ଏହି ଚିତ୍‌କ୍ଷେତ୍ରରୁ ମୁଁ ସେମାନଙ୍କୁ ଉତ୍ପନ୍ନ କରିଅଛି । ମୁଁ ନିଜ କ୍ରୀଡ଼ା ପାଇଁ ଏହି ଜଗତ୍ ନିର୍ମିତ କରିଅଛି । ମୁଁ କାରଣ ରୂପେ ଏହି ଜଗତ୍ ବ୍ୟାପ୍ତ କରି ରହିଅଛି । ଏବଂ ମୋର ବ୍ୟାପ୍ତିବଶତଃ ଜଗତ୍ ସତ୍ତା ଲାଭ କରିଅଛି । ମୁଁ ଯଦି ଏହାକୁ ତ୍ୟାଗ କରେ, ତେବେ ଜଗତ୍ କିଛି ନୁହେଁ । ମୋଠାରେ ଯାହା ପ୍ରତିବିମ୍ବିତ ହେଉଅଛି, ପ୍ରକୃତପକ୍ଷେ ତାହାହିଁ ଅଛି; ତଦ୍‌ଭିନ୍ନ ଅନ୍ୟକିଛି ନାହିଁ ! କାରଣ, ମୋଠାରୁ ସ୍ୱତନ୍ତ୍ର କୌଣସି ବସ୍ତୁ ନାହିଁ । ପୁଷ୍ପରେ ମୁଁ ସୁଗନ୍ଧ, ନବୀନ ପତ୍ରପଲ୍ଲବରେ ମୁଁ କାନ୍ତି, କାନ୍ତିରେ ମୁଁ ରୂପ ଏବଂ ରୂପରେ ମୁଁ ଅନୁଭବ ଆକାରରେ ଅବସ୍ଥାନ କରୁଅଛି । ସର୍ବ ପଦାର୍ଥ ଅନ୍ତରରେ ଅବସ୍ଥାନ କରି ମୁଁ ନିଜେ ଇଚ୍ଛାକରି ଏହି ଚିଦ୍‌ବୈଚିତ୍ର୍ୟ ସମ୍ପାଦନ କରୁଅଛି । ଦୁଗ୍ଧରେ ଘୃତ ଓ ଜଳରେ ରସ ପରି ସର୍ବପଦାର୍ଥରେ ମୁଁ ଚିତ୍‌ଶକ୍ତି ରୂପେ ବର୍ତ୍ତମାନ

ଅଛି । ଚିତ୍‌ସ୍ୱରୂପ ମୋର ଏକ ଅଂଶରେ ଏହି ଜଗତ୍ ଅବସ୍ଥିତ ଥାଏ; ସୁତରାଂ ଏଥିରେ କୌଣସି ପ୍ରକାର ଦୃଶ୍ୟ ଭାବ ନାହିଁ । ଇନ୍ଦ୍ରଙ୍କ ସହିତ ମୋର ଯୁଦ୍ଧ କରିବାକୁ ହେଲା ନାହିଁ, ଅପରାପର ଅମରଗଣଙ୍କୁ ଅସ୍ତ୍ରଶସ୍ତ୍ର ଦ୍ୱାରା ବିଦଳିତ କରିବାକୁ ହେଲା ନାହିଁ, କାହା ନିକଟରେ କୌଣସି ପ୍ରକାର ପ୍ରାର୍ଥନା କରିବାକୁ ହେଲା ନାହିଁ; ମୁଁ ଅକ୍ଳେଶରେ ଏହି ବିଶାଳ ଜଗତ୍ ସାମ୍ରାଜ୍ୟ ଲାଭ କଲି । ମୋର ମନେହୁଏ, ଏପରି ସାମ୍ରାଜ୍ୟ ଅନ୍ୟ କେହି କେବେ ଲାଭ କରି ନାହିଁ ! କି ଆଶ୍ଚର୍ଯ୍ୟ ! ମୁଁ ଏକ୍ଷଣି ଆତ୍ମାହିଁ ହୋଇଗଲି । ପ୍ରଳୟକାଳରେ ସମୁଦ୍ର ଯେପରି ଜଗତ୍ ପ୍ଲାବିତ କରି ଏକାର୍ଣ୍ଣବରେ ପରିଣତ ହୁଏ, ମୋ ଆତ୍ମା ମଧ୍ୟ ସେହିପରି ସମଗ୍ର ଜଗତ୍ ପ୍ଲାବିତ କରିଛନ୍ତି ବୋଲି ମୁଁ ଆଉ ମୋର ପରିଣାମ ପ୍ରାପ୍ତ ହେଉ ନାହିଁ । ମୁଁ ଓ ମୋର ଦେହ, ଏପରି ଅସତ୍ୟ କଳ୍ପନା ଏତେଦିନ ମୋର କିପରି ବିଦ୍ୟମାନ ଥିଲା ? ଏପରି ସାମ୍ରାଜ୍ୟ ସମ୍ବାଦ ଅବଗତ ଥାଇ ମୋର ପିତୃପିତାମହଗଣ ଯେ ସଂସାରରେ ଆସକ୍ତ ଥିଲେ, ତଦ୍ୱାରା ମୋର ମନେ ହେଉଛି — ସେମାନେ ଅତୀବ ଦୀନଭାବାପନ୍ନ ଥିଲେ । କେଉଁଠି ଏହି ପରିପୂର୍ଣ୍ଣ ବ୍ରହ୍ମରୂପିଣୀ ଦୃଷ୍ଟି, ଆଉ କେଉଁଠି ଆଶାରୂପ ଭୁଜଙ୍ଗସମାକୁଳ ରାଜ୍ୟସମ୍ପଦ ? ମୁଁ ହେଉଛି ସର୍ବବିଧ ଭାବ ଅନ୍ତରରେ ବିରାଜମାନ ଦୃଶ୍ୟନିର୍ମୁକ୍ତ ଚିଦାତ୍ମା । ପ୍ରତ୍ୟକ୍ ଚେତନାରୂପୀ ମୁଁ ମୋତେ ପୁନଃପୁନଃ ନମସ୍କାର କରୁଅଛି । ଭୁକ୍ତ ଅନ୍ନକୁ ପରିପାକ କରିବା ପରି ମୁଁ ଏହି ସଂସାରକୁ ଜୀର୍ଣ୍ଣ କରିଅଛି । ମୁଁ ବର୍ତ୍ତମାନ ଜନ୍ମମୃତ୍ୟୁବିହୀନ; ସୁତରାଂ ସଂସାରରେ ମୋର ଜୟ । ଯାହାକିଛି ପ୍ରାପ୍ତବ୍ୟ, ସମସ୍ତ ପ୍ରାପ୍ତ ହୋଇ ମୁଁ ପରମ ଉତ୍କର୍ଷ ଲାଭ କରିଅଛି । ଶାଶ୍ୱତ ଏହି ବୋଧ-ସାମ୍ରାଜ୍ୟ ଛାଡ଼ି ମୁଁ ଆଉ କେବେହେଁ ପାର୍ଥିବ ରାଜ୍ୟସମ୍ପଦରେ ଅନୁରକ୍ତ ହେବି ନାହିଁ; ଯହିଁରେ ବନଦୁର୍ଗ, ଜଳଦୁର୍ଗ ଓ ଗିରିଦୁର୍ଗ ନିର୍ମାଣପୂର୍ବକ ଆତ୍ମରକ୍ଷା କରିବାକୁ ହୁଏ । ସେହି ପାର୍ଥିବ ରାଜ୍ୟ ପ୍ରତି ଯେଉଁମାନେ ଆସକ୍ତ, ସେହି ଅନାତ୍ମଜ୍ଞ ଦୈତ୍ୟଗଣଙ୍କୁ ଧିକ୍ ! ମୂର୍ଖ ବ୍ୟକ୍ତିଗଣ ଏହି ଅପରିମେୟ ପରମାନନ୍ଦ ତ୍ୟାଗ କରି ପରିମିତ ବିଷୟଦିଗରେ ଧାବିତ ହୁଅନ୍ତି; କିନ୍ତୁ ପଣ୍ଡିତଗଣ ସେପରି ହୁଅନ୍ତି ନାହିଁ । କେଉଁଠି ଏହି ତତ୍ତ୍ୱବୋଧ, ଆଉ କେଉଁଠି ବା ଏହି ଶରୀରର ଆତ୍ମବୁଦ୍ଧି ! ପ୍ରକୃତ ରାଜତ୍ୱର ସୁଖ ଏହି ଚିତ୍‌ତତ୍ତ୍ୱରେ ନିହିତ; ମନୁଷ୍ୟ ତାହା ଅନୁଭବ କରି ଦେଖେନା କାହିଁକି ? ବ୍ରହ୍ମାଙ୍କ ସର୍ବୋତ୍କୃଷ୍ଟତ୍ୱ, ବିଷ୍ଣୁଙ୍କ ଜୟଲକ୍ଷ୍ମୀ, ମହେଶ୍ୱରଙ୍କ ପରମପୂର୍ଣ୍ଣଭାବ, ସୂର୍ଯ୍ୟଙ୍କ ପ୍ରକାଶ ଶକ୍ତି, ଚନ୍ଦ୍ରଙ୍କ ଆହ୍ଲାଦିନୀଶକ୍ତି; ବାୟୁର ବେଗବତ୍ତା ଏବଂ ମନର ଦ୍ରୁତଗାମିତ୍ୱ ପ୍ରଭୃତି ଯେଉଁଠି ଯାହାର ଯେଉଁ କିଛି ଶକ୍ତି ଅଛି, ତତ୍ ସମସ୍ତହିଁ ଚିତ୍‌ଶକ୍ତିଙ୍କଠାରୁ ପ୍ରାଦୁର୍ଭୂତ ହେଉଅଛି । ସୂର୍ଯ୍ୟୋଲୋକ ଯେପରି ବୃକ୍ଷରେ ପତିତ ହୋଇ ବୃକ୍ଷାକୃତି ଏବଂ ମନୁଷ୍ୟଠାରେ ପତିତ ହୋଇ ମନୁଷ୍ୟାକୃତି ଧାରଣ କରେ, ଚିତ୍‌ଶକ୍ତି ମଧ୍ୟ ସେହିପରି ଚିତ୍ତବୃତ୍ତି ବୈଚିତ୍ର୍ୟରେ ଆକୃତି-ପ୍ରାପ୍ତ ହୋଇଥା'ନ୍ତି । ମୋ ପିତୃପିତାମହଗଣ ସଂକଳ୍ପଜାଲରେ ବିଜଡ଼ିତ ଅବସ୍ଥାରେ ବିଷୟଗର୍ତ୍ତରେ ନିପତିତ ଥିଲେ; ସେଥିପାଇଁ ସେମାନେ ଅବାଧ ଆତ୍ମଦୃଷ୍ଟି ଲାଭ କରିପାରି ନାହାନ୍ତି । ଆତ୍ମଦୃଷ୍ଟି ଅଭାବରେ ସେମାନେ କିଛିଦିନ ଏହି ପୃଥିବୀରେ ଅବସ୍ଥାନ କରି ମଶକ ପରି ବିନଷ୍ଟ ହୋଇଛନ୍ତି । ସେମାନେ ଯଦି ଆତ୍ମତତ୍ତ୍ୱ ଅବଗତ ହୋଇପାରିଥା'ନ୍ତେ, ତାହାହେଲେ ଆଉ ଜନ୍ମ-ମୃତ୍ୟୁ ରୂପ ଅନ୍ଧକୂପରେ ପତିତ ହୋଇ ନଥା'ନ୍ତେ । ସତ୍ୟସ୍ୱରୂପ ଆତ୍ମାକୁ ଜାଣି ଯାହାଙ୍କର ସଂକଳ୍ପ କ୍ଷୟିତ ହୋଇଥାଏ, ସେମାନେ ଧନ୍ୟ । ମୁଁ ସେହି ଅପରିଚ୍ଛିନ୍ନ ଚିଦାତ୍ମା; ମୁଁ ମୋତେ ନମସ୍କାର କରୁଛି । ହେ ଆତ୍ମନ୍ ! ବହୁକାଳ ପରେ ଆଜି ମୁଁ ନିଜକୁ ଲାଭ କଲି, ବହୁକାଳ ପରେ ଆଜି ମୁଁ ମୋତେ ସ୍ପର୍ଶ କଲି । ବହୁକାଳ ପରେ ଆଜି ଆପଣ ମୋ ନିକଟରେ ଆପଣଙ୍କ ପାରମାର୍ଥିକ ସ୍ୱରୂପରେ ଉଦିତ ହେଲେ ଅଥବା ବହୁକାଳ ପରେ ଆଜି ମୁଁ ବିକଳ୍ପଜାଲରୁ ନିଜକୁ ଉଦ୍ଧାର କରିପାରିଲି । ଆପଣ ଯିଏ ହୁଅନ୍ତୁ, ଆପଣଙ୍କୁ ମୁଁ ନମସ୍କାର କରୁଛି । ଅନନ୍ତ ଓ ଶିବ ସ୍ୱରୂପ ଆପଣହିଁ ମୁଁ । ସୁତରାଂ ମୋତେ ମଧ୍ୟ ନମସ୍କାର । ହେ ଦେବାଧିଦେବ ପରମାତ୍ମନ୍ ! ଆପଣଙ୍କୁ ନମସ୍କାର କରେଁ ।

(କ୍ରମଶଃ)

(ଶ୍ରୀ ନାରାୟଣ ବୀରବର ସାମନ୍ତଙ୍କ ଦ୍ୱାରା ଅନୁବାଦିତ ''ଯୋଗବାଶିଷ୍ଠ ରାମାୟଣ'' ପୁସ୍ତକରୁ ସଂଗୃହୀତ) ❖

# ମୃତ୍ୟୁ ପରେ ଅନ୍ତଃସତ୍ତାର ଅଗ୍ରଗତି

## ଶ୍ରୀମା

*ପ୍ରଶ୍ନ : ମୃତ୍ୟୁ ପରେ ଅନ୍ତର୍ସତ୍ତା କ'ଣ ଅଗ୍ରଗତି କରି ଚାଲିଥାଏ ?*

**ଶ୍ରୀମା :** ଏହା ପୂରାପୂରି ବ୍ୟକ୍ତି ଉପରେ ନିର୍ଭର କରେ । ପ୍ରତ୍ୟେକ ଲୋକ ପାଇଁ ଏହା ଭିନ୍ନ ଭିନ୍ନ ହୋଇଥାଏ । ଏପରି ଅନେକ ଲୋକ ଅଛନ୍ତି, ଉଦାହରଣ ସ୍ୱରୂପ – ଲେଖକ, ସଂଗୀତଜ୍ଞ ଓ ଚାରୁକଳାର ଶିଳ୍ପୀମାନେ, ଯେଉଁମାନେ ବୁଦ୍ଧିଜୀବୀ ଜୀବନର ଉଚ୍ଚସ୍ତରରେ ରହିଥା'ନ୍ତି, ଯେଉଁମାନେ ଅନୁଭବ କରନ୍ତି ଯେ ସେମାନଙ୍କର ଆଉକିଛି କରିବାକୁ ବାକି ଅଛି ଓ ସେମାନେ ଯେଉଁ କାମଟିକୁ ହାତକୁ ନେଇଥିଲେ ତାହା ସଂପନ୍ନ କରିପାରି ନାହାନ୍ତି, ନିଜ ପାଇଁ ଯେଉଁ ଲକ୍ଷ୍ୟ ସ୍ଥାପନ କରିଥିଲେ ସେଠାରେ ପହଞ୍ଚିପାରି ନାହାନ୍ତି; ସେମାନେ ତେଣୁ ପ୍ରସ୍ତୁତ ହୋଇଥା'ନ୍ତି ପୃଥିବୀର ବାତାବରଣରେ ରହିବାକୁ, ଯେତେ ଅଧିକ ଦିନ ସମ୍ଭବ ସେତେ ଅଧିକ ଦିନ ରହିବାକୁ, ଯେତେ ଅଧିକ ସମ୍ଭବ ସଂଗତି ଓ ସଂଯୋଜନାର ଶକ୍ତି ନେଇ ଏବଂ ସେମାନେ ଚେଷ୍ଟା କରିଥା'ନ୍ତି ନିଜକୁ ପ୍ରକାଶ ଓ ଅଭିବ୍ୟକ୍ତ କରିବାକୁ ଏବଂ ଅନ୍ୟାନ୍ୟ ମନୁଷ୍ୟ ଶରୀର ଭିତରଦେଇ ନିଜର ଅଗ୍ରଗତିକୁ ଅବ୍ୟାହତ ରଖିବା ପାଇଁ ।

ମୁଁ ଏପରି ଅନେକ ଦୃଷ୍ଟାନ୍ତ ଦେଖିଛି । ମୁଁ ଜଣେ ସଂଗୀତଜ୍ଞଙ୍କର ସଂପର୍କରେ ଅତ୍ୟନ୍ତ କୌତୂହଳପ୍ରଦ ଏକ ଘଟଣା ଦେଖିଛି । ସେ ଥିଲେ ଜଣେ ପିଆନୋ-ବାଦକ (ଅତି ଉଚ୍ଚ କୋଟିର ପିଆନୋ-ବାଦକ) ଓ ତାଙ୍କର ହାତ ଦୁଇଟିରେ ଅସାଧାରଣ କଳା-କୌଶଳ, ନିପୁଣତା, ସୁନିର୍ଦ୍ଦିଷ୍ଟତା, ଶକ୍ତି ଓ ଦ୍ରୁତ ଅଙ୍ଗୁଳି ଚାଳନାର ଦକ୍ଷତା ଆଦି ଭରି ରହିଥିଲା । ବାସ୍ତବିକ ଏହା ଥିଲା ଖୁବ୍ ଉଲ୍ଲେଖଯୋଗ୍ୟ । ଏହି ବ୍ୟକ୍ତିଜଣକ ଅପେକ୍ଷାକୃତ ତରୁଣ ବୟସରେ ଦେହତ୍ୟାଗ କରିଥିଲେ ଏପରି ଏକ ଭାବାନୁଭୂତି ନେଇ ଯେ ଯଦି ସେ ବଞ୍ଚିରହି ଥାଆନ୍ତେ, ତା'ହେଲେ ସଂଗୀତର ପ୍ରକାଶ ଓ ଅଭିବ୍ୟକ୍ତି କ୍ଷେତ୍ରରେ ତାଙ୍କର ଆହୁରି ଅନେକ ଅଗ୍ରଗତି ହୋଇଥା'ନ୍ତା । ଏବଂ ତାଙ୍କର ଏହି ଅଭୀପ୍ସା ଏତେ ତୀବ୍ର ଥିଲା ଯେ ସୂକ୍ଷ୍ମସ୍ତରରେ ତାଙ୍କ ହାତ ଦୁଇଟିର ଗଠନ ଓ ଆକୃତି ମୃତ୍ୟୁ ପରେ କ୍ଷୟ ଓ ବିନଷ୍ଟ ହୋଇ ନଯାଇ ପୂର୍ବଭଳି ସେମିତି ରହିଥିଲା । ଏବଂ ସେ ଯଦି ଏପରି କୌଣସି ବ୍ୟକ୍ତିଙ୍କୁ ଭେଟୁଥିଲେ ଯିଏ ଟିକେ ଗ୍ରହଣଶୀଳ ଓ ତାଙ୍କ କାମରେ ବାଧା ନ ଦେଉଥିବା ଏକ ଉତ୍ତମ ସଙ୍ଗୀତଜ୍ଞ, ତା'ହେଲେ ତାଙ୍କର ସୂକ୍ଷ୍ମ ହାତ ଦୁଇଟି, ସଂଗୀତ ବାଦନ କରୁଥିବା ସେହି ବ୍ୟକ୍ତିଙ୍କର ହାତରେ ପ୍ରବେଶ କରୁଥିଲା । ସେତେବେଳେ ଦେଖାଯାଉଥିଲା ଯେ ବେଶ୍ ଭଲ, କିନ୍ତୁ ସାଧାରଣ ଭାବରେ ବଜାଉଥିବା ସେହି ବାଦକଟି ତା'ର ବଜାଇବା ସମୟରେ ଖାଲି ଏକ ସୁଦକ୍ଷ ବାଦକ ନୁହେଁ, ହଠାତ୍ ଏକ ବିସ୍ମୟକର ଶିଳ୍ପୀରେ ପରିଣତ ହୋଇଛନ୍ତି । ପ୍ରକୃତରେ ଏହା ହେଉଛି ପୂର୍ବୋକ୍ତ ସେହି ଅନ୍ୟ ସଙ୍ଗୀତଜ୍ଞଙ୍କ ସୂକ୍ଷ୍ମ ହାତର କରାମତି ଯାହାକି ଏହି ଶିଳ୍ପୀଙ୍କୁ ବ୍ୟବହାର କରୁଥିଲା । ଏହି ଧରଣର ଅନେକ ବୈଚିତ୍ର୍ୟମୟ ଘଟଣା ବିଷୟରେ ମୁଁ ଜାଣେ । ମୁଁ ସେହି ସମାନ ଜିନିଷ ଦେଖିଛି ଜଣେ ଚିତ୍ରାଙ୍କନ ଶିଳ୍ପୀଙ୍କ କ୍ଷେତ୍ରରେ, ସେଠାରେ ମଧ୍ୟ ତାଙ୍କ ହାତଗୁଡ଼ିକ ଭିତରଦେଇ ଏହା ଘଟୁଥିଲା । କେତେକ ଲେଖକଙ୍କ କ୍ଷେତ୍ରରେ ମଧ୍ୟ ତାହାହିଁ ଘଟିଥାଏ । ଏବଂ ସେ କ୍ଷେତ୍ରରେ ମସ୍ତିଷ୍କଟି ଏକ ସୂକ୍ଷ୍ମ, ସୁନିର୍ଦ୍ଦିଷ୍ଟ ଗଠନ ରଖିଥାଏ ଏବଂ ତାହା ଅନ୍ୟ ଜଣେ ସୁଲେଖକଙ୍କ ମସ୍ତିଷ୍କରେ ପ୍ରବେଶ କରେ ଯିଏ ଯଥେଷ୍ଟ ଗ୍ରହଣଶୀଳ ଥାଆନ୍ତି ଏବଂ ହଠାତ୍ ଦେଖାଯାଏ ଯେ ସେ ଏପରିସବୁ ଅସାଧାରଣ ଲେଖା ଲେଖୁଛନ୍ତି ଯାହାକି ତାଙ୍କର ପୂର୍ବ ଲେଖାଗୁଡ଼ିକଠାରୁ ବହୁଗୁଣରେ ଅଧିକ ସୁନ୍ଦର । ଏହିପରି ଭାବରେ ଜଣେ ସୂକ୍ଷ୍ମଭାବରେ ଅନ୍ୟଜଣକୁ ଅଧିକାର କରିବା ମୁଁ ଦେଖିଥିଲି । ଏହା ଘଟିଥିଲା ସଙ୍ଗୀତ-ରଚନାର କ୍ଷେତ୍ରରେ – ସଂଗୀତ-ବାଦନର କ୍ଷେତ୍ରରେ ନୁହେଁ; ସଂଗୀତ ରଚନାର କ୍ଷେତ୍ରରେ, ଯେପରି ବିଥୋଭେନ୍, ବାକ୍, ସିଜାର୍ ଫ୍ରାଙ୍କ୍ ପ୍ରମୁଖ ସଂଗୀତ ରଚନା କରିଥାଆନ୍ତି, କିନ୍ତୁ ସିଜାର୍ ଫ୍ରାଙ୍କ୍ ସଂଗୀତ ବାଦନ ମଧ୍ୟ କରୁଥିଲେ । ସଂଗୀତ ରଚନା ଏକ ଅତ୍ୟନ୍ତ ମସ୍ତିଷ୍କ-ପ୍ରଧାନ କାର୍ଯ୍ୟ । ଏ କ୍ଷେତ୍ରରେ ଜଣେ ମହାନ୍ ସଂଗୀତଜ୍ଞଙ୍କ ମସ୍ତିଷ୍କ ସୂକ୍ଷ୍ମଭାବରେ ଅନ୍ୟଜଣେ ସଂଗୀତ-ରଚୟିତାଙ୍କ ସଂପର୍କରେ ଆସିଥିଲା । ସେ ଅପେରା ସଂଗୀତ-ରଚନାରେ ନିଯୁକ୍ତ ଥିଲେ କିନ୍ତୁ ଏହା ଘଟିବା ପରେ ସେ ଆଶ୍ଚର୍ଯ୍ୟଜନକ ରଚନାସବୁ ତିଆରି କଲେ ଏବଂ ସେଗୁଡ଼ିକର

ସମସ୍ତ ଅଂଶକୁ ସେ କାଗଜ ପୃଷ୍ଠାରେ ସଜାଇ ରଖୁଥିଲେ । ସେ ବ୍ୟସ୍ତ ଥିଲେ ଏକ ଅପେରା ସଂଗୀତ ରଚନାରେ ଏବଂ ସଙ୍ଗୀତ ରଚୟିତାଙ୍କ ଚିନ୍ତାଗୁଡ଼ିକୁ ନିଜ ବାଦ୍ୟଯନ୍ତ୍ର ଭିତରେ ଫୁଟାଇବା ବାଦକମାନଙ୍କ ପାଇଁ ଅତ୍ୟନ୍ତ ଜଟିଳ ଏକ କାମ । କିନ୍ତୁ ମୁଁ ଜାଣିଥିବା ସେହି ସଙ୍ଗୀତ ରଚୟିତା ଯେତେବେଳେ ସେ ପୂର୍ବୋକ୍ତ ମହାନ୍ ସଂଗୀତଜ୍ଞଙ୍କ ରଚନାର ଏହି ଗଠନସବୁକୁ ସୂକ୍ଷ୍ମଭାବରେ ପାଇଲେ ସେଗୁଡ଼ିକୁ ସେ ତାଙ୍କ ଆଗରେ ପଡ଼ିଥିବା ଏକ ସାଦା କାଗଜରେ ଲେଖିବାକୁ ଆରମ୍ଭ କଲେ । ସେ ତାହା ଲେଖୁଥିବାର ମୁଁ ଦେଖିଛି, ଏକ ଖୁବ୍ ବଡ଼ ଆକାରର କାଗଜ ପୃଷ୍ଠା ଉପରେ, ବିଭିନ୍ନ ରେଖା ଓ ପଙ୍କ୍ତିସବୁକୁ ଓ ତା'ପରେ କେତେକ ରେଖାଚିତ୍ରକୁ ସଜାଇ ଲେଖୁଥିଲେ ଏବଂ ଶେଷରେ ଲେଖୁଲେଖୁ ଯେତେବେଳେ ସେ ପୃଷ୍ଠାଟିର ତଳ ଅଂଶରେ ଆସି ପହଞ୍ଚିଲେ, ସେତେବେଳକୁ କୌଣସି ଏକ ଦୃଶ୍ୟ ପାଇଁ ବିଶେଷ ସୁର-ପ୍ରାଧାନ୍ୟ ଥିବା ଅର୍କେଷ୍ଟ୍ରା ବା ସମବେତ ସଂଗୀତର ରଚନା ପୂରା ଶେଷ ହୋଇ ଲିପିବଦ୍ଧ ହୋଇ ସାରିଲାଣି । (ଅର୍କେଷ୍ଟ୍ରା ରଚନାର ଅର୍ଥ ହେଉଛି ବିଭିନ୍ନ ବାଦ୍ୟଯନ୍ତ୍ରର ବାଦନ ବେଳେ ପ୍ରତ୍ୟେକଙ୍କ ପାଇଁ ରଚିତ ସଙ୍ଗୀତର କିଛି ବିଶେଷ ଅଂଶ ବା ପଙ୍କ୍ତି ବଣ୍ଟନ କରିବା) । ଏବଂ ସେହି ସଂଗୀତ ରଚୟିତା ଜଣକ ଏକ ବିସ୍ମୟକର ମାନସିକ ଶକ୍ତି ଦ୍ୱାରା କେବଳ ଏକ କାଗଜ ପୃଷ୍ଠା ଉପରେ ଏହା କରୁଥିଲେ ଏବଂ ଏହି ମାନସିକ ଶକ୍ତିଟି କେବଳ ତାଙ୍କ ନିଜର ନଥିଲା, ଏହା ତାଙ୍କ ଭିତରକୁ ଆସୁଥିଲା ଅନ୍ୟ ଜଣେ ମହାନ୍ ସଙ୍ଗୀତଜ୍ଞଙ୍କ ମନରୁ ଯାହା ତାଙ୍କ ମାଧ୍ୟମରେ ଅଭିବ୍ୟକ୍ତ ହେଉଥିଲା । ...ମୁଁ ଯେତେବେଳେ ସେଠାରେ ଉପସ୍ଥିତ ଥିଲି, ମୋ ଆଖି ଆଗରେହିଁ ସେ ଏହିପରି ଏକ ପୃଷ୍ଠା ଲେଖୁଥିବାର ଦେଖିଥିଲି । ଏଥିପାଇଁ ତାଙ୍କୁ ପ୍ରାୟ ଅଧଘଣ୍ଟାଏ ବା ୪୫ମିନିଟ ସମୟ ଲାଗିଥିବ । ଏବଂ ତାଙ୍କର ଏପରି ଖ୍ୟାତି ହୋଇଥିଲା ଯେ ଏପରିକି ଜଣାଶୁଣା ବିଖ୍ୟାତ ସଙ୍ଗୀତଜ୍ଞମାନେ ମଧ୍ୟ ସମବେତ ସଙ୍ଗୀତକୁ ରୂପ ଦେବା ପାଇଁ ସେମାନଙ୍କ ରଚନାଗୁଡ଼ିକୁ ତାଙ୍କ ନିକଟକୁ ଆଣୁଥିଲେ । ସେ ଅନ୍ୟ ଯେକୌଣସି ଲୋକଙ୍କ ଅପେକ୍ଷା ଏହାକୁ ଅଧିକ ଉତ୍ତମରୂପେ କରୁଥିଲେ ସେହିପରି କାଗଜ ପୃଷ୍ଠାରେ ଲେଖିଲେଖି । ତାଙ୍କର କୌଣସି କିଛି ବାଦ୍ୟ ଶୁଣିବାର ଆବଶ୍ୟକତା ନଥିଲା । ପରେ ଏଗୁଡ଼ିକୁ ବାଦ୍ୟଯନ୍ତ୍ରରେ ବଜାଇ ପରୀକ୍ଷା କରାଯାଉଥିଲା ଏବଂ ବରାବର ତାହା ଖୁବ୍ ଚମତ୍କାର ବୋଲି ସ୍ୱୀକୃତ ହେଉଥିଲା । ଏକ ସମବେତ ସଙ୍ଗୀତରେ ଏତେଗୁଡ଼ିଏ ବେହେଲା ଥାଏ, ଏତେଗୁଡ଼ିଏ ସେଲୋ ଓ ଆଲ୍‌ଟସ୍ ଆଦି ବାଦ୍ୟଯନ୍ତ୍ର ଥାଏ, ଏତେଗୁଡ଼ିଏ ବାଦ୍ୟଯନ୍ତ୍ର : କେଉଁଟିରେ ଅମୁକ ଧାଡ଼ିଟି ବଜାଯିବ, ଅନ୍ୟ କେଉଁ ବାଦ୍ୟଯନ୍ତ୍ରରେ ସମୁକ ଧାଡ଼ିଟି ବଜାଯିବ, ଆହୁରି ଅନ୍ୟମାନେ ମଧ୍ୟ ସେମାନଙ୍କ ବାଦ୍ୟଯନ୍ତ୍ରରେ ଅନ୍ୟକିଛି ବଜାଇବେ, କେତେବେଳେ ସମସ୍ତେ ଏକତ୍ର ବଜାଇବେ, ଅନ୍ୟ କେତେବେଳେ ଜଣକପରେ ଜଣେ ବଜାଇବେ, (ଏହା ଆଦୌ ସହଜ ନୁହେଁ, ଖୁବ୍ ଜଟିଳ ଜିନିଷ) ବାସ୍, ସେତେବେଳେ ବଜାଇଲା ବେଳେ ବା ଶୁଣିବାବେଳେ ବା ଲିଖିତ ରଚନାଟିକୁ ପଢ଼ିଲାବେଳେ ସେ ଜାଣୁଥିଲେ କାହାକୁ କେଉଁ ବାଦ୍ୟଯନ୍ତ୍ର ପାଇଁ, ରଚନାର କେଉଁ ଅଂଶଟି କିପରି ବଣ୍ଟନ କରାଯିବ, କେଉଁ ସୁର ବା ମୂର୍ଚ୍ଛନାଟିକୁ କିଏ ବଜାଇବେ ଓ ଅନ୍ୟଟିକୁ କିଏ ବଜାଇବେ ଇତ୍ୟାଦି । ଏବଂ ଅତି ସ୍ପଷ୍ଟଭାବରେ ତାଙ୍କର ଏହି ଅନୁଭୂତି ଥିଲା ଯେ ତାଙ୍କ ଭିତରେ ଅନ୍ୟକିଛି ପ୍ରବେଶ କରୁଛି ଓ ତାଙ୍କୁ ସାହାଯ୍ୟ କରୁଛି ।

(MCW, Vol. 5, pp. 260 - 262)

ଆଶ୍ରମରେ ଗୃହୀତ ହେବା ପାଇଁ ପ୍ରଥମ ଅପରିହାର୍ଯ୍ୟ ସର୍ତ୍ତ ହେଉଛି, ପ୍ରାର୍ଥୀ ଜଣକ ଯେପରି ଭଗବତ୍ ସେବାରେ ତା'ର ଜୀବନକୁ ସର୍ତ୍ତହୀନ ଭାବରେ ଉତ୍ସର୍ଗ କରିବାର ସଂକଳ୍ପ ନେଇଥାଏ ।

*୧୨ ଜୁନ୍ ୧୯୬୫* — ଶ୍ରୀମା

**ଶେଷ ପୃଷ୍ଠା :**

# ଯେଉଁ ଅଭୀପ୍ସା ସ୍ୱୟଂ ପରମଙ୍କଠାରୁ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଶ୍ରୀଅରବିନ୍ଦ କହିଥିଲେ, "The boon that we have asked from the supreme is the greatest that the earth can ask from the Highest..."

''ଆମେ ପରମଙ୍କଠାରୁ ଯେଉଁ ବର ପ୍ରାର୍ଥନା କରିଛୁ ତାହା ସର୍ବୋଚ୍ଚଙ୍କଠାରୁ ପୃଥିବୀ ଯେତେଯେତେ ବରଦାନ ଚାହିଁପାରେ ତା' ମଧ୍ୟରେ ସର୍ବଶ୍ରେଷ୍ଠ ।''

ପୃଥିବୀ ତରଫରୁ ଭଗବାନଙ୍କଠାରୁ ଏହି ଯେଉଁ ବରଦାନ ଚାହିଁବା କଥା କୁହାଯାଇଛି ତାହାକୁ ପୃଥିବୀ ଚେତନାର ସର୍ବଶ୍ରେଷ୍ଠ ଆସ୍ପୃହା ବୋଲି କୁହାଯାଇପାରେ । ଏହା କାହିଁକି ସର୍ବଶ୍ରେଷ୍ଠ ? କାରଣ ଏହି ଆସ୍ପୃହା ଭିତରେ ଜଡ଼ ଭିତରକୁ ସ୍ୱୟଂ ଭାଗବତ ଚେତନା ଓ ଶକ୍ତିର ଅବତରଣ ଓ ଜଡ଼ର ଦିବ୍ୟ ରୂପାନ୍ତରକୁହିଁ ଲକ୍ଷ୍ୟ ରୂପେ ଗ୍ରହଣ କରାଯାଇଛି । ଶ୍ରୀଅରବିନ୍ଦଙ୍କ କଥାରେ, "It is nothing less than the descent of the supreme Truth and Power into Matter, the supramental established in the material plane and consciousness and the material world and an integral transformation down to the very principle of matter." ''ଜଡ଼ ଭିତରକୁ ପରମ ସତ୍ୟ ଓ ଶକ୍ତିର ଅବତରଣ, ଜଡ଼ଭୌତିକ ସ୍ତରରେ, ଚେତନାରେ ଓ ଜଡ଼ଭୌତିକ ଜଗତରେ ଅତିମାନସ ପ୍ରତିଷ୍ଠିତ ହେବା ଏବଂ ଜଡ଼ର ପୂରା ତତ୍ତ୍ୱ ପର୍ଯ୍ୟନ୍ତକୁ ନେଇ ତାହାର ପୂର୍ଣ୍ଣାଙ୍ଗ ରୂପାନ୍ତରଠାରୁ ଏହା ଊଣା କିଛି ନୁହେଁ ।''

ପ୍ରକୃତରେ ପୃଥିବୀର ଆସ୍ପୃହା ଦିଗରୁ ଦେଖିଲେ ଏହାଠାରୁ ଅଧିକ କିଛି ଆଉ ଚାହିଁବାର ନାହିଁ । କାରଣ ଜଡ଼ର ଦିବ୍ୟରୂପାନ୍ତର ହେଲେ ଏହି ପୃଥିବୀପୃଷ୍ଠରେହିଁ ଭଗବାନଙ୍କର ଦିବ୍ୟସ୍ୱରୂପ ଓ ସତ୍ୟ ଆଉ ଗୋପନ ବା ପ୍ରଚ୍ଛନ୍ନ ହୋଇ ନରହି ପ୍ରକାଶ୍ୟ ଭାବରେହିଁ ପ୍ରକଟିତ ହୋଇ ଚାଲିବ । କେବଳ ଚେତନାର ସୂକ୍ଷ୍ମ ଜଗତରେ ନୁହେଁ, ଜଡ଼ର ସ୍ଥୂଳ ଜଗତରେ ମଧ୍ୟ ତାହା ପ୍ରତ୍ୟକ୍ଷୀଭୂତ ହେବ ଏବଂ ସେହି ଦିବ୍ୟସ୍ୱରୂପର ଦର୍ଶନ, ତାହାର ଉପଲବ୍ଧି ଓ ସବୁମନ୍ତେ ତାହା ସହ ଏକାତ୍ମ୍ ହୋଇଯାଇ ନିଜେ ସେହି ଦିବ୍ୟତାରେ ପରିଣତ ହେବାର ଅଭୀପ୍ସା ମାତ୍ର କେଇଜଣ ଯୋଗୀ, ଋଷି, ଭକ୍ତ ଓ ମହାପୁରୁଷଙ୍କ ଭିତରେ ସୀମିତ ହୋଇ ରହିବ ନାହିଁ । ଭଗବାନଙ୍କ ଦିବ୍ୟଲୀଳାରେ ସଚେତ ଭାବରେ ଅଂଶଗ୍ରହଣ କରିବାର ସମ୍ଭାବନା ସମସ୍ତଙ୍କ ପାଇଁ ଖୋଲିଯିବ । ପ୍ରେମମୟଙ୍କର ଯେଉଁ ରାସକ୍ରୀଡ଼ାରେ ଭାଗ ନେବାର ଅଧିକାର କେବଳ ଗୋପୀମାନଙ୍କର ହୃଦୟ ପାଇଁ ସଂରକ୍ଷିତ ବୋଲି କୁହାଯାଇଥାଏ ଓ ଯେଉଁ ଅଧିକାରରୁ ଏପରିକି ଦେବତାମାନେ ମଧ୍ୟ ବଞ୍ଚିତ, ତାହା ହୋଇଉଠିବ ସମସ୍ତଙ୍କ ପାଇଁ ଏକ ସାର୍ବଜନୀନ ଅଧିକାର ।

ଆଜି ପର୍ଯ୍ୟନ୍ତ କୌଣସି ଯୋଗ ବା ସାଧନା ପରମ୍ପରାରେ ସ୍ଥୂଳ ଜଡ଼ର ଦିବ୍ୟରୂପାନ୍ତର ପାଇଁ କୌଣସି ପ୍ରଚେଷ୍ଟା ତ ଦୂରର କଥା, ସେ ଦିଗରେ କୌଣସି କଳ୍ପନା ମଧ୍ୟ କରାଯାଇ ନ ଥିଲା । ସମସ୍ତଙ୍କର ଅଭୀପ୍ସା ଅଟକି ଯାଇଥିଲା ଜଡ଼ର ଅନ୍ଧକାରମୟ ନିଶ୍ଚେତନା ପାଖରେ । କାରଣ ସେମାନଙ୍କ ପାଇଁ ଜଡ଼ର ସମଗ୍ର ତତ୍ତ୍ୱ ହେଲା ଜଡ଼ତ୍ୱ, ତାହା ସବୁଦିନେ ଜଡ଼ ହୋଇହିଁ ରହିବ । ତେଣୁ ଚେତନାକୁ ତହିଁରୁ ଅଲଗା କରିନେଇ ଦିବ୍ୟତା ଭିତରେ ପ୍ରବେଶ କରିବା, ତହିଁରେ ଲୀନ ହୋଇଯିବା ବା ଏକ ସୂକ୍ଷ୍ମ ଚିନ୍ମୟ ଶରୀର ନେଇ ସେହି ଦିବ୍ୟତାର ରସାସ୍ୱାଦନହିଁ ଥିଲା ଲକ୍ଷ୍ୟ । ଦିବ୍ୟତାରେ ରୂପାନ୍ତରିତ ଜଡ଼ ଥିଲା ସେମାନଙ୍କ କଳ୍ପନାର ବାହାରେ । ଜଡ଼ର ଭିତ୍ତି ଉପରେ ଆଧାରିତ ଅପରା ପ୍ରକୃତି ଓ ଦିବ୍ୟତାର ଭିତ୍ତି ଉପରେ ଆଧାରିତ ପରା ପ୍ରକୃତି ସବୁଦିନ ପାଇଁ ପରସ୍ପରଠାରୁ ଅଲଗା ରହିବେ, ତେଣୁ ଅପରା ପ୍ରକୃତିରେ ଆବଦ୍ଧ ଥିବା ଚେତନାକୁ ଉଦ୍ଧାର କରି ତାହାକୁ ପରା ପ୍ରକୃତିର ଦିବ୍ୟତା ଭିତରକୁ ଉଠାଇ ନେବା ଛଡ଼ା ଅନ୍ୟ କିଛି ବାଟ ସେମାନେ ଦେଖି ପାରି ନଥିଲେ । ଉଭୟ ଭିତରେ ଯେ ଏକ ଦିବ୍ୟସେତୁ ସ୍ଥାପନ କରି ଅପରା ପ୍ରକୃତିକୁ ପରା ପ୍ରକୃତିରେ ରୂପାନ୍ତରିତ କରାଯାଇପାରେ ଏହି ସତ୍ୟ ସେମାନଙ୍କ ପାଇଁ ଅଜଣା ଥିଲା । ଅବଶ୍ୟ ଅତିମାନସ ଚେତନାହିଁ ସେହି ସୁବର୍ଣ୍ଣ ସେତୁ ଓ ସେତେବେଳେ ତାହା ପୃଥିବୀ ଚେତନାରେ ଅବତରଣ କରି ନଥିଲା । ଏପରିକି ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ଶାସ୍ତ୍ର ଗୀତାରେ ମଧ୍ୟ ଜଡ଼ର ରୂପାନ୍ତର ବା ପ୍ରକୃତିର ରୂପାନ୍ତର କଥା କୁହାଯାଇ ନାହିଁ । ବରଂ କୁହାଯାଇଛି, ''ଜାତସ୍ୟ ହି ଧ୍ରୁବୋ

ମୃତ୍ୟୁ'', ଅର୍ଥାତ୍ ଯେ ଜନ୍ମ ନେଇଛି ତା'ର ମୃତ୍ୟୁ ଅନିବାର୍ଯ୍ୟ । କାରଣ ଯେହେତୁ ତା'ର ଗୁଣଧର୍ମ ଅନୁସାରେ ଜଡ଼ ସବୁବେଳେ ଅଦିବ୍ୟ ଓ ସ୍ଥୂଳ ଜଡ଼ହିଁ ହୋଇ ରହିବ ଓ ଆମ ଶରୀରର ଏକ ବଡ଼ ଅଂଶ ଜଡ଼ ଦ୍ୱାରାହିଁ ଗଠିତ, ତେଣୁ ଚେତନାର ବିକାଶ ଓ ଅଗ୍ରଗତି ସଙ୍ଗେ ତାହା ସମାନ ତାଳ ରଖି ଆଗେଇ ପାରେ ନାହିଁ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଜଡ଼ର ସ୍ଥାଣୁତ୍ୱ ଓ ଚେତନାର ଅଗ୍ରଗତି ଭିତରେ ବ୍ୟବଧାନଟି ମଧ୍ୟ ବୃଦ୍ଧି ପାଇ ଶେଷରେ ଜଡ଼ର ତତ୍ତ୍ୱ ସ୍ଥୂଳ ଶରୀରକୁ ପୂରା ଗ୍ରାସ କରିଯାଏ ଓ ତାହା ହୋଇଯାଏ ନିର୍ଜୀବ, ନିସ୍ପନ୍ଦ, ମୃତ ଏକ ଜଡ଼ପିଣ୍ଡ । ସାଧାରଣ ଭାବେ ଏକ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଗୋଟିଏ ଅବସ୍ଥା ପର୍ଯ୍ୟନ୍ତ ଅର୍ଥାତ୍ ତାରୁଣ୍ୟ ବା ଯୌବନ ପର୍ଯ୍ୟନ୍ତ ଶରୀରର ବିକାଶ ଓ ଅଭିବୃଦ୍ଧି ସମ୍ଭବ ହେଉଥିଲେ ମଧ୍ୟ ସେଇ ଅବସ୍ଥା ଗତ ହୋଇଗଲେ କାହିଁକି କ୍ଷୟ, ବାର୍ଦ୍ଧକ୍ୟ ଆଦି ଦ୍ୱାରା ଆମେ ଆକ୍ରାନ୍ତ ହେଉ ? ଜଡ଼ ସହିତ ଶରୀରର ସଂଲଗ୍ନତାହିଁ ଏହାର କାରଣ । ଜଡ଼ର ରୂପାନ୍ତର ସମ୍ଭବ ନ ହେବାରୁ ସମସ୍ତ ଅବତାର ଓ ମହାପୁରୁଷମାନେ କହିଗଲେ ଜଡ଼ଠାରୁ ନିଜକୁ ଅଲଗା କରିନେଇ ଚେତନାର ଅନ୍ତର୍ଲୋକ ବା ଊର୍ଦ୍ଧ୍ୱଲୋକରେ ମୁକ୍ତି, ନିର୍ବାଣ ବା ଭଗବତ୍ ମିଳନହିଁ ଏକମାତ୍ର ବାଟ ।

ସର୍ବପ୍ରଥମେ ଶ୍ରୀଅରବିନ୍ଦ ଓ ଶ୍ରୀମାହିଁ ପୃଥିବୀ-ଚେତନା ଆଗରେ ରଖିଗଲେ ଜଡ଼ ଓ ପ୍ରକୃତିର ରୂପାନ୍ତର ହେବାର ଆସ୍ପୃହାଟିକୁ । କାରଣ ସେମାନେ ଦେଖିଥିଲେ ଜଡ଼ତ୍ୱର ସମସ୍ତ ବାହ୍ୟ ଆବରଣ ସତ୍ତ୍ୱେ ତାହାର ମୂଳ ସ୍ୱରୂପରେ ତାହା ଭଗବାନଙ୍କରହିଁ ଏକ ରୂପ, କାରଣ ଭଗବାନଙ୍କ ଛଡ଼ା ସୃଷ୍ଟିରେ ଆଉ କିଛି ରହିବା ସମ୍ଭବ ନୁହେଁ । ତେଣୁ ସେହି ଜଡ଼ ଭିତରେ ମଧ୍ୟ ଭଗବତ୍ ସତ୍ୟର ସମସ୍ତ ଆଲୋକ, ଶକ୍ତି, ପ୍ରେମ ଓ ଆନନ୍ଦ ଆଦି ଐଶ୍ୱର୍ଯ୍ୟ ନିହିତ ଓ ନିବର୍ତ୍ତିତ ହୋଇ ରହିଛି । ତାହା କ୍ରମଶଃ ବିବର୍ତ୍ତନ ଭିତର ଦେଇ ଭଗବାନଙ୍କ ଦିଗରେ ଅଗ୍ରସର ହେଉଛି ଏବଂ ବିବର୍ତ୍ତନ ଓ ନିବର୍ତ୍ତନ ଉଭୟର ଚାପ ଫଳରେ ଦିନେ ନା ଦିନେ ତାହା ଦିବ୍ୟତ୍ୱରେ ରୂପାନ୍ତରିତ ହେବ ଏବଂ କେବଳ ଜଡ଼ର ସେହି ଦିବ୍ୟ-ରୂପାନ୍ତରହିଁ ଆଣିଦେବ ପାର୍ଥିବ ସମସ୍ୟାସବୁର ସାମଗ୍ରିକ ସମାଧାନ । କାରଣ ଜଡ଼ର ନିଶ୍ଚେତନା ତ ରହିଛି ସବୁ ସମସ୍ୟାର ମୂଳରେ, ତାହା ଅଜ୍ଞାନ, ତାମସିକତା, ଆଳସ୍ୟ, ଅପ୍ରବୃତ୍ତି ଆଦି ହେଉ ବା ଜରା, ବ୍ୟାଧି ଓ ମୃତ୍ୟୁ ଆଦି ହେଉ । ଜଡ଼ର ଦିବ୍ୟରୂପାନ୍ତର ଦ୍ୱାରାହିଁ ମୃତ୍ୟୁ ଉପରେ ବିଜୟ ସମ୍ଭବ ହୋଇପାରିବ ଏବଂ ସେହି ବିଜୟ ଫଳରେହିଁ ଏହି ପୃଥିବୀ ଉପରେ ସ୍ଥୂଳ, ଭୌତିକ କ୍ଷେତ୍ରରେ ଆବିର୍ଭୂତ ହେବ ଏକ ଦିବ୍ୟ-ଶରୀର । ତାହା ସୂକ୍ଷ୍ମ ଜଗତର ଚିନ୍ମୟ ଶରୀର ନୁହେଁ, ଆମ ପୁରାଣ ବର୍ଣ୍ଣିତ ହନୁମାନ୍, ବିଭୀଷଣ, ଅଶ୍ୱତ୍ଥମା ଆଦି ଅମର ଶରୀର ନୁହେଁ, ଯାହାକୁ ସୂକ୍ଷ୍ମ ଦୃଷ୍ଟିସମ୍ପନ୍ନ ଲୋକଙ୍କ ଛଡ଼ା ଅନ୍ୟ କେହି ଦେଖିପାରନ୍ତି ନାହିଁ ବା ମୃତ୍ୟୁ ଉପରେ ସେହି ବିଜୟ ପିତାମହ ଭୀଷ୍ମଙ୍କର ଇଚ୍ଛାମୃତ୍ୟୁ ପରି ନୁହେଁ, କାରଣ ଇଚ୍ଛାମୃତ୍ୟୁର ବର ଲାଭ କରିଥିଲେ ମଧ୍ୟ ଜରା, ବ୍ୟାଧି ଓ କ୍ଷତ ଆଦି ଦ୍ୱାରା ଗ୍ରସ୍ତ ଏକ ଶରୀରକୁ କେହି ଚିରକାଳ ବୋହି ଚାଲିବାକୁ ଚାହିଁବ ନାହିଁ, ସେ ନିଜେହିଁ ଶରୀରର ମୃତ୍ୟୁ ବାଞ୍ଛା କରିବ । ତେଣୁ ମୃତ୍ୟୁ ଉପରେ ଯଥାର୍ଥ ବିଜୟର ଚାବିକାଠିଟି ହେଲା ଜଡ଼ର ରୂପାନ୍ତର । ଶ୍ରୀଅରବିନ୍ଦ ଯେପରି କହିଛନ୍ତି, "Transformation down to the very principle of Matter." ''ଜଡ଼ର ମୂଳତତ୍ତ୍ୱ ପର୍ଯ୍ୟନ୍ତ ଯାଇ ତାହାର ରୂପାନ୍ତର ।'' ଯଦି ଜଡ଼ର କ୍ଷୁଦ୍ରାତିକ୍ଷୁଦ୍ର ପରମାଣୁର ବିସ୍ଫୋରଣ ଘଟାଇ ବିଜ୍ଞାନ ଏଡ଼େ ବିପୁଳ ଆଣବିକ ଶକ୍ତି ଉତ୍ପନ୍ନ କରିପାରୁଛି ତା'ହେଲେ କାହିଁକି ଆମ ଦେହକୋଷର ଜଡ଼ାଣୁରେ ଚେତନାର ଏକ ଦିବ୍ୟବିସ୍ଫୋରଣ ଘଟାଇ ତାହା ଭିତରୁ ଦିବ୍ୟସତ୍ୟ, ପ୍ରେମ, ଆନନ୍ଦ, ଆଲୋକ ଓ ଅମରତ୍ୱ ଆଦିର ସ୍ଫୁରଣ ଘଟାଇବା ଅତିମାନସ ଚେତନା ପକ୍ଷେ ସମ୍ଭବ ହେବ ନାହିଁ ? ତାହା ସବୁମନ୍ତେ ସମ୍ଭବ ଏବଂ ସେତେବେଳେହିଁ ଏହି ପୃଥିବୀପୃଷ୍ଠରେ ଜରା, ମୃତ୍ୟୁ, ବ୍ୟାଧି ଆଦି କବଳରୁ ମୁକ୍ତ ଏକ ଦିବ୍ୟଶରୀର ଲାଭ କରି ଆମେ ଚଳପ୍ରଚଳ ହୋଇପାରିବୁ; ଦିବ୍ୟଜ୍ଞାନ, ଶାନ୍ତି, ଶକ୍ତି, ଆନନ୍ଦ, ପ୍ରେମର ଅସରନ୍ତି ବାର୍ତ୍ତା ନେଇ ପରସ୍ପର ସହ ଭାବ ବିନିମୟ ଓ ଆଦାନ ପ୍ରଦାନ କରିପାରିବୁ । ଏହାହିଁ ବିବର୍ତ୍ତନର ଚରମ ଲକ୍ଷ୍ୟ, ପୃଥିବୀଚେତନାର ସର୍ବଶ୍ରେଷ୍ଠ ଆସ୍ପୃହା । ଏହାକୁହିଁ ବାସ୍ତବ ରୂପ ଦେବା ପାଇଁ ଭଗବାନଙ୍କ ଦିବ୍ୟଯୋଜନା ଏକ କ୍ରିୟାତ୍ମକ ରୂପ ନେଇ କାର୍ଯ୍ୟ କରିଚାଲିଛି ।

ଉପଯୁକ୍ତ ସମୟ ଆସି ନଥିଲା ବୋଲି ରୂପାନ୍ତରର ଏହି ସତ୍ୟଟିକୁ କୌଣସି ଯୋଗୀ, ଋଷି, ଅବତାର, ମହାପୁରୁଷ କେହି ଦେଖିପାରି ନଥିଲେ ବା ଦେଖିଥିଲେ ମଧ୍ୟ ପ୍ରକାଶ କରି ନଥିଲେ । ଭଗବାନଙ୍କ ଦିବ୍ୟଯୋଜନା ଭିତରେ ରହିଥିବା ଏହି ସତ୍ୟଟିକୁ ପ୍ରକାଶ କରିବାର ଓ ତାହାକୁ ବାସ୍ତବତାରେ କାର୍ଯ୍ୟକାରୀ କରିବା ପାଇଁ ମାନବସମାଜକୁ ଆହ୍ୱାନ ଜଣାଇବା, ପୂର୍ଣ୍ଣ ଯୋଗର ପଥପ୍ରଦର୍ଶନ କରିବା ଓ ତାହାର ସିଦ୍ଧି ପାଇଁ ପୃଥିବୀପୃଷ୍ଠରେ ଅତିମାନସ ଶକ୍ତିର ଅବତରଣ କରାଇବା — ଏହି ସମସ୍ତ ଦିବ୍ୟଦାୟିତ୍ୱ ଓ ଗୁରୁଭାର ନେଇ ଶ୍ରୀଅରବିନ୍ଦ ଓ

ଶ୍ରୀମା ମାନବ ଶରୀରରେ ଜନ୍ମଗ୍ରହଣ କରିଥିଲେ । ନିଜ ଜୀବନ ଓ ସାଧନା ଭିତର ଦେଇ ପୃଥିବୀର ଚେତନାରେ ରୂପାନ୍ତରର ଆସ୍ପୃହାଟିକୁ ରୋପଣ କରିଥିଲେ । ଉଭୟଙ୍କର କର୍ମ ଓ ସାଧନା, ତ୍ୟାଗ ଓ ତପସ୍ୟା, ପ୍ରେମ ଓ କୃପା ଥିଲା ପୃଥିବୀରେ ସ୍ୱୟଂ ପରମଙ୍କର ମୂର୍ତ୍ତ ଓ ପ୍ରକଟ ହେବାର ଏକ ବିସ୍ମୟକର କାହାଣୀ । ତା' ନ ହୋଇଥିଲେ ଏପର୍ଯ୍ୟନ୍ତ ଅଜଣା ଥିବା ରୂପାନ୍ତରର ପରମ ରହସ୍ୟ ଉଦ୍‌ଘାଟିତ ହୋଇଥାଆନ୍ତା କିପରି ? ପୃଥିବୀ ଚେତନା ପାଇଁ ଆସ୍ପୃହାର ସୋପାନ ଶ୍ରେଣୀରେ ଏହି ରୂପାନ୍ତରର ଚୂଡ଼ାନ୍ତ ସୋପାନଟି ଯୋଡ଼ା ହୋଇ ଥାଆନ୍ତା କିପରି ? ପରମଙ୍କ ବ୍ୟତୀତ ତ ଏହି ସୋପାନ ସମ୍ପର୍କରେ ଆଉ କାହାର କୌଣସି ଜ୍ଞାନ ରହିବା ସମ୍ଭବ ନୁହେଁ । ବିବର୍ତ୍ତନର ସୋପାନକ୍ରମରେ ଆଉ ଏକ ସୋପାନ ଯୋଡ଼ିବା ତ କେବଳ ଅବତାରମାନଙ୍କର କାମ । ତେଣୁ ଦୁଇଟି ପୃଥକ୍ ଶରୀରରେ ଶ୍ରୀଅରବିନ୍ଦ ଓ ଶ୍ରୀମା ସେହି ଏକହିଁ ପରମ ଚେତନାକୁ ପୃଥିବୀରେ ମୂର୍ତ୍ତ ଓ ପ୍ରକଟ କରି ଦିବ୍ୟରୂପାନ୍ତରର ଗୋପନ ରହସ୍ୟଟିକୁ ଉନ୍ମୋଚିତ କରି ଦେଇଛନ୍ତି । ଶ୍ରୀଅରବିନ୍ଦ ଯେପରି ନିଜ ଚେଷ୍ଟାରେ ପରମଙ୍କ ଅନନ୍ତ ଜ୍ଞାନ, ସତ୍ୟ, ପ୍ରେମ ଓ ଆନନ୍ଦକୁ ଧାରଣ କରିଥିଲେ ସେହିପରି ଶ୍ରୀମା ଥିଲେ ସେହି ପରମଙ୍କ ଶକ୍ତିର ମୂର୍ତ୍ତିମତୀ ଅବତାର, ଏକାଧାରରେ ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀଙ୍କର ସମସ୍ତ ଦିବ୍ୟଶକ୍ତିକୁ ଧାରଣ କରିବା ସଙ୍ଗେ ସଙ୍ଗେ ଦିବ୍ୟଜନନୀଙ୍କର ସେହି ଆନନ୍ଦ ଓ ପ୍ରେମ ଶକ୍ତିକୁ ପୃଥିବୀ-ଚେତନାରେ ଅଧିକରୁ ଅଧିକ ଆବିର୍ଭୂତ ଓ ପ୍ରକାଶ କରାଉଥିଲେ । ସେ ହେଉଛନ୍ତି ଶ୍ରୀଅରବିନ୍ଦଙ୍କ କଥାରେ, ''ମା'ଙ୍କର ଦୁର୍ଜ୍ଜେୟ, ଦୁର୍ବାର ଆନନ୍ଦର ବିଗ୍ରହ, ଯେଉଁ ଆନନ୍ଦ ଭାଗବତ ପ୍ରେମର ପରମ ପଦରୁ ଉତ୍ସାରିତ; କେବଳ ସେହି ଆନନ୍ଦହିଁ ଅତିମାନସ ଚେତନାର ଉଚ୍ଚତମ ଉଚ୍ଚତା ଓ ଜଡ଼ର ଅଧସ୍ତନ ଗହ୍ୱର – ଏହି ଦ୍ୱୟର ବିଚ୍ଛେଦକୁ ଦୂର କରି ଉଭୟ ମଧ୍ୟରେ ମିଳନର ସେତୁ ସ୍ଥାପନ କରିବାକୁ ସକ୍ଷମ ।'' ସେଇଥିପାଇଁ ଜଡ଼ର ପରିତ୍ୟାଗ ନୁହେଁ ତାହାର ରୂପାନ୍ତର ଉପରେ ମା' ସମସ୍ତ ଜୋର ଦେଇଥିଲେ । ଏପରିକି ୧୯୧୩ରେ ମା' ତାଙ୍କର ଏକ ପ୍ରାର୍ଥନାରେ ଲେଖିଥିଲେ, ''ଗୋଟାଏ ଭ୍ରାନ୍ତ ଅଧ୍ୟାତ୍ମସ୍ପୃହା, ସ୍ଥୂଳାତୀତ ଐଶ୍ୱର୍ଯ୍ୟ ପାଇଁ ଆକର୍ଷଣ, ବ୍ୟକ୍ତିଗତ ତୃପ୍ତି ସକାଶେ ତୁମ ସଙ୍ଗେ ମିଳନର ଅହଂପୂର୍ଣ୍ଣ ଆକାଙ୍କ୍ଷା, ଏହିସବୁ କାରଣରୁ ମନୁଷ୍ୟ ପାର୍ଥିବ ଜୀବନର ସାର୍ଥକତାରୁ ମୁହଁ ଫେରାଇ ନିଏ, ଜଡ଼ର ଶୁଦ୍ଧ ଓ ରୂପାନ୍ତର ସାଧନର ଯେଉଁ ବ୍ରତ ସେଥିରୁ କାପୁରୁଷ ପରି ପଛଘୁଞ୍ଚା ଦିଏ । ଆମ ସତ୍ତାର ଗୋଟିଏ ଅଂଶ ସର୍ବତୋଭାବେ ଶୁଦ୍ଧ, ଏହି ଜ୍ଞାନ ଓ ଏହି ଅଂଶଟି ସଙ୍ଗେ ସଂଯୋଗ ଓ ଏକାତ୍ମତା ଆମର ଉପକାରରେ କେବଳ ସେତିକିବେଳେ ଆସିପାରେ ଯେତେବେଳେ ସେହି ଜ୍ଞାନ ପ୍ରୟୋଗ କରାହୁଏ ପାର୍ଥିବ ରୂପାନ୍ତରକୁ ଦ୍ରୁତତର କରିବାରେ ଓ ତୁମର ସୁମହାନ୍ କର୍ମର ସଂସିଦ୍ଧି ନିମନ୍ତେ ।'' ତେଣୁ ଜୀବନର ଦିବ୍ୟପରିପୂର୍ଣ୍ଣତା ପାଇଁ ଜଡ଼ର ରୂପାନ୍ତର ଓ ପ୍ରକୃତିର ରୂପାନ୍ତର ଯେ ଏକାନ୍ତ ଅପରିହାର୍ଯ୍ୟ ଓ ପରମଙ୍କ ତରଫରୁ ପୃଥିବୀ ଚେତନାରେ ସେହି ଆସ୍ପୃହାଟିକୁ ଜାଗ୍ରତ୍ ଓ ଜୀବନ୍ତ ରୂପ ଦେବା ପାଇଁ ଯେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କର ଆଗମନ ଏହା ନିଃସନ୍ଦେହ । ସେହି ଆସ୍ପୃହାର ପରିପୂରଣ କରିବା ପାଇଁ ଯାହା ପ୍ରୟୋଜନ ତାହାର ପ୍ରଥମ ଅଂଶଟି ସଂସିଦ୍ଧ ଓ ସଂପନ୍ନ ହୋଇ ସାରିଛି, ପୃଥିବୀ ଚେତନାରେ ଦିବ୍ୟ-ଅତିମାନସ ସତ୍ୟ ଅବତରଣ କରି ସାରିଛି – ବର୍ତ୍ତମାନ ଆମକୁ ପରବର୍ତ୍ତୀ ଅଂଶର କାର୍ଯ୍ୟରେ ଅର୍ଥାତ୍ ଅତିମାନସର ଅଭିବ୍ୟକ୍ତି ଓ ପ୍ରକୃତିର ଦିବ୍ୟ-ରୂପାନ୍ତର କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ ପାଇଁ ପରମଙ୍କ କୃପା ଓ ଶକ୍ତି ପାଖରେ ନିଜକୁ ପୂର୍ଣ୍ଣ ଭାବରେ ସମର୍ପଣ ଓ ଉତ୍ସର୍ଗ କରିଦେବାକୁ ହେବ । ଆମ ନିଜର କୌଣସି ଶକ୍ତି ନୁହେଁ, ଭଗବାନଙ୍କର ଶକ୍ତିହିଁ ଆମ ଭିତରେ ଏହି କାର୍ଯ୍ୟଟି କରାଇ ନେବ, ଶ୍ରୀଅରବିନ୍ଦଙ୍କ କଥାରେ "Only a supreme grace can effect this miracle." ''କେବଳ ପରମ କୃପାହିଁ ଏହି ଅଲୌକିକ କାର୍ଯ୍ୟଟି ସମ୍ପନ୍ନ କରିପାରେ ।'' ସେଇଥିପାଇଁ ଶ୍ରୀଅରବିନ୍ଦ ଆମକୁ ଆହ୍ୱାନ ଜଣାଇଛନ୍ତି, "If you desire this transformation, put yourself in the hands of the Mother and her Powers without cavil or resistance and let her do unhindered her work within you." ''ଯଦି ତୁମେ ଏହି ରୂପାନ୍ତର କାମନା କର ତେବେ ମା ଓ ମା'ଙ୍କର ଶକ୍ତିସକଳ ହାତରେ ଅକୁଣ୍ଠିତ ଭାବରେ କିଂବା ଅବାଧରେ ନିଜକୁ ସମର୍ପଣ କର ଏବଂ ତୁମ ଭିତରେ ନିର୍ବିଘ୍ନରେ ତାଙ୍କୁ କାମ କରିବାକୁ ଛାଡ଼ିଦିଅ ।''

ପରମଙ୍କଠାରୁ ଯେଉଁ ବର-ପ୍ରାର୍ଥନା ବିଷୟ ଉଲ୍ଲେଖ କରି ଆମେ ଆଲୋଚନାଟି ଆରମ୍ଭ କରିଥିଲୁ ତାହାର ଶେଷରେ ଆମେ ଦୃଢ଼ ଓ ନିଃସନ୍ଦେହ ଭାବରେ କହିପାରୁ ଯେ ସେହି ବର-ପ୍ରାର୍ଥନା ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ ରୂପେ ପୂରଣ ହେବାକୁ ବାଧ୍ୟ, କାରଣ ବରପ୍ରାର୍ଥୀ ଓ ବରଦାତା ଉଭୟେ ସେହି ଏକହିଁ ପରମ । ❑